ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୨/୨୦୨୫ (୧୬ ପୃଷ୍ଠା) | Bhubaneswar, Monday, June 2/2025 | Page 16 | ₹ 7.00

୫୧ଶ ଭାଗ ୧୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 187 | ମୂଲ୍ୟ ₹୭/-



# ALLEN

## FROM CLASSROOM TO THE WORLD STAGE



## RUHAN MOHANTY

ALLEN Bhubaneswar Classroom Student Selected for

IJSO

**22nd International Junior Science Olympiad (IJSO) 2025**

Russia

*Heartiest Congratulations*



**ANMOL KUMAR**
Classroom



**S V TEJAS**
Classroom



**AADISH JAIN**
Online Classroom

4 of Top 6 IJSO Champs to represent India are **ALLENites**, a Legacy of excellence.

Think Olympiad, Think ALLEN

## ADMISSIONS OPEN

NEET (UG) | JEE (Main+Adv.) | JEE (Main) | Olympiads | Class 6th to 12th & 12th Pass

NEW BATCHES FROM 05 JUNE ONWARDS

AVAIL SCHOLARSHIP* UP TO 90%

Scan to register

## TALLENTEX 2026

For Class 5th to 10th Students

Register now & avail early registration fee benefit, visit tallentex.com

*Subject to the scholarship rules and the T&Cs.

Scholarships ₹250 Crore

Cash Prizes ₹1.25 Crore

ALLEN

ALLEN Bhubaneswar 09513731588 allen.ac.in/bhubaneswar

ALLEN Kota Center 0744-3556677 allen.ac.in

Disclaimer: We provide an academic ecosystem and environment to prepare students for their target examinations. Studying in a coaching institute does not guarantee selection for the examination. Selection depends on preparation, admission seats in competitive exam and the number of applicants appearing. All the students mentioned are from paid courses.

**୨୫ ଲକ୍ଷ ଟଙ୍କାର ଲାଞ୍ଚ ମାମଲା, ଆଇଆର୍ଏସ୍ ଅଧିକାରୀ ଗିରଫ**

ଭାରତୀୟ ରାଜସ୍ୱ ସେବା (ଆଇଆର୍ଏସ୍) ଅଧିକାରୀ ଅମିତ କୁମାର ସିଙ୍ଗଲଙ୍କୁ ୨୫ ଲକ୍ଷ ଟଙ୍କା ଲାଞ୍ଚ ମାମଲାରେ ସିବିଆଇ ରବିବାର ଗିରଫ କରିଛି। ସେ ଡାଇରେକ୍ଟୋରେଟ୍ ଅଫ୍ ଟାକ୍ସପେୟର ସର୍ଭିସେସର ଏଡିଜି ଭାବେ କାର୍ଯ୍ୟରତ ଥିଲେ। ଜଣେ ପିଜ୍ଜା ରେଷ୍ଟୁରାଣ୍ଟ ମାଲିକଙ୍କଠାରୁ ୨୫ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ସିବିଆଇ ଅମିତଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ମ୍ୟାରେଜ୍ ହଲ୍‌ରେ ବିବାହ କରିବାରୁ ଦଳିତ ପରିବାରକୁ ଆକ୍ରମଣ

ବାଲିଆ(ୟୁପି),୧୬

ଉତ୍ତରପ୍ରଦେଶର ରାସ୍ରାସ୍ଥିତ ଏକ ମ୍ୟାରେଜ ହଲ୍‌ରେ ବିବାହ ଉତ୍ସବ ଆୟୋଜନ କରିଥିବା ଦଳିତ ପରିବାର ଉପରେ ଗୋଟିଏ ଗୋଷ୍ଠୀ ମରଣାନ୍ତକ ଆକ୍ରମଣ କରିଛି। ଶୁକ୍ରବାର ରାତିରେ ଘଟିଥିବା ଏହି ଆକ୍ରମଣରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଦଳିତ ସମ୍ପ୍ରଦାୟର ହୋଇ ତୁମେ ମ୍ୟାରେଜ୍ ହଲ୍‌ରେ ବିବାହ କରିବାକୁ ସାହସ କଲ କିପରି ବୋଲି ଆକ୍ରମଣକାରୀମାନେ କହିବା ସହ ଜାତିକୁ ନେଇ ଗାଳିଗୁଲଜ କରିଥିଲେ। ଆକ୍ରମଣ ସମ୍ପର୍କରେ ପୋଲିସ୍‌ରେ ଏତଲା ଦାଏର ସତ୍ତ୍ୱେ କାହାରିକୁ ଗିରଫ କରାଯାଇ ନାହିଁ। ପ୍ରାୟ ୨୦ ଜଣ ଠେଙ୍ଗା ଓ ଲୁହାରଡ୍ ଧରି ସ୍ୱୟମ୍ବର ମ୍ୟାରେଜ୍ ହଲ୍‌ରେ ଧସେଇ ପଶିବା ସହ ଆକ୍ରମଣ କରିଥିଲେ ବୋଲି ଜଣେ ଆହତଙ୍କ ଭାଇ ଏତଲାରେ ଦର୍ଶାଇଛନ୍ତି।

### ଦୁର୍ଘଟଣାରେ ୨୨ କ୍ରୀଡ଼ାବିତ୍ ମୃତ

ଅବୁଜା (ନାଇଜେରିଆ),୧୬

ନାଇଜେରିଆର ଉତ୍ତର ଭାଗରେ ଥିବା କାନୋ ପ୍ରଦେଶରେ ଏକ ବସ୍ ବ୍ରିଜ୍ ତଳକୁ ଖସିପଡ଼ିବାରୁ ୨୨ ଜଣ କ୍ରୀଡ଼ାବିତ୍‌ଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ଖେଳାଳିମାନେ ଏକ କ୍ରୀଡ଼ା ଉତ୍ସବରେ ଯୋଗଦେଇ ଶନିବାର ବସ୍ ଯୋଗେ ଘରକୁ ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। କ୍ରୀଡ଼ାବିତ୍‌ମାନେ ଓଗୁନ୍ ରାଜ୍ୟରେ ଅନୁଷ୍ଠିତ ନାଇଜେରିଆନ୍ ନ୍ୟାଶନାଲ ସ୍ପୋର୍ଟ୍ସ ଫେଷ୍ଟିଭାଲରେ ଭାଗ ନେଇଥିଲେ। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବାବେଳେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ବସ୍ ଚିରୋମାୱା ବ୍ରିଜ୍‌ରୁ ଖସିପଡ଼ିଥିବା କୁହାଯାଉଛି।

### ନେପାଳର ପୂର୍ବତନ ଗୃହମନ୍ତ୍ରୀ ଗିରଫ

କାଠମାଣ୍ଡୁ, ୧୬ (ପି.ଟି.)

ଏକ ରାଜତନ୍ତ୍ର ସପକ୍ଷବାଦୀ ବିକ୍ଷୋଭ ପ୍ରଦର୍ଶନ ବେଳେ କାଠମାଣ୍ଡୁର ଏକ ନିଷିଦ୍ଧ ଅଞ୍ଚଳରେ ପ୍ରବେଶ କରିଥିବାରୁ ରବିବାର ନେପାଳର ପୂର୍ବତନ ଗୃହମନ୍ତ୍ରୀ କମଲ ଥାପା ଏବଂ ତାଙ୍କର ଅଧଡଜନ୍ ସମର୍ଥକଙ୍କୁ ଗିରଫ କରାଯାଇଛି। ରାଜତନ୍ତ୍ର ପୁନଃସ୍ଥାପିତ କରିବା ସହ ନେପାଳକୁ ଏକ ହିନ୍ଦୁ ରାଷ୍ଟ୍ର ଭାବେ ପ୍ରତିଷ୍ଠା କରିବା ପାଇଁ ବିଭିନ୍ନ ରାଜତନ୍ତ୍ର ସପକ୍ଷବାଦୀ ସଙ୍ଗଠନ ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନେପାଳର ରାଜନୈତିକ ଦଳ ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି (ଆର୍‌ପିପି) ନେତୃତ୍ୱରେ କାଠମାଣ୍ଡୁର ନାରାୟଣ ଚୌରଠାରେ ଚାଲିଥିବା ଏହି ବିକ୍ଷୋଭ ପ୍ରଦର୍ଶନ ରବିବାର ଚତୁର୍ଥ ଦିନରେ ପହଞ୍ଚିଛି।

### ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ୫ ଗିରଫ

ବେଙ୍ଗାଲୁରୁ,୧୬

କର୍ଣ୍ଣାଟକର ବେଲାଗାଭିରେ ଜଣେ ୧୫ ବର୍ଷୀୟା ବାଳିକାଙ୍କୁ ୨ ମାସରେ ୨ ଥର ଗଣବଳାତ୍କାର ମାମଲାରେ ପୋଲିସ ୫ ଜଣଙ୍କୁ ଗିରଫ କରିଥିବା ରବିବାର କହିଛି। ଗତ ଡିସେମ୍ବରରେ ୬ ଜଣ ଅଭିଯୁକ୍ତ ନାବାଳିକାଙ୍କୁ ଏକ ନିଛାଟିଆ ସ୍ଥାନରେ ବଳାତ୍କାର କରିବା ସହ ମୋବାଇଲରେ ଉକ୍ତ ଦୃଶ୍ୟର ଭିଡିଓ ପ୍ରସ୍ତୁତ କରିଥିଲେ। ଏହି ଭିଡିଓ ଦେଖାଇ ସେମାନେ ପୀଡ଼ିତାଙ୍କୁ ବ୍ଲାକ୍‌ମେଲ କରିବା ସହ ଜାନୁଆରୀରେ ଆଉ ଥରେ ଗଣବଳାତ୍କାର କରିଥିଲେ। ପରିବାର ପକ୍ଷରୁ ଏପିଏମ୍‌ସି ଥାନାରେ ଏତଲା ଦିଆଯାଇଥିଲା। ୫ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଜଣେ ଫେରାର ଥିବା ପୋଲିସ କମିଶନର କହିଛନ୍ତି। ପୀଡ଼ିତା ନାବାଳିକା ହୋଇଥିବାରୁ ପୋକ୍‌ସୋ ଆଇନରେ ମାମଲା ରୁଜୁ ହୋଇଛି।

# ଖାଦ୍ୟ ପାଇଁ ଯାଇଥିଲେ, ଗୁଳିମାଡ଼ରେ ୩୨ ମୃତ

- ସହାୟତା କେନ୍ଦ୍ର ନିକଟରେ ଇସ୍ରାଏଲ୍‌ର ଆକ୍ରମଣ
- ଲୋକଙ୍କୁ ମାରିବା ପାଇଁ ସହାୟତା କେନ୍ଦ୍ରକୁ ବ୍ୟବହାର କରାଯାଉଥିବା ଅଭିଯୋଗ
- ଗାଜା ବିଶ୍ୱର ସବୁଠୁ କ୍ଷୁଧାର୍ତ୍ତ ସ୍ଥାନ: ଜାତିସଂଘ

ରାଫାହ,୧୬



ଇସ୍ରାଏଲ୍ ସେନା ଆକ୍ରମଣରେ ନିହତ ଲୋକଙ୍କ ଆତ୍ମୀୟମାନେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

ଗାଜା ଷ୍ଟ୍ରିପ୍‌ର ଏକ ସହାୟତା କେନ୍ଦ୍ରରୁ ଭୋକିଲା ଲୋକମାନେ ରବିବାର ଖାଦ୍ୟ ସଂଗ୍ରହ କରୁଥିବାବେଳେ ଇସ୍ରାଏଲ୍ ସେନା ଆକ୍ରମଣ କରିବାରୁ ଅନ୍ୟୂନ ୩୨ ଜଣଙ୍କ ମୃତ୍ୟୁ ଘଟିବା ସହ ୧୭୦ ଜଣ ଆହତ ହୋଇଛନ୍ତି। ଆମେରିକାର ଏକ ଘରୋଇ ସଂଗଠନ ପକ୍ଷରୁ ମାନବୀୟ ସହାୟତା କେନ୍ଦ୍ର ଚାଲିଥିବାବେଳେ ଏହାର ୧ କିଲୋମିଟର ଦୂରରୁ ଇସ୍ରାଏଲୀ ସୈନ୍ୟ ଲୋକଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ।

ସହାୟତା କେନ୍ଦ୍ରରେ ଲୋକଙ୍କୁ ହତ୍ୟା ଘଟଣାରୁ ଉକ୍ତ ଅଞ୍ଚଳ ମାନବୀୟ ସହାୟତା କେନ୍ଦ୍ର ନୁହେଁ ବରଂ ଗଣହତ୍ୟାର ଯନ୍ତାରେ ପରିଣତ ହୋଇଥିବା ସ୍ପଷ୍ଟ ହୋଇଛି ବୋଲି ଗାଜାର ସରକାରୀ ଗଣମାଧ୍ୟମ କାର୍ଯ୍ୟାଳୟ କହିଛି। ଯୁଦ୍ଧର ଏକ କୌଶଳ ଭାବେ ସହାୟତାର ବ୍ୟବସ୍ଥିତ ଓ ଦୁର୍ଭାବନାପୂର୍ଣ୍ଣ ବ୍ୟବହାର କରାଯାଉଥିବା ସ୍ପଷ୍ଟ ହୋଇଛି। ଭୋକିଲା ଲୋକଙ୍କୁ ବ୍ଲାକ୍‌ମେଲ୍ କରି ସେମାନଙ୍କ ହତ୍ୟା ପଏଣ୍ଟକୁ ଆସିବା ପାଇଁ ବାଧ କରାଯାଉଛି। ଉକ୍ତ ଅଞ୍ଚଳକୁ ସେନା ନିୟନ୍ତ୍ରଣରେ ରଖାଯାଇଛି। ଏଭଳି ଅପରାଧ ପାଇଁ ଆମେରିକା ପ୍ରଶାସନ ନୈତିକତା ଦୃଷ୍ଟିରୁ ସମ୍ପୂର୍ଣ୍ଣ ଦାୟୀ ବୋଲି ସରକାରୀ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି। ସପ୍ତାହେରୁ କମ୍ ସମୟ ମଧ୍ୟରେ ଆମେରିକା ସମର୍ଥିତ ସହାୟତା କେନ୍ଦ୍ରରେ ୩୯ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଲାଣି। ରାଫାହରେ କ୍ଷୁଧିତ ଲୋକଙ୍କୁ ହତ୍ୟା ଘଟଣାକୁ ପପୁଲାର ଫ୍ରଣ୍ଟ ଫର୍ ଦି ଲିବରେଶନ ଅଫ୍ ପାଲେଷ୍ଟାଇନ୍ ନିନ୍ଦା କରିଛି। ଅନ୍ତର୍ଜାତୀୟ ସଲାସୁତୁରା ଏବଂ ଆମେରିକାର ଯୋଗଦାନରେ ଏହି ଗଣହତ୍ୟା କରାଯାଉଥିବା ଉକ୍ତ ସଂଗଠନ କହିଛି। ଗାଜାରେ ଗଣହତ୍ୟାକାରୀ ଯୁଦ୍ଧରେ ଇସ୍ରାଏଲ୍‌କୁ ସହାୟତା କରୁଥିବା ଆମେରିକା ସମର୍ଥିତ ଫାଉଣ୍ଡେଶନକୁ ଜାତିସଂଘ ଏବଂ ବିଭିନ୍ନ ସହାୟତା ପ୍ରଦାନକାରୀ ସଂସ୍ଥା ସହଯୋଗ କରିବାକୁ ମନା କରିଦେଇଛନ୍ତି। ଗାଜା ଏବେ ପୃଥିବୀର ସବୁଠୁ କ୍ଷୁଧାର୍ତ୍ତ ସ୍ଥାନ ପାଲଟିଥିବାବେଳେ ପାଲେଷ୍ଟିନୀୟମାନେ ଦୁର୍ଭିକ୍ଷର ସମ୍ମୁଖୀନ ହୋଇଥିବା ଜାତିସଂଘ କହିଛି।

# ଗଣହତ୍ୟା ଅଭିଯୋଗରେ ହାସିନାଙ୍କୁ ଅଭିଯୁକ୍ତ କଲେ ବାଂଲାଦେଶ ଟ୍ରିବ୍ୟୁନାଲ



ଶେଖ୍ ହାସିନା

ଢାକା,୧୬(ପି.ଟି.)

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଓ ଅନ୍ୟ ୨ ଜଣଙ୍କୁ ସ୍ଥାନୀୟ ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ଗଣହତ୍ୟା ସମେତ ବିଭିନ୍ନ ଅଭିଯୋଗରେ ଅଭିଯୁକ୍ତ କରିଛନ୍ତି। ୨୦୨୪ ଜୁଲାଇ ଓ ଅଗଷ୍ଟରେ ବାଂଲାଦେଶରେ ଛାତ୍ର ଆନ୍ଦୋଳନକୁ ଦମନ କରିବାକୁ ଯାଇ ହାସିନା ସରକାର ବଳପ୍ରୟୋଗ କରିବାରୁ ୧,୪୦୦ ପର୍ଯ୍ୟନ୍ତ ଲୋକଙ୍କ ମୃତ୍ୟୁ ଘଟିଥିବା ଜାତିସଂଘ ରିପୋର୍ଟରୁ ଜଣାପଡ଼ିଛି। ସରକାର ବିରୋଧୀ ଆନ୍ଦୋଳନକୁ ଚାପିଦେବା ପାଇଁ ହାସିନା ଏକ କୌଶଳଗତ ଆକ୍ରମଣ କରାଇଥିଲେ ବୋଲି ବାଂଲାଦେଶୀ ସରକାରୀ ଓକିଲ ଟ୍ରିବ୍ୟୁନାଲଙ୍କୁ କହିଥିଲେ। ଆନ୍ଦୋଳନ ତୀବ୍ର ହେବାରୁ ହାସିନା ଦେଶ ଛାଡ଼ି ଭାରତ ପଳାଇଯିବା ସହ ତାଙ୍କ ୧୫ ବର୍ଷ ଶାସନର ଅନ୍ତ ଘଟିଥିଲା। ଢାକା ଫେରିବା ପାଇଁ ପ୍ରତ୍ୟର୍ପଣ ନିର୍ଦ୍ଦେଶକୁ ସେ ଅବଜ୍ଞା କରିଥିଲେ। ଜଷ୍ଟିସ୍ ଗୋଲାମ ମୁର୍ତୁଜା ମଜୁମଦାରଙ୍କ ଅଧ୍ୟକ୍ଷତାରେ ୩ ଜଣିଆ ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ୧୪୫ ପୃଷ୍ଠାର ଅଭିଯୋଗ ଶୁଣିବା ପରେ ହାସିନାଙ୍କ ସମେତ ତତ୍କାଳୀନ ଗୃହମନ୍ତ୍ରୀ ଅସାଦୁଜମନ ଖାନ୍ କମଲଙ୍କ ବିରୋଧରେ ସାନି ଗିରଫ ପରୱାନା ଜାରି କରିଛନ୍ତି। ତୃତୀୟ ଅଭିଯୁକ୍ତ ତତ୍କାଳୀନ ପୋଲିସ ଆଇଜି ଚୌଧୁରୀ ଅବଦୁଲ୍ଲା ଅଲ୍-ମାମୁନ୍‌ଙ୍କୁ ହାଜତରେ ରଖାଯାଇଛି। ଏହି ୩ ଅଭିଯୁକ୍ତଙ୍କୁ ଗଣହତ୍ୟା ପାଇଁ ସୁପରିୟର କମାଣ୍ଡ ଭାବେ ଦାୟୀ କରାଯାଇଛି।

# ସିଡିଏସ୍‌ଙ୍କ ମନ୍ତବ୍ୟ ପରେ ତୁରନ୍ତ ପାର୍ଲାମେଣ୍ଟ ଅଧିବେଶନ ପାଇଁ କଂଗ୍ରେସର ଦାବି

ନୂଆଦିଲ୍ଲୀ,୧୬(ପି.ଟି.)

ଅପରେଶନ ସିନ୍ଦୂରରେ ଭାରତ ଯୁଦ୍ଧବିମାନ ହରାଇଥିବା ନେଇ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ସ୍ୱୀକାର କରିବା ପରେ ତୁରନ୍ତ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡାକି ସାମରିକ ଏବଂ ବହିର୍ବ୍ୟାପାର ନୀତି ସମ୍ପର୍କରେ ଆଲୋଚନା କରିବା ପାଇଁ କଂଗ୍ରେସ ରବିବାର ଦାବି କରିଛି। ସରକାର ସମସ୍ତ ରାଜନୈତିକ ଦଳ ଓ ରାଷ୍ଟ୍ରକୁ ବିଶ୍ୱାସକୁ ନେଇ ଅପରେଶନ ସିନ୍ଦୂର ପରବର୍ତ୍ତୀ ଦେଶର ପ୍ରତିରକ୍ଷା ପ୍ରସ୍ତୁତି ଓ ରଣକୌଶଳ ସମ୍ପର୍କରେ ଆଲୋଚନା କରିବାକୁ ବିରୋଧୀ ଦଳ ଆହ୍ୱାନ ଦେଇଛି।

ଜେନେରାଲ ଚୌହାନ ସିଙ୍ଗାପୁରରେ କ'ଣ କହିଛନ୍ତି, ସେ ସମ୍ପର୍କରେ ପ୍ରଧାନମନ୍ତ୍ରୀ କିମ୍ବା ପ୍ରତିରକ୍ଷା ମନ୍ତ୍ରୀ ସର୍ବଦଳୀୟ ବୈଠକରେ ବିରୋଧୀ ଦଳ ନେତାମାନଙ୍କୁ ଜଣାଇବା ଉଚିତ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ସିଡିଏସ୍ ସିଙ୍ଗାପୁରରେ ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ ଅପରେଶନ ସିନ୍ଦୂର ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଲେ। ପ୍ରଥମ ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ କିମ୍ବା ପ୍ରତିରକ୍ଷା ମନ୍ତ୍ରୀ ବିରୋଧୀ ନେତାଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ ଭଲ ହୋଇଥାନ୍ତା। ପାକିସ୍ତାନ ସହ ସଂଘର୍ଷରେ ଭାରତ ଯୁଦ୍ଧବିମାନ ହରାଇବା ପରେ ଏହାର କୌଶଳରେ ସଂଶୋଧନ କରିଥିଲା ଏବଂ ପାକିସ୍ତାନର ଆଭ୍ୟନ୍ତର ଅଞ୍ଚଳକୁ ଯାଇ ଆକ୍ରମଣ କରିଥିଲା ବୋଲି ସିଡିଏସ୍ ସିଙ୍ଗାପୁରରେ କହିଥିଲେ। ଜୟରାମ କହିଛନ୍ତି, କାର୍ଗିଲ ଯୁଦ୍ଧର ମାତ୍ର ୩ ଦିନ ପରେ ଅଟଳ ବିହାରୀ ବାଜପେୟୀ ସରକାର ୧୯୯୯ ଜୁଲାଇ ୨୯ରେ ଦେଶର ରଣନୈତିକ ବ୍ୟାପାର ବିଶେଷଜ୍ଞ କେ. ସୁବ୍ରମନ୍ୟମ୍‌ଙ୍କ ଅଧ୍ୟକ୍ଷତାରେ କାର୍ଗିଲ ସମୀକ୍ଷା କମିଟି ଗଠନ କରିଥିଲେ। ୫ ମାସ ପରେ କମିଟି ରିପୋର୍ଟ ପ୍ରଦାନ କରିଥିଲା, ଯାହା ୨,୦୦୦ ଫେବୃଆରୀ ୨୩ରେ ପାର୍ଲାମେଣ୍ଟର ଉଭୟ ଗୃହରେ ଉପସ୍ଥାପନ କରାଯାଇଥିଲା। ଅପରେଶନ ସିନ୍ଦୂର ପରେ ଏକ ସ୍ୱତନ୍ତ୍ର ସମୀକ୍ଷା କମିଟି ଗଠନ ପାଇଁ ଜୟରାମ ଦାବି କରିଛନ୍ତି।

### ଅଧିବେଶନ ଡାକିବ ନାହିଁ କେନ୍ଦ୍ର

ଯୋଧପୁର,୧୬

ସିଡିଏସ୍‌ଙ୍କ ମନ୍ତବ୍ୟ ପରେ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ବିରୋଧୀ ଦାବି କରୁଥିବାବେଳେ ନିକଟ ଭବିଷ୍ୟତରେ ଅଧିବେଶନ ହେବ ନାହିଁ ବୋଲି କେନ୍ଦ୍ର ସରକାର ପରୋକ୍ଷରେ ସ୍ପଷ୍ଟ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଯୋଧପୁରରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି। ଅପରେଶନ ସିନ୍ଦୂର ଉପରେ ସରକାରଙ୍କର କିଛି ଲୁଚାଇବାର ନାହିଁ। ବିରୋଧୀ ଦଳଗୁଡ଼ିକର ଯାହା ପ୍ରଶ୍ନ କରିବାକୁ ଅଛି, ୨୦-୨୫ ଦିନ ପରେ ହେବାକୁ ଥିବା ମୌସୁମୀ ଅଧିବେଶନରେ ସେମାନେ ପର୍ଯ୍ୟାପ୍ତ ସମୟ ପାଇବେ ବୋଲି ସେ କହିଛନ୍ତି।

### ତୁର୍କିସ୍ ଟେକ୍ନିକ ସହ ସମ୍ପର୍କ ଛିନ୍ନ କଲା ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୧୬

ବିମାନ ସେବା ପ୍ରଦାନକାରୀ ସଂସ୍ଥା ତୁର୍କିସ୍ ଟେକ୍ନିକ୍ ସହ ଏୟାର ଇଣ୍ଡିଆ ସମ୍ପର୍କ ଛିନ୍ନ କରିଛି। ଏୟାର ଇଣ୍ଡିଆର ବୋଇଂ ୭୭୭ ବିମାନଗୁଡ଼ିକୁ ଏହି କମ୍ପାନୀ ମେଣ୍ଟେନାନ୍ସ ସର୍ଭିସ୍ ଯୋଗାଉଥିଲା। ଜନସାଧାରଣଙ୍କ ଭାବାବେଗକୁ ସମ୍ମାନ ଦେଇ ଆମକୁ ବିକଳ୍ପ ସଂସ୍ଥା ଦେଖିବାକୁ ପଡ଼ିବ ବୋଲି ଏୟାର ଇଣ୍ଡିଆ ସିଇଓ କ୍ୟାମ୍ପ୍‌ବେଲ୍ ୱିଲ୍‌ସନ କହିଛନ୍ତି। ଭାରତ-ପାକିସ୍ତାନ ସଂଘର୍ଷ ବେଳେ ତୁର୍କୀ ଇସ୍‌ଲାମାବାଦକୁ ସହାୟତା କରିଥିବାରୁ ଏହି ଦେଶ ସହ ବାଣିଜ୍ୟ ସମ୍ପର୍କ ତୁଟାଇବା ପାଇଁ ଦାବି ଜୋର୍ ଧରିଛି। ତୁର୍କିସ୍ ଏୟାରଲାଇନ୍ସ ସହ ଇଣ୍ଡିଗୋ ଲିଜ୍ ରଦ୍ଦ କରିବାକୁ ଯାଉଥିବାବେଳେ ପୂର୍ବରୁ ସରକାର ତୁର୍କୀର ଆଭିଏଶନ ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ସର୍ଭିସେସ୍ କମ୍ପାନୀ ସେଲେବିର ମଞ୍ଜୁରୀ ବାତିଲ କରିଥିଲେ।




ୟୁକ୍ରେନୀୟ ପିଲାଙ୍କୁ ରୁଷିଆ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରାଇବା ଦାବିରେ ଲଣ୍ଡନରେ ଶୋଭାଯାତ୍ରା।

# ଗାଳିଦେବା ଆତ୍ମହତ୍ୟା ପାଇଁ ଉସୁକାଇବା ନୁହେଁ

ନୂଆଦିଲ୍ଲୀ,୧୬(ପି.ଟି.)

କାହାକୁ ଗାଳିଦେବା ଅର୍ଥ ତାଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇବା ନୁହେଁ ବୋଲି ସୁପ୍ରିମକୋର୍ଟ ଏକ ମାମଲାର ଶୁଣାଣି ବେଳେ ଟିପ୍ପଣୀ ଦେଇଛନ୍ତି। ଏକ ସ୍କୁଲ୍ ଓ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ ଜଣେ ଛାତ୍ରଙ୍କ ଅଭିଯୋଗକ୍ରମେ ଅନ୍ୟ ଜଣଙ୍କୁ ଗାଳିଦେବାରୁ ସେ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ପରେ ଛାତ୍ର ଜଣକ ନିଜ ପ୍ରକୋଷ୍ଠରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଜଷ୍ଟିସ୍ ଅହସାନୁଦ୍ଦିନ ଅମନତୁଲ୍ଲା ଏବଂ ପ୍ରଶାନ୍ତ କୁମାର ମିଶ୍ରାଙ୍କ ଖଣ୍ଡପୀଠ ଏକ ପିଟିଶନ୍‌ର ଶୁଣାଣି କରି ଅଭିଯୁକ୍ତ ଶିକ୍ଷକଙ୍କୁ ଦୋଷମୁକ୍ତ କରିଛନ୍ତି। ଗାଳିଦେବାକୁ ନେଇ ଜଣେ ଆତ୍ମହତ୍ୟା କରିବ, ଏହା ଜଣେ ସାଧାରଣ ଲୋକ କଦାପି କଳ୍ପନା କରିପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଶିକ୍ଷକଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତାର ଧାରା ୩୦୬ ଅନୁଯାୟୀ ଆତ୍ମହତ୍ୟା ପାଇଁ ଉସୁକାଇବା ଅଭିଯୋଗ ହୋଇଥିବାବେଳେ ମାଡ୍ରାସ ହାଇକୋର୍ଟ ତାଙ୍କୁ ଦୋଷମୁକ୍ତ କରିବାକୁ ମନା କରିଦେଇଥିଲେ। ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇଛନ୍ତି। ମୃତ ଛାତ୍ରଙ୍କ



ବିରୋଧରେ ଅଭିଯୋଗ ଥିଲା। ସେଥିପାଇଁ ପ୍ରତିକାର ସ୍ୱରୂପ ଶିକ୍ଷକ ତାଙ୍କୁ ଗାଳି କରିଥିଲେ। ଏହାକୁ ଆତ୍ମହତ୍ୟା କରିବା ପାଇଁ ଉସୁକାଇବା ଭାବେ ବିବେଚନା କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

# ୭୪ ବର୍ଷରେ ଗ୍ରାଜୁଏଟ୍

ନ୍ୟୁୟର୍କ

ଡୋରୋଟିଆ ଲେଭି ଡି ସ୍କେଲି ନାମ୍ନୀ ଜଣେ ମହିଳା ନିକଟରେ ୭୪ ବର୍ଷ ବୟସରେ ନ୍ୟୁୟର୍କର ହଣ୍ଟର କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ବୟସ ଯେ କେବଳ ଏକ ସଂଖ୍ୟା ଏବଂ ଜୀବନର ଯେକୌଣସି ସମୟରେ ଶିକ୍ଷା ଗ୍ରହଣ କରାଯାଇପାରେ, ତାହା ସେ ପ୍ରମାଣିତ କରି ଦେଖାଇଛନ୍ତି। ଆର୍ଜେଣ୍ଟିନାରେ ଜନ୍ମିତ ଡୋରୋଟିଆ ପିଲାଦିନେ ନିଜ ପ୍ରାରମ୍ଭିକ ଶିକ୍ଷାରେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଫଳରେ ସେ ଉଚ୍ଚ ଶିକ୍ଷା ହାସଲ କରିପାରି ନ ଥିଲେ। ତେବେ ବୟସ ବଢ଼ିବା ସତ୍ତ୍ୱେ ଶିକ୍ଷା ପ୍ରତି ଡୋରୋଟିଆଙ୍କର ଆଗ୍ରହ ବଢ଼ିବାରେ ଲାଗିଥିଲା। ୨୦୧୭ରେ ସେ ନ୍ୟୁୟର୍କସ୍ଥିତ ବରୋ ଅଫ୍ ମ୍ୟାନହଟନ୍ କମ୍ୟୁନିଟି କଲେଜରେ



ଡୋରୋଟିଆ ଲେଭି ଡି ସ୍କେଲି

ନାମ ଲେଖାଇଲେ। ୨୦୧୯ରେ ଏଠାରୁ ସେ ୪.୦ ଜିପିଏ ସହ ଏକ ଆସୋସିଏଟ ଡିଗ୍ରୀ ହାସଲ କରିଥିଲେ। ପରେ ସେ ନ୍ୟୁୟର୍କସ୍ଥିତ ହଣ୍ଟର କଲେଜରେ ନାମ ଲେଖାଇଥିଲେ। ନିକଟରେ ଡେରୋଟିଆ ୩ଟି ପ୍ରମୁଖ ବିଷୟ ଜର୍ମାନ ଭାଷା ଏବଂ ସାହିତ୍ୟ, ଇଂଲିଶ୍ (କନ୍‌ସେଣ୍ଟ୍ରେଶନ ଇନ୍ କ୍ରିଏଟିଭ୍ ରାଇଟିଂ) ଏବଂ ଷ୍ଟୁଡିଓ ଆର୍ଟରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି।

# ଉତ୍ତରପୂର୍ବାଞ୍ଚଳ ସ୍ଥିତି ସଙ୍ଗିନ

- ବନ୍ୟା, ଭୂସ୍ଖଳନ ମୃତ୍ୟୁସଂଖ୍ୟା ୩୧
- ଟ୍ରେନ୍, ଗାଡ଼ି ଚଳାଚଳ ବାଧାପ୍ରାପ୍ତ
- ମୁଖ୍ୟମନ୍ତ୍ରୀମାନଙ୍କ ସହ କଥାହେଲେ ଶାହା

ଗୁଆହାଟୀ,୧୬

ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଲଗାଣ ବର୍ଷା ବିପର୍ଯ୍ୟୟ ସୃଷ୍ଟି କରିଛି। ପ୍ରବଳ ବର୍ଷାଜନିତ ଅଚାନକ ବନ୍ୟା ଓ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୩୧ରେ ପହଞ୍ଚିଥିବାବେଳେ ସ୍ଥିତି ସଙ୍ଗିନ ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ଆସାମ ଓ ଅରୁଣାଚଳପ୍ରଦେଶରେ ୯ ଜଣ ଲେଖାଏ ପ୍ରାଣ ହରାଇଥିବାବେଳେ ମେଘାଳୟରେ ୬, ମିଜୋରାମରେ ୫, ନାଗାଲାଣ୍ଡ ଓ ତ୍ରିପୁରାରେ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ଅରୁଣାଚଳପ୍ରଦେଶର ଇଷ୍ଟ କାମେଙ୍ଗ ଜିଲାରେ ଭୂସ୍ଖଳନ ଯୋଗୁ ଏକ ଗାଡ଼ି ଖାତକୁ ଖସିପଡ଼ିବାରୁ ୭ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଲୋୟର ସୁବନସିରି ଜିଲାରେ ଭୂସ୍ଖଳନରେ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣଙ୍କୁ ଉଦ୍ଧାର କରାଯାଇଛି।

ଆସାମରେ ଲଗାଣ ବର୍ଷା ଜାରି ରହିଥିବାରୁ ସଡ଼କ ପରିବହନ ଓ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ୧୫ ଜିଲାର ୭୮,୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ବ୍ରହ୍ମପୁତ୍ର ଓ ବାରାକ ସମେତ ୧୦ଟି ବଡ଼ ନଦୀ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ଗମ୍ଭୀର ବନ୍ୟା ସ୍ଥିତି ସୃଷ୍ଟି ହେବା ନେଇ ସତର୍କ କରାଇଛି।



ତ୍ରିପୁରାର ଅଗରତାଲା ଉପକଣ୍ଠରେ ବନ୍ୟାଘେରରେ ରହିଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉଛି।

ଭୂସ୍ଖଳନଜନିତ ରାସ୍ତା ଅବରୋଧ ଯୋଗୁ ଉତ୍ତର ସିକିମ୍‌ରେ ପ୍ରାୟ ୧,୫୦୦ ପର୍ଯ୍ୟଟକ ବିଭିନ୍ନ ସ୍ଥାନରେ ଅଟକି ରହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ରବିବାର ଆସାମ, ଅରୁଣାଚଳପ୍ରଦେଶ ଓ ସିକିମ୍ ମୁଖ୍ୟମନ୍ତ୍ରୀଙ୍କ ସମେତ ମଣିପୁର ରାଜ୍ୟପାଳଙ୍କ ସହ କଥା ହୋଇ ବର୍ଷାବିପ୍ଳାତ ସ୍ଥିତିର ମୁକାବିଲା ପାଇଁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଜୁନ୍ ୨/୨୦୨୫ | Bhubaneswar, Monday, June 2/2025 | ପୃଷ୍ଠା-୧




**‘ମହାଭାରତ’ ହୋଇପାରେ ଆମୀରଙ୍କ ଶେଷ ପ୍ରୋଜେକ୍ଟ**

‘ମହାଭାରତ’ ତାଙ୍କ ଶେଷ ପ୍ରୋଜେକ୍ଟ ହୋଇପାରେ ବୋଲି ଅଭିନେତା ଆମୀର ଖାନ୍ ଏକ ପୋଡ୍‌କାଷ୍ଟରେ କହିଛନ୍ତି।

୦୨

୧୨

**ସ୍ୱିଟେକ୍ କ୍ୱାର୍ଟରଫାଇନାଲରେ**

ଗତଥରର ଚାମ୍ପିୟନ ଇଗା ସ୍ୱିଟେକ୍ ଫ୍ରେଞ୍ଚ ଓପନ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।





ପ୍ରବଳ ବର୍ଷା ଯୋଗୁ ମଣିପୁରର ଇମ୍ଫାଲରେ ଜଳବନ୍ଦୀ ରହିଥିବା ଲୋକଙ୍କୁ ଉଦ୍ଧାର କରାଯାଉଛି।

# ବାଇକ୍ ସହ ଜଳିଗଲେ ପୋଲିସ ଏଏସ୍‌ଆଇ

ଭବାନୀପାଟଣା, ଜୁନାଗଡ଼ (ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ) ୧।୬

କଳାହାଣ୍ଡି ଜିଲା ଜୁନାଗଡ଼-ଭବାନୀପାଟଣାକୁ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ବନମାଳିପୁର ଛକ ନିକଟରେ ରବିବାର ସକାଳୁ ବାଇକ୍ ସହ ଜଣେ ପୋଲିସ ଏଏସ୍‌ଆଇଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରାଯାଇଛି। ସେ ହେଲେ ପବିତ୍ର ଗୋଲାପୀ(୪୩)। ତାଙ୍କ ଘର କୋରାପୁଟ ଜିଲା ବୋରିଗୁମା ଥାନା ସାନଦୁବଲି ଗ୍ରାମରେ। ଖବର ପାଇ ସକାଳେ ଜୁନାଗଡ଼ ପୋଲିସ, ସାଇଣ୍ଟିଫିକ ଟିମ, ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲା। ଏହା ଦୁର୍ଘଟଣା ନା ଯୋଜନାବଦ୍ଧ ହତ୍ୟା ସେନେଇ ସନ୍ଦେହ ସୃଷ୍ଟି ହେଉଛି।ମୃତକଙ୍କ ଭାଇ ନରେନ୍ଦ୍ର ଗୋଲାପୀ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରି ଘଟଣାର ତଦନ୍ତ ଦାବି କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ. ୩୮୧/୨୫) ରୁଜୁ ହୋଇଛି। ଅପରାହ୍ନରେ କଳାହାଣ୍ଡି ଏସ୍‌ପି ନାଗରାଜ ଦେବର କୋଣ୍ଡା ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗ ଉପରେ ତଦନ୍ତ କରିଛନ୍ତି । ମୃତକ ପୋଲିସ ଏଏସ୍‌ଆଇ କଳାହାଣ୍ଡି

**ସ୍ୱାମୀଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ଆଣିଲେ ସ୍ତ୍ରୀ**



ପବିତ୍ର ଗୋଲାପୀ



ଜିଲା କେଗାଁ ଥାନାରେ କାର୍ଯ୍ୟରତ ଥିବାବେଳେ ଗତ ମାସରେ ତାଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବନ କରାଯାଇଥିଲା। ଫଳରେ ସେ ଭବାନୀପାଟଣାସ୍ଥିତ ପୋଲିସ ରିଜର୍ଭ ଅଫିସଠାରେ କାର୍ଯ୍ୟ କରୁଥିଲେ। ପୋଲିସ ଜୁନାଗଡ଼-ଭବାନୀପାଟଣା ରାସ୍ତାକଡ଼ରେ ଲାଗିଥିବା ବିଭିନ୍ନ ସିସିଟିଭିକୁ ମଧ୍ୟ ଯାଞ୍ଚ କରୁଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ମୃତ ଏଏସ୍‌ଆଇଙ୍କ ସ୍ତ୍ରୀ ଗୀତାଞ୍ଜଳି ସୁନା ତାଙ୍କ ସ୍ୱାମୀଙ୍କୁ କେଗାଁ ଥାନା ଆଇଆଇସି ମୁକୁନ୍ଦ ନାଏକ ମାନସିକ ନିର୍ଯାତନା ଦେଉଥିବାରୁ ସେ ସବୁବେଳେ ଚିନ୍ତାରେ ରହୁଥିଲେ ବୋଲି ସଙ୍ଗିନ ଅଭିଯୋଗ କରିଛନ୍ତି। ଏନେଇ କେଗାଁ ଥାନା ଆଇଆଇସି ନାଏକ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ପବିତ୍ର ଭବାନୀପାଟଣାରୁ କୋରାପୁଟକୁ ବାଇକ୍‌ରେ ଯାଉଥିଲେ। ବାଟରେ ବନମାଳିପୁର ଛକ ନିକଟରେ ଅଟକି ରହିଥିବା ଏକ ଟ୍ରକରେ ପିଟି ହୋଇଯାଇଥିଲେ। ଫଳରେ ତାଙ୍କ ବାଇକରେ ନିଆଁ ଲାଗି ଗୋଲାପୀ ପୋଡ଼ିଯାଇ ପ୍ରାଣ ହରାଇଥିଲେ ବୋଲି ସ୍ଥାନୀୟ ଲୋକେ ଦେଖିଥିବା ପୋଲିସ ସୂଚନା ଦେଇଛି। ସେହିପରି ଉକ୍ତ ରାସ୍ତା ଦେଇ ଯାଉଥିବା କୋରାପୁଟ ଜିଲାର ଜଣେ ପୋଲିସ ଅଧିକାରୀ ମଧ୍ୟ ଏହି ଦୁର୍ଘଟଣା ଦେଖିଥିବା ପୋଲିସ କହିଛି। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ଖସି ପଳାଇଥିବା ସମ୍ପୃକ୍ତ ଟ୍ରକକୁ ଧରିବା ପାଇଁ ଚେଷ୍ଟା ଜାରି ରହିଥିବା ଜୁନାଗଡ଼ ଆଇଆଇସି ଶେଷଦେବ ବେହେରା ସୂଚନା ଦେଇଛନ୍ତି। ପରିବାର ଲୋକ ଆସିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜୁନାଗଡ଼ ଡାକ୍ତରଖାନା ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

**ଆଜିର ସମ୍ପାଦକୀୟ**

ପିଲାଖେଳ ନୁହେଁ

**ଆଜିର ମନ୍ତବ୍ୟ**

“ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅପରେଶନ୍ ସିନ୍ଦୂରକୁ ସଂଖ୍ୟାଲଘୁଙ୍କ ତୁଷ୍ଟୀକରଣ ପାଇଁ ବ୍ୟବହାର କରୁଛନ୍ତି।

-ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ

# ଓମ୍‌ଫେଡ୍ ଦୁଗ୍ଧ ଉତ୍ପାଦକଙ୍କୁ ଲିଟର ପିଛା ୩ଟଙ୍କା ଅଧିକ ମିଳିବ

- ବଢ଼ିବ କ୍ଷୀର ମୂଲ୍ୟ, ଗ୍ରାହକଙ୍କ ଉପରେ ୨ ଟଙ୍କାର ବୋଝ, ସରକାର ଦେବେ ୨ଟଙ୍କା
- ଚାଷୀଙ୍କୁ ୧ ଲକ୍ଷ ଟଙ୍କାର ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ରାଶି ଘୋଷଣା

ଭୁବନେଶ୍ୱର, ୧।୬(ବନ୍ଦନା ସେଠୀ)

ଓମ୍‌ଫେଡ୍ ଦୁଗ୍ଧ ଉତ୍ପାଦକମାନଙ୍କୁ ଏଣିକି ସରକାରଙ୍କ ପକ୍ଷରୁ ଲିଟର ପିଛା ୩ଟଙ୍କା ଅଧିକ ଦାମ୍ ଦିଆଯିବ। ଏଥିସହ ଓମ୍‌ଫେଡ୍ ପକ୍ଷରୁ ଦୁଗ୍ଧ ଚାଷୀଙ୍କୁ ୧ଲକ୍ଷ ଟଙ୍କାର ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ରାଶି ପ୍ରଦାନ କରାଯିବ। ସେହିପରି ଖାଉଟିଙ୍କ ପାଇଁ ବୃଦ୍ଧି ହେବାକୁ ଥିବା ଲିଟର ପିଛା ୪ ଟଙ୍କାରୁ ୨ ଟଙ୍କା ସରକାର ବହନ କରିବେ। ଏହାଦ୍ୱାରା ରାଜ୍ୟର ପ୍ରାୟ ୨.୫ ଲକ୍ଷ ଗୋପାଳକ ସିଧାସଳଖ ଲାଭବାନ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ରବିବାର ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଲୋକସେବା ଭବନ ସମ୍ମେଳନ କକ୍ଷରେ ରାଜ୍ୟସ୍ତରୀୟ ବିଶ୍ୱ ଦୁଗ୍ଧ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଏବଂ ଦୁଗ୍ଧ ଉତ୍ପାଦନ ଆମ ଗ୍ରାମୀଣ ଅର୍ଥନୀତିର ଏକ ପ୍ରମୁଖ ଅଙ୍ଗ। ଏହା କେବଳ ଆୟର ଉତ୍ସ ନୁହେଁ, ପୁଷ୍ଟିକର ଖାଦ୍ୟ ଯୋଗାଇବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ୨୦୨୩-୨୪ ବର୍ଷରେ ୨୬.୪ ଲକ୍ଷ ମେଟ୍ରିକ ଟନ୍ ଦୁଗ୍ଧ ଉତ୍ପାଦିତ ହୋଇଥିବାବେଳେ ୫ବର୍ଷରେ ଏହାକୁ ଦ୍ୱିଗୁଣିତ କରିବା ପାଇଁ ସରକାର ପ୍ରୟାସଶୀଳ। ତେଣୁ ରାଜ୍ୟରେ ଗୋପାଳନର ବିକାଶ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ‘ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା’ ଆରମ୍ଭ କରାଯାଇଛି। ଏହି ଯୋଜନାରେ ୭୦% ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନାରେ ୩ଲକ୍ଷ ହିତାଧିକାରୀ ୭୧ କୋଟି ଟଙ୍କାର ଅନୁଦାନ ରାଶି ପାଇ ଉପକୃତ ହୋଇସାରିଲେଣି। ସେହିପରି ନୂତନ ଗୋଶାଳା ପ୍ରତିଷ୍ଠା ଓ ପଞ୍ଜୀକୃତ ଗୋଶାଳାକୁ ସହାୟତା ଲକ୍ଷ୍ୟରେ ୧୮୬କୋଟି ଟଙ୍କା ବ୍ୟୟ ଅଟକଳରେ ‘ମୁଖ୍ୟମନ୍ତ୍ରୀ ପ୍ରାଣୀକଲ୍ୟାଣ ଯୋଜନା’ର ଶୁଭାରମ୍ଭ କରାଯାଇଛି। ଏହି ଯୋଜନାରେ ବୁଲା ଓ ଅସହାୟ ଗୋରୁଙ୍କ ଖାଦ୍ୟ, ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ ପଞ୍ଜୀକୃତ ଗୋଶାଳାଗୁଡ଼ିକୁ ଗୋରୁ ପିଛା ଦୁଇଟି କିସ୍ତିରେ ୨୦ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଉଛି। ପ୍ରଥମ ପର୍ଯ୍ୟାୟରେ ଗତ ନଭେମ୍ବରରେ ୬୮ଟି ଗୋଶାଳାକୁ ୯କୋଟି ଟଙ୍କା ଦିଆଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ରବିବାର ୭୬ଟି ଗୋଶାଳାକୁ ୧୦.୫କୋଟି ଟଙ୍କାର ଅନୁଦାନ ଦିଆଯାଇଛି। ଏହି ଅର୍ଥ ରାଜ୍ୟର ପ୍ରାୟ ୨୨ହଜାର ନିରାଶ୍ରୟ ଗୋରୁଙ୍କ ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓମ୍‌ଫେଡ ବାଲ୍ଟି ଦହି, ଏ-୨ ମିଲ୍କ, ଏ-୨ ଘିଅର ଉଦ୍‌ଘାଟନ କରିଥିଲେ। ଏଥିସହ କାମଧେନୁ ଯୋଜନା ଅନ୍ତର୍ଗତ ଗୋପାଳନ, ମଇଁଷି ଉଦ୍ୟୋଗ ବିକାଶ, ମାଈ ବାଛୁରି ପାଳନ, ଗୋମହିଷାଦିଙ୍କ ବୀମାକରଣ, ଗୋପାଳକଙ୍କ ଆୟବୃଦ୍ଧି ନିମନ୍ତେ ନଗଦ ପ୍ରୋତ୍ସାହନ ଏବଂ ଘାସଚାଷ ପାଇଁ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଦୁଗ୍ଧ ଓ ଦୁଗ୍ଧ ଜାତୀୟ ପଦାର୍ଥ ଉତ୍ପାଦନ ଯୋଗୁ ଆଜି ଓଡ଼ିଶାର ମାଆ, ଭଉଣୀମାନେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ବୋଲି କହିଥିଲେ। ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସ୍ୱାଗତ ଭାଷଣ ଏବଂ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଧନ୍ୟବାଦ ଦେଇଥିଲେ।

# ରୁଷିଆର ୪୦ ଯୁଦ୍ଧବିମାନ ଧ୍ୱଂସକଲା ୟୁକ୍ରେନ୍

**ସୀମାନ୍ତରେ ୨ ବ୍ରିଜ୍ ଭୁଶୁଡ଼ିଲା, ଟ୍ରେନ୍ ଲାଇନ୍‌ଚ୍ୟୁତ: ୭ ମୃତ, ୬୯ ଆହତ**

୧,୧୯୩ ଦିନ ଧରି ଚାଲିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ସୋମବାର ତୁର୍କୀର ଇସ୍ତାନବୁଲରେ ଦ୍ୱିତୀୟ ପର୍ଯ୍ୟାୟ ଉଚ୍ଚସ୍ତରୀୟ ଆଲୋଚନା ହେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ଉଭୟ ପକ୍ଷ ପୁଣି ପରସ୍ପର ଉପରେ ଆକ୍ରମଣ କରିଛନ୍ତି। ୟୁକ୍ରେନୀୟ ସେନା ସାଇବେରିଆର ପୂର୍ବାଞ୍ଚଳରେ ଥିବା ରୁଷିଆର ଏକ ରଣନୈତିକ ଏୟାରବେସ୍‌କୁ ଟାର୍ଗେଟ କରି ଡ୍ରୋନ୍ ମାଡ଼ କରିଛି। ଏହି ଆକ୍ରମଣରେ ରୁଷିଆର ୪୦ରୁ ଊର୍ଦ୍ଧ୍ୱ ଏୟାରକ୍ରାଫ୍ଟରେ ନିଆଁ ଲାଗି ସେଗୁଡ଼ିକ ଧ୍ୱଂସ ହୋଇଯାଇଛି। ସେହିପରି ରୁଷିଆର ୨ଟି ବ୍ରିଜ୍‌କୁ ମଧ୍ୟ ୟୁକ୍ରେନ୍ ଉଡ଼ାଇଦେଇଛି। ଏଥିରେ ୨ଟି ଟ୍ରେନ ଲାଇନଚ୍ୟୁତ୍ ହେବା ସହ ଅନ୍ୟୁନ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬୯ ଜଣ ଆହତ ହୋଇଛନ୍ତି। ଅନ୍ୟପକ୍ଷେ ରୁଷୀୟ ସୈନ୍ୟଙ୍କ ଆକ୍ରମଣରେ ୟୁକ୍ରେନୀୟ ସେନାର ଏକ ତାଲିମ ଶିବିରରେ ୧୨ ସୈନ୍ୟ ନିହତ ହୋଇଛନ୍ତି। ଏଭଳି ସ୍ଥିତିରେ ପ୍ରସ୍ତାବିତ ଶାନ୍ତି ଆଲୋଚନା ଏକପ୍ରକାର ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି।



ରୁଷିଆର ଏୟାରବେସ୍ ଉପରେ ହୋଇଥିବା ଆକ୍ରମଣର ଦୃଶ୍ୟ।

ମସ୍କୋ/କିଭ୍,୧।୬

୨୦୨୨ ଫେବୃଆରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍ ଉପରେ ସ୍ୱତନ୍ତ୍ର ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ନିଜ ସେନାକୁ ନିର୍ଦ୍ଦେଶ ଦେଇଥିଲେ। ସେବେଠୁ ପରସ୍ପର ଉପରେ ଆକ୍ରମଣ ଓ ପ୍ରତିଆକ୍ରମଣର ଜବାବରେ ଅଦ୍ୟାବଧି ଉଭୟ ପକ୍ଷ ବହୁ ଧନଜୀବନ ହରାଇସାରିଲେଣି। ଗତ ଜାନୁଆରୀରେ ଆମେରିକାରେ କ୍ଷମତା ପରିବର୍ତ୍ତନ ସହ ଏହି ଯୁଦ୍ଧର ଅବସାନ ଘଟିବା ନେଇ ଅନୁମାନ କରାଯାଉଥିଲା। ପୂର୍ବରୁ ବାଇଡେନ୍ ପ୍ରଶାସନ ୟୁକ୍ରେନ୍‌କୁ ପର୍ଯ୍ୟାପ୍ତ ଯୁଦ୍ଧାସ୍ତ୍ର ଯୋଗାଇଦେଇଥିବାବେଳେ ନୂଆ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ☞ପୃଷ୍ଠା-୨

# ୪୮ ବିଷାକ୍ତ ସାପ ସହ ଧରାପଡ଼ିଲେ ବିମାନଯାତ୍ରୀ

ମୁମ୍ବାଇ, ୧।୬ (ପି.ଟି.)

ଥାଇଲାଣ୍ଡରୁ ଆସି ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ଏୟାରପୋର୍ଟରେ ପହଞ୍ଚିଥିବା ଜଣେ ଭାରତୀୟ ଯାତ୍ରୀଙ୍କଠାରୁ ୪୮ଟି ବିଷାକ୍ତ ସାପ ଏବଂ ୫ଟି କଇଁଛ ଜବତ କରାଯାଇଛି। ଶନିବାର ରାତିରେ ବ୍ୟାଙ୍କକଠାରୁ ଏକ ବିମାନ ଯୋଗେ ମୁମ୍ବାଇ ଏୟାରପୋର୍ଟକୁ ଆସି ପହଞ୍ଚିବା ପରେ ସୀମା ଶୁଳ୍କ ବିଭାଗର ଅଧିକାରୀମାନେ ତାଙ୍କର ଯାଞ୍ଚ କରିଥିଲେ। ତାଙ୍କ ଆସବାବପତ୍ରଗୁଡ଼ିକୁ ଯାଞ୍ଚ କରାଯିବା ସମୟରେ ସେଥିରୁ ୪୮ଟି ବିଷାକ୍ତ ସାପ ଏବଂ ୫ଟି କଇଁଛଙ୍କୁ ଜବତ କରାଯାଇଥିଲା। ମୁମ୍ବାଇସ୍ଥିତ ବନ୍ୟପ୍ରାଣୀ ଉଦ୍ଧାର ସେବା ସଂସ୍ଥା ‘ରେସକ୍ୱିଙ୍କ୍ ଆସୋସିଏଶନ ଫର୍ ୱାଇଲ୍ଡ ଲାଇଫ୍ ୱେଲ୍‌ଫେୟାର (ଆର୍‌ଏଡବ୍ଲ୍ୟୁଡବ୍ଲ୍ୟୁ)’ର ଏକ ଟିମ୍ ଜବତ ସାପଙ୍କ ପ୍ରଜାତି ଚିହ୍ନଟ ଏବଂ ଘଟଣାର ତଦନ୍ତରେ ସହଯୋଗ କରୁଥିବା ନେଇ ସୀମା ଶୁଳ୍କ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଏହି ବିଷାକ୍ତ ସରୀସୃପଗୁଡ଼ିକୁ ଯେଉଁଠାରୁ ଅଣାଯାଇଥିଲା, ସେଠାକୁ ଫେରାଇ ଦେବାକୁ ବନ୍ୟପ୍ରାଣୀ ସୁରକ୍ଷା ଆଇନର ବ୍ୟବସ୍ଥା ଅନୁଯାୟୀ, ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତଙ୍କୁ ପଚରାଉଚରା ଜାରି ରହିଥିବା ସେ କହିଛନ୍ତି।





ଲୋକସେବା ଭବନ ସମ୍ମେଳନ କକ୍ଷରେ ରବିବାର ରାଜ୍ୟସ୍ତରୀୟ ବିଶ୍ୱ ଦୁଗ୍ଧ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ମହିଳା ହିତାଧିକାରୀଙ୍କୁ କାମଧେନୁ ଯୋଜନାରେ ସହାୟତା ରାଶିର ଚେକ୍ ପ୍ରଦାନ କରୁଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ଅଛନ୍ତି।

# ରେଳ ଧାରଣାରୁ ଶ୍ରମିକଙ୍କ ମୃତଦେହ ଜବତ

## ପ୍ରୟାଗରାଜକୁ ଦାଦନ ଖଟିବାକୁ ଯାଇଥିଲେ

ନୂଆପଡ଼ା,୧୬ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ କାମଧନ୍ଦା ଅଭାବରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ଗାଁର ଭୋକସିଂ ରାଉତ (୩୫)। ଗତ ଶୁକ୍ରବାର ରେଳ ଧାରଣାରୁ ପୋଲିସ ଭୋକସିଂଙ୍କ ମୃତଦେହ ଜବତ କରିଛି। ଭୋକସିଂ ଶୋଇଥିବା ବିଛଣାରେ ରକ୍ତଛିଟା ପଡ଼ିଥିବାରୁ ତାଙ୍କୁ ହତ୍ୟା ପରେ ରେଳ ଧାରଣାରେ ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ଏ ନେଇ ଉତ୍ତରପ୍ରଦେଶ ପ୍ରୟାଗରାଜ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ୨୦୨୪ ନଭେମ୍ବରରେ ଭୋକସିଂ ସ୍ତ୍ରୀ ନନ୍ଦିନୀଙ୍କ ସହ ଦାଦନ ସର୍ଦ୍ଦାରଙ୍କ ସାହାଯ୍ୟରେ ପ୍ରୟାଗରାଜର କୌଠଳି ଗାଁକୁ ଇଟା ତିଆରି କରିବାକୁ ଯାଇଥିଲେ। ଗତ ଗୁରୁବାର ଖାଇ ସାରି ସ୍ୱାମୀ ସ୍ତ୍ରୀ ରାତିରେ ଶୋଇଥିଲେ। ମଧ୍ୟରାତିରେ ନନ୍ଦିନୀ ଉଠି ଦେଖିଲା ବେଳକୁ ଭୋକସିଂ ବିଛଣାରେ ନ ଥିଲେ। କିଛି ସମୟ ପରେ ମଧ୍ୟ ସ୍ୱାମୀ ନ ଫେରିବାରୁ ନନ୍ଦିନୀ ପଡ଼ୋଶୀ ଶ୍ରମିକମାନଙ୍କୁ ଜଣାଇଥିଲେ। ପଡ଼ୋଶୀ ଶ୍ରମିକମାନଙ୍କ ସହ ମିଶି ବହୁତ ଖୋଜାଖୋଜି କଲା ପରେ ଶୁକ୍ରବାର ମଧ୍ୟାହ୍ନରେ ରେଳ ଧାରଣାରେ ଭୋକସିଂଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ନନ୍ଦିନୀଙ୍କୁ ହସ୍ତାନ୍ତର କରିଛି। ଇଟାଭାଟି ମାଲିକ କିମ୍ବା ସର୍ଦ୍ଦାର ସହଯୋଗ କରୁ ନ ଥିବାରୁ ନନ୍ଦିନୀ ଶନିବାର ସନ୍ଧ୍ୟାରେ ମୃତଦେହ ସେଠାରେ ସଂସ୍କାର କରିଛନ୍ତି। ଗାଁରେ ଭୋକସିଂଙ୍କ ୩ ଝିଅପୁଅ ଓ ବୃଦ୍ଧ ବାପା ମା' ରହିଛନ୍ତି। ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ସେମାନେ ବେସାହାରା ହୋଇ ପଡ଼ିଛନ୍ତି। ନନ୍ଦିନୀଙ୍କୁ ଗାଁକୁ ଫେରାଇ ଆଣିବା ପାଇଁ ପରିବାର ଲୋକେ ଜିଲା ପ୍ରଶାସନଠାରେ ଗୁହାରି କରିଛନ୍ତି।

# 'ମହାଭାରତ' ହୋଇପାରେ ଆମୀରଙ୍କ ଶେଷ ପ୍ରୋଜେକ୍ଟ

ମୁମ୍ବାଇ: ପ୍ରାୟ ୩ ବର୍ଷର ବ୍ୟବଧାନ ପରେ ବଲିଉଡ୍ ଅଭିନେତା ଆମୀର ଖାନ୍ ବଡ଼ ପରଦାକୁ ଫେରୁଛନ୍ତି। ଆସନ୍ତା ୨୦ରେ ତାଙ୍କର ଆଗାମୀ ଫିଲ୍ମ 'ସୀତାରେ ଜମୀନ ପର' ରିଲିଜ୍ ହେବାକୁ ଯାଉଛି। ସମ୍ପ୍ରତି ଆମୀର ଏହି ଫିଲ୍ମର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଆମୀର ଶନିବାର ରାଜ ଶମାନୀଙ୍କ ପୋଡ୍‌କାଷ୍ଟରେ ଏକ ସାକ୍ଷାତ୍‌କାର ଦେଇଥିଲେ। ଏହି ଅବସରରେ ଆମୀର କହିଥିଲେ, 'ସୀତାରେ ଜମୀନ ପର୍' ରିଲିଜ୍ ହେବା ପରେ ସେ 'ମହାଭାରତ'ର ନିର୍ମାଣରେ ଲାଗିପଡ଼ିବେ। ଏହା ତାଙ୍କର ସ୍ୱପ୍ନର ପ୍ରୋଜେକ୍ଟ। ଏଭଳି ବିଶାଳ ପ୍ରୋଜେକ୍ଟକୁ ନିର୍ମାଣ କରିବା ପରେ ବୋଧହୁଏ ସେ ଅନ୍ୟ କୌଣସି ପ୍ରୋଜେକ୍ଟ କରିପାରିବେ ନାହିଁ। ଆମୀର ଆହୁରି କହିଛନ୍ତି, ମହାଭାରତ ପରି ବିଶାଳ ମହାକାବ୍ୟକୁ ଯଦି ସେ ସଫଳତାର ସହ ନିର୍ମାଣ କରିପାରନ୍ତି, ତେବେ ଏହା ତାଙ୍କ ଜୀବନର ସବୁଠାରୁ ବଡ଼ ଉପଲବ୍ଧି ହେବ। ଏହାପରେ ବୋଧହୁଏ ଅନ୍ୟ କୌଣସି ପ୍ରୋଜେକ୍ଟ କରିବାକୁ ତାଙ୍କର ଇଚ୍ଛା ହେବ ନାହିଁ ବୋଲି ଆମୀର କହିଛନ୍ତି। ମହାଭାରତରେ କ୍ରୋଧ, ବନ୍ଧୁତା, ଶତ୍ରୁତା, ପାରିବାରିକ ସ୍ନେହ, ଭାବର ଆଦାନ ପ୍ରଦାନ ଆଦି ସବୁକିଛି ରହିଛି ବୋଲି ସେ କହିଛନ୍ତି। ଏହି ଫିଲ୍ମକୁ ଅନେକ ଭାଗରେ ରିଲିଜ୍ କରିବାକୁ ସେ ଯୋଜନା କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତାଟିଆରେ ଭଙ୍ଗା ପାନ**
**ନବଯଉବନ ତତେ ଛୁଇଁ ନାହିଁ**
**ବିକଳ ହଉଛି ମନ।**

କିଶୋର ବୟସରେ ଉପନୀତ ହେଲେ ମନରେ ନାନା ଉନ୍ମାଦନା ସୃଷ୍ଟି ହୁଏ। ଏପରିସ୍ଥଳେ ମନ ପ୍ରଜାପତି ରଙ୍ଗିନ ଆକାଶରେ ଉଡ଼େ। ଯୌବନ ଆସିବା ପୂର୍ବରୁ ପ୍ରେମ ପାଇଁ ବିକଳତା ଓ ବ୍ୟାକୁଳତା ସୃଷ୍ଟି ହେବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତିରିଲା ବୁଦ୍ଧିରେ**
**ମହାପ୍ରଭୁ ଖଣ୍ଡିଆ।**

ମହାରାଣୀ ଗୁଣ୍ଡିଚାଙ୍କ ପରାମର୍ଶ ଅନୁଯାୟୀ ରୁଦ୍ଧ ମନ୍ଦିରର ଦ୍ୱାର ଖୋଲାଯିବା ଯୋଗୁ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ଅଧଗଢା ମୂର୍ତ୍ତି ହୋଇଥିବା କିମ୍ବଦନ୍ତୀରୁ ଜଣାଯାଏ। ଏହି ଅର୍ଥରେ ଏଠାରେ ସ୍ତ୍ରୀଲୋକର ବୁଦ୍ଧି ବା ପରାମର୍ଶ ପ୍ରତି ସନ୍ଦେହ ପ୍ରକାଶ କରିବା ସହ ସମାଲୋଚନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ବିଦ୍ୟାଭାରତୀ ପୂର୍ବ କ୍ଷେତ୍ର, ଶିକ୍ଷା ବିକାଶ ସମିତି, ଓଡ଼ିଶା ଆନୁକୂଲ୍ୟରେ ପଞ୍ଚପଦି ଅଧୀକ୍ଷମ ପଦ୍ଧତି କର୍ମଶାଳାର ଉଦ୍‌ଘାଟନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବଡ଼ଗଡ଼ ବ୍ରୀଟ କଲୋନୀ, ସମୟ: ସକାଳ ୮ଟା ୧୫।
- ୩୩ତମ ନୃତ୍ୟାଞ୍ଜଳି ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ୧୦ ଦଫା ଦାବିରେ ବିକ୍ଷୋଭ, ସ୍ଥାନ: ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଏସ୍‌ଏଫ୍‌ଆଇ ପକ୍ଷରୁ ଓଡ଼ିଶା ରାଜ୍ୟ ସାଙ୍ଗଠନିକ ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଯୁବ କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଓମ୍‌ଫେଡ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଓମ୍‌ଫେଡ ମୁଖ୍ୟ ଅଫିସ, ସମୟ: ଅପରାହ୍ନ ୩ଟା।

### କଟକ
- ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି, ସ୍ଥାନ: ନରସିଂହପୁର ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ସିଏମ୍‌ସି ମେୟରଙ୍କ ମୋ ୱାର୍ଡ ଅଭିଯାନରେ ବରିଷ୍ଠ ନାଗରିକଙ୍କ ବୈଠକ, ସ୍ଥାନ: ଧାକୁଲେଇ ପୀଠ, ପ୍ରତାପନଗରୀ, ସମୟ: ଅପରାହ୍ନ ୫ଟା।
- ପ୍ରଫେସର ପରିଜା ମେମୋରିଆଲ ଶୋସାଇଟି ପକ୍ଷରୁ ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜାଙ୍କ ସ୍ମୃତିରେ ସାରସ୍ୱତ ସମାରୋହ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା।

### ପୁରୀ
- ପୁରୀ ସୁରକ୍ଷା ପରିଷଦ ପକ୍ଷରୁ ବିଶ୍ୱ ପରିବେଶ ସପ୍ତାହ ପାଳନ, ସ୍ଥାନ: ଓଡ଼ିଶା ସଙ୍ଗୀତ ପରିଷଦ, ସମୟ: ଅପରାହ୍ନ ୪ଟା।

### ଖୋର୍ଦ୍ଧା
- ଜିଲାସ୍ତରୀୟ ଜନଶୁଣାଣି ଅଭିଯୋଗ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା ୩୦।
- ଶୀତଳଷଷ୍ଠୀ ମହୋତ୍ସବ, ସ୍ଥାନ: ଗୋବିନ୍ଦପୁର ମହୋତ୍ସବପଡ଼ିଆ(ବଡ଼ବେରଣା), ସମୟ: ସନ୍ଧ୍ୟା ୭ଟା।

### ବାଲେଶ୍ୱର
- ମା' ବୁଢ଼ୀ ଜାଗୁଲାଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ:ମହତିପୁର, ଖଇରା,ସମୟ:ଦିବସବ୍ୟାପୀ
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଚତୁର୍ଦ୍ଦଶ ଦିବସ,ସ୍ଥାନ:ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା ୩୦।

### ଭଦ୍ରକ
- ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ୫ମ ବାର୍ଷିକ ଶ୍ରାଦ୍ଧ ଦିବସ, ସ୍ଥାନ: ବାସୁଦେବପୁର, ସମୟ: ସକାଳ ୭ଟା।
- ମୁଖ୍ୟମନ୍ତ୍ରୀଙ୍କ ଗସ୍ତ, ସ୍ଥାନ: ଜଗଦଲପୁର, ଭଦ୍ରକ, ସମୟ: ଅପରାହ୍ନ ୪ଟା।

### ମୟୂରଭଞ୍ଜ
- କଂଗ୍ରେସ ପକ୍ଷରୁ ଦଳିତ, ଆଦିବାସୀ ବିସ୍ଥାପିତ ପରିବାରଙ୍କୁ ଥଇଥାନ ଓ କ୍ଷତିପୂରଣ ଦାବି ସହ ସମ୍ବିଧାନ ବଞ୍ଚାଅ ପଦଯାତ୍ରା, ସ୍ଥାନ:ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ,ସମୟ: ସକାଳ ୯ଟା।
- ଆମେ-୮୦ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର, ସ୍ଥାନ: ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାରିପଦା, ସମୟ: ସକାଳ ୯ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ, ସମୟ: ଅପରାହ୍ନ ୨ଟା।
- ନାଟକ 'ମହାକବି କାଳିଦାସ' ପରିବେଷଣ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

### ବ୍ରହ୍ମପୁର
- ସିଏମ ଟ୍ରଫି: ଗଞ୍ଜାମ ବନାମ ନବରଙ୍ଗପୁର, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା ୩୦।
- ମ୍ୟୁଜିକାଲ ନାଇଟ୍, ସ୍ଥାନ: ରାଧାକୃଷ୍ଣ ମଠସାହି, ଲାଞ୍ଜିପଲ୍ଲୀ, ସମୟ: ରାତି ୮ଟା।

### କନ୍ଧମାଳ
- ପାଟଖଣ୍ଡାଙ୍କ ଠାକୁରାଣୀ ଯାତ୍ରାରେ ନଗର ଭ୍ରମଣ,ସ୍ଥାନ: ସୁନାପାଙ୍ଗା, ବାଲିଗୁଡା, ସମୟ: ସନ୍ଧ୍ୟା ୭ଟା।
- ରାମ ଚରିତ ମାନସ ପରାୟଣ,ସ୍ଥାନ: ମାନସ ପଡିଆ, କ. ନୂଆଗାଁ, ସମୟ: ସନ୍ଧ୍ୟା ୭ଟା।

### ଢେଙ୍କାନାଳ
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା

### ଜଗତ୍‌ସିଂହପୁର
- ସ୍ମାଇଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ପୋର୍ଟ କ୍ଲବ, ନୂଆବଜାର, ପାରାଦୀପ, ସମୟ: ସକାଳ ୯ଟା।
- ଇଫ୍‌କୋ ସମୂହ ପକ୍ଷରୁ ସର୍ବଭାରତୀୟ ସାଂସ୍କୃତିକ ସମାରୋହ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଇଫ୍‌କୋ ଟାଉନସିପ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଟାଉନହଲ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୭ଟା।
- ୟୁଥ ସ୍ପୋର୍ଟସ ଏକାଡେମୀ ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: କେନ୍ଦ୍ରାପଡ଼ା ହାଇସ୍କୁଲ ପଡିଆ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

### ନୟାଗଡ଼
- ଜିଲାପାଳଙ୍କ ଜନଶୁଣାଣି ଶିବର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।
- ଖଣ୍ଡପଡ଼ା ବିଧାୟକଙ୍କ ମିଳିତ ଜନଶୁଣାଣି, ସ୍ଥାନ: ଖଣ୍ଡପଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ପୂର୍ବାହ୍ନ ୧୦ଟା।
- ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଲଡୁବାବାଙ୍କ ପୀଠରେ ୧୬ ଶମ୍ଭୁଙ୍କ ପରିକ୍ରମା, ସ୍ଥାନ: ଶରଣକୁଳ , ସମୟ: ପୂର୍ବାହ୍ନ ୧୧ଟା।

### ରାୟଗଡ଼ା
- ବିଇଓ, ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ବିଇଓ କାର୍ଯ୍ୟାଳୟ ଓ ଆଶ୍ରମ ବିଦ୍ୟାଳୟ ପରିସର, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା ।

### କୋରାପୁଟ
- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ:ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଖେମୁଣ୍ଡୁଗୁଡା ପଞ୍ଚାୟତ, ସମୟ ; ସକାଳ ୯ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ସୁତିପୋଡ ପଞ୍ଚାୟତ, କୋଟପାଡ଼ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଅଭିଯୋଗ ଓ ଜନଶୁଣାଣି ଶିବିର, ସ୍ଥାନ: ଆମ୍ବାଗୁଡା, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ଶ୍ରୀଶ୍ରୀବମବରାଡ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ମନ୍ଦିର ପ୍ରବେଶ ନୀତି, ସ୍ଥାନ : ନନ୍ଦପଡା, ସମୟ : ଅପରାହ୍ନ ୩ଟା ୩୦ ।
- ଶ୍ରୀଶ୍ରୀ ଲୋକନାଥ ବାବା ଓ ମାତା ପାର୍ବତୀଙ୍କ ମନ୍ଦିର ପ୍ରବେଶ, ସ୍ଥାନ: ଝାଡୁଆପଡା, ସମୟ : ଅପରାହ୍ନ ୪ଟା ।
- ଶ୍ରୀଶ୍ରୀ ଜାଗେଶ୍ୱର ବାବା ଓ ମାତା ପାର୍ବତୀଙ୍କ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ, ସ୍ଥାନ : ମୁଦିପଡା, ସମୟ : ଅପରାହ୍ନ ୫ଟା ।
- ବୁଢ଼ାରଜା ମହାଦେବ ଓ ମାତା ପାର୍ବତୀଙ୍କ ମନ୍ଦିର ପ୍ରବେଶ, ସ୍ଥାନ : ବୁଢ଼ାରଜା, ସମୟ : ଅପରାହ୍ନ ୫ଟା।
- ଶ୍ରୀଶ୍ରୀଶୀତଳେଶ୍ୱର ବାବା ଓ ମାତା ପାର୍ବତୀଙ୍କ ମନ୍ଦିର ପ୍ରବେଶ ନୀତି, ସ୍ଥାନ : ବଡବଜାର, ସମୟ : ଅପରାହ୍ନ ୫ଟା ୩୦ ।
- ଶ୍ରୀଶ୍ରୀଗୁପ୍ତେଶ୍ୱର ବାବା ଓ ମାତା ପାର୍ବତୀଙ୍କ ମନ୍ଦିର ପ୍ରବେଶ, ସ୍ଥାନ : ଠାକୁରପଡା, ସମୟ : ସନ୍ଧ୍ୟା ୬ଟା ।

### ବଲାଙ୍ଗୀର
- ଫୁଟବଲ ଓ ଦୌଡ କୋଚିଂ କ୍ୟାମ୍ପ, ସ୍ଥାନ: ବୁର୍ଡ଼ା ପଞ୍ଚାୟତ ହାଇସ୍କୁଲ ଖେଳପଡ଼ିଆ,ଲୋଇସିଂହା ବ୍ଲକ, ସମୟ : ସକାଳ ୮ଟା ।

### ରାଉରକେଲା
- ବିକାଶ ରେସିଡେନ୍ସିଆଲ ବିଦ୍ୟାଳୟରେ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୯, ସକାଳ ୯ଟା ୩୦।
- ଅଣ୍ଡର-୧୪ କ୍ରିକେଟ ମ୍ୟାଚ୍, ସ୍ଥାନ: ବାସନ୍ତୀ ଡିଏଭି ପଡିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।

### ସୁନ୍ଦରଗଡ଼
- ଦେବ ଦମ୍ପତି ସିଦ୍ଧେଶ୍ୱର ବାବା ଓ ମାତା ପାର୍ବତୀଙ୍କ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ, ନଗରପରିକ୍ରମା ଓ ଶୀତଳଷଷ୍ଠୀଯାତ୍ରା,ସ୍ଥାନ: ଡେଙ୍ଗିଭାଡି ମଣ୍ଡପ, ସକାଳ: ୭ଟା।
- ସୁନ୍ଦରଗଡ ତଥା ତତ୍କାଳୀନ ଗାଙ୍ଗପୁରଗଡର ରାଜା ସ୍ୱର୍ଗତ ରଘୁନାଥ ଶେଖରଦେଓଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ,ସ୍ଥାନ:ଶଙ୍କରା ସ୍ଥିତ ପାରିଜାତ ପାର୍କ ଛକ,ସକାଳ: ୯ଟା୩୦।

### ବରଗଡ଼
- ଜିଲାପାଳଙ୍କ ମିଳିତ ଜନ ଶୁଣାଣି, ସ୍ଥାନ: ପାଇକମାଳ ବ୍ଲକ୍ କନଫେରେନ୍ସ ହଲ, ସମୟ:ସକାଳ ୭ଟା।
- ଶୀତଳଷଷ୍ଠୀରେ ଶିବ, ପାର୍ବତୀଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା,ସ୍ଥାନ: ବରପାଲି, ସମୟ:ସକାଳ ୯ଟା।
- ବରଗଡ ଜିଲାପାଳଙ୍କ ସହ ପାଇକମାଳ ନାଗରିକ କମିଟିର ଆଲୋଚନା, ସ୍ଥାନ: ବ୍ଲକ କନଫରେନ୍ସ ହଲ, ସମୟ: ମଧ୍ୟାହ୍ନ ୧୨ଟା।

### କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର, ସ୍ଥାନ:ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ,ସ୍ଥାନ: ଚିଚୈଗୁଡା, ଜୁନାଗଡ଼ ବ୍ଲକ,ସମୟ: ଅପରାହ୍ନ ୫ଟା।

### ବୌଦ୍ଧ
- ଯୁବ ସନ୍ତରଣ ଓ ବଞ୍ଚିବା ଶୈଳୀ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ସକାଳ ୮ଟା।

### ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ଶୀତଳ ଷଷ୍ଠୀ ଅବସରରେ ସୁନାର ନାଗ ଓ ଅଳଙ୍କାର ଜିଲା କୋଷାଗାରକୁ ଫେରସ୍ତ, ସ୍ଥାନ: ସୁବର୍ଣ୍ଣପୁର ଜିଲା କୋଷାଗାର, ସମୟ: ସକାଳ ୯ଟା।
- ତରଭା ରଥଯାତ୍ରା ପାଇଁ ସାଂସ୍କୃତିକ କମିଟି ବୈଠକ, ସ୍ଥାନ: ଏନଏସି ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ମାହେଶ୍ୱରୀ ସଙ୍ଗଠନର ବାର୍ଷିକୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ତରଭା ଖେଳ ପଡିଆ ସ୍ଥିତ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

### ନୂଆପଡ଼ା
- ଷୋହଳ ପ୍ରହରୀ ଅଖଣ୍ଡ ନାମ ଯଜ୍ଞ ନାମ ଅବ୍ୟାହତ, ସ୍ଥାନ: ଖଡ଼ିଆଳ ବ୍ଲକ ଅରେଡ଼ା ପଞ୍ଚାୟତ ମୋହରା ଗାଁ, ସମୟ: ପ୍ରାତଃ ୪ଟା ୩୦
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ସଦ୍‌ଭାବନା ସଭାଗୃହ ନୂଆପଡ଼ା, ସମୟ: ସକାଳ ୭ଟା।

ପ୍ରଥମ ପୃଷ୍ଠାରୁ...

## ରୁଷିଆର ୪୦ ଯୁଦ୍ଧବିମାନ ...

ଏହି କ୍ଷେତ୍ରରେ ଟାଳଟୁଳ ନୀତି ଆପଣାଇଛନ୍ତି। ଯଥାଶୀଘ୍ର ଯୁଦ୍ଧ ବନ୍ଦ କରିବାକୁ ଟ୍ରମ୍ପ ଉଭୟ ପୁଟିନ୍ ଓ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଉପରେ ଚାପ ପକାଉଛନ୍ତି। କିନ୍ତୁ ଟ୍ରମ୍ପଙ୍କ ଚାପକୁ ଉଭୟ ପକ୍ଷ ସେତେଟା ଗୁରୁତ୍ୱ ଦେଉ ନ ଥିବା ମନେହେଉଛି। ଇତିମଧ୍ୟରେ ମେ' ୧୬ରେ ତୁର୍କୀର ଇସ୍ତାନବୁଲରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ହୋଇଥିଲା, ଯହିଁରୁ ବିଶେଷ ସୁଫଳ ମିଳି ନ ଥିଲା। ତେଣୁ ତୁର୍କୀ ରାଷ୍ଟ୍ରପତି ରେସେପ୍ ତୈୟିପ୍ ଏର୍ଦୋଗାନ୍ ଜୁନ୍ ୨ରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ପୁଟିନ୍ ତାଙ୍କ ସର୍ତ୍ତଗୁଡ଼ିକ ପୂରଣ ନ ହେବା ପର୍ଯ୍ୟନ୍ତ ସନ୍ଧିକୁ ଗ୍ରହଣ କରିବେ ନାହିଁ ଏବଂ ଯୁଦ୍ଧ ଜାରି ରଖିବେ ବୋଲି ସ୍ପଷ୍ଟ କରିଛନ୍ତି। ଏଭଳି ସମୟରେ ୟୁକ୍ରେନ୍ ପକ୍ଷରୁ ଏହାର ସୀମାନ୍ତରେ ଥିବା ଓଲେନ୍ୟା ନିକଟ ମୁରମାନସ୍କ ଏୟାରବେସ୍‌କୁ ଟାର୍ଗେଟ କରାଯାଇଛି। ଏହି ଡ୍ରୋନ୍ ଆକ୍ରମଣରେ ସେଠାରେ ଥିବା ରୁଷୀୟ ସେନାର ୪୦ରୁ ଊର୍ଦ୍ଧ୍ୱ ଯୁଦ୍ଧବିମାନ ଜଳିପୋଡ଼ି ଧ୍ୱଂସ ହୋଇଯାଇଥିବା ୟୁକ୍ରେନ୍‌ର ଘରୋଇ ସୁରକ୍ଷା ଏଜେନ୍ସି ସିକ୍ୟୁରିଟି ସର୍ଭିସ୍ ଅଫ୍ ୟୁକ୍ରେନ୍ (ଏସ୍‌ବିୟୁ) ଦାବି କରିଛି। ଏଥିରେ ଦୂରଗାମୀ କ୍ଷେପଣାସ୍ତ୍ର ମାଡ଼ କରୁଥିବା ଟୁ-୯୫ ଓ ଟୁ-୨୨ ଷ୍ଟ୍ରାଟେଜିକ୍ ବମ୍ବର୍ସ ରହିଥିବା ଏସ୍‌ବିୟୁ ପକ୍ଷରୁ କୁହାଯାଇଛି। ଓଲେନ୍ୟା ହେଉଛି ରୁଷିଆର ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ବିମାନ ଚଳାଚଳ କେନ୍ଦ୍ର। ସେଠାରୁ ଆଣବିକ ଯୁଦ୍ଧାସ୍ତ୍ର ନେଇ ଏୟାରକ୍ରାଫ୍ଟଗୁଡ଼ିକ ଆକାଶମାର୍ଗରୁ ୟୁକ୍ରେନ୍ ଉପରେ ଆକ୍ରମଣ କରିଥାଏ। କିଭ୍ ସରକାର ଏଫ୍‌ପିଭି ଡ୍ରୋନ୍ ଜରିଆରେ ମୁର୍‌ମନ୍‌ସ୍କ, ଇର୍କୁସ୍‌ସ୍କ, ଇଭାନୋଭୋ, ରିୟାଜନ୍ ଓ ଅମୁର୍ ରିଜିୟନ୍‌ରେ ଥିବା ୫ଟି ଏୟାରଫିଲ୍ଡ ଉପରେ ଆତଙ୍କବାଦୀ ଆକ୍ରମଣ କରାଇଥିବା ରୁଷିଆ କହିଛି। ତେବେ ଏଥିରେ କେତେ ସଂଖ୍ୟକ ଯୁଦ୍ଧବିମାନ ଧ୍ୱଂସ ହୋଇଛି, ସେନେଇ ମସ୍କୋ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ।

ସୀମାନ୍ତରେ ଥିବା ରୁଷିଆର ୨ଟି ବ୍ରିଜ୍ ଉପରେ ମଧ୍ୟ ୟୁକ୍ରେନୀୟ ସୈନ୍ୟ ଆକ୍ରମଣ କରିଛନ୍ତି। ବ୍ରାୟନ୍‌ସ୍କ ରିଜିୟନ ଥିବା ବ୍ରିଜ୍ ଦେଇ ଏକ ଯାତ୍ରୀବାହୀ ଟ୍ରେନ୍ ଯାଉଥିବାବେଳେ ପ୍ରଥମ ଆକ୍ରମଣ ହୋଇଥିଲା। ଏଥିରେ ଟ୍ରେନ୍‌ର ଲୋକୋପାଇଲଟଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬୯ ଆହତ ହୋଇଛନ୍ତି। ଏହାର କିଛି ଘଣ୍ଟା ପରେ କୁର୍ସ୍କ ରିଜିୟନ୍‌ର ଅନ୍ୟ ଏକ ବ୍ରିଜ୍ ଉପରେ ଆକ୍ରମଣ ହେବାରୁ ଏହା ଭୁଶୁଡ଼ି ପଡ଼ିଥିଲା। ଫଳରେ ବ୍ରିଜ୍ ତଳ ଦେଇ ଯାଉଥିବା ଏକ ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇଛି। ରୁଷିଆର ଇନ୍‌ଭେଷ୍ଟିଗେଟିଭ୍ କମିଟି ପକ୍ଷରୁ ଜାରି ଏକ ବିବୃତିରେ ୨ ବ୍ରିଜ୍ ବିସ୍ଫୋରଣରେ ଭୁଶୁଡ଼ି ପଡ଼ିଥିବା ବିଷୟ ସ୍ୱୀକାର କରାଯାଇଛି। ୟୁକ୍ରେନ୍‌କୁ ଏହାର ଜବାବ ଦେବାକୁ ଯାଇ ରୁଷିଆ ରବିବାର ସ୍ଥାନୀୟ ସମୟ ଅପରାହ୍ନ ୧୨ଟା ୫୦ରେ ସୀମାରୁ ପ୍ରାୟ ୧,୦୦୦ କି.ମି. ଦୂର ୟୁକ୍ରେନୀୟ ସେନାର ଏକ ତାଲିମ ଶିବିରକୁ ମିଶାଇଲ ମାଡ଼ କରିଛି। ଏଥିରେ ୧୨ ସୈନ୍ୟ ନିହତ ହେବା ସହ ୬୦ରୁ ଅଧିକ ଆହତ ହୋଇଥିବା ୟୁକ୍ରେନିଆନ୍ ଗ୍ରାଉଣ୍ଡ ଫୋର୍ସ ସ୍ୱୀକାର କରିଛି।

ଏହି ସଂଘର୍ଷ ଏପରି ସମୟରେ ତୀବ୍ରତର ହୋଇଛି ଯେତେବେଳେ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଆମେରିକା ରୁଷିଆକୁ ୟୁକ୍ରେନ୍‌ରେ ଯୁଦ୍ଧବିରତି ପାଇଁ ପ୍ରସ୍ତାବ ଦେଇଛି। ଏଥିରେ ରହିଛି ଜଳ, ସ୍ଥଳ ଓ ଆକାଶରେ ୩୦ ଦିନ ଧରି ଅସ୍ତ୍ରବିରତି, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ଆକ୍ରମଣ ବନ୍ଦ ଆଦି ପ୍ରସ୍ତାବ। ଆମେରିକା ଏହାକୁ ରୁଷିଆ ପାଇଁ ସର୍ବୋତ୍ତମ ନିଷ୍କର୍ଷ ବୋଲି ଅଭିହିତ କରିଛି। ରାଷ୍ଟ୍ରପତି ପୁଟିନ୍ ଶାନ୍ତିର ଏହି ସୁଯୋଗକୁ ହାତଛଡ଼ା କରିବା ଅନୁଚିତ ବୋଲି ୱାଶିଂଟନ୍ କହିଛି। ୟୁକ୍ରେନ୍ ଏହି ପ୍ରସ୍ତାବକୁ ଗ୍ରହଣ କରିନେଇଥିବାବେଳେ ରୁଷିଆ ବର୍ତ୍ତମାନ ଯାଏ ଏହା ଉପରେ ସହମତି ପ୍ରକାଶ କରିନାହିଁ। ସୋମବାର ଇସ୍ତାନବୁଲରେ ହେବାକୁ ଥିବା ଶାନ୍ତି ଆଲୋଚନାରେ ଆମେରିକା, ବ୍ରିଟେନ୍, ଫ୍ରାନ୍ସ ଓ ଜର୍ମାନୀ ସମେତ ଆଉ କେତେକ ୟୁରୋପୀୟ ରାଷ୍ଟ୍ରର ପ୍ରତିନିଧି ସାମିଲ ହେବା କାର୍ଯ୍ୟକ୍ରମ ରହିଛି। ଜେଲେନ୍‌ସ୍କି ମଧ୍ୟ ଆଲୋଚନାକୁ ୟୁକ୍ରେନ୍‌ର ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପଠାଇବେ ବୋଲି ଘୋଷଣା କରିଛନ୍ତି। କିନ୍ତୁ ରୁଷିଆ ପକ୍ଷରୁ ଏନେଇ କୌଣସି ବିବୃତି ଆସିନାହିଁ। ଶାନ୍ତି ଆଲୋଚନା ପାଇଁ ମସ୍କୋ ଗମ୍ଭୀର ନ ଥିବା କିଭ୍ କହିଛି। ଏହି ପୃଷ୍ଠଭୂମିରେ ଶାନ୍ତି ଆଲୋଚନାରୁ କି ଫଳ ବାହାରିବ ତା' ଉପରେ ସମସ୍ତଙ୍କ ନଜର ରହିଛି।

## ୟୁକ୍ରେନ୍‌ର 'ଅପରେଶନ୍ ସାଇଡର ନେଟ୍'

ୟୁକ୍ରେନ୍ ପକ୍ଷରୁ ରବିବାର ରୁଷିଆ ଉପରେ କରାଯାଇଥିବା ଆକ୍ରମଣକୁ ଅପରେଶନ୍ ପଭୁଟିନା (ସ୍ପାଇଡର ନେଟ୍) ନାମ ଦିଆଯାଇଥିଲା। ଏକକାଳୀନ ୪ଟି ଷ୍ଟ୍ରାଟେଜିକ୍ ଆଭିଏଶନ୍ ଏୟାରବେସ୍‌ରେ ୪୦ ଯୁଦ୍ଧବିମାନ ଧ୍ୱଂସ ହୋଇଯାଇଛି। ସେହି ଏୟାରବେସ୍‌ଗୁଡ଼ିକ ହେଲା ବେଲାୟା (ୟୁକ୍ରେନ୍‌ରୁ ୪,୭୦୦ କି.ମି. ଦୂର), ଡିଆଗିଲେଭୋ (୭୦୦ କି.ମି.), ଓଲେନ୍ୟା (୨୦୦୦କି.ମି.) ଏବଂ ଇଭାନୋଭୋ(୯୦୦ କି.ମି.)। ଡ୍ରୋନ୍‌ଗୁଡ଼ିକୁ କାର୍ଗୋ ଟ୍ରକ୍‌ରୁ ଲଞ୍ଚ କରାଯାଇଥିଲା। ୟୁକ୍ରେନୀୟମାନେ ଯୁଦ୍ଧର ଭଗବାନ। ଏହି ଆକ୍ରମଣ ସହ ଇତିହାସର ପୁନର୍ଲିଖନ ହୋଇଛି ବୋଲି ୟୁରୋପିଆନ୍ ରେଜିଲିଆନ୍ସ ପ୍ରତିଷ୍ଠାତା ସର୍ଗେଜ ସୁମ୍ଲେନି ଏକ୍ସ'ରେ ପୋଷ୍ଟ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରସ୍ପରିକ ବୁଝାମଣା ହେତୁ ପାରିବାରିକ ଜୀବନରେ ସ୍ଥିରତା ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଚନ୍ଦ୍ର ପାପଗ୍ରହ କେତୁ ଯୁକ୍ତ ଯୋଗୁ ଅନ୍ତରଙ୍ଗ ବନ୍ଧୁଙ୍କ ଅଶାନ୍ତ ମନଦେଖି ନିଜେ ଚିନ୍ତିତ ହୋଇପାରନ୍ତି।

**ବୃଷ** — ରାହୁଙ୍କ ପ୍ରଭାବରେ ସମସ୍ୟା ଲାଗିରହିବା ଯୋଗୁ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ଭଲରେ ଚାଲିବ। ପରୋକ୍ଷ ଶତ୍ରୁତା, କ୍ରନିକ୍ ରୋଗପୀଡ଼ା ଓ ପାରିବାରିକ ମତାନ୍ତରଜନିତ ସାମୟିକ ଚିନ୍ତିତ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ଏବଂ ଆର୍ଥିକ ସ୍ଥିତିରେ ସୁଧାର ଆସିବ।

**ମିଥୁନ** — କର୍ମକ୍ଷେତ୍ରରେ ଶନି ଥିବାରୁ ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ କରାଇବ। ବିଭିନ୍ନ ଯୋଜନା, ସାଂଗଠନିକ କାର୍ଯ୍ୟ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଭୁଲ୍ ବୁଝାମଣାରୁ ପରିବାର ଭିତରେ ସମ୍ପର୍କ ହାନି ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତାର ଅଭାବ ଓ ଯାତ୍ରାରେ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ** — ଶୁକ୍ରଙ୍କ ପ୍ରଭାବରେ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଭଲ ରହିବ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। ସଭାସମିତିରେ କାହା କଥା କାହା ସହ ନମିଶିବା ଫଳରେ ଆଲୋଚନା ଅମୀମାଂସିତ ରହିବ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ** — ତୃତୀୟଭାବ ଶୁକ୍ରଙ୍କ ଦୃଷ୍ଟିରେ ଥିବାରୁ ବନ୍ଧୁଙ୍କ ସାହାଯ୍ୟ ଓ ପାରସ୍ପରିକ ସହଯୋଗ ଲାଭ କରିବେ। ସଭାସମିତିରେ ଅପ୍ରିୟସତ୍ୟ କହି ବିବାଦ ଘେରରେ ପଡିପାରନ୍ତି। ଧାର୍ମିକ ଅନୁଷ୍ଠାନ କିମ୍ବା ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ବାରମ୍ବାର ପ୍ରତିବନ୍ଧକ ହେତୁ ବ୍ୟବସାୟ, ଗମନାଗମନରେ ସମସ୍ୟାଗ୍ରସ୍ତ ହେବେ।

**କନ୍ୟା** — ରାଶିକୁ ଶନି ଦୃଷ୍ଟିଜନିତ ଲକ୍ଷ୍ୟ ପୂରଣ ଦିଗରେ ସହକର୍ମୀଙ୍କ ଅସହଯୋଗଜନିତ ଦୁଃଖ କରିପାରନ୍ତି। ଅର୍ଥ ଦେବା ନେବାକୁ କେନ୍ଦ୍ରକରି ବନ୍ଧୁଙ୍କ ମଧ୍ୟରେ ଝଗଡା ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପ୍ରଶାସନ, ଆଇନ ଓ ଅଦାଲତ ତଥା ପରିବହରେ ଆଶାନୁରୂପ ଫଳ ପାଇବେ। ପରିବାର ଖର୍ଚ୍ଚ ବୃଦ୍ଧିପାଇବାରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା** — ବୃହସ୍ପତିଙ୍କ ପ୍ରଭାବରେ ନୂତନ ବନ୍ଧୁ ସମ୍ପର୍କ ଓ କର୍ମକ୍ଷେତ୍ରରେ ସୁଚିନ୍ତିତ କାର୍ଯ୍ୟଧାରା ଅକ୍ଷୁଣ୍ଣ ରହିବ। ଜଣେ ପଡ଼ୋଶୀଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ପ୍ରଶାସନିକ ସ୍ତରରେ ସହକର୍ମୀଙ୍କ ଅନୁପସ୍ଥିତିରୁ କର୍ମପ୍ରବାହ ବିଳମ୍ବିତ ହେବ। ପିଲାଙ୍କ ଆଚରଣରେ ପରିବର୍ତ୍ତନ କାରଣରୁ ମନେ ମନେ ବିରକ୍ତ ହୋଇପାରନ୍ତି।

**ବିଛା** — ରାଶିପ୍ରତି ବୁଧାଦିତ୍ୟ ଦୃଷ୍ଟିରୁ ଯାହା ଖୋଜୁଛନ୍ତି ଓ ଆଶା କରୁଛନ୍ତି ଆଜି ତାହା ପାଇପାରନ୍ତି। ଆଜି ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେଇପାରନ୍ତି। ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ନିଜେ ରହିବା ପରିସରରେ ସାଧାରଣ କଥାକୁ କେନ୍ଦ୍ରକରି ଅପରାହ୍ନରେ ଟେନସନ୍ ବଢିପାରେ।

**ଧନୁ** — ଗୁରୁକୃପାରୁ ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବାକୁ ମନ ବଳାଇବେ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପ୍ରିୟଜନଙ୍କ ଗହଣରେ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ। ଆଲୋଚନାରେ ଅପ୍ରିୟ ସତ୍ୟ କହିବା କାରଣରୁ ଆତ୍ମୀୟମାନେ ପାଖ ମାଡିବେ ନାହିଁ।

**ମକର** — ନୀଚାରୋହୀ ଶନିଙ୍କ ଯୋଗୁ ଦୈହିକ ଅସୁସ୍ଥତା ମାନସିକ ସୁସ୍ଥତାକୁ କ୍ଷୁଣ୍ଣ ହୋଇପାରେ। ଏହା ସାଙ୍ଗକୁ ପ୍ରିୟଜନଙ୍କ ଅନୁପସ୍ଥିତି ମଧ୍ୟ ମନରେ ଗଭୀର ଦୁଃଖ ଦେଇପାରନ୍ତି। ପଡୋଶୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମପାଇଁ ଆଗଭର ହେବେ। ଆର୍ଥିକ ସ୍ଥିତି ମନ୍ଦ ନ ଥିଲେ ମଧ୍ୟ ଋଣ ପରିଶୋଧ କରିବାରେ ପଛେଇଯିବାକୁ ପଡିବ।

**କୁମ୍ଭ** — ସପ୍ତମସ୍ଥ ଚନ୍ଦ୍ର ଓ କେତୁଜନିତ ଆଜିର ଯାତ୍ରାରେ ଅସୁବିଧାର ସମ୍ମୁଖୀନ ହେବେ। ପରିବାରରେ ଛୋଟ କଥାକୁ ଧରିଲେ ଅଶାନ୍ତି ବଢିଚାଲିବା ବ୍ୟତୀତ ଲାଭ କିଛି ହେବନି। ଯାତ୍ରାରେ ଜିନିଷପତ୍ର ଅଦଳବଦଳ ହୋଇଯିବାର ସୂଚନା ରହିଛି। ଆକସ୍ମିକ ବନ୍ଧୁଙ୍କ ଦ୍ୱାରା ଆହୂତ ହୋଇ ସାଂସ୍କୃତିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

**ମୀନ** — କେନ୍ଦ୍ରସ୍ଥ ବୃହସ୍ପତି ହେତୁ ଘରର ଅଶାନ୍ତ ପରିବେଶ ଶାନ୍ତ ପଡିବାର ଆଶା କରାଯାଇପାରେ। ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ବାକି ରହିଥିବା ଅର୍ଥ ଆଦାୟ ସକାଶେ ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ରହିଛି। ବାଣିଜ୍ୟ ଏବଂ ବ୍ୟବସାୟରେ ଆଶାଜନକ ସୁଫଳ ଲାଭ କରିବେ।

ଆଜି ଜୁନ୍ ୨ ତାରିଖ, ଜ୍ୟେଷ୍ଠ ଶୁକ୍ଳ ସପ୍ତମୀ ସୋମବାର। ରାଶିନକ୍ଷତ୍ର-ମଘା/ସିଂହ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ଦିବା.ଘ.୦୮.୪୦ ଗତେ ଘ.୧୦.୨୫ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୬.୪୯ ଗତେ ଘ.୦୮.୨୭ ମଧ୍ୟେ ରାହୁ କାଳ।



ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ୨୦୩୦ ସୁଦ୍ଧା ୧୦ଲକ୍ଷ ହେନ୍ତାଳ ବୃକ୍ଷ ଲଗାଇବାକୁ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ(ଓପ୍‌ସା) ପକ୍ଷରୁ ନିଆଯାଇଥିବା ପ୍ରୟାସରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସାମିଲ ହୋଇଛି। ଏହି କାର୍ଯ୍ୟକ୍ରମକୁ ଆଗକୁ ନେବାକୁ ଓପ୍‌ସାର ମୁଖ୍ୟ ତଥା ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳଙ୍କୁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏକ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ଧରିତ୍ରୀ ପରିବାରର ସଦସ୍ୟ।

## ଗଛରୁ ପଡ଼ି ବାଳକ ମୃତ

ନାକଟିଦେଉଳ,୧।୬(ବୈକୁଣ୍ଠନାଥ ସାହୁ)

ଜାମୁକୋଳି ତୋଳିବା ପାଇଁ ଗଛକୁ ଚଢ଼ିଥିବା ବେଳେ ତଳକୁ ପଡ଼ି ଯାଇଥିଲେ। ଫଳରେ ତଳେ ଥିବା ଏକ ବାଡ଼ି ବାଳକର ପେଟରେ ପଶି ଅପର ପାର୍ଶ୍ୱରେ ବାହାରି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ରବିବାର ଅପରାହ୍ନରେ ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ଗଦାଧରପୁର ଗ୍ରାମରେ ଏହି ଘଟଣା ଘଟିଛି। ମୃତକ ହେଲେ ଗଦାଧରପୁର ଗ୍ରାମର ରବି କଂସାରୀଙ୍କ ପୁଅ ବାବୁସାନ(୧୧)। ସେ ରବିବାର ଅପରାହ୍ନ ପ୍ରାୟ ୪ଟାରେ ଅନ୍ୟ ସାଥୀଙ୍କ ସହିତ ମିଶି ଘର ନିକଟ ଏକ ଜାମୁ ଗଛକୁ କୋଳି ଖାଇବାକୁ ଯାଇଥିଲେ। ବାବୁସାନ ଗଛରେ ଚଢ଼ି ଜାମୁକୋଳି ତୋଳୁଥିବା ବେଳେ ଅସାବଧାନତାବଶତଃ ତଳକୁ ଖସି ପଡ଼ିଥିଲେ।




## ଅସହ୍ୟ ହେବ ତାତି ସାଙ୍ଗକୁ ଗୁଳୁଗୁଳି

ଭୁବନେଶ୍ୱର,୧।୬(ବନ୍ଦନା ସେଠୀ)

ରାଜ୍ୟରେ ପାଗ ପରିବର୍ତ୍ତନ ହୋଇଛି। ଲଘୁଚାପ ପ୍ରଭାବରେ ଜାରି ରହିଥିବା ବର୍ଷା କମିବା ସହ ତାତି ବଢ଼ିବାରେ ଲାଗିଛି। ସୋମବାରଠାରୁ ରାଜ୍ୟରେ ବର୍ଷାର ପ୍ରଭାବ ମୁଖ୍ୟତଃ ହ୍ରାସ ପାଇବା ସହ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ। ରବିବାର ପାରଳାଖେମୁଣ୍ଡିରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୯.୪ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିବାବେଳେ ଖୋର୍ଦ୍ଧାରେ ୩୮.୫, ଭୁବନେଶ୍ୱର ଓ ନୟାଗଡ଼ ୩୮ ଡିଗ୍ରୀ ରହିଥିଲା। ସେହିପରି ବାଲେଶ୍ୱର, ଚାନ୍ଦବାଲି, କଟକ, ପୁରୀ, ଅନୁଗୋଳ, ଝାରସୁଗୁଡା, ସମ୍ବଲପୁର, ହୀରାକୁଦ, ତାଳଚେର, ବଲାଙ୍ଗୀର, ଟିଟିଲାଗଡ଼, ବୌଦ୍ଧ, ସୋନପୁର ଓ ଭଦ୍ରକ ଆଦି ସହରରେ ପାରଦ ୩୭ ଡିଗ୍ରୀ ପାର୍ କରିଥିଲା। ଆସନ୍ତା ୩ଦିନ ତାତି ସାଙ୍ଗକୁ ଗୁଳୁଗୁଳି ବୃଦ୍ଧି ପାଇବା ସହ ଦିନ ତାପମାତ୍ରା ପୁଣି ୪୦ ଛୁଇଁବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ୧୦ ଜିଲାରେ ଅତ୍ୟଧିକ ବର୍ଷା ରେକର୍ଡ ହୋଇଥିବାବେଳେ ୨ ଜିଲାରେ ସ୍ୱାଭାବିକଠାରୁ ଅଧିକ, ୩ ଜିଲାରେ ସ୍ୱାଭାବିକ, ୨ଜିଲାରେ ନିଅଣ୍ଟ, ୬ ଜିଲାରେ ଅତି ନିଅଣ୍ଟ ଏବଂ ୭ ଜିଲାରେ ବର୍ଷା ହୋଇନାହିଁ। ପଶ୍ଚିମ ପଟୁ ବହୁଥିବା ଶୁଷ୍କ ବାୟୁ ପ୍ରବାହ ଲାଗି ରାଜ୍ୟର ମୌସୁମୀ ପ୍ରବାହରେ ବ୍ରେକ୍ ଲାଗିଛି। ଗତ ୨୪ ଘଣ୍ଟାରେ ଜଗତ୍‌ସିଂହପୁର ବିରିଡିରେ ସର୍ବାଧିକ ୯୪ ମି.ମି ବର୍ଷା ରେକର୍ଡ କରାଯାଇଛି। ଏହାଛଡ଼ା ବାକିସବୁ ସ୍ଥାନରେ ବର୍ଷା ପରିମାଣ ୦ରୁ ୯୦ ମି.ମି ମଧ୍ୟରେ ରେକର୍ଡ ହୋଇଛି। ସୋମବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି ଓ ଗଞ୍ଜାମ ଜିଲାର ସ୍ଥାନେ ସ୍ଥାନେ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ୨ ବିସ୍ଫୋରକ ବୋଝେଇ ଗାଡ଼ିକୁ ନେଇ ତନାଘନା

ରାଉରକେଲା,୧।୬(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ କେ. ବଲାଙ୍ଗ ଥାନା ବାଙ୍କୋ ଅଞ୍ଚଳରେ ଗତ ମଙ୍ଗଳବାର ବିସ୍ଫୋରକ ଲୁଟ୍ ମାମଲାର ସମାଧାନ ହୋଇ ନ ଥିବାବେଳେ ରବିବାର ରଘୁନାଥପାଲୀ ଥାନା ଜଲଦା ଫାଣ୍ଡି ଅଧୀନ ଦେଓଗାଁର ଏକ ପେଟ୍ରୋଲ ପମ୍ପ ନିକଟରୁ ୨ଟି ବିସ୍ଫୋରକ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଠାବ କରାଯାଇଛି। ତେବେ ଗୋଟିଏ ପିକ୍‌ଅପ୍ ଭ୍ୟାନ୍‌ର କାଗଜପତ୍ର ଠିକ୍ ଥିବା ଦର୍ଶାଇ ପୋଲିସ ଛାଡି ଦେଇଥିବାବେଳେ ଅନ୍ୟଟିକୁ ଜବତ କରି ରଖିଛି। ସନ୍ଦେହରେ ଥିବା ପିକ୍‌ଅପ୍ ଭ୍ୟାନ୍ ଚାଳକ ଓ ବିସ୍ଫୋରକ ଫ୍ୟାକ୍ଟ୍ରି ମାଲିକଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ଘଟଣାସ୍ଥଳରେ ରାଜ୍ୟ ଜିଏସ୍‌ଟି ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ପହଞ୍ଚି ଯାଞ୍ଚ କରିଛନ୍ତି। ଅନ୍ୟପକ୍ଷେ ଗୋଦାମ ସିଲ୍ କରାଯାଇଥିବାବେଳେ ଏଥିରୁ କିଭଳି ବିପୁଳ ପରିମାଣର ବିସ୍ଫୋରକ ଚାଲାଣ ହେଉଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ରଘୁନାଥପାଲୀ ଥାନାରେ ଏକ ମାମଲା (ନଂ. ୩୦୭/୨୫) ରୁଜୁ ହୋଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ମଧ୍ୟାହ୍ନ ସାଢ଼େ ୧୨ଟା ସମୟରେ ରଘୁନାଥପାଲୀ ପୋଲିସ ଗୁପ୍ତ ସୂଚନା ଆଧାରରେ ଦେଓଗାଁସ୍ଥିତ ରାଉରକେଲା ଫୁଏଲ ପେଟ୍ରୋଲ ପମ୍ପରେ ଛିଡା ହୋଇଥିବା ୨ଟି ପିକ୍‌ଅପ୍ ଭ୍ୟାନକୁ ଯାଞ୍ଚ କରିଥିଲା। ଗତ ୨ ଦିନ ହେଲା କୁଆଡେ ଉକ୍ତ ୨ଟି ଗାଡି ଛିଡ଼ା ହୋଇଥିଲା। ସନ୍ଦେହରେ କେହି ଥାନାକୁ ସୂଚନା ଦେବା ପରେ ପୋଲିସ ସେଠାରେ ପହଞ୍ଚି ଗାଡ଼ିକୁ ଯାଞ୍ଚ କରିଥିଲା। ଗୋଟିଏ ଗାଡ଼ିର ଅନୁମତିପତ୍ର ଓ ଦସ୍ତାବିଜ୍ ଠିକ୍ ଥିବାରୁ ପୋଲିସ ତାକୁ ଛାଡି ଦେଇଥିବାବେଳେ ଅନ୍ୟ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି.୧୪ବି/୧୯୮୭)କୁ ଜବତ କରିଛି। ଯାଞ୍ଚ ବେଳେ ଉକ୍ତ ଗାଡ଼ିରୁ ୧୧୬ଟି ଜିଲେଟିନ୍ ଏବଂ ଡେଟୋନେଟର ଜବତ ହୋଇଛି। ଇତମା ଥାନା ଅଧୀନ ଏକ ବିସ୍ଫୋରକ ଗୋଦାମରୁ ଉକ୍ତ ୨ଟି ପିକ୍‌ଅପ୍ ଭ୍ୟାନ୍ ଆସିଥିବା ଜଣାପଡିଛି। ତେବେ ଏହି ବିସ୍ଫୋରକ ଚାଲାଣରେ ଏସ୍‌ଓପି ପାଳନ ହେଉ ନ ଥିବା ଅଭିଯୋଗ ହୋଇଛି। ଖବର ପାଇ ଟିକସ ଓ ଅନ୍ୟ ଦସ୍ତାବିଜ୍ ଯାଞ୍ଚ ପାଇଁ ରାଜ୍ୟ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଆସିଷ୍ଟାଣ୍ଟ କମିଶନର ଜଗଦୀଶ ସାଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ପହଞ୍ଚି କାଗଜପତ୍ର ଯାଞ୍ଚ କରିଛନ୍ତି। ସେହିପରି ବିସ୍ଫୋରକ କାରଖାନା ମାଲିକଙ୍କ ବାସନ୍ତୀ କଲୋନି ସ୍ଥିତ ଇଏମ୍ ବ୍ଲକ ବାସଭବନରୁ କମ୍ପ୍ୟୁଟର ଏବଂ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଥିବା ସୂଚନା ମିଳିଛି। ଗୋଦାମ ମାଲିକ ଶ୍ରବଣ ଅଗ୍ରୱାଲଙ୍କୁ ଏ ସମ୍ପର୍କରେ ପଚରାଉଚୁରା କରାଯାଉଛି ବୋଲି ଆସିଷ୍ଟାଣ୍ଟ କମିଶନର ସା ସୂଚନା ଦେଇଛନ୍ତି।



ଦେଓଗାଁ ନିକଟ ପେଟ୍ରୋଲ ପମ୍ପରେ ରହିଥିବା ବିସ୍ଫୋରକ ବୋଝେଇ ଗାଡ଼ି।

# ମାଲକାନଗିରି-ପଣ୍ଡୁରଙ୍ଗପୁରମ୍ ରେଳଲାଇନ୍ ପ୍ରସ୍ତାବ ଦେଲା ତେଲଙ୍ଗାନା

ଭୁବନେଶ୍ୱର,୧।୬
(ରବିନାରାୟଣ ଜେନା)

**ପିଏମ୍‌ଓ ମାଗିଲା ଫିଜିବିଲିଟି ରିପୋର୍ଟ**

ମାଲକାନଗିରିଠାରୁ ତେଲଙ୍ଗାନାର ପଣ୍ଡୁରଙ୍ଗପୁରମ୍ ମଧ୍ୟରେ ରେଳଲାଇନ ନିର୍ମାଣ ନିମନ୍ତେ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ମିଳିଛି। ତେଲଙ୍ଗାନା ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଆଦିବାସୀ ଅଧ୍ୟୁଷିତ ମାଲକାନଗିରିର ଆର୍ଥିକ ବିକାଶ ତ୍ୱରାନ୍ୱିତ ହେବ। କୃଷିଠାରୁ ଆରମ୍ଭକରି ଗମନାଗମନରେ ଉନ୍ନତି ଆସିବ ବୋଲି ତେଲଙ୍ଗାନା ସାଂସଦ ପୋରିକା ବଲରାମ ନାୟକ ତାଙ୍କ ରେଳପ୍ରକଳ୍ପ ପ୍ରସ୍ତାବରେ ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ସାଂସଦ ପୋରିକା ବଲରାମ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ପରେ ରେଳପ୍ରକଳ୍ପ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ଏ ସଂକ୍ରାନ୍ତରେ ରିପୋର୍ଟ ଲୋଡ଼ାଯାଇଛି। ଏହାକୁ ଆଧାରକରି ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଜଳସମ୍ପଦ ବିଭାଗକୁ ପତ୍ର ଲେଖାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶକ ଦିଲୀପ କୁମାର ଜେନା ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ମେ'୧୪ରେ ପତ୍ର ଲେଖି ତୁରନ୍ତ ରିପୋର୍ଟ ଦେବାକୁ ଦର୍ଶାଇଛନ୍ତି। ଏହାକୁ ନେଇ ଜଳସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି।

ତେଲଙ୍ଗାନା ସାଂସଦ ପୋରିକା ବଲରାମଙ୍କ ପ୍ରସ୍ତାବ ଅନୁଯାୟୀ, ଓଡ଼ିଶାର ମାଲକାନଗିରିରୁ ଏହି ରେଳପ୍ରକଳ୍ପ ଆରମ୍ଭ ହୋଇ ତେଲଙ୍ଗାନାର ପଣ୍ଡୁରଙ୍ଗପୁରମ୍ ପର୍ଯ୍ୟନ୍ତ ଯିବ। ୨୯୦ କି.ମି.ବିଶିଷ୍ଟ ବିସ୍ତୃତ ରେଳମାର୍ଗ ୪ଟି ରାଜ୍ୟ ତଥା ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ସହ ସଂଯୋଗ କରିବ। ମାଲକାନଗିରି ଓଡ଼ିଶାର ଅନ୍ୟତମ ପଛୁଆ ଜିଲା। ଏହି ରେଳମାର୍ଗ ମାଧ୍ୟମରେ ମୁଖ୍ୟ ସହର ଓ ବଜାର ସହ ସଂଯୋଗ ହେବ। ଏହା ସ୍ଥାନୀୟ କୃଷି ଉତ୍ପାଦ ଯେପରିକି ଧାନ, ମକା ଓ ଅନ୍ୟାନ୍ୟ ଫସଲ ପାଇଁ ବୃହତ୍ ବଜାର ସୁଯୋଗ ସୃଷ୍ଟି କରିବ। ସେହିଭଳି ନବରଙ୍ଗପୁର ଓ କୋରାପୁଟ ଜିଲାରେ ଖଣିଜ ସମ୍ପଦ ଯେପରିକି ବକ୍ସାଇଟ ଓ ଲୌହ ଖଣି ପରିବହନ ସହଜ ହେବ। ଏହା ସ୍ଥାନୀୟ ଶିଳ୍ପ ଓ ରୋଜଗାର ସୃଷ୍ଟିରେ ସହାୟକ ହେବ। ତେଲଙ୍ଗାନା ସାଂସଦ ରେଳମାର୍ଗର ଉଭୟ ପାର୍ଶ୍ୱରେ ରାସ୍ତା ଓ ନଦୀ ଉପରେ ରେଳ-ରାସ୍ତା ଏବଂ ମଧ୍ୟମ ଜଳସେଚନ ସମ୍ମିଳିତ ପ୍ରକଳ୍ପ ନିର୍ମାଣ ପାଇଁ ଦାବି କରିଛନ୍ତି। ଏହା ମାଧ୍ୟମରେ କୃଷକମାନେ ବର୍ଷସାରା ଦୁଇରୁ ୩ଟି ଫସଲ ଉତ୍ପାଦନ କରିପାରିବେ, ଯାହା ଆଦିବାସୀ ସମୁଦାୟଙ୍କ ଆର୍ଥିକ ମାନଦଣ୍ଡକୁ ସମୃଦ୍ଧ କରିବ। ଏହି ପ୍ରକଳ୍ପ ଓଡ଼ିଶାର ଆଦିବାସୀ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର କ୍ଷେତ୍ରରେ ଦୀର୍ଘକାଳୀନ ବିକାଶ କରିବ।

## ରାଜ୍ୟରୁ ଆଉ ୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧।୬(ବନ୍ଦନା ସେଠୀ)

ଦେଶରେ ଏବେ କୋଭିଡ୍ ସ୍ଥିତି ବିଗିଡ଼ିବାରେ ଲାଗିଛି। ଆକ୍ରାନ୍ତଙ୍କ ସଂଖ୍ୟା ୪ହଜାର ମୁହାଁ ହୋଇଥିବାବେଳେ ରାଜ୍ୟରେ ମଧ୍ୟ କରୋନା କାୟା ମେଲାଇବାରେ ଲାଗିଛି। ଶନିବାର ସୁଦ୍ଧା ରାଜ୍ୟରୁ ୯ଜଣ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ରବିବାର ଆଉ ୩ ନୂଆ ଆକ୍ରାନ୍ତ ବାହାରିଛନ୍ତି। ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ଫଳରେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨କୁ ବୃଦ୍ଧି ପାଇଛି। ଏବେ ଦେଖାଦେଉଥିବା ଭାରିଆଣ୍ଟ ମାଇଲଡ୍ ହୋଇଥିବାରୁ ଏହାକୁ ନେଇ ଆତଙ୍କିତ ନ ହେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଉଛି। ସେହିପରି ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପାଖରେ ଖବର ଅଛି ଏବଂ ଏନେଇ ଯାଞ୍ଚ କରାଯାଉଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

# ପ୍ରତିମାସରେ ଦିଆଯିବ ବେଷ୍ଟ କର୍ମଚାରୀ ପୁରସ୍କାର

ଭୁବନେଶ୍ୱର,୧।୬
(ରବିନାରାୟଣ ଜେନା)

**ଖସିପାରିବେନି ଠକ କର୍ମଚାରୀ**

ପ୍ରଶାସନକୁ ଅଧିକ ଗତିଶୀଳ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଏଣିକି ଯେଉଁ କର୍ମଚାରୀମାନେ କାର୍ଯ୍ୟରେ ଅବହେଳା କରୁଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟରେ ଲଗାଯିବ। ଏଥିସହିତ ଯେଉଁମାନେ ଉତ୍ତମ ପ୍ରଦର୍ଶନ କରିବେ ସେମାନଙ୍କୁ ପୁରସ୍କୃତ କରାଯିବ। ପ୍ରତିମାସରେ 'ବେଷ୍ଟ କର୍ମଚାରୀ ପୁରସ୍କାର' ପ୍ରଦାନ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

ଉନ୍ନୟନ ଆୟୁକ୍ତ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଗତ ମେ'୨୮ରେ ସମସ୍ତ ବିଭାଗକୁ ଅବଗତ କରାଯାଇଛି। ବିଭାଗ ପକ୍ଷରୁ ମଧୁସ୍ମିତା ସାମଲ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଏଣିକି ପ୍ରତ୍ୟେକ ବିଭାଗ ନିଜେ ନିଜେ ସ୍ଥିର କରିବ ଯେ କିଏ ହେବ ବେଷ୍ଟ କର୍ମଚାରୀ। ଏଥିପାଇଁ ୬ଟି ମାନଦଣ୍ଡକୁ ବିଭାଗ ପକ୍ଷରୁ ଧ୍ୟାନଦେବାକୁ ହେବ। ସେଥିମଧ୍ୟରେ ଯେଉଁ କର୍ମଚାରୀ ନିୟମିତ କାର୍ଯ୍ୟାଳୟ ଆସୁଥିବେ ଏବଂ ବାୟୋମେଟ୍ରିକ୍‌ରେ ତାଙ୍କ ଉପସ୍ଥାନ ପକାଉଥିବେ। ଏହାସହ 'ଓସ୍ୱାସ୍' ଜରିଆରେ ଅଧିକ ଫାଇଲ ପ୍ରେରଣ କରୁଥିବେ, ଯେଉଁଥିରେ କି ଗୁଣାତ୍ମକ ନଥିଗୁଡ଼ିକ ସାମିଲ ଥିବ। ଡ୍ରାଫ୍ଟିଙ୍ଗ୍‌ର ମାନ ଠିକ୍ ଥିବ, ବିଶେଷକରି ଡ୍ରାଫ୍ଟିଙ୍ଗ୍ ଓଡ଼ିଆରେ ହୋଇଥିବ। ଆଇ-ଗଟ୍ ତାଲିମ୍‌ରେ ଯୋଡ଼ି ହୋଇଥିବେ। ଏସବୁ ଦିଗକୁ ତର୍ଜମାକରି ବିଭାଗ ପକ୍ଷରୁ ବେଷ୍ଟ କର୍ମଚାରୀ ପୁରସ୍କାର ଦେବା ପାଇଁ ସୁପାରିସ୍ ଆସିବା ଆବଶ୍ୟକ।

ସେହିପରି ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, କେତେଜଣ କର୍ମଚାରୀ ଯଥା ଏଏସ୍‌ଓ ଏବଂ ଏସ୍‌ଓମାନେ ସଂଖ୍ୟାଧିକ ନଥି ପ୍ରସ୍ତୁତ କରୁଥିବାବେଳେ ଆଉ କେତେଜଣ ଗୋଟିଏ ଦୁଇଟିରେ ସୀମିତ ରହୁଛନ୍ତି। ଏଣିକି ସମ୍ପୃକ୍ତ କର୍ମଚାରୀଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟଭାରକୁ ସମାନୁପାତିକ ଭାବେ ବଣ୍ଟନ କରାଯିବ। ସମ୍ପୃକ୍ତ ବିଭାଗ ସମସ୍ତ କାର୍ଯ୍ୟକୁ ଏବେ ନିରୀକ୍ଷଣ କରିବ। କେଉଁ ଏଏସ୍‌ଓ ଏବଂ ଏସ୍‌ଓ କିଭଳି କାର୍ଯ୍ୟ କରୁଛନ୍ତି ତାହାର ଟିକିନିଖି ହିସାବ ସରକାରଙ୍କୁ ପ୍ରଦାନ କରିବାକୁ ପଡ଼ିବ। କେତେକ କ୍ଷେତ୍ରରେ ନଥି ସଚିବଙ୍କ ନିକଟରେ ପହଞ୍ଚିବାବେଳକୁ ଏହା ୬ ପର୍ଯ୍ୟାୟ ଦେଇ ଯାଉଛି। ତେଣୁ ସରକାର ନିଷ୍ପତ୍ତି ନେବାରେ ବିଳମ୍ବ ହେଉଛି। ଏହି ପ୍ରକ୍ରିୟାକୁ ସରଳ ସହ ବ୍ୟବସ୍ଥିତ କରିବା ଲାଗି ଏଣିକି ତିନୋଟି ପର୍ଯ୍ୟାୟରେ ନଥି ସଚିବଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ସେଥିମଧ୍ୟରେ ପ୍ରଥମେ ଏଏସ୍‌ଓ ଏବଂ ଏସ୍‌ଓମାନେ ନଥି ପ୍ରସ୍ତୁତ କରିବେ। ଏହାପରେ ଡେସ୍କ ଅଫିସର/ଅନୁସଚିବ କିମ୍ବା ଉପସଚିବ ଅନୁଧ୍ୟାନ କରିବେ। ଶେଷରେ ଯୁଗ୍ମ ସଚିବ/ଅତିରିକ୍ତ ସଚିବ କିମ୍ବା ସ୍ୱତନ୍ତ୍ର ସଚିବ ଉକ୍ତ ନଥିକୁ ତଦାରଖ କରି ସଚିବଙ୍କୁ ପ୍ରେରଣ କରିବେ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି।

IHM RANCHI | Jharkhand Tourism | NCHMCT

INSTITUTE OF HOTEL MANAGEMENT CATERING TECHNOLOGY AND APPLIED NUTRITION
होटल प्रबंधन खानपान प्रौद्योगिकी एवं अनुप्रयुक्त पोषण संस्थान
(An Autonomous Institution under Department of Tourism, Art & Culture, Sports and Youth Affairs, Government of Jharkhand)
(Affiliated to National Council for Hotel Management and Catering Technology, Ministry of Tourism, Government of India)

MADE IN JHARKHAND, MADE FOR THE WORLD
ADMISSIONS OPEN 2025-2026
E-Kalyan Scholarship Available/ ई-कल्याण स्कॉलरशिप उपलब्ध है
Ranked 1 EMERGING HOTEL MANAGEMENT COLLEGES INDIA TODAY

APPLY NOW
FOR ANY QUERIES PLEASE CONTACT
9162724666, 9162336888

| क्र.सं./ S. NO | कोर्स का नाम/COURSES | शैक्षिक योग्यता/ EDUCATION QUALIFICATION | अवधि/ DURATION |
| --- | --- | --- | --- |
| 1. | डिप्लोमा इन फ्रंट ऑफिस ऑपरेशन/ DIPLOMA IN FRONT OFFICE OPERATION | 12वीं पास या समकक्ष/ 12TH PASS OR EQUIVALENT | 1 ½ वर्ष/ 1 ½ YEARS |
| 2. | डिप्लोमा इन हाउसकीपिंग ऑपरेशन/ DIPLOMA IN HOUSEKEEPING OPERATION | 12वीं पास या समकक्ष/ 12TH PASS OR EQUIVALENT | 1 ½ वर्ष/ 1 ½ YEARS |
| 3. | सर्टिफिकेट कोर्स इन प्रोफेशनल बारटेंडिंग/ CERTIFICATE COURSE IN PROFESSIONAL BARTENDING | 10+2 या समकक्ष/ 10+2 OR EQUIVALENT | 24 सप्ताह/ 24 WEEKS |
| 4. | क्राफ्टमैनशिप सर्टिफिकेट कोर्स इन फूड प्रोडक्शन एंड पेस्ट्री/ CRAFTSMANSHIP CERTIFICATE COURSE IN FOOD PRODUCTION & PATISSERIE | 10वीं पास या समकक्ष/ 10TH PASS OR EQUIVALENT | 1 ½ वर्ष/ 1 ½ YEARS |
| 5. | क्राफ्टमैनशिप सर्टिफिकेट कोर्स इन फूड एंड बेवरेज सर्विस/ CRAFTSMANSHIP CERTIFICATE COURSE IN FOOD & BEVERAGE SERVICE | 10वीं पास या समकक्ष/ 10TH PASS OR EQUIVALENT | 6 माह/ 6 MONTHS |

LAST DATE FOR APPLICATION 20.06.2025
IHMRanchi | ihm-ranchi | IHMRANCHI1 | IHMRanchi | ihmranchi | admission@ihmranchi.in | www.ihmranchi.in
PR 353583 Tourism, Art Culture Sports And Youth Affairs (25-26)D

ହେ ସୃଷ୍ଟିକର୍ତ୍ତା ପରମେଶ୍ୱର ! ତୁମର ଶକ୍ତି କେତେ ବିଶାଳ ! ତୁମ ଆନନ୍ଦର ଗୋଟିଏ ମାତ୍ର କଣା, ଆମକୁ ଘେରି ରହିଥିବା ସମସ୍ତ ଅନ୍ଧକାର, ସମସ୍ତ ଦୁଃଖ ପୋଛି ଦେଇପାରିବ। ତୁମ ମହିମାର ଗୋଟିଏ ମାତ୍ର ରଶ୍ମି, ନିସ୍ତେଜ ଉପଖଣ୍ଡକୁ ପ୍ରଭାମୟ କରିଦେଇପାରେ ଏବଂ ଚରମ ଅଜ୍ଞାନତାକୁ ମଧ୍ୟ ଉଦ୍‌ଭାସିତ କରିଦେଇପାରେ। -ଶ୍ରୀମା



# ପିଲାଖେଳ ନୁହେଁ

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପକ୍ଷରୁ କରାଯାଇଥିବା 'ଅପରେଶନ ସିନ୍ଦୂର'କୁ ନେଇ ପ୍ରତି ଦିନ କିଛି ନା କିଛି ନୂଆ ଘଟଣା ପଦାକୁ ଆସୁଛି। ସତ୍ୟ ବିଷୟ ଉପରେ ଦୃଷ୍ଟି ଦେଲେ ଉକ୍ତ ଅଭିଯାନ ପରେ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇ ଭାରତର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଅନିଲ ଚୌହାନ ସିଙ୍ଗାପୁରରେ ଆୟୋଜିତ ଶାଙ୍ଗ୍ରି-ଲା ଡାଏଲଗ୍‌ରେ କହିଛନ୍ତି, ଭାରତ ଓ ପାକିସ୍ତାନ ମଧ୍ୟରେ ମେ ୭ରୁ ୧୦ ଯାଏ ହୋଇଥିବା ସଂଘର୍ଷରେ ଭାରତୀୟ ଯୁଦ୍ଧବିମାନ ଖସିଥିଲା। କେତେ ଲଢ଼ୁଆ ବିମାନ ଖସିଛି ସେହି ସଂଖ୍ୟା ଗୁରୁତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ କାହିଁକି ଖସିଥିଲା ତାହା ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ସେ କହିବା ବେଳେ ଭାରତର ୬ ଯୁଦ୍ଧ ବିମାନକୁ ଖସାଇଥିବା ନେଇ ପାକିସ୍ତାନ ଦାବିକୁ ଖଣ୍ଡନ କରିଛନ୍ତି। ଭାରତର ସର୍ବୋଚ୍ଚ ର୍‍ୟାଙ୍କର ସାମରିକ ଅଧିକାରୀଙ୍କ ଏଭଳି ସ୍ୱୀକାରୋକ୍ତି ସ୍ପଷ୍ଟ କରିଦେଲା ଯେ, ଭାରତ ଅପରେଶନ ସିନ୍ଦୂରରେ ଯୁଦ୍ଧବିମାନ ହରାଇଛି। ଏଥିରେ କେହି ବ୍ୟତିବ୍ୟସ୍ତ ହେବାର କାରଣ ନାହିଁ। ଯୁଦ୍ଧରେ ଉଭୟ ପକ୍ଷର କ୍ଷତି ଘଟିବା ସ୍ୱାଭାବିକ। ଉଦାହରଣ ସ୍ୱରୂପ, ଜୁନ୍ ୧ରେ ଛୋଟିଆ ଦେଶ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣରେ ବିରାଟକାୟ ରାଷ୍ଟ୍ର ରୁଷିଆର ୪୦ରୁ ଅଧିକ ଲଢ଼ୁଆ ବିମାନ ଏକସଙ୍ଗେ ଧ୍ୱଂସ ପାଇଗଲା। ଲକ୍ଷ୍ୟ କରିବାର କଥା ଯେ, ଏହି କ୍ଷତିକୁ ତତ୍‌କ୍ଷଣାତ୍ ରୁଷିଆ ସରକାର ଗଣମାଧ୍ୟମରେ ସ୍ୱୀକାର ମଧ୍ୟ କରିଛି। ଆଧୁନିକ ଯୁଗରେ ଅସତ୍ୟର ଆଶ୍ରୟ ନେଲେ ଧରାପଡ଼ିବାର ସମ୍ଭାବନା ଅଧିକ। ଅପରପକ୍ଷରେ ଦେଶବାସୀ ଏବଂ ବାହାର ଲୋକଙ୍କ ପାଇଁ ସତ୍ୟ ସ୍ୱୀକାର କଲେ ସମ୍ମାନହାନି ହୁଏ ନାହିଁ ବୋଲି ରୁଷିଆ ପ୍ରକାଶ କରିଛି।

ଅପରେଶନ ସିନ୍ଦୂର ପରେ କେନ୍ଦ୍ର ସରକାର କହୁଥିଲେ ଯେ, ଭାରତ ପଟରେ କୌଣସି ଅଘଟଣ ହୋଇ ନାହିଁ, ବରଂ ପାକିସ୍ତାନ ଅନେକ ମାତ୍ରାରେ କ୍ଷତି ସହିଛି। କିନ୍ତୁ ସେହି ସାମରିକ କାର୍ଯ୍ୟାନୁଷ୍ଠାନକୁ ଯେତିକି ଦିନ ବିତୁଛି ନୂଆ ନୂଆ କଥାସବୁ ପଦାକୁ ଆସୁଛି। ସିଡିଏସ୍ ଜେନେରାଲ ଚୌହାନଙ୍କ ପୂର୍ବରୁ ୨୯ ମେ'ରେ ବାୟୁସେନା ମୁଖ୍ୟ ଅମରପ୍ରୀତ ସିଂ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ବାର୍ଷିକ ବ୍ୟବସାୟିକ ସମ୍ମିଳନୀରେ କହିଥିଲେ, ପ୍ରତିରକ୍ଷା ସାମଗ୍ରୀ ସଂକ୍ରାନ୍ତରେ ଚୁକ୍ତି ସ୍ୱାକ୍ଷର ହେଉଥିଲେ ମଧ୍ୟ ସେଗୁଡ଼ିକ ଠିକ୍ ସମୟରେ ପହଞ୍ଚିପାରୁ ନାହିଁ। ଏଥିରୁ ଏହା ବୁଝି ହେଉଛି ଯେ, ଭାରତ ତା'ର ସାମରିକ ଶକ୍ତିକୁ ଦର୍ଶାଇବାକୁ ଯାଇ ଯେଉଁ ସ୍ଥିତି ସୃଷ୍ଟି ହୋଇଛି ସେଥିରେ ସବୁକିଛି ଠିକ୍ ଠାକ୍ ଚାଲିନାହିଁ। ଏଥିରୁ ଖୁବ ଟାଣି ଚିନ୍ତା କରାଗଲେ ଯେଉଁ ପ୍ରସଙ୍ଗ ନୂଆ ଆଲୋଚନାର ଅପେକ୍ଷା ରଖୁଛି ତାହା ହେଲା ରାଜନୈତିକ ବ୍ୟାଖ୍ୟାନ ସହିତ ସାମରିକ ବାହିନୀର ସର୍ବୋଚ୍ଚ କର୍ତ୍ତୃପକ୍ଷଙ୍କ କଥାରେ ପାର୍ଥକ୍ୟ ଦୃଶ୍ୟମାନ ହେଉଛି। ହୁଏତ ସେଥିପାଇଁ ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡିଆ)ରେ ଏବେ ଜେହାଦୀ, ପାକିସ୍ତାନୀ ଏବଂ ମୁସଲମାନଙ୍କୁ ବିରୋଧ କରିବା ପରିବର୍ତ୍ତେ ଅନେକ ଦେଶପ୍ରେମୀ ବାୟୁସେନା ମୁଖ୍ୟ ଓ ସିଡିଏସ୍‌ଙ୍କୁ କଟୁ ସମାଲୋଚନା ଆରମ୍ଭ କଲେଣି।

ଜେନେରାଲ ଅନିଲ ଚୌହାନଙ୍କ ବିବୃତି ପରେ କେହି ସୋସିଆଲ ମିଡିଆ ବ୍ୟବହାରକାରୀମାନେ ପ୍ରଶ୍ନ ଉଠାଉଛନ୍ତି ଯେ, ସର୍ବୋଚ୍ଚ ସେନା ଅଧିକାରୀଙ୍କ ମନ୍ତବ୍ୟ ପ୍ରଥମେ ଅନ୍ତର୍ଜାତୀୟ ଗଣମାଧ୍ୟମକୁ ଜଣାଇବା ପୂର୍ବରୁ ଭାରତର ସଂସଦ ବା ନାଗରିକଙ୍କୁ ଜଣାଇବାର ଥିଲା। ଏଠାରେ ମନେରଖିବାକୁ ହେବ ଯେ, ଭାରତର ଅଧିକାଂଶ ଗଣମାଧ୍ୟମ ଏବେ ସରକାର ବିରୋଧୀ ମନ୍ତବ୍ୟ ପ୍ରକାଶ କରିବା ପାଇଁ ଭୟ କରୁଛନ୍ତି। ସେମାନଙ୍କ ଭୟ ମଧ୍ୟ ସ୍ୱାଭାବିକ। କାରଣ ଯୁଦ୍ଧ ବାତାବରଣରେ କୌଣସି ଅଖାଡ଼ୁଆ ମନ୍ତବ୍ୟ ପ୍ରକାଶ କରିଦେଲେ ତାହା ରାଷ୍ଟ୍ର ବିରୋଧୀ ବୋଲି ବିବେଚିତ ହେଉଛି। ସମ୍ଭବତଃ ସେଥିପାଇଁ ସିଡିଏସ୍ ଜେନେରାଲ ଚୌହାନ, ଯିଏକି ଏହି ସରକାରଙ୍କ ଦ୍ୱାରା ସେହି ପଦବୀ ପାଇଁ ମନୋନୀତ ହୋଇଛନ୍ତି, ସୁଯୋଗ ଦେଖି ସତ୍ୟ ମତ ଦେଇଛନ୍ତି। ଓଡ଼ିଆରେ ଢଗ ଅଛି- 'ସ୍ଥାନ କାଳ ପାତ୍ର'। ବୁଦ୍ଧିଆ ଲୋକ ନିଶ୍ଚିତ ଭାବରେ ପରିସ୍ଥିତିକୁ ଲକ୍ଷ୍ୟ କରି ନିଜର କାର୍ଯ୍ୟ କରିଥାନ୍ତି। ସେଥିପାଇଁ ଜେନେରାଲ ଚୌହାନଙ୍କ ଅଭିଜ୍ଞତାକୁ ସମ୍ମାନ ଦେଇ ସ୍ୱୀକାର କରିବାକୁ ହେବ ଯେ, ତାଙ୍କର ସାମରିକ ଜ୍ଞାନ ତୁଳନାରେ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀଙ୍କ ଜ୍ଞାନ ଗୋଟିଏ ସ୍ତରର କେବେହେଲେ ହୋଇ ନ ଥିବ। ତେଣୁ ଆଧୁନିକ ଯୁଗରେ ସତ୍ୟର ଆଶ୍ରୟ ନେବା ହେଉଛି ବୁଦ୍ଧିମାନର କାର୍ଯ୍ୟ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀର ଗୋଏବେଲ୍‌ସ ଅନେକ ମିଥ୍ୟା ପ୍ରଚାର କରିଚାଲିଥିଲେ। ସେହି ପ୍ରବଳ ଅସତ୍ୟର ଆଶ୍ରୟ ନେବା ଫଳରେ ତାଙ୍କର ନେତା ଆଡଲଫ୍ ହିଟଲରଙ୍କ ପାଖରେ ଯୁଦ୍ଧର ବାସ୍ତବ ଚିତ୍ର ପହଞ୍ଚି ପାରିଲା ନାହିଁ। ସେତେବେଳେ ଶକ୍ତିଶାଳୀ ଜର୍ମାନୀ ଏବଂ ତା'ର ସହଯୋଗୀ ଦେଶଗୁଡ଼ିକର ପରିସ୍ଥିତି କେଉଁ ମୋଡ଼ ନେଲା ତାହା ମାନବ ଇତିହାସରେ ସବୁବେଳେ ଲିପିବଦ୍ଧ ହୋଇ ରହିବ। ଆଜିର ଯୁଗ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟ ମଧ୍ୟରେ ଅନେକ ଅନ୍ତର ସୃଷ୍ଟି ହୋଇଗଲାଣି। ବିଶ୍ୱ ଶକ୍ତି ଭାବେ ପରିଚିତ ଥିବା ଆମେରିକା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ କୋରିଆ, ଭିଏତନାମ, ଇରାକ ଏବଂ ଆଫଗାନିସ୍ତାନ ଭଳି ସବୁ ଯୁଦ୍ଧରେ ପରାଜୟ ସ୍ୱୀକାର କରିଛି। ସେହିଭଳି ଦ୍ୱିତୀୟ ବିଶ୍ୱଶକ୍ତି ଭାବେ ପୂର୍ବରୁ ପରିଚିତ କମ୍ୟୁନିଷ୍ଟ ସୋଭିଏତ୍ ରୁଷିଆ ତା'ର ପଡ଼ୋଶୀ ଦେଶ ଆଫଗାନିସ୍ତାନରେ ଲାଗୁଡ଼ୁଯାକି ଯେଉଁଭଳି ପରାଜୟ ବରଣ କଲା, ତାହା ସମସ୍ତେ ଜାଣନ୍ତି। ଯୁଦ୍ଧର ଆଖ୍ୟା, ପରିଭାଷା ଓ ଚରିତ୍ରରେ ପରିବର୍ତ୍ତନ ଘଟିଲାଣି। ଭାରତୀୟମାନେ କେବେହେଲେ ନିଜ ଦୁଆରମୁହଁରେ ଯୁଦ୍ଧ ଦେଖିନାହାନ୍ତି। ଆମ ପାଇଁ ଅରୁଣାଚଳ, କାର୍ଗିଲ କିମ୍ବା କଶ୍ମୀରରେ ଯୁଦ୍ଧ ହୋଇଥାଏ। ମନେରଖିବାକୁ ହେବ ଯେ ବଡ଼ବଜାର, ଶହୀଦ ନଗର, ଛତ୍ରବଜାର, ବଡ଼ଦାଣ୍ଡ କିମ୍ବା ଅଇଁଠାପାଳିରେ ଯୁଦ୍ଧର ସମ୍ଭାବନା ଆମ ଚିନ୍ତା ବାହାରେ। ସେଥିପାଇଁ ଆଜି ଯେଉଁ ଭାରତୀୟମାନେ ଜେନେରାଲ ଚୌହାନଙ୍କୁ ଅଭଦ୍ର ଭାଷା ବ୍ୟବହାର କରି ଗାଳିଗୁଲଜ କରୁଛନ୍ତି, ସେମାନେ ମନେରଖିବା ଦରକାର ଯେ ଯୁଦ୍ଧ କେବେ ହେଲେ ପିଲାଙ୍କ ଖେଳ ନୁହେଁ।

# ଯୋଗ୍ୟତାର ପରିମାପ



ଅଧ୍ୟାପକ ଗୋପବନ୍ଧୁ

ରାଷ୍ଟ୍ର ପରିଚାଳନାରେ ଯୋଗ୍ୟ ବ୍ୟକ୍ତିଙ୍କ ଆବଶ୍ୟକତା ଯଥେଷ୍ଟ ରହିଛି। ବିଭିନ୍ନ କ୍ଷେତ୍ରରେ ଯୋଗ୍ୟ ବ୍ୟକ୍ତିଙ୍କ ଚୟନ ପାଇଁ ରାଷ୍ଟ୍ର ମାନଦଣ୍ଡ ତିଆରି କରିଥାଏ। ଆମ ଦେଶରେ ମଧ୍ୟ ବିଭିନ୍ନ ପଦପଦବୀଙ୍କ ପାଇଁ ଯୋଗ୍ୟ ବ୍ୟକ୍ତିଙ୍କ ଚୟନ ହୁଏ। ଶିକ୍ଷା କ୍ଷେତ୍ରରେ ଆଡ୍‌ମିଶନ ପାଇଁ ଯୋଗ୍ୟଙ୍କ ଚୟନ ହୋଇଥାଏ। ପରୀକ୍ଷାରେ ଯେଉଁମାନେ ଅଗ୍ରଣୀ ହୁଅନ୍ତି, ତାଙ୍କୁ ମେଧାବୀ କୁହାଯାଏ। ଚାକିରି କ୍ଷେତ୍ରରେ ମଧ୍ୟ ଯୋଗ୍ୟ ବ୍ୟକ୍ତିଙ୍କ ଚୟନ ହୁଏ; ଯେଉଁମାନେ ଦେଶର ପ୍ରଶାସନିକ ସେବା, ବୈଷୟିକ ବିଭାଗ, କାରିଗରି, ଚିକିତ୍ସା, ନ୍ୟାୟପାଳିକା ପ୍ରଭୃତି ଦାୟିତ୍ୱ ତୁଲାନ୍ତି। ସେ ଚାକିରି ହେଉ କି ଶିକ୍ଷା , ଦେଶର ନାଗରିକ ଚାହାନ୍ତି ଯେ, ଯେଉଁମାନେ ଯୋଗ୍ୟ ଓ ରାଷ୍ଟ୍ର ଗଠନରେ ପାରଦର୍ଶୀ ସେମାନେ ମନୋନୀତ ହୁଅନ୍ତୁ। ଏହି ପ୍ରକାର ବ୍ୟକ୍ତିମାନଙ୍କ ଚୟନ ପାଇଁ ଯେଉଁ ମାନଦଣ୍ଡ ତିଆରି ହୁଏ, ତାହା ଠିକ୍ ହେବା ଆବଶ୍ୟକ। କିନ୍ତୁ ବେଳେବେଳେ ମନେହୁଏ, ଆମ ଦେଶରେ ମେଧାବୀ ବା ଯୋଗ୍ୟ ବ୍ୟକ୍ତି ଚୟନ କ୍ଷେତ୍ରରେ ଠିକ ମାନଦଣ୍ଡ ନାହିଁ। ଯେଉଁ ସମସ୍ତ ବିଷୟକୁ ମାନଦଣ୍ଡ ରୂପେ ଗ୍ରହଣ କରାଯାଇଛି, ତାହା ଦ୍ୱାରା ଉପଯୁକ୍ତ ବ୍ୟକ୍ତିମାନେ ମନୋନୀତ ହୋଇପାରୁ ନାହାନ୍ତି ବୋଲି କେତେକ ଅଭିଯୋଗ କରନ୍ତି। ଯୋଗ୍ୟ ବ୍ୟକ୍ତିମାନେ ଯଦି ସମସ୍ତ କ୍ଷେତ୍ରରେ ମନୋନୀତ ହେଉଥାନ୍ତେ, ତେବେ ଦେଶର ଶାସନ ଓ ପ୍ରଶାସନରେ ଏତେ ଭ୍ରଷ୍ଟାଚାର ଓ ଅପାରଗତା ଦେଖାଦେଉ ନଥାନ୍ତା। କୌଣସି କାମ ପାଇଁ ଉତ୍କୋଚ ଦେବା ପାଇଁ ପଡ଼ୁ ନଥାନ୍ତା। ଗୋଟିଏ ଟେବୁଲରୁ ଆଉ ଗୋଟିଏ ଟେବୁଲକୁ ଫାଇଲ ଯିବା ପାଇଁ ମାସମାସ ସମୟ ଲାଗୁ ନଥାନ୍ତା। ରାସ୍ତା ତିଆରି ହେବାର ୬ ମାସ ନ ପୂରୁଣୁ ତାହା ନଷ୍ଟ ହୋଇଯାଉ ନଥାନ୍ତା। ତିଆରି ନ ସରୁଣୁ ପୋଲ ଭୁଶୁଡ଼ି ପଡ଼ୁ ନଥାନ୍ତା। ଭୁଲ୍ ଇଞ୍ଜେକ୍‌ଶନ ଓ ଭୁଲ୍ ରକ୍ତ ପ୍ରଦାନ ଯୋଗୁଁ ରୋଗୀ ମରୁ ନଥାନ୍ତେ। ଶିକ୍ଷା କ୍ଷେତ୍ରରେ ଦେଶ ଏତେ ପଛରେ ପଡ଼ି ନଥାନ୍ତା। ଭୋକିଲା ସୂଚକାଙ୍କରେ ଭାରତ ୧୧୧ତମ ସ୍ଥାନରେ ନଥାନ୍ତା। ଯୋଗ୍ୟତାର ମାପକାଠିରେ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀମାନେ ଉତ୍କୋଚ ନେଇ ଧରାପଡ଼ୁ ନଥାନ୍ତେ। ଏମାନେ ଦେଶର ଗୁପ୍ତ ତଥ୍ୟକୁ ବିକ୍ରିକରୁ ନଥାନ୍ତେ। ନ୍ୟାୟପାଳିକାରେ କୋଟି କୋଟି କେଶ ଫଇସଲା ନ ହୋଇ ବର୍ଷ ବର୍ଷ ଧରି ପଡ଼ିରହୁ ନଥାନ୍ତା। ଦେଶରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି ହେଉ ନଥାନ୍ତା।

ଦେଶରେ ଯେଉଁ ଯୋଗ୍ୟତାର ମାନଦଣ୍ଡ ନିର୍ଣ୍ଣୟ ହୋଇଛି, ତାହା ପର୍ଯ୍ୟାପ୍ତ ପରି ମନେହୁଏ ନାହିଁ। ଶିକ୍ଷା କ୍ଷେତ୍ରରେ ସେହିମାନେ ଯୋଗ୍ୟ, ଯେଉଁମାନେ ଅଧିକ ମନେରଖି ପାରନ୍ତି ଓ ଏହାକୁ ଠିକ୍ ଭାବେ ଲେଖିପାରନ୍ତି। ଅର୍ଥାତ୍ ଶିକ୍ଷାରେ ଘୋଷିବା ଓ ଲେଖିବା ଯୋଗ୍ୟତାର ମାନଦଣ୍ଡ। ଏଥିରେ ସୃଜନଶୀଳତା ଓ ଉତ୍କୃଷ୍ଟ ନୂତନତାର ଅନ୍ୱେଷଣ



ମୁଖ୍ୟ ମାନଦଣ୍ଡ ଭାବେ ଗୃହୀତ ହୁଏ ନାହିଁ। ପରୀକ୍ଷା ପରେ ଛାତ୍ରୀଛାତ୍ରମାନଙ୍କୁ ଯେଉଁ ଯୋଗ୍ୟତାର ପ୍ରମାଣପତ୍ର ମିଳେ, ତାହା କେବଳ ତାର ସ୍ମୃତିର ମାନକ ହୋଇଥାଏ। ଏହା ତା'ର ମାନସିକତାର ଓ ପ୍ରୟୋଗାତ୍ମକ ଦକ୍ଷତାର ପ୍ରକୃତ ପରିମାପକ ନୁହେଁ। ସେହିପରି ବିଭିନ୍ନ ଚାକିରି ପାଇଁ ଯେଉଁ ପରୀକ୍ଷା ଓ ଏହାର ମାନଦଣ୍ଡ ଗ୍ରହଣ କରାଯାଏ, ତାହା ମଧ୍ୟ ସମ୍ପୂର୍ଣ୍ଣ ମାନକ ରୂପେ ବିବେଚିତ ହୁଏ ନାହିଁ। ଏଥିରେ ଘୋଷିବା ଓ ଲେଖିବା ଉପରେ ପ୍ରାଧାନ୍ୟ ଦିଆଯାଏ। ସାକ୍ଷାତ୍‌କାର ପରୀକ୍ଷାରେ ଜଣକର ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣଭାବେ ପରିସ୍ଫୁଟ ହେଲାପରି ମନେହୁଏ ନାହିଁ। ଚାକିରି ଚୟନ କ୍ଷେତ୍ରରେ ଜଣକର ସଚ୍ଚୋଟତା, ମାନବିକତା, ନୈତିକତା, ରାଷ୍ଟ୍ରୀୟ ଭାବନା, ବୈଜ୍ଞାନିକ ଚେତନା, ସୃଜନଶୀଳତା, ବିଭିନ୍ନ କ୍ଷେତ୍ରରେ ପ୍ରୟୋଗାତ୍ମକ ଜ୍ଞାନ ଇତ୍ୟାଦିକୁ ଗୁରୁତ୍ୱ ଦିଆଯାଏ ନାହିଁ। ଫଳରେ ଯେଉଁମାନେ ଚାକିରି କ୍ଷେତ୍ରକୁ ପଶିଆସନ୍ତି, ସେମାନେ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରନ୍ତି ନାହିଁ।

ଅନେକ ସମୟରେ ଯୋଗ୍ୟତାର ଆଲୋଚନା ସମୟରେ ସୁପାରିସ ଓ ପୂର୍ବ ଧାରଣାକୁ ବିଚାରର ପରିସରଭୁକ୍ତ କରାଯାଏ ନାହିଁ। ଏବେବି ଅନେକଙ୍କ ଧାରଣା ଯେ ଯୋଗ୍ୟତା ଜାତି ଆଧାରରେ ଆସେ। ସମାଜର ତଥାକଥିତ ଉଚ୍ଚ ଜାତିର ଲୋକମାନେ ଜନ୍ମଗତ ଭାବେ ଯୋଗ୍ୟ। ଅନ୍ୟମାନେ ଅଯୋଗ୍ୟ। ଏ ପ୍ରକାର ଅବଧାରଣା ହଜାର ହଜାର ବର୍ଷଧରି ରହିଆସିଛି। ସମାଜ ତଳ ସ୍ତରର ଲୋକମାନଙ୍କ ଯୋଗ୍ୟତାକୁ ଏଯାଏଁ ସ୍ୱୀକାର କରିପାରି ନାହିଁ। ଯେଉଁମାନେ ବି ଯୋଗ୍ୟ ବାହାରିଛନ୍ତି, ତାଙ୍କ ଯୋଗ୍ୟତାକୁ ନଷ୍ଟ କରିଦେବାର ବ୍ୟବସ୍ଥା ହୋଇଛି। ରାମାୟଣରେ ସମ୍ବୁକ ଓ ମହାଭାରତରେ ଏକଲବ୍ୟ ଏହାର ଉଦାହରଣ। ମେଧାବୀ ବା ଯୋଗ୍ୟ ବ୍ୟକ୍ତି ଚୟନ କ୍ଷେତ୍ରରେ ଏ ମାନସିକତା ଏବେବି ରହିଛି। ଯୋଗ୍ୟତା ଚୟନ କ୍ଷେତ୍ରରେ ସୁପାରିସ ଓ ଭାଇ ଭତିଜାବାଦ ପ୍ରବଳ ମାତ୍ରାରେ ରହିଛି।

ଯୋଗ୍ୟତା ଚୟନ କ୍ଷେତ୍ରରେ ସଂରକ୍ଷଣ ମୁଖ୍ୟ ପ୍ରତିବନ୍ଧକ ବୋଲି ଅନେକେ ଅଭିଯୋଗ କରିଆସିଛନ୍ତି। ଏମାନେ ଅଳ୍ପ ନମ୍ବର ରଖି ଶିକ୍ଷାନୁଷ୍ଠାନରେ ଆଡ୍‌ମିଶନ ଓ ଚାକିରିରେ ନିଯୁକ୍ତି ପାଉଥିବା ଅଭିଯୋଗ ହୁଏ। କିନ୍ତୁ ବେସରକାରୀ ଅନୁଷ୍ଠାନରେ ଧନୀ ବର୍ଗର ପିଲାମାନେ ଆହୁରି କମ୍ ନମ୍ବର ରଖି ଡୋନେଶନ ଦେଇ ଆଡ୍‌ମିଶନ ହେଲେ କିମ୍ବା ସୁପାରିସ ମାଧ୍ୟମରେ ନିଯୁକ୍ତି ପାଇଲେ ତାହା ଯୋଗ୍ୟତା ହାନି ଘଟାଏ ବୋଲି ଅଭିଯୋଗ ହୁଏ ନାହିଁ। ଯେଉଁ ସଂରକ୍ଷିତ ବର୍ଗର ପିଲାମାନଙ୍କୁ ଅଯୋଗ୍ୟ ବୋଲି ଅଭିଯୋଗ କରାଯାଏ, ସେମାନେ ମନେରଖିବା ଓ ଲେଖିବା କ୍ଷେତ୍ରରେ ଦୁର୍ବଳ ହୋଇଥାଇ ପାରନ୍ତି। କାରଣ ଜଣେ ସମସ୍ତ ସୁବିଧା ପାଇ ପ୍ରାରମ୍ଭରୁ ଇଂଲିଶ୍ ମାଧ୍ୟମ ସ୍କୁଲରୁ ଶିକ୍ଷାଲାଭ କରିଥିବା ପିଲା ଇଂଲିଶ୍‌ରେ ଭଲ ଲେଖିବା ଓ କହିବା ସ୍ୱାଭାବିକ। କିନ୍ତୁ ଜଣେ ପିଲାଦିନୁ ଅଭାବ ଅନଟନ ମଧ୍ୟରେ ଗାଁ ସ୍କୁଲରେ ଦୁଇ ତିନୋଟି ଭାଷା ଶିଖିବା ପରେ ଇଂଲିଶ୍ ଭାଷା ଶିଖିଥିଲେ ସେ ଏଥିରେ ଏତେ ପାରଙ୍ଗମ ହୋଇପାରିବ ନହିଁ। ଏପରି କ୍ଷେତ୍ରରେ ସେ ମାଧବୀ ବା ଯୋଗ୍ୟ ନୁହେଁ ବୋଲି କହିବା ଉଚିତ ହେବ ନାହିଁ। ସାକ୍ଷାତ୍‌କାର ପରୀକ୍ଷାରେ ମଧ୍ୟ ବହୁ ଜାତିଗତ ପାତରଅନ୍ତର ହେଉଥିବାର ଅଭିଯୋଗ ଆସୁଛି। ଯେଉଁ ପିଲାକୁ ପାସ୍ କରାଇବାର ଥିବ, ତାକୁ ପଚରାଯିବ ରାବଣର କେତୋଟି ମୁଣ୍ଡ ଓ ଯାହାକୁ ଫେଲ୍ କରିବାର ଥିବ ତାକୁ ପଚରାଯିବ ଆକାଶରେ କେତେ ତାରା ଅଛି।

ସଂରକ୍ଷିତ ବର୍ଗରୁ ଯେଉଁମାନେ ଆସନ୍ତି, ସେମାନେ କର୍ମଠ, ସଚ୍ଚୋଟ, ମାନବବାଦୀ, ରାଷ୍ଟ୍ରବାଦୀ ଓ ନୈତିକତାବାଦୀ ମଧ୍ୟ। ଏମାନେ କୃଷି କାର୍ଯ୍ୟରେ ପାରଙ୍ଗମ, ନିଜ କୌଳିକ ବୃତ୍ତିରେ ପାରଙ୍ଗମ, ରାସ୍ତା ତିଆରି ଓ ଘର ତିଆରିରେ ପାରଙ୍ଗମ, ଲୁହାକାମ, କାଠକାମ, ମାଟିକାମ ଇତ୍ୟାଦିରେ ପାରଙ୍ଗମ। କିନ୍ତୁ ଏମାନଙ୍କ ଏ ଯୋଗ୍ୟତାକୁ ମେଧାବୀ ଚୟନର ମାନଦଣ୍ଡ ରୂପେ ଗ୍ରହଣ କରାଯାଏ ନାହିଁ। ମହାନଗରୀରେ ବଢ଼ିଥିବା ଜଣେ ପରୀକ୍ଷାର୍ଥୀ ଯେ କି ଧାନଗଛ କେବେ ଦେଖିନାହିଁ, ସେ ବହି ପଢ଼ି ମନେ ରଖି ଏହାକୁ ସୁନ୍ଦରଭାବେ ଖାତାରେ ଲେଖିଦେଇପାରେ, କିନ୍ତୁ ଯେଉଁ ପିଲା ଜୀବନସାରା ବାପାଙ୍କୁ ଧାନଚାଷରେ ସାହାଯ୍ୟ କରି ଆସିଛି ସେ ଏହାକୁ ଠିକ୍‌ଭାବେ ଲେଖି ନ ପାରେ, କିନ୍ତୁ ଏଠାରେ ଚାଷୀଘର ପିଲାଟି ହିଁ ଅଧିକ ମେଧାବୀ ରୂପେ ପରିଗଣିତ ହେବା ଉଚିତ। ଯୋଗ୍ୟତା ସମ୍ବନ୍ଧରେ ବିଶିଷ୍ଟ ସମାଜବାଦୀ ନେତା ରାମମନୋହର ଲୋହିଆ ଦେଇଥିବା ଉକ୍ତିଟି ଯଥାର୍ଥ। ସେ କହିଥିଲେ, ଜଣେ ପ୍ରାଚୁର୍ଯ୍ୟ ଓ ସମସ୍ତ ସୁବିଧା ମଧ୍ୟରେ ବଢ଼ିଥିବା ପିଲା ୮୦% ନମ୍ବର ରଖିବା ଯାହା, ଜଣେ ଅଭାବ ଅନଟନ ଓ ଅସୁବିଧା ମଧ୍ୟରେ ବଢ଼ିଥିବା ଗାଉଁଲି ପିଲା ୪୦% ନମ୍ବର ରଖିବା ତାହା। ତେଣୁ ସଂରକ୍ଷିତ ବର୍ଗର ପିଲାମାନଙ୍କୁ କଦାପି ଅଯୋଗ୍ୟ ବୋଲି କୁହାଯାଇ ପାରିବ ନାହିଁ।

ଦେଶର ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ମେଧା ବା ଯୋଗ୍ୟ ଚୟନର ମାନଦଣ୍ଡ ବଦଳିବା ଉଚିତ। ସୃଜନଶୀଳତା, କର୍ମଠତା, ରାଷ୍ଟ୍ରବାଦିତା, ମାନବବାଦିତା, ସଚ୍ଚୋଟତା, ପ୍ରଗତିଶୀଳତା, କର୍ମ ସମ୍ପାଦନର କୁଶଳତା, ବୈଜ୍ଞାନିକ ଚେତନା, ସମାନତା ପ୍ରଭୃତି ମାନଦଣ୍ଡ ହେବା ଉଚିତ। ଯେଉଁମାନଙ୍କ ନିକଟରେ ଏହି ଗୁଣ ଥିବ, ସେହିମାନେ ହିଁ ମେଧାବୀ ବା ଯୋଗ୍ୟ ଭାବେ ପରିଗଣିତ ହେବା ଉଚିତ।

**ଦର୍ଶନ ବିଭାଗ (ଅବସରପ୍ରାପ୍ତ)**
**ବାରିପଦା, ମୟୂରଭଞ୍ଜ**
**ମୋ: ୭୦୦୮୯୭୬୧୮୦**

# ଗାଁ ବଦଳୁଛି



ଡ. ମନୋରଞ୍ଜନ ପ୍ରଧାନ

କିଛିଦିନ ତଳେ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଗୋଟିଏ ଗାଁକୁ ଯାଇଥିଲି। ପିଲାବେଳେ ଦେଖିଥିବା ଗାଁ ବାହାଘର ଆଉ ବର୍ତ୍ତମାନର ବିଭାଘର ଭିତରେ ଭୂମିଭୂମାର ତଫାତ୍। ଆଉ ଜାମୁକୋଳି, ନଡ଼ିଆ, ଦେବଦାରୁ ଡାଳର ଛାମୁଣ୍ଡିଆ ନାହିଁ। ଚାରିଆଡ଼େ ଟେଣ୍ଟ। ଶୁଭ ପାଇଁ କଦଳୀ ଗଛ ବନ୍ଧା ଯିବା କି ଆମ୍ବପତ୍ରରେ ତୋରଣ ପରମ୍ପରା ଆଉ ନାହିଁ। ଭଳିକି ଭଳି ଲାଇଟ ସାଙ୍ଗକୁ ରଙ୍ଗବେରଙ୍ଗର ପ୍ଲାଷ୍ଟିକ ମାଳରେ ଶୋଭିତ ବେଦୀସ୍ଥଳ। ବାହାଘର ପୂର୍ବ ଦିନର ଗନ୍ଧୁଷଣର ଜାଗା ନେଇଛି ହଳଦୀ ଉତ୍ସବ। ତାହା ପୁଣି ସମ୍ପୂର୍ଣ୍ଣ ଉଗ୍ର ଆଧୁନିକ ଢଙ୍ଗରେ। କେବଳ ସେତିକି ନୁହେଁ, ନୂଆ ବୋହୂଟିକୁ ଦେଖିବାକୁ ଆଉ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡ଼ିବନି। ଆଜି ଗାଁରେ ମଧ୍ୟ ପ୍ରି-ୱେଡିଙ୍ଗ୍‌ର ଧୁମ। ମାନେ କିଛିଦିନ ତଳେ ଯେଉଁ ବିବାହ ଉତ୍ସବରେ ଯୋଗଦେଇଥିଲି ତାହା ଏକ ପଲ୍ଲୀ ଗାଁର ଜଣେ ସାଧାରଣ ନିମ୍ନ ମଧ୍ୟବିତ୍ତ ଭାଗଚାଷୀ ପରିବାରର। କିନ୍ତୁ ତାଙ୍କ ନବବିବାହିତ ବରକନ୍ୟା ବିବାହ ପୂର୍ବରୁ ପ୍ରି-ୱେଡିଙ୍ଗ୍ ପାଇଁ ଅନ୍ୟ ରାଜ୍ୟକୁ ଯାଇଥିଲେ, ଯାହାର ପ୍ରମାଣ ମିଳିଥିଲା ବିବାହ ପୂର୍ବ ଦିନ ଗାଁ ଆରମ୍ଭରୁ ଶେଷ ଯାଏ ଲାଗିଥିବା ବରକନିଆଙ୍କ ବିଭିନ୍ନ ଭଙ୍ଗୀରେ ବଡ଼ବଡ଼ ଫଟୋଚିତ୍ର। ଭଲ କଥା କି ଆଉ ନାହିଁ ସେ ଓଢ଼ଣା ପ୍ରଥା। କିନ୍ତୁ ପ୍ରି-ୱେଡିଙ୍ଗ୍ ନାମରେ ଫିଲ୍ମ ହିରୋଇନ ହିରୋମାନଙ୍କ ଭଳି ବିକୃତ ଫଟୋ ଲଗେଇ ଆମେ କି ବାର୍ତ୍ତା ଦେବାକୁ ଚାହୁଁଛୁ ଅନ୍ତତଃ ମୁଁ ବୁଝିପାରିଲି ନାହିଁ। ଦୁଃଖର ବିଷୟ କି ବିବାହର ଆଠଦିନ ପରେ ନବବିବାହିତ ବର ଋଣ ଶୁଝିବା ପାଇଁ ଦାଦନ ଖଟିବାକୁ ଚମ୍ପଟ। ଏହିଭଳି ଅନେକ ପରିବର୍ତ୍ତନ ଆଜି ଗାଁଗୁଡ଼ିକରେ ଦେଖିବାକୁ ମିଳୁଛି। ଗାଁ ବୃଦ୍ଧବୃଦ୍ଧାଙ୍କଠାରୁ ଶୁଣିବାକୁ ପାଇଲି ବିନା ମଦ ଓ ଆମିଷରେ ଗାଁରେ ଭୋଜି କରୁଥିବା ଲୋକ ଏପ୍ରକାର ଉପହାସର ପାତ୍ର।

ସତ କହିବାକୁ ଗଲେ ଗାଁ ନାଁ ଶୁଣିବାପରେ ଆମ ମନରେ ଏକ ଅନନ୍ୟ ଚିତ୍ର ଆସିଯାଏ। ସବୁଜିମାଭରା ବିଲବାଡ଼ି, ଗାଁ ମୁଣ୍ଡରେ ବରଗଛ, ଧାଡ଼ି ଧାଡ଼ି ନଡ଼ିଆ ଗଛ, ଆମ୍ବତୋଟା, ଅଙ୍କାବଙ୍କା ସରୁ ନଈ, ମାଟି ରାସ୍ତା, ନୁଆଣିଆ ଚାଳ ଛପର ବା ଖପର ଘର, କୋଠଘର, ଭାଗବତ ଟୁଙ୍ଗି ବା ଯୁବକ ସଂଘ, ଗାଈ ଗୋଠ ଇତ୍ୟାଦି। ଆଜି କିନ୍ତୁ ଗାଁରେ ଏସବୁ ପ୍ରାୟତଃ ନାହିଁ। ଗାଁର ଚିତ୍ର ଓ ଚରିତ୍ର ବଦଳିଛି। ବଦଳିଛି ଗାଁର ଭିତ୍ତିଭୂମି ଓ ସାମାଜିକ- ସାଂସ୍କୃତିକ ଚଳଣି। ଗାଁ ଏବେ ସହର ସହର ବାସୁଛି। ଆଉ ନାହିଁ ଶଗଡ଼। ଘରେ ଘରେ ମୋଟର ବାଇକ। ଜିପ୍ ବା କାର୍ ଦେଖି କିଲୋମିଟର ଯାଏ ତା' ପଛରେ ଦୌଡ଼ିବା, କେହି ନ ଦେଖିଲା ବେଳେ ଗାଡ଼ିଟିକୁ ସ୍ପର୍ଶ କରିବା ଭଳି ଉନ୍ମାଦନା ଓ ଉତ୍ସୁକତା ଆଉ ନାହିଁ। କାରଣ ଆଜି ପ୍ରତ୍ୟେକ ଗାଁରେ ଦାମୀ କାର। ଚାଷଜମି ସଂକୁଚିତ ହୋଇଛି। ହଳ, ଲଙ୍ଗଳ, ଯୁଆଳି ଓ ବଳଦ ବା ପୋଢ଼ ସହାୟତାରେ ଚାଷ ଆଉ ପ୍ରାୟ ନାହିଁ। ହଳ ବଳଦର ସ୍ଥାନ ନେଇଛି ଟ୍ରାକ୍ଟର ଓ ପାୱାର ଟିଲର। ଯେକୌଣସି ବୟସ୍କ ଲୋକ ଗାଁର ପିଲାକୁ ନିଜ ପିଲା ଭାବି ମାର୍ଗଦର୍ଶନ



କରୁଥିଲା। ଅର୍ଥାତ୍ ପିଲାଟି ଗୋଟିଏ ପରିବାରର ନ ଥିଲା। ବରଂ ଥିଲା ସମ୍ପୂର୍ଣ୍ଣ ଗାଁର ସମ୍ପତ୍ତି। ସେଥିପାଇଁ ଗାଁ ପିଲେ ଦୁଷ୍ଟାମି କଲେ ଗାଁର ଯେକୌଣସି ଅଭିଭାବକ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେଇପାରୁଥିଲା। କିନ୍ତୁ ଆଜି କାହାକୁ ତାଗିଦ କରିବା ଦୂରର କଥା ପଦୁଟିଏ କଥାରେ ହିଂସା, କଳହ ଓ ପାଟିତୁଣ୍ଡ। ଦହି ଚୁଡ଼ା, ଛତୁଆ, ମୁଢ଼ି, ପଖାଳ, ମାଣ୍ଡିଆ ଆଦି ଖାଦ୍ୟ ଆଉ ଗାଁ ପିଲାଙ୍କୁ ରୁଚୁନି। ଆଜି ଗାଁ ଗାଁରେ ଚଉମୁନ, ମ୍ୟାଗି ଆଦି ଆଧୁନିକ ଫାଷ୍ଟ ଫୁଡ ଦୋକାନରେ ଭରପୂର ଗହଳି। ମଣ୍ଡା, କାକରା, ମୁଦୁଗ, ଆରିସା ଆଦି ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଜାଗାରେ ପିଜା, ବର୍ଗର, ପେଟିସ, ମମୋ ଆଦି ଆସ୍ଥାନ ଜମେଇ ସାରିଲେଣି। ଗାଁଗୁଡ଼ିକ ସହର ଭଳି ଅତି ଆଧୁନିକ ସୁବିଧା ସୁଯୋଗରେ ସମୃଦ୍ଧ ଓ ସଶକ୍ତ ହେବା ଖୁସିର କଥା। କିନ୍ତୁ ଆଧୁନିକତାର ଦ୍ୱାହି ଦେଇ ଗାଁ ପ୍ରଥା, ପରମ୍ପରା, ଭାଇଚାରା, ପରସ୍ପର ପ୍ରତି ଥିବା ଆପଣାପଣ ନଷ୍ଟ ହୋଇଯିବା ହାସ୍ୟାସ୍ପଦ ଓ ଆତ୍ମଘାତୀ।

ଆମେ ପିଲାବେଳୁ ବିଭିନ୍ନ ମାଧ୍ୟମରେ ଯଥା ପାଲା, ଦାସକାଠିଆ, ହରି କଥା, ଭାଗବତ ପାଠ, ସତ୍‌ସଙ୍ଗ, ପ୍ରବଚନ ଆଦି ଯୋଗୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ଆମ ଶାସ୍ତ୍ରୀୟ ପରମ୍ପରା, ପୁରାଣ, ଶାସ୍ତ୍ର, ସଙ୍ଗୀତ, ସଂସ୍କୃତି ଆଦି ସମ୍ବନ୍ଧରେ ବିଶେଷ ଜ୍ଞାନ ଆହରଣ କରିପାରୁଥିଲୁ। ହେଲେ ଆଜି ସେ ସବୁ ଗାଁରେ କ୍ୱଚିତ ଦେଖିବାକୁ ମିଳୁଛି ତାହା ପୁଣି ସାଙ୍କେତିକ ଭାବରେ। ସତେ ଯେପରି କର୍ପୂର ଉଡ଼ି ଯାଇଛି, ପଡ଼ି ରହିଛି କନା। ସାମାନ୍ୟ ସୁବିଧା ଅସୁବିଧାରେ ଏକଜୁଟ ହୋଇ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରୁଥିବା ଗାଁ ଲୋକେ ସଂକୀର୍ଣ୍ଣ ଦଳୀୟ ରାଜନୀତିର ପଶାପାଳିରେ ଆବଦ୍ଧ। ସଂକ୍ଷେପରେ କହିଲେ ଗାଁ ଆଉ ଗାଁ ହୋଇ ରହିନାହିଁ। ଏଥିପାଇଁ ଗଭୀର ଆତ୍ମବିଶ୍ଳେଷଣ ସମୟର ଆବଶ୍ୟକତାର କାରଣ ଭାରତ ଭଳି ସଂସ୍କୃତି ସମ୍ପନ୍ନ ରାଷ୍ଟ୍ରର ଆତ୍ମା ହେଉଛି ତା'ର ଗାଁ ବା ଗ୍ରାମୀଣ ଆଦର୍ଶ। ଗାଁର ଆତ୍ମିୟତା ଓ ଭାବାତ୍ମକ ବନ୍ଧନ ସହରି ପ୍ଲାଷ୍ଟିକ ସମ୍ପର୍କ ମଧ୍ୟରେ ଆକାଶ ପାତାଳ ପ୍ରଭେଦ। ହେଲେ ଆଜି ଗାଁ ମଧ୍ୟ ଧୀରେ ଧୀରେ ବ୍ୟକ୍ତି କୈନ୍ଦ୍ରିକ ଜୀବନଯାପନ ଆଡ଼କୁ ଆଗେଇ ଚାଲିଛି। ଆତିଥ୍ୟ, ଆତ୍ମିୟତା, ଆନ୍ତରିକତା, ପରସ୍ପର ସହଯୋଗ ଇତ୍ୟାଦି ଗାଁର ସମ୍ପତ୍ତି। ତେଣୁ ଗାଁ ରହିଲେ ହିଁ ଭାରତ ରହିବ। ନଚେତ୍ ଆତ୍ମ ବିହୀନ ଶରୀର ଭଳି ଗ୍ରାମୀଣ ସଂସ୍କୃତି, ସଂସ୍କାର, ଜୀବନ ଶୈଳୀ, ଭଗବତ୍ ଚିନ୍ତନ ବିନା ଭାରତ ନିଜର ଅସ୍ତିତ୍ୱ ଓ ଅସ୍ମିତା ଖୋଜିବାକୁ ସଂଘର୍ଷ କରିବ।

**ସହକାରୀ ପ୍ରଫେସର, ବିକ୍ରମଦେବ**
**ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ:୯୪୩୭୯୧୪୮୧୮**

## ଏଇ ଭାରତରେ

କଥାରେ ଅଛି ; ଇଚ୍ଛା ଥିଲେ ଉପାୟ ଆପେ ଆସେ ଓ କୌଣସି ସମସ୍ୟା ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବାଧକ ହୋଇପାରେ ନାହିଁ। ଏହାକୁ ପ୍ରମାଣକରି ଦେଖାଇଛନ୍ତି ଉତ୍ତରପ୍ରଦେଶ ଲକ୍ଷ୍ନୌର ହରସିମରନ୍ କୌର। ଏନ୍‌ଡିଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏବେ ସେ ହୋଇଛନ୍ତି ମହିଳା କ୍ୟାଡେଟ୍ ଅଫିସର। ତାଙ୍କ ବାପା ସେନାରେ ହାବିଲଦାର ଅଛନ୍ତି। ତେବେ ଛୋଟବେଳୁ ହରସିମରନ୍ ଭଲ ପାଠ ପଢୁଥିଲେ। ପରିସ୍ଥିତି ଯାହା ହେଲେ ବି କଠିନ ପରିଶ୍ରମ କରିବା ଓ ନିଜ ଲକ୍ଷ୍ୟଠାରୁ କେବେ ସେ ଓହରି ନ ଥିଲେ। ତେବେ ଭରପୂର ଆତ୍ମବିଶ୍ୱାସ ସହ ସେ ଜେଇଇ ପ୍ରବେଶିକା ପାଇଁ ପ୍ରସ୍ତୁତ ହେଉଥିବାବେଳେ ହଠାତ୍ ଦିନେ ତାଙ୍କର ଜଣେ ବନ୍ଧୁ ତାଙ୍କୁ ଏନ୍‌ଡିଏ ପରୀକ୍ଷା ଦେବା ପାଇଁ କହିଥିଲେ। ମହିଳାମାନେ ଏନ୍‌ଡିଏ ପରୀକ୍ଷା ଦେଇପାରିବେ ଜାଣିବା ପରେ ସେ ତାଙ୍କ ଲକ୍ଷ୍ୟ ସ୍ଥିର କରିନେଇଥିଲେ। ଏହାପରେ ଦିନରାତି ପରିଶ୍ରମ କରି ଶେଷରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ତିନିବର୍ଷର କଠିନ ଟ୍ରେନିଂରେ ମଧ୍ୟ ସଫଳତା ହାସଲ କରିଥିଲେ। ଫଳରେ ସେ ଏବେ ହୋଇପାରିଛନ୍ତି ଜଣେ ମହିଳା କ୍ୟାଡେଟ୍ ଅଫିସର। ହରସିମରନ୍ ଆଜି ପ୍ରମାଣ କରିଦେଇଛନ୍ତି କି ପରିସ୍ଥିତି ଯାହା ହୋଇଥିଲେ ବି ଯଦି ନିଜର ଇଚ୍ଛା ଦୃଢ଼ ଥିବ ତା'ହେଲେ ସଫଳତା ମିଳିବା ନିଶ୍ଚିତ।

## ୫୦ ବର୍ଷ ତଳର ଧରିତ୍ରୀ

୨ ଜୁନ୍ ୧୯୭୬

- କୃଷ୍ଣା ନଦୀ ଜଳ ବଣ୍ଟନ ସମ୍ପର୍କରେ ମହାରାଷ୍ଟ୍ର, କର୍ଣାଟକ ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ରହିଥିବା ବିବାଦର ସମାଧାନ ହୋଇଯାଇଛି।
- ଆୟ ଉପରେ ଦୋହରା ଟିକସ ଏଡ଼ାଇବା ଏବଂ ଆୟ ଟିକସ ଫାଙ୍କି ନିରୋଧ କରିବା ସଂକ୍ରାନ୍ତରେ ଏକ ସମ୍ମିଳିତ ବ୍ୟବସ୍ଥାର ଅଧିକାଂଶ ଦଫା ସମ୍ବନ୍ଧରେ ଭାରତ ଓ ଆମେରିକା ମଧ୍ୟରେ ପାରସ୍ପରିକ ରାଜିନାମା ସମ୍ପନ୍ନ।

## su | do | ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | 3 | | | 9 |
| | | | | | | | 7 | |
| 7 | | 3 | | | | 5 | | 8 |
| | | | 5 | 1 | | | | |
| | | 8 | | | | 3 | | |
| | 9 | 2 | | | | | | |
| | | 4 | | 8 | | | 1 | |
| | | 5 | 6 | 2 | | | | 7 |
| 8 | | | 4 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 6 | 8 | 1 | 7 | 4 | 3 | 9 |
| 4 | 1 | 3 | 9 | 6 | 2 | 5 | 7 | 8 |
| 7 | 8 | 9 | 5 | 3 | 4 | 1 | 6 | 2 |
| 8 | 7 | 1 | 3 | 9 | 6 | 2 | 4 | 5 |
| 9 | 2 | 5 | 7 | 4 | 1 | 3 | 8 | 6 |
| 6 | 3 | 4 | 2 | 8 | 5 | 7 | 9 | 1 |
| 5 | 4 | 8 | 6 | 2 | 3 | 9 | 1 | 7 |
| 1 | 6 | 2 | 4 | 7 | 9 | 8 | 5 | 3 |
| 3 | 9 | 7 | 1 | 5 | 8 | 6 | 2 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଯାନବାହନରୁ ରଙ୍ଗବେରଙ୍ଗ ବତି ହଟାଯାଉ

ମହାଶୟ,

ହାଲୁକାଯାନଠାରୁ ଆରମ୍ଭ କରି ଭାରିଯାନ ପର୍ଯ୍ୟନ୍ତ ଅଧିକାଂଶ ଗାଡ଼ିରେ ରଙ୍ଗବେରଙ୍ଗର ବତି ବ୍ୟବହାର ଯୋଗୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ନେତା, ମନ୍ତ୍ରୀଙ୍କ ସମେତ ଅଧିକାରୀମାନେ ଗାଡ଼ିରେ ମନଇଚ୍ଛା ନାଲି, ନୀଳ ରଙ୍ଗର ବତି ବ୍ୟବହାର କରୁଛନ୍ତି। ବିଶେଷକରି ଯାତ୍ରୀବାହୀ ବସ୍, ମାଲବାହୀ ଟ୍ରକ୍ ଏବଂ ଅନ୍ୟାନ୍ୟ ହାଲୁକା ଯାନରେ ମନଇଚ୍ଛା ରଙ୍ଗବେରଙ୍ଗର ହେଡ୍‌ଲାଇଟ୍ ଓ ଟେଲ୍‌ଲାଇଟ୍ ବ୍ୟବହାର କରାଯାଉଥିବାରୁ ଆଲୋକ ପ୍ରଦୂଷଣ ସହ ଅନ୍ୟ ପାଇଁ ବିପଦ ସୃଷ୍ଟି କରୁଛି। କେବଳ ସେତିକି ନୁହଁ, ନିୟମତଃ ରାତ୍ର ସମୟରେ ଡିପର ବ୍ୟବହାର କରାଯାଉ ନ ଥିବା ବେଳେ ରଙ୍ଗବେରଙ୍ଗର ଉଜ୍ଜ୍ୱଳ ଆଲୋକ ଯୋଗୁ ବିପରୀତ ଦିଗରୁ ଆସୁଥିବା ଯାନ ଚାଳକଙ୍କ ମୁହଁରେ ଲାଇଟ୍ ପଡ଼ି ବିପଦ ସୃଷ୍ଟି କରୁଛି। ନିୟମଠାରୁ ଅଧିକ ସଂଖ୍ୟାରେ ହେଡ୍‌ଲାଇଟ୍ ଓ ଟେଲ୍‌ଲାଇଟ୍ ବ୍ୟବହାର ଯୋଗୁ ଦୁର୍ଘଟଣା ଘଟି ଜନଜୀବନ ହାନି ହେଉଛି। ଯାନବାହନରୁ ରଙ୍ଗବେରଙ୍ଗ ଲାଇଟ୍ ହଟାଇବା ପାଇଁ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ଏଥିପ୍ରତି ପରିବହନ ବିଭାଗ ଅଣଦେଖା କରୁଥିବାରୁ ରଙ୍ଗବେରଙ୍ଗ ବତି ବ୍ୟବହାର ବୃଦ୍ଧି ପାଉଛି। ବିଳମ୍ବରେ ହେଲେ ମଧ୍ୟ ଗାଡ଼ିରେ ନାଲି, ନୀଳ କିମ୍ବା ରଙ୍ଗବେରଙ୍ଗ ବତି ବ୍ୟବହାର ପାଇଁ ପରିବହନ କମିଶନରଙ୍କଠାରୁ ଅନୁମତି ନେବା ଜରୁରୀ କୁହାଯିବା ସ୍ୱାଗତଯୋଗ୍ୟ। ମାତ୍ର ଅନ୍ୟାନ୍ୟ ଯାନରେ ଲାଗୁଥିବା ରଙ୍ଗବେରଙ୍ଗ ବତିକୁ ହଟାଇବା ପାଇଁ ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯିବା ଆବଶ୍ୟକ।

**-ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତ୍ୟାଗର ମହିମା ଯେଣୁ
ଏ ଦେଉଳ ଘୋଷଇ ପବନେ,
ତ୍ୟାଗର ଜୟ ପତାକା
ଉଡ଼ାଉଛି ଅନନ୍ତ ଗଗନେ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଲାଞ୍ଜିଗଡ଼ ଖଣି ପାଇଁ ଗ୍ରାମସଭା ବସୁ

## ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୧।୬(ରବିନାରାୟଣ ଜେନା)

ଲାଞ୍ଜିଗଡ଼ ବକ୍ସାଇଟ୍ ଖଣି ପାଇଁ ଗ୍ରାମସଭା ପ୍ରକ୍ରିୟା ତୁରନ୍ତ ଆରମ୍ଭ କରିବା ଲାଗି କଳାହାଣ୍ଡି ନାଗରିକ ଫୋରମ ପକ୍ଷରୁ ଏକ ୧୩ ଜଣିଆ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛି।

ପୂର୍ବତନ ବିଧାୟକ ପ୍ରଦୀପ୍ତ ନାୟକ ଏବଂ ଡ. ଅଜୟ ମିଶ୍ରଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ଗ୍ରାମସଭାକୁ ମୁକ୍ତ, ନିରପେକ୍ଷ ଏବଂ ସ୍ୱଚ୍ଛ ଭାବେ ପରିଚାଳନା କରିବାକୁ ଦାବି କରିଛି। ଖଣିକ୍ଷେତ୍ର ଅନ୍ତର୍ଗତ ୧୨ଟି ଗ୍ରାମ ମଧ୍ୟରୁ କୌଣସି ସ୍ଥାନରେ ସ୍ଥାନୀୟ ସମ୍ପ୍ରଦାୟ ବିସ୍ଥାପନ ଘଟିବ ନାହିଁ, ଯାହା ସମ୍ପ୍ରଦାୟ ଅଧିକାରକୁ ସୁରକ୍ଷା ଦେଉଥିବା ଦାୟିତ୍ୱପୂର୍ଣ୍ଣ ବିକାଶ ପ୍ରତି ପ୍ରତିବଦ୍ଧତାକୁ ଦୃଢ଼ କରିବ। 'ରାୟଗଡ଼ା ଏବଂ କୋରାପୁଟ ପରି ଅନ୍ୟ ଜିଲାଗୁଡ଼ିକ ଆଗକୁ ବଢୁଥିବା ବେଳେ କଳାହାଣ୍ଡି ଏବେ ବି ଅନ୍ତର୍ଭୁକ୍ତିମୂଳକ ବିକାଶର ପ୍ରତିଶ୍ରୁତି ପୂରଣ ପାଇଁ ଅପେକ୍ଷା କରିଛି। ଏହା କେବଳ ଶିଳ୍ପ ପାଇଁ ନୁହେଁ, ବରଂ ଏକ ଉତ୍ତମ ଭବିଷ୍ୟତ ଲାଗି ସାମୂହିକ ଦାବି ବୋଲି କଳାହାଣ୍ଡି ନାଗରିକ ମଞ୍ଚ ସଭାପତି ଡ. ଅଜୟ ମିଶ୍ର କହିଛନ୍ତି।

# ବେସରକାରୀ ସ୍କୁଲରେ ନିଃଶୁଳ୍କ ପାଠପଢ଼ା ଲାଗି ୧୨ରୁ ତୃତୀୟ ପର୍ଯ୍ୟାୟ ଆବେଦନ

ଭୁବନେଶ୍ୱର,୧।୬(ସୁଚିସ୍ମିତା ସାହୁ)

ଶିକ୍ଷା ଅଧିକାର ଆଇନ ୨୦୦୯ ଅନ୍ତର୍ଗତ ଧାରା ୧୨(୧)(ଗ) ଅନୁଯାୟୀ ଆର୍ଥିକ ଅନଗ୍ରସର ଶ୍ରେଣୀ ପିଲାମାନେ ବେସରକାରୀ ବିଦ୍ୟାଳୟର ପ୍ରବେଶସ୍ତରରେ ନିଃଶୁଳ୍କ ଶିକ୍ଷା ପାଇପାରିବେ। ଚଳିତ ବର୍ଷ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଶେଷ ହୋଇଥିବାବେଳେ ତୃତୀୟ ପର୍ଯ୍ୟାୟ ନାମ ଲେଖାହେବ। ଜୁନ ୧୨ରୁ ପାରଦର୍ଶୀ ପୋର୍ଟାଲରେ ତୃତୀୟ ପର୍ଯ୍ୟାୟ ନାମଲେଖା ପଞ୍ଜୀକରଣ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଜଣାଇଦିଆଯାଇଛି। ୧୨ରୁ ୨୧ ତାରିଖ ପର୍ଯ୍ୟନ୍ତ ବ୍ଲକ ଶିକ୍ଷା ଅଧିକାରୀମାନେ ମୂଳ ପ୍ରମାଣପତ୍ର ଯାଞ୍ଚ କରିବେ। ଯୋଗ୍ୟ ଆବେଦନଗୁଡ଼ିକ ମଧ୍ୟରୁ ୨୩ ତାରିଖରେ ଲଟେରି ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ନାମ ଚୟନ କରାଯିବ। ଚୟନ ହୋଇଥିବା ଛାତ୍ରୀଛାତ୍ର ଜୁନ୍ ୨୪ରୁ ୩୦ ତାରିଖ ଭିତରେ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ନାମ ଲେଖାଇପାରିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

## ଫରେଷ୍ଟରଙ୍କୁ ହତ୍ୟା ଘଟଣା

# ଜେଲ୍ ଗଲେ ସ୍ତ୍ରୀ, ପୁଅ

ନୟାଗଡ଼,୧।୬(ଲୋକନାଥ ମିଶ୍ର)


ଶିଶିର ସାହୁ

- ପୁଅ ଦେଖାଇଲେ ସିନ୍ ରିକ୍ରିଏଶନ
- ପେଟ୍ରୋଲ ଢାଳି ଜାଳିଦେଇଥିଲେ ସ୍ତ୍ରୀ, ପୁଅ

ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜର ଫରେଷ୍ଟର ଶିଶିର ସାହୁ(୫୫)ଙ୍କୁ ତାଙ୍କ ସ୍ତ୍ରୀ ଓ ପୁଅ ପେଟ୍ରୋଲ ଢାଳି ଜିଅନ୍ତା ଜାଳିଦେଇଥିବା ସିନ୍ ରିକ୍ରିଏଶନରୁ ଜଣାପଡ଼ିଛି। ଫରେଷ୍ଟରଙ୍କ ପୁଅ ଅଭିଷେକ(୨୬) ରବିବାର ସନ୍ଧ୍ୟାରେ ସିନ୍ ରିକ୍ରିଏଶନରେ ହତ୍ୟାର ଡେମୋ ଦେଖାଇଛନ୍ତି। ଅନ୍ୟପକ୍ଷେ ନୟାଗଡ଼ ଟାଉନ ଥାନା ପୋଲିସ ଅଟକ ରଖିଥିବା ସ୍ତ୍ରୀ ନମିତା(୪୮) ଓ ପୁଅ ଅଭିଷେକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ନୟାଗଡ଼ ଜିଲା କାରାଗାରକୁ ପଠାଯାଇଛି।

ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମିରଞ୍ଜନ ମହାପାତ୍ରଙ୍କ ସୂଚନା ଅନୁସାରେ, ଫରେଷ୍ଟଙ୍କର ପରକୀୟା ପ୍ରୀତି ରହିଥିଲା। ବହୁ ସମୟରେ ସ୍ତ୍ରୀ ଓ ପୁଅ ପରକୀୟା ପ୍ରୀତିକୁ ନେଇ ପ୍ରତିବାଦ କରିଆସୁଥିଲେ। ଏଥିଯୋଗୁ ପରିବାର ମଧ୍ୟରେ ବିବାଦ ଲାଗିରହିଥିଲା। ଶୁକ୍ରବାର ରାତି ୧୧ଟା ୩୫ରେ ଫରେଷ୍ଟର ଘରକୁ ମଦ୍ୟପାନ କରି କାର୍ ଯୋଗେ ଆସିଥିଲେ। ଘରେ ପହଞ୍ଚିବା ପରେ ସ୍ତ୍ରୀଙ୍କୁ ଖାଇବାକୁ ମାଗିଥିଲେ। ଖାଦ୍ୟ ଦେବା ପରେ ସ୍ତ୍ରୀ ନମିତା ଶିଶିରଙ୍କୁ ଘରକୁ ଡାକିଥିଲେ। ତେବେ ଶିଶିର ଘରକୁ ନ ଆସି ଫୋନ୍ ଯୋଗେ ଗପିଥିଲେ। ଏଭଳି ସମୟରେ ପୁଅ ଅଭିଷେକ ଉପର ମହଲାରେ ଥାଇ ସବୁ ଦେଖୁଥିଲେ। ସ୍ତ୍ରୀ ଘରକୁ ଡାକିବାରୁ ଶିଶିର ବିରକ୍ତି ହୋଇ ନମିତାଙ୍କୁ ୨ଥର ପେଲିଦେଇଥିଲେ। ସେହି ରାତିରେ ପରକୀୟା ପ୍ରୀତିକୁ ନେଇ ମୋବାଇଲରୁ ଫଟୋ, ଭିଜୁଆଲ ଓ ଫୋନ୍ ନମ୍ବର ଡିଲିଟ୍ କରିବାକୁ ନମିତା କହିଥିଲେ। ହେଲେ ଶିଶିର କିଛି ନ ଶୁଣି ଗାଳିଗୁଲଜ କରିଥିଲେ। ଏଭଳିସ୍ଥଳେ ବିବାଦ ବଢ଼ିଥିଲା। ଶିଶିର ଘରକୁ ଆସିବା ପରେ ଘରର କବାଟ ଦିଆଯାଇଥିଲା। ହେଲେ ବିବାଦ ଥମିବାର ନାଁ ଧରି ନ ଥିଲା। ଶିଶିର ଘାସକଟା ଖଣ୍ଡାରେ ସ୍ତ୍ରୀ ଓ ପୁଅଙ୍କୁ ମାରିବାକୁ ଧମକାଇ ଥିଲେ, ଯାହାକି ପୁଅ ଘାସକଟା ଖଣ୍ଡାକୁ ବି ଡେମୋରେ ଦେଖାଇଛନ୍ତି। ଅନ୍ୟପକ୍ଷେ ସ୍ତ୍ରୀ ଘରେ ରଖିଥିବା ଜାର୍‌କିନ୍‌ରେ ୫ ଲିଟର ପେଟ୍ରୋଲ ଆଣି ପ୍ଲାଷ୍ଟିକ୍ ବାଲ୍‌ଟି ଯୋଗେ ଶିଶିରଙ୍କ ଉପରକୁ ଫୋପାଡ଼ିଥିଲେ। ପରେ ନମିତା ଦିଆସିଲି ମାରି ନିଆଁ ଲଗାଇ ଥିଲେ। ସେଠାରେ ଶିଶିର ଜିଅନ୍ତା ଜଳିବାରେ ଲାଗିଥିଲେ। ପରେ ବେଡ୍‌ରୁମ୍‌କୁ ପଶି ବାହାରକୁ ଆସିବାକୁ ଚେଷ୍ଟା କରିଥିଲେ। ହେଲେ ବାହାରକୁ ଆସି ନ ପାରି ଘର ସଂଲଗ୍ନ ବାଥ୍‌ରୁମକୁ ଯିବାକୁ ଉଦ୍ୟମକରି ବିଫଳ ହୋଇଥିଲେ। ପରେ ନିଜ ଖଟରେ ପଡ଼ିଯାଇଥିଲେ। ଜିଅନ୍ତା ଜଳୁଥିବାବେଳେ ଶିଶିର ଯେଉଁସବୁ ଘରକୁ ଯାଇଥିଲେ ସେସବୁ ଘରେ ନିଆଁ ଲାଗି ଚାଲିଥିଲା। ଶିଶିର ଜଳିଯିବା ପରେ ସ୍ତ୍ରୀ ଓ ପୁଅ ଉଭୟେ ମିଶି ହତ୍ୟାକୁ ଆତ୍ମହତ୍ୟାର ରୂପଦେବାକୁ ଚେଷ୍ଟା କରିଥିଲେ। ଘରେ ନିଆଁ ଲାଗିବା ନେଇ ବଡ଼ବାପାଙ୍କୁ ଅଭିଷେକ ଖବର ଦେଇଥିଲେ ଏବଂ ନିଆଁ ଲାଗିବା ପରେ ନମିତା ଚିତ୍କାର କରିଥିଲେ। ପରେ ଘଟଣା ଲୋକଲୋଚନକୁ ଆସିଥିଲା। ଦମକଳ ଗାଡ଼ି ପହଞ୍ଚି ନିଆଁ ଆୟତ୍ତ କରିଥିଲା। ଏଭଳି କିଛି ଘଟଣା ସିନ୍ ରିକ୍ରିଏଶନରେ ଅଭିଷେକ କହିଥିବା ଆଇଆଇସି କହିଛନ୍ତି। ତେବେ ସ୍ତ୍ରୀ ନମିତାଙ୍କ ପାଦ ପୋଡ଼ିଯାଇଥିବାରୁ ତାଙ୍କର ସିନ୍ ରିକ୍ରିଏଶନ ହୋଇ ପାରି ନ ଥିବା କହିଛନ୍ତି। ଫରେଷ୍ଟର ଜିଅନ୍ତା ଜଳିବା ଘଟଣା ପାଖରେ ଘର ନ ଥିବାରୁ ବାହାରକୁ ଜଣାପଡି ନ ଥିଲା। ପେଟ୍ରୋଲ ଫରେଷ୍ଟର ରଖିଥିବା କୁହାଯାଇଛି। କିନ୍ତୁ ତଦନ୍ତରୁ ୫ ଲିଟର ପେଟ୍ରୋଲ କିଣା ଯାଇଥିବା ଜଣାପଡ଼ିଛି। ସ୍ତ୍ରୀ ଓ ପୁଅ ସହ ଶିଶିରଙ୍କ ଧସ୍ତାଧସ୍ତି ସମୟର କିଛି ଉପକରଣ ଘରୁ ଜବତ କରାଯାଇଛି ବୋଲି ଆଇଆଇସି କହିଛନ୍ତି। ସିନ୍ ରିକ୍ରିଏଶନ ସମୟରେ ଘଟଣାସ୍ଥଳରେ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ ଓ ନୟାଗଡ଼ ଟାଉନ ଥାନା ଆଇଆଇସି ଉପସ୍ଥିତ ଥିଲେ।


ଶିଶିରଙ୍କ ଉପରେ ପେଟ୍ରୋଲ ଢଳାଯିବାର ସିନ୍ ରିକ୍ରିଏଶନ କରି ଦେଖାଉଛନ୍ତି ଅଭିଷେକ।

# ସ୍ତ୍ରୀଙ୍କୁ ପ୍ରେମ ବିବାହ କରିଥିବା ଯୁବକଙ୍କ ଗଳା କାଟି ହତ୍ୟା

ପବିତ୍ରନଗର,୧।୬ (ନିରୋଜ ପ୍ରଧାନ)

ଅନୁଗୁଳ ଜିଲା କଣିହାଁ ଥାନା ମସୁଣିହତା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଘଟିଛି। ମସୁଣିହତା ଗ୍ରାମର ବାବାଜୀ ନାଏକ(୨୫)ଙ୍କ ଗଳାକାଟି ହତ୍ୟା କରାଯାଇଛି। ଅଭିଯୁକ୍ତ ହେଲେ କଣିହାଁ ବ୍ଲକ କାକୁଡ଼ିଆ ଗ୍ରାମର ବିଭୂତି ନାଏକ(୩୫)। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କଣିହାଁ ଥାନା କାକୁଡ଼ିଆ ଗ୍ରାମର ବିଭୂତି ନାଏକଙ୍କ ସ୍ତ୍ରୀଙ୍କୁ ୭ମାସ ତଳେ ବାବାଜୀ ନାଏକ ପ୍ରେମ ବିବାହ କରିଥିଲେ। ସେହି ଦିନଠାରୁ ବାବାଜୀଙ୍କୁ ହତ୍ୟା କରିବା ନେଇ ଧମକ ଦେଇ ଆସୁଥିଲେ ବିଭୂତି। ତେବେ ଶନିବାର ରାତି ପ୍ରାୟ ୨ଟାରେ ଘର ବାରଣ୍ଡାରେ ବାବାଜୀ ଶୋଇଥିଲାବେଳେ ବିଭୂତି ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟି ଫେରାର ହୋଇଯାଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ବାବାଜୀଙ୍କୁ କଣିହାଁ ମେଡିକାଲ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କଣିହାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ସାହାଯ୍ୟରେ ଅନୁସନ୍ଧାନ ଚଳାଇଛି। ରବିବାର ସକାଳୁ ଅଭିଯୁକ୍ତ ବିଭୂତିଙ୍କୁ ପୋଲିସ କାକୁଡ଼ିଆ ଗାଁରୁ ଗିରଫ କରିଛି। ବାବାଜୀଙ୍କ ବାପା ଦାମୋଦରଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି।

# କଂଗ୍ରେସ ଠୁଳ କରୁଛି ଭାଜପା ସରକାରର ବିଫଳତା

ଭୁବନେଶ୍ୱର,୧।୬(ରବିନାରାୟଣ ଜେନା)

ଚଳିତ ମାସ ୧୨ରେ ଭାଜପା ସରକାର ୧ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବ। ଏଥିପାଇଁ ପ୍ରାୟ ୧୦ ଦିନ ଧରି ଜିଲାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଯାଉଛି। ହେଲେ ଏହାକୁ ରାଜ୍ୟ କଂଗ୍ରେସ ବିଫଳତା ଦର୍ଶାଇବା ପାଇଁ ପ୍ରସ୍ତୁତିପର୍ବ ଆରମ୍ଭ କରିଛି।

ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଦ୍ୱାରା ଏକ ଚାର୍ଜଶିଟ୍ ଡ୍ରାଫ୍ଟିଙ୍ଗ୍ କମିଟି(ସିଡିସି) ଗଠନ ହୋଇଛି। ଏଥିରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଅଧ୍ୟକ୍ଷ ରହିଛନ୍ତି। ଏହି କମିଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ଚରମ ବିଫଳତାକୁ ଲୋକଲୋଚନକୁ ଆଣିବା ପାଇଁ ନିଷ୍ପତ୍ତି ନେଇଛି। ଏଥିପାଇଁ ପ୍ରଚାରପତ୍ର ପ୍ରସ୍ତୁତ କରାଯିବାକୁ ରହିଛି।

ଭାଜପା କିଭଳି ଲୋକଙ୍କ ଆଶା, ଆକାଂକ୍ଷାକୁ ଧୂଳିସାତ୍ କରିଛି ଓ ଭୋଟରଙ୍କୁ ଧୋକା ଦେଇଛି, ସେନେଇ ଜିଲା ସଭାପତି, ସଂଯୋଜକମାନଙ୍କଠାରୁ ମତାମତ ଓ ପ୍ରସ୍ତାବମାନ ଲୋଡ଼ାଯାଇଛି। ଖୁବ୍‌ଶୀଘ୍ର କଂଗ୍ରେସ ପକ୍ଷରୁ ଭାଜପା ସରକାରର ବିଫଳତାର ଫର୍ଦ୍ଦ ପ୍ରକାଶ କରାଯିବ ବୋଲି ପିସିସି ସଭାପତି ଦାସ କହିଛନ୍ତି।

# ସ୍ୱୟଂସମ୍ପୂର୍ଣ୍ଣ ହେବ କଳିଙ୍ଗ ଷ୍ଟୁଡିଓ: ମୁଖ୍ୟମନ୍ତ୍ରୀ

## ଡିପିଆର୍ ପ୍ରସ୍ତୁତ କରିବାକୁ ବିଭାଗକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧।୬ (ରବିନାରାୟଣ ଜେନା)

କଳିଙ୍ଗ ଷ୍ଟୁଡିଓ ସ୍ୱୟଂସମ୍ପୂର୍ଣ୍ଣ ହେବ ଓ ଅତ୍ୟାଧୁନିକ ଷ୍ଟୁଡିଓ ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର କଳିଙ୍ଗ ଷ୍ଟୁଡିଓ ପରିଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ଏହାର ବିକାଶ ଲାଗି ତୁରନ୍ତ ଏକ ଡିପିଆର୍ ପ୍ରସ୍ତୁତ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୧୯୮୦ ମସିହାରେ ସ୍ଥାପିତ ଏହି ଷ୍ଟୁଡିଓ ଏକଦା ଚଳଚ୍ଚିତ୍ର ନିର୍ମାଣ ପାଇଁ ଉନ୍ନତ ଯନ୍ତ୍ରପାତି ସହିତ ପୂର୍ବ ଭାରତର ଏକମାତ୍ର ଷ୍ଟୁଡିଓ ଭାବେ ଖ୍ୟାତି ଅର୍ଜନ କରିଥିଲା। ସମୟକ୍ରମେ ଆଧୁନିକ ଯନ୍ତ୍ରପାତି ଓ ବୈଷୟିକ ଉପକରଣ ଅଭାବରୁ ଷ୍ଟୁଡିଓଟିର ଚାହିଦା ହ୍ରାସ ପାଇଥିଲା। ନୂଆ ସରକାର କ୍ଷମତାକୁ ଆସିବା ପରେ ବହୁତ କିଛି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଷ୍ଟୁଡିଓର ଟେକ୍ ବିଲ୍ଡିଂ, ଏଣ୍ଟ୍ରାନ୍ସ ପ୍ଲାଜା, ଇନ୍‌ଡୋର ଶୁଟିଂ ବ୍ୟବସ୍ଥା, କଳିଙ୍ଗ ମୁଭି ମ୍ୟାଜିକ୍, ଆଭେନ୍ୟୁ ଲ୍ୟାଣ୍ଡ, ଭିଲେଜ୍ ଏରିଆ, ଆଇକନିକ୍ ଲ୍ୟାଣ୍ଡ ମାର୍କ, ସ୍ନୋ ୱାର୍ଲଡ, କମ୍ୟୁନିଟି ହଲ୍, ବାମ୍ବୋ ଷ୍ଟ୍ରକ୍ଚର, ୱାଟର ବଡି, ଗ୍ରୀନ୍ ଏରିଆ ଇତ୍ୟାଦିର ବିକଶିତ କରାଯାଇଛି। ବାକି ରହିଥିବା କାମଗୁଡ଼ିକ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିଦର୍ଶନ ବେଳେ ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଓ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



# ଦିଲୀପ ପ୍ରଧାନୀଙ୍କ ବିଜେଡିରେ ଯୋଗଦାନ

ଭୁବନେଶ୍ୱର,୧।୬(ରବିନାରାୟଣ ଜେନା)

## ବିଜେଡିର ମିଶ୍ରଣ ପର୍ବ

ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଦିଲୀପ ପ୍ରଧାନୀଙ୍କ ନେତୃତ୍ୱରେ ଶତାଧିକ ପିଆର୍‌ଆଇ ସଦସ୍ୟ ଓ କର୍ମୀ ରବିବାର ଶଙ୍ଖଭବନଠାରେ ବିଜୁ ଜନତା ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ଏନେଇ ବିଜେଡି ପକ୍ଷରୁ ଆୟୋଜିତ ଏକ ମିଶ୍ରଣ ପର୍ବରେ ବିଧାୟକ ତଥା ଜିଲା ସଭାପତି ମନୋହର ରନ୍ଧାରୀ ସମସ୍ତ ନବାଗତଙ୍କୁ ଉପଢ଼ୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଦିଲୀପ କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାବାସୀଙ୍କ ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ବିଜେଡିରେ ସାମିଲହେବା ପାଇଁ ନିଷ୍ପତ୍ତି ନେଲୁ। ଏହି ମିଶ୍ରଣ ପର୍ବରେ ସରପଞ୍ଚ ପ୍ରମିଳା ମୁଦୁଲି, ଶଙ୍କର ନାୟକ, ରୁକ୍ମିଣୀ ମାଝୀ ପ୍ରମୁଖ ସାମିଲ ହୋଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାନ୍(ମୁନ୍ନା ଖାନ୍), ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ରମେଶ ମାଝୀ, ମିଡିଆ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ଦୁର୍ଘଟଣା ସମୟରେ ଚାଲିଥିବା ଉଦ୍ଧାର କାର୍ଯ୍ୟ।

# ମନେପଡ଼ିଯାଏ ସେହି କାଳ ସନ୍ଧ୍ୟା

## ବାହାନଗା ରେଳ ଦୁର୍ଘଟଣାକୁ ୨ବର୍ଷ

ବାହାନଗା,୧।୬(ଅରୂପ୍ କୁମାର ଦାସ)

ବାହାନଗା ରେଳ ଦୁର୍ଘଟଣାକୁ ୨ବର୍ଷ ପୂରିଛି। ୨୦୨୩ ଜୁନ୍ ୨ ତାରିଖ ଶୁକ୍ରବାର ସନ୍ଧ୍ୟାରେ ଶାଲିମାର-ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ୍(୧୨୮୪୧) ଓ ବେଙ୍ଗାଲୁରୁ-ହାଓଡ଼ା ସୁପରଫାଷ୍ଟ ଏକ୍ସପ୍ରେସ ମଧ୍ୟରେ ହୋଇଥିଲା ଦୁର୍ଘଟଣା। ଏହି ଲୋମଟାଙ୍କୁରା ଦୁର୍ଘଟଣାରେ ଚାଲିଯାଇଥିଲା ୨୯୬ ଜୀବନ ଏବଂ ଆହତ ହୋଇଥିଲେ ୧୨୦୦ରୁ ଉର୍ଦ୍ଧ୍ୱ ଯାତ୍ରୀ। ଆହତ ଯାତ୍ରୀଙ୍କ ଆର୍ତ୍ତ ଚିତ୍କାର ଶୁଣି ଆଖପାଖ ଗାଁର ଲୋକେ ଦୌଡ଼ି ଆସିଥିଲେ ଉଦ୍ଧାର କରିବା ପାଇଁ। ଏହି ଘଟଣା ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଥିଲା। ଏହାକୁ ଦେଶର ଏକ ବଡ଼ ମର୍ମନ୍ତୁଦ ରେଳ ଦୁର୍ଘଟଣା ବୋଲି ବିବେଚନା କରାଯାଇଥିଲା। ମେନ୍ ଲାଇନ୍ ପରିବର୍ତ୍ତେ କରମଣ୍ଡଳ ଏକ୍ସପ୍ରେସ୍ ଲୁପ୍ ଲାଇନରେ ଦ୍ରୁତ ଗତିରେ ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ସିଗ୍‌ନାଲ୍‌ଜନିତ ତ୍ରୁଟି ଯୋଗୁ ଏଭଳି ଘଟଣା ଘଟିଥିବାରୁ ଏହାକୁ ସମ୍ପୂର୍ଣ୍ଣ ମାନବୀୟ ତ୍ରୁଟି ବୋଲି କୁହାଯାଇଥିଲା। ଘଟଣାର ସିବିଆଇ ତଦନ୍ତ ହୋଇଥିଲା। ୨୦୨୩ ଜୁଲାଇ ୭ରେ ୩ଜଣ ରେଳ ଅଧିକାରୀଙ୍କୁ ଗିରଫ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ଅକ୍ଲାନ୍ତ ପରିଶ୍ରମ ଏବଂ ସହଯୋଗରୁ ଅନେକ ଲୋକଙ୍କ ଜୀବନ ମଧ୍ୟ ବଞ୍ଚି ଯାଇଥିଲା। ଏବେବି ସେହି କାଳ ସନ୍ଧ୍ୟାର କରାଳ ରୂପ ଅଞ୍ଚଳବାସୀଙ୍କ ମନେପଡ଼ିଯାଉଛି। ଅପରପକ୍ଷରେ ଦୁର୍ଘଟଣା ପରେ ସରକାରଙ୍କ ପକ୍ଷରୁ ବହୁ ପ୍ରତିଶ୍ରୁତି ମିଳିଥିଲା। ହେଲେ ସେଥିରୁ ଅନେକ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହିଯାଇଥିବା ସାଧାରଣରେ ମତ ପ୍ରକାଶ ପାଇଛି।


ବାହାନଗା ଷ୍ଟେଶନର ଉନ୍ନତୀକରଣ କାମ ଚାଲିଛି।

ଦୁର୍ଘଟଣା ପରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କ ସାଂସଦ ପାଣ୍ଠିରୁ ବାହାନଗା ଷ୍ଟେଶନ ସମେତ ଆଖପାଖ ଗ୍ରାମର ବିକାଶ ନିମନ୍ତେ ୧କୋଟି ଟଙ୍କା ଘୋଷଣା କରିଥିଲେ। ସେହିପରି ରେଳ ମନ୍ତ୍ରଣାଳୟ ପକ୍ଷରୁ ବାହାନଗା ମେଡିକାଲର ଉନ୍ନତି ନିମନ୍ତେ ୧କୋଟି ଟଙ୍କା ଘୋଷଣା ହୋଇଥିଲା। ଦୁର୍ଘଟଣାସ୍ଥଳ ତଥା ରେଳ ଫାଟକଠାରେ ଦୁଇ ପାର୍ଶ୍ୱରେ ଦୁଇଟି ହାଇମାଷ୍ଟ ଲାଇଟ୍ ଲଗାଯିବା ସହ ବାହାନଗା ରେଳ ଫାଟକଠାରେ ଓଭରବ୍ରିଜ୍ ନିର୍ମାଣ, ବାହାନଗା ବଜାରରୁ ରେଳଷ୍ଟେଶନ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣ କରାଯିବାର ପ୍ରତିଶ୍ରୁତି ମିଳିଥିଲା। ବାହାନଗା ଷ୍ଟେଶନରେ ଏକ ଏକ୍ସପ୍ରେସ ଟ୍ରେନ୍ ରହିବାର ଦାବି ହେବା ପରେ କେଉଁ ଏକ୍ସପ୍ରେସ ଏଠାରେ ରହିବ ସେ ବାବଦରେ ଏଠାକୁ ଆସି ଆଲୋଚନା କରି ଖୁବ୍ ଶୀଘ୍ର ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବାହାନଗା ପଞ୍ଚାୟତକୁ ମଡେଲ ପଞ୍ଚାୟତ କରିବାକୁ ହୋଇଥିବା ଘୋଷଣା ମଧ୍ୟ ଅଟକିଯାଇଛି। କେବଳ ବାହାନଗା ହାଇସ୍କୁଲକୁ ଭାଙ୍ଗି ନୂତନ ଶ୍ରେଣୀଗୃହ କରାଯାଇଥିବାବେଳେ ବାହାନଗା ମିନିଷ୍ଟାଡିୟମ ଅଧାପନ୍ତରିଆ ହୋଇରହିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ବାହାନଗା ମେଡିକାଲର ଉନ୍ନତି ଓ ଟ୍ରମା କେୟାର ସେଣ୍ଟର ପାଇଁ ଆସିଥିବା ଅର୍ଥ କାମରେ ଲାଗିଥିବାବେଳେ ରାଜ୍ୟ ସରକାରଙ୍କ ଆମ ହସ୍ପିଟାଲ ଯୋଜନାରେ ମଞ୍ଜୁର ହୋଇଥିବା ଅଢେଇ କୋଟି ଟଙ୍କାରେ ବିଶେଷ କିଛି କାମ ହୋଇ ନ ଥିବା କୁହାଯାଇଛି।

### ଏମାନେ କୁହନ୍ତି ...

"କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି କେବଳ କଥାରେ ହିଁ ରହିଯାଇଛି। ବାହାନଗା ପଞ୍ଚାୟତରେ କ'ଣ କାମ ହୋଇଛି ତାହା ଜଣାପଡୁନାହିଁ। କେବଳ କମାରିପୁର ଆସିବାସୀ ସାହିରେ ରାସ୍ତା ହୋଇଛି।

**-ବ୍ରଜେନ୍ଦ୍ର ପଣ୍ଡା, ବାହାନଗା ସରପଞ୍ଚ**

"କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ବାହାନଗା ମେଡିକାଲରେ କାମ ହୋଇଛି। ଏଥିସହିତ ଯେଉଁ ବିଦ୍ୟାଳୟର ଦୁର୍ଘଟଣା ପରେ ମରଶରୀରଗୁଡ଼ିକୁ ଚିହ୍ନଟ ପାଇଁ ରଖାଯାଇଥିଲା, ତା'ର ନୂତନ ଘର ନିର୍ମାଣ ହୋଇଛି। ଏହା ବ୍ୟତୀତ ଆଖିଦୃଶିଆ କାମ କିଛି ହୋଇନାହିଁ। ମନ୍ତ୍ରୀଙ୍କ ଅନୁଦାନରେ ବାହାନଗା ପଞ୍ଚାୟତର କେତେକ ଗ୍ରାମରେ କେବଳ ସିଆର୍‌ସିସି ସେଣ୍ଟର ହୋଇଛି ଆଉ ଲାଇଟ୍ କିଛି ଲାଗିଛି।

**-ସରୋଜ ରାଉତ, ବାହାନଗା ସମିତିସଭ୍ୟ**

"କେନ୍ଦ୍ର ଓ ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତିରେ କାମ ଆରମ୍ଭ ହୋଇଛି। ଓଭରବ୍ରିଜ୍ ସର୍ଭେ କାମ ସରିଛି। ଖୁବ୍ ଶୀଘ୍ର ଆରମ୍ଭ ହେବ। ବିଦ୍ୟାଳୟ ବିଲ୍ଡିଂ କାମ ସରିଛି। ବାହାନଗା ପଞ୍ଚାୟତର ବିଭିନ୍ନ ସ୍ଥାନରେ ସୋଲାର ଲାଇଟ୍ ଲାଗିଥିଲା। ଆଉଯାହା ସବୁ କାମ ବାକି ଅଛି ତାହା କିପରି ତ୍ୱରାନ୍ୱିତ ହେବ ସରକାରଙ୍କଠାରେ ଦାବି କରିବି।

**-ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ା**

"ଘୋଷଣା ଅନୁଯାୟୀ ୫୦ ଭାଗ କାମ ସରିଛି। ଆଉ ଯାହା ବାକି ଅଛି ତାହା ଲୋକଙ୍କ ଅସହଯୋଗ ପାଇଁ ଏପର୍ଯ୍ୟନ୍ତ ରେଳ ଷ୍ଟେଶନର ଉନ୍ନତି ସରିପାରିନାହିଁ। ରାସ୍ତା କାମ ଚାଲିଛି। ଓଭରବ୍ରିଜ୍ ଲାଗି ସର୍ଭେ ହୋଇଛି, ତା'ର କାମ ଆରମ୍ଭ ହୋଇନାହିଁ।

**- ବିଶ୍ୱନାଥ ମିଶ୍ର, ବାହାନଗା ବ୍ଲକ ଅଧ୍ୟକ୍ଷ**

# ଭତ୍ତା ଟଙ୍କା ନେଇ ଘୁଷୁରି ଘୁଷୁରି ଫେରିଲେ ବୃଦ୍ଧା



ପାଟଣାଗଡ,୧।୬(ସଚ୍ଚିଦାନନ୍ଦ ମହାକୁର)

ଭତ୍ତା ଟଙ୍କା ଧରି ଘରକୁ ଫେରୁଥିବା ସମୟରେ ଜଣେ ବୃଦ୍ଧା ଦିନ ଦ୍ୱିପ୍ରହରରେ ରାସ୍ତା ମଝିରେ ଘୁଷୁରି ଘୁଷୁରି ଯିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଭଳି ଘଟଣା ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଫଟାମୁଣ୍ଡାରେ ଦେଖିବାକୁ ମିଳିଛି। ବୃଦ୍ଧା ଜଣକ ହେଲେ ଫଟାମୁଣ୍ଡା ପଞ୍ଚାୟତ ପାଣ୍ଡେସରା ଗାଁର ସ୍ୱର୍ଗତ ନୃସିଂହ ନାଗଙ୍କ ସ୍ତ୍ରୀ ସୁରେଖା ନାଗ। ସୁରେଖା ବାର୍ଦ୍ଧକ୍ୟଜନିତ କାରଣରୁ ଚଲାବୁଲା କରିପାରୁ ନ ଥିବାବେଳେ ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କ ଯତ୍ନ ନେବା ପାଇଁ କେହିନାହାନ୍ତି। ଭତ୍ତା ଟଙ୍କା ଆଣିଲେ ସେ ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି। ପ୍ରତିମାସରେ ଭତ୍ତା ଟଙ୍କା ଆଣିବା ପାଇଁ ସୁରେଖା ଅଟୋ ଭଡ଼ା ବାବଦରେ ୨ ଶହ ଟଙ୍କା ଦେଇଥାନ୍ତି। ଶନିବାର ସେ ନିକଟସ୍ଥ ଏକ ବ୍ୟାଙ୍କ ଶାଖାକୁ ବାର୍ଦ୍ଧକ୍ୟ ଭତ୍ତା ଆଣିବାକୁ ଯାଇଥିଲେ। ତେବେ ଅଟୋ ନ ମିଳିବାରୁ ସେ ସାହସ ଜୁଟାଇ ରାସ୍ତାରେ ଘୁଷୁରି ଘୁଷୁରି ଘରକୁ ଫେରିବା ଦେଖିବାକୁ ମିଳିଥିଲା। ଏହି ସମୟରେ ସେହି ରାସ୍ତା ଦେଇ ଆସୁଥିବା ଜଣେ ଟ୍ରାକ୍ଟର ଚାଳକ ବୃଦ୍ଧାଙ୍କୁ ଦେଖି ଅଟକି ଥିଲେ। ସେହି ଟ୍ରାକ୍ଟରରେ କାମ କରି ଯାଇଥିବା ଶ୍ରମିକମାନେ ଫେରୁଥିଲେ। ସେମାନେ ବୃଦ୍ଧାଙ୍କ ପ୍ରତି ସହାନୁଭୂତି ଦେଖାଇ ଟ୍ରାକ୍ଟରରେ ତାଙ୍କୁ ବସାଇ ଘରେ ଛାଡ଼ି ଦେଇଥିଲେ।

## ତମାଖୁ ପାଇଁ ପ୍ରତିବର୍ଷ ୮ ନିୟୁତ ଲୋକଙ୍କ ମୃତ୍ୟୁ ହେଉଛି

ଭୁବନେଶ୍ୱର, ୧।୬(ବନ୍ଦନା ସେଠୀ)

ତମାଖୁ ସେବନ ହେଉଛି ୧୪ ପ୍ରକାର କର୍କଟ ଏବଂ ଅନ୍ୟାନ୍ୟ ଗୁରୁତର ସ୍ୱାସ୍ଥ୍ୟଜନିତ ସମସ୍ୟାର ଅନ୍ୟତମ ପ୍ରମୁଖ କାରଣ। ପ୍ରତିବର୍ଷ ବିଶ୍ୱରେ ୮ ନିୟୁତ ଲୋକଙ୍କର ତମାଖୁ ସେବନ ପାଇଁ ମୃତ୍ୟୁ ଘଟିଥାଏ। ସେଥିମଧ୍ୟରୁ ପ୍ରାୟ ୧.୨ ନିୟୁତ ଲୋକ ପରୋକ୍ଷ ଧୂମପାନ ସଂସ୍ପର୍ଶରେ ଆସିବାରୁ ମୃତ୍ୟୁବରଣ କରୁଛନ୍ତି ବୋଲି ମତ ପ୍ରକାଶ ପାଇଛି। ଶନିବାର ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ ଅବସରରେ ପିପୁଲ୍ସ କଲଚରାଲ ସେଣ୍ଟର (ପିକକ୍) ଓ କୋଆଲିଶନ୍ ଫର୍ ଟବାକୋ ଫ୍ରି ଓଡ଼ିଶା ପକ୍ଷରୁ 'ପିଲା ଓ ଯୁବକମାନଙ୍କୁ ତମାଖୁଜନିତ ସ୍ୱାସ୍ଥ୍ୟହାନିରୁ ରକ୍ଷା କରିବା' ଶୀର୍ଷକ ୱେବିନାର ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଅତିଥିମାନେ ତମାଖୁ ସେବନର କୁପରିଣାମ ଓ ଏଥିଜନିତ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା କରିବା ପାଇଁ ମିଳିତ ପ୍ରୟାସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପିକକ୍ ସମ୍ପାଦକ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇ ଶିଶୁ ଏବଂ ଯୁବକମାନଙ୍କୁ ତମାଖୁ ସେବନରୁ ରକ୍ଷା କରିବା ପାଇଁ ବିଭିନ୍ନ ଉପାୟ ଉପରେ କହିଥିଲେ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ସ୍ୱାସ୍ଥ୍ୟସେବା (ଏନ୍‌ସିଡି) ଅତିରିକ୍ତ ନିର୍ଦ୍ଦେଶକ ଡା. ସୁଶାନ୍ତ କୁମାର ସ୍ୱାଇଁ ଯୋଗଦେଇ, ତମାଖୁ କର୍କଟ, ଫୁସ୍‌ଫୁସ୍ ସଂକ୍ରମଣ, ଶିଶୁଙ୍କଠାରେ କମ୍ ଓଜନ ଦେଖାଦେବା ଆଦି ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାର କାରଣ ବୋଲି କହିଥିଲେ। ପ୍ରଫେସର ଡା. ପ୍ରତାପ କୁମାର ଜେନା ପରୋକ୍ଷ ଧୂମପାନର ବିପଦ ସମ୍ପର୍କରେ ଆଲୋଚନା କରିଥିଲେ। ଗାନ୍ଧୀବାଦୀ ପ୍ରହ୍ଲାଦ ସିହ୍ନା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ତମାଖୁ ନିୟନ୍ତ୍ରଣ ପ୍ରକୋଷ୍ଠର ରାଜ୍ୟ ପରାମର୍ଶଦାତା ଡା. ଗିରିଜା ଶଙ୍କର ମିଶ୍ର ଓଡ଼ିଶାକୁ ତମାଖୁ ମୁକ୍ତ କରିବା ପାଇଁ ସମସ୍ତଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଯୁବପିଢ଼ି ଏବଂ ପିଲାମାନଙ୍କୁ ଶପଥ ପାଠ କରାଇଥିଲେ।



ଗାଡ଼କଣ ଡମ୍ପିଂୟାର୍ଡ ଗେଟ୍ ବନ୍ଦ କରି ସ୍ଥାନୀୟ ଲୋକଙ୍କ ସହ ଅଳିଆଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ କର୍ମକର୍ତ୍ତାମାନେ ପ୍ରତିବାଦ କରୁଛନ୍ତି।

## ଗାଡ଼କଣ ଡମ୍ପିଂୟାର୍ଡ ଗେଟ୍ ବନ୍ଦ କରି ଜନପ୍ରତିବାଦ

- ଅଳିଆ ଦୁର୍ଗନ୍ଧରେ ଅଚେତ ହୋଇପଡ଼ିଲେ ଆନ୍ଦୋଳନକାରୀ
- ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ନେଲେ ବଡ଼ ଆନ୍ଦୋଳନ

ଭୁବନେଶ୍ୱର, ୧।୬(ସୁଚିସ୍ମିତା ସାହୁ)


ଅଚେତ ହୋଇପଡ଼ିଥିବା ଆନ୍ଦୋଳନକାରୀଙ୍କୁ ନିଆଯାଉଛି।

ସୈନିକ ସ୍କୁଲ ନିକଟ ଗାଡକଣ ଡମ୍ପିଂୟାର୍ଡ ଗେଟ୍ ସମ୍ମୁଖରେ ଶହଶହ ଲୋକ ପ୍ରତିବାଦ କରିଛନ୍ତି। ଅଳିଆଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ଡାକରାରେ ଲୋକମାନେ ଆନ୍ଦୋଳନରେ ସାମିଲ ହୋଇ ଡମ୍ପିଂୟାର୍ଡର ମୁଖ୍ୟ ଗେଟ ବନ୍ଦ କରି ଜନ ପ୍ରତିବାଦ କରିଥିଲେ। ଡମ୍ପିଂୟାର୍ଡ ଭିତରକୁ ଅଳିଆ ଗାଡି ଛାଡି ନ ଥିଲେ। ଫଳରେ ବହୁ ସମୟ ଧରି ଅଳିଆ ଗାଡ଼ି ରାସ୍ତା ଉପରେ ଅଟକି ରହିଥିଲା। ଅଳିଆ ଦୁର୍ଗନ୍ଧରେ ଧାରଣାରେ ବସିଥିବା ଅଭିଯାନର ପ୍ରମୁଖ କର୍ମକର୍ତ୍ତା ଶଙ୍କର୍ଷଣ ବାରିକ ଅଚେତ ହୋଇପଡ଼ିଥିଲେ । ସୂଚନାନୁସାରେ, ବିଏମ୍‌ସି ବିଳମ୍ବ କରିବାରୁ ମେ ୧୫ରେ ପଳାଶୁଣୀସ୍ଥିତ ଶୁଖିଲା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପ୍ଲାଣ୍ଟକୁ ସାଧାରଣ ଲୋକେ ନଡ଼ିଆ ବାଡେଇ ଉଦ୍‌ଘାଟନ କରିଥିଲେ। ସେଠାରେ ଶୁଖିଲା ଅଳିଆ ପ୍ରକ୍ରିୟାକରଣ ହେବା କଥା। ଏହା ନ କରି ବିଏମ୍‌ସି କମିଶନର ନିଜ ତ୍ରୁଟି ଲୁଚେଇବା ପାଇଁ ଭୁବନେଶ୍ୱର ଉନ୍ନୟନ ପରିଷଦ ସଭାପତି ବାସୁଦେବ ଭଞ୍ଜଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ନାମରେ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଥିଲେ । ଏହାପରେ ପରିଷଦ ତରଫରୁ କମିଶନରଙ୍କ ନାମରେ ମୈତ୍ରୀ ବିହାର ଥାନାରେ ବାସୁଦେବ ଭଞ୍ଜ ଏତଲା ଦେଇଥିଲେ। ଏହା ସତ୍ତ୍ୱେ ବିଏମସି ଦୈନିକ ୩୫୦ ମେଟ୍ରିକ ଟନ୍ ଶୁଖିଲା ଓ ଓଦା ଅଳିଆ ସୈନିକ ସ୍କୁଲ ଅଳିଆ ଗଦାକୁ ଆଣିବାରୁ ଲୋକଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଲୋକମାନେ ଅଳିଆ ଗାଡି ରୋକି ଚାବି ନେଇଯିବା ସହ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ କରିଥିଲେ। ବର୍ଷା ହେବା ଫଳରେ କିଛିଦିନ ହେବ ପ୍ରବଳ ଦୁର୍ଗନ୍ଧ ହେବାରୁ ଲୋକେ ଆହୁରି ରାଗିଯାଇଥିଲେ। ଅଳିଆଗଦାର ପ୍ରାୟ ୧୦କିମି ପରିଧିରେ ଦୁର୍ଗନ୍ଧ ସହ ଲୋକଙ୍କ ପାଇଁ ବଞ୍ଚିବା ଦୁର୍ବିସହ ହୋଇପଡିଛି । ଯଦି ଦୈନିକ ୧୫୦ ଟନ୍ ଶୁଖିଲା ଅଳିଆ ପଳାଶୁଣୀରେ ପ୍ରୋସେସିଂ ହେବ ତେବେ ଗାଡ଼କଣରୁ ଅଳିଆ କମିଯିବ। ବିଏମ୍‌ସି ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ହଜାର ହଜାର ଲୋକଙ୍କୁ ନେଇ ଜନପ୍ରତିବାଦ କରାଯିବ ବୋଲି ଅଭିଯାନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଜନ ପ୍ରତିବାଦରେ ବାସୁଦେବ ଭଞ୍ଜ, ନିରୁପମା ପାତ୍ର, ପ୍ରସନ୍ନ ବିଷୋୟୀ, ଅଶୋକ ପାଇକରାୟ, ଚିନ୍ତାମଣି ବାରିକ ସମେତ ବହୁ ସାଧାରଣ ଲୋକ ସାମିଲ ହୋଇଥିଲେ।

## ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ଚାରାରୋପଣ କଲା ଓଏମ୍ଏ

ଭୁବନେଶ୍ୱର, ୧।୬ (ସୌମ୍ୟରଞ୍ଜନ ରାଉତ)

ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ। ଏ ପୃଥିବୀକୁ ପରିବେଶ ପ୍ରଦୂଷଣଜନିତ ଭୟରୁ ରକ୍ଷାକରି ଏକ ସନ୍ତୁଳିତ ଓ ସୁସ୍ଥ ପରିବେଶ ଗଢ଼ି ତୋଳିବା ନେଇ ରବିବାର ଓଡ଼ିଶା ମେଲୋଡ଼ି ଆସୋସିଏଶନ (ଓଏମ୍ଏ) ବାର୍ତ୍ତା ଦେଇଛି। ଏହି ଅବସରରେ ଆସୋସିଏଶନ ପକ୍ଷରୁ ଚାରାରୋପଣ କରାଯାଇଥିଲା। ୟୁନିଟ୍-୮ କଲ୍ୟାଣ ମଣ୍ଡପ ଛକଠାରୁ ଡିଏଭି ସ୍କୁଲ୍ ଛକ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ପ୍ରାୟ ୬୦ଟି ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଶୁଭାରମ୍ଭ କରିଥିବାବେଳେ ସାମାଜିକ କର୍ମୀ ମିଳନ ପାଇକରାୟ, ଆସୋସିଏଶନର ସାଧାରଣ ସମ୍ପାଦକ ଲୁଲୁ ମହାନ୍ତି, କାର୍ଯ୍ୟକାରୀ ସଭାପତି ଅଜୟ କୁମାର କର, ପଙ୍କଜ ମହାନ୍ତି, ପ୍ରଦୀପ କ୍ରୀଷ୍ଟା, ତାପସ ରାଜାଙ୍କ ସମେତ ଆସୋସିଏଶନ୍‌ର ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସହ ଅନ୍ୟମାନେ ଚାରାରୋପଣ କରୁଛନ୍ତି।

## ଡାକ୍ତର ଅଟଳବିହାରୀ ନାୟକଙ୍କ ପରଲୋକ

ଭୁବନେଶ୍ୱର, ୧।୬ (ସୌମ୍ୟରଞ୍ଜନ ରାଉତ)

ରୋଗୀସେବା ଓ ସମାଜସେବା ଥିଲା ତାଙ୍କ ଜୀବନର ବ୍ରତ। ଲୋକଙ୍କୁ ସେବା କରି ସେ ସୁଖୀ ହେଉଥିଲେ। ପରିବାର ପ୍ରତି ଥିଲା ଦୟା, ପ୍ରେମ ଓ ଆନ୍ତରିକତା। ଅନ୍ୟମାନଙ୍କ ଲାଗି କାମ କରୁଥିବା ଓ ସେବା କାର୍ଯ୍ୟରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଡାକ୍ତର ଅଟଳବିହାରୀ ନାୟକ ଆଉ ନାହାନ୍ତି। ଗତ ୨୩ ତାରିଖରେ ତାଙ୍କର ପରଲୋକ ହୋଇଯାଇଛି। ପୁଅ ମେଜର୍ ଅଂଶୁମାନ ମୁଖାଗ୍ନି ଦେଇଛନ୍ତି। ଜଗତ୍‌ସିଂପୁର ଜଇପୁର ଗ୍ରାମରେ ଜନ୍ମିତ ଅଟଳଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଥିବାବେଳେ ଗାଁ ଲୋକେ ତାଙ୍କୁ ଝୁରି ହେଉଛନ୍ତି।

## ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର ୪ ଅଧିକାରୀଙ୍କୁ ଅବସର ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧।୬ (ସୌମ୍ୟରଞ୍ଜନ ରାଉତ)

ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର ସାଂସ୍କୃତିକ ଓ କ୍ରୀଡା ସଂସଦ ପକ୍ଷରୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଚାକିରୀରୁ ଅବସର ନେଇଥିବା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ବିଭୁତି ଭୂଷଣ ମିଶ୍ର, ଅତିରିକ୍ତ ମାହାଲ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ସଂଗ୍ରାମ କୁମାର ରାୟସର୍ଦ୍ଦାର, ଯୁଗ୍ମ ଶାସନ ସଚିବ ଚିତ୍ତ ରଞ୍ଜନ ପଣ୍ଡା ଏବଂ ମୁଖ୍ୟ ତତ୍ତ୍ୱାବଧାରକ ବିକ୍ରମ ବେହେରାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗର ଅତିରିକ୍ତ ଶାସନ ସଚିବ ମନୋଜ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରି ୪ଜଣ ଅଧିକାରୀଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହିତ ଅବସରକାଳୀନ ଜୀବନ ଭଲରେ କାଟିବାକୁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ଅମୀୟ କୁମାର ଦାସ, ଉପସଭାପତି ଶ୍ରୀମତୀ ସାହୁ ଓ ସାଧାରଣ ସମ୍ପାଦକ ନଳିନୀ କାନ୍ତ ଶର୍ମା ସଭା ପରିଚାଳନା କରିଥିଲେ।


ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର ୪ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

## ବିମୋହିତ କଲା ନବୀନ, ପ୍ରବୀଣ ଶିଳ୍ପୀଙ୍କ ଓଡ଼ିଶୀ ନୃତ୍ୟ


ନୃତ୍ୟାଞ୍ଜଳିର ୩୩ତମ ମହୋତ୍ସବ ଓ ସମ୍ମାନ ପ୍ରଦାନ ପର୍ବରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର, ୧।୬(ସୌମ୍ୟରଞ୍ଜନ ରାଉତ)

ନୃତ୍ୟାଞ୍ଜଳି ପକ୍ଷରୁ ରବିବାର ୩୩ତମ ମହୋତ୍ସବ ଓ ସମ୍ମାନ ପ୍ରଦାନ ପର୍ବ ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ସମାରୋହର ପ୍ରଥମ ଅଧିବେଶନରେ ୨୦୦ରୁ ଊର୍ଦ୍ଧ୍ୱ ନବୀନ ଓ ପ୍ରବୀଣ ଓଡ଼ିଶୀ ନୃତ୍ୟଶିଳ୍ପୀ ଏକକ, ଦ୍ୱୈତ ଓ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟା ଅଧିବେଶନରେ ଆୟୋଜିତ ହୋଇଥିଲା ସମ୍ମାନ ପ୍ରଦାନ ଉତ୍ସବ। କଳା ପ୍ରତି ଜୀବନବ୍ୟାପୀ ସାଧନା ଓ ସମର୍ପଣ ପାଇଁ

### ନୃତ୍ୟଗୁରୁ ମୀନାକ୍ଷୀ ଓ କେଶବଙ୍କୁ 'ନୃତ୍ୟାଞ୍ଜଳି ସମ୍ମାନ'

ପ୍ରସିଦ୍ଧ ନୃତ୍ୟଗୁରୁ ମୀନାକ୍ଷୀ ବେହେରାଙ୍କୁ 'ନୃତ୍ୟାଞ୍ଜଳି ନୃତ୍ୟ ସମ୍ମାନ' ଓ ଗୁରୁ କେଶବ ଚରଣ ରାଉତଙ୍କୁ 'ନୃତ୍ୟାଞ୍ଜଳି ସଙ୍ଗୀତ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ଗୁରୁ ସସ୍ମିତା ପଣ୍ଡାଙ୍କ ନିର୍ଦ୍ଦେଶନାରେ ବିରଜା କଳା ଏକାଡେମୀର ଶିଳ୍ପୀଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ବିଭିନ୍ନ ପର୍ଯ୍ୟାୟରେ ନୃତ୍ୟାଞ୍ଜଳି, ଭାରତୀ ନୃତ୍ୟ ମନ୍ଦିର, ନୃତ୍ୟାୟନର ପ୍ରସିଦ୍ଧ ନୃତ୍ୟଗୁରୁ ପୁଷ୍ପ ରଞ୍ଜନ ମଙ୍ଗରାଜ, ଭରତ ଗିରି, ମିତା ଦାସ, ଡ. ସୋନାଲି ସାବତ, ଗାୟତ୍ରୀ ରଣବୀରଙ୍କ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ଏକାମ୍ର ବିଧାୟକ ବାବୁ ସିଂ, ନୃତ୍ୟଗୁରୁ ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀର, ନ୍ୟୁଜ୍ ୭ର ସମ୍ପାଦକ ଦେବ ନାରାୟଣ ସେଠୀ, ଶିକ୍ଷାବିତ୍ ତଥା ସମାଜସେବୀ ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ନୃତ୍ୟାଞ୍ଜଳିର ସଭାପତି ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ସମ୍ପାଦକ ଗୁରୁ ପୁଷ୍ପରଞ୍ଜନ ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ।

## ଛାତ୍ରୀଛାତ୍ର, ପ୍ରଧାନ ଶିକ୍ଷକଙ୍କୁ ନିର୍ମାଣ ମେଧା ସମ୍ମାନ

ବାଲକାଟୀ, ୧।୬(ମନୋଜ ମଣ୍ଡଳ)

ବାଲକାଟୀସ୍ଥିତ ନିର୍ମାଣ ଏଜୁକେଶନାଲ ଟ୍ରଷ୍ଟ ଓ ବ୍ରଜ ଗୋପାଳ ମେମୋରିଆଲ ଫାଉଣ୍ଡେଶନ ଆଳିଶି ଶାସନର ମିଳିତ ଆନୁକୂଲ୍ୟରେ ରବିବାର ନିର୍ମାଣ ମେଧା ସମ୍ମାନ- ୨୦୨୫ ପ୍ରଦାନ କରାଯାଇଛି। ଏହି ଅବସରରେ ବାଲକାଟୀସ୍ଥିତ ନିର୍ମାଣ ଅଡିଟୋରିମରେ ଏକ ଭବ୍ୟ ଉତ୍ସବ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ନିର୍ମାଣର ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତି ସଭାପତିତ୍ୱ କରିଥିଲେ। ବାଲିଅନ୍ତା ଓ ବାଲିପାଟଣା ବ୍ଲକର ୧୦ଟି ହାଇସ୍କୁଲ ଏବଂ ୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୬ ଜଣ ମେଧାବୀ ଛାତ୍ରୀଛାତ୍ର ଓ ୧୦ ଜଣ ପ୍ରଧାନ ଶିକ୍ଷକଙ୍କୁ ନିର୍ମାଣ ମେଧା ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ବଙ୍କିମ୍ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରହ୍ଲାଦ ସାହୁ, ବ୍ରଜ ଗୋପାଳ ଫାଉଣ୍ଡେଶନ ଅଧ୍ୟକ୍ଷ କୈଳାଶ ଚନ୍ଦ୍ର ମିଶ୍ର, ପ୍ରତାପଶାସନ ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ବିଜୟ ମହାରଣା, ରାଜ୍ୟ ଘରୋଇ ଶିଳ୍ପ ତାଲିମ ସଂଘ ସଭାପତି ଅରୁଣ ନାୟକ, ଓଡ଼ିଶୀ ନୃତ୍ୟ ଗବେଷକ ଜଗବନ୍ଧୁ ଜେନା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମକୁ ଶୁଭଜିତ ପଣ୍ଡା ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ନିର୍ମାଣ ମେଧା ସମ୍ମାନ ପାଇଥିବା ଛାତ୍ରୀଛାତ୍ର ଓ ପ୍ରଧାନ ଶିକ୍ଷକ।

## ସ୍ୱର୍ଶ ହେଲ୍‌ଥକେୟାର ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ

ଭୁବନେଶ୍ୱର, ୧।୬


ସ୍ୱର୍ଶ ହେଲ୍‌ଥକେୟାର ପକ୍ଷରୁ ବାହାରିଥିବା ସଚେତନତା ପଦଯାତ୍ରା।

ପ୍ରତି ବର୍ଷ ଭଳି ଚଳିତବର୍ଷ ମଧ୍ୟ ସ୍ୱର୍ଶ ହେଲ୍‌ଥକେୟାରରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱର୍ଶ ହେଲ୍‌ଥକେୟାର ପକ୍ଷରୁ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା। ବିଶେଷ କରି ତମାଖୁ ସେବନର କୁପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟି କରାଇବା ସହିତ ତମାଖୁ ସେବନର ଭୟାବହ ପରିଣାମ ବିଷୟରେ ମଧ୍ୟ ସମାଜକୁ ଅବଗତ କରାଇବା ଏବଂ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ଲୋକମାନଙ୍କ ମନରେ ସଚେତନତା ଆଣିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା।

ଚଳିତବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତମାଖୁ ବର୍ଜନ ଦିବସର ବାର୍ତ୍ତା ହେଉଛି 'ତମାଖୁ ଏବଂ ନିକୋଟିନ ଶିଳ୍ପଗୁଡ଼ିକ ସେମାନଙ୍କର କ୍ଷତିକାରକ ଉତ୍ପାଦଗୁଡ଼ିକୁ ଆକର୍ଷଣୀୟ ଦେଖାଇବା ପାଇଁ ବ୍ୟବହାର କରୁଥିବା କୌଶଳଗୁଡ଼ିକୁ ଜନସାଧାରଣଙ୍କୁ ଜଣାଇବା ଓ ଏହା ପ୍ରତି ସଚେତନ ରହିବା। ଏହି ଅବସରରେ ସ୍ୱର୍ଶ ହେଲ୍‌ଥକେୟାରର ଅଧ୍ୟକ୍ଷ ତଥା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଡା. ପ୍ରିୟବ୍ରତ ଧୀର ଯୋଗଦେଇ ଏକ ତମାଖୁମୁକ୍ତ ଏବଂ ସୁସ୍ଥ ପରିବେଶର ଆହ୍ୱାନ ଦେଇଥିଲେ।

ସେହିଭଳି ଏହି କାର୍ଯ୍ୟକ୍ରମରେ ସ୍ୱର୍ଶ ଗ୍ରୁପ ହସ୍ପିଟାଲ୍‌ର ବିଭିନ୍ନ ବିଭାଗର ଡାକ୍ତର ଏବଂ କର୍ମଚାରୀଙ୍କ ସମେତ ସ୍ୱର୍ଶ ନର୍ସିଂ କଲେଜର ଶିକ୍ଷକ, ଛାତ୍ରୀଛାତ୍ର ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର ସଦସ୍ୟମାନେ ଯୋଗଦେଇଥିଲେ। ସ୍ୱର୍ଶ ହସ୍ପିଟାଲ୍ ପକ୍ଷରୁ ଏହି ପଦଯାତ୍ରା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ମଧ୍ୟରେ ଏବଂ କଣ୍ଟାବାଡସ୍ଥିତ ସ୍ୱର୍ଶ ହସ୍ପିଟାଲ୍ ପରିସରରେ ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାରେ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

ସ୍ୱର୍ଶ ହସ୍ପିଟାଲ୍ ଦୀର୍ଘ ୧୯ ବର୍ଷ ଧରି ଏହି ଦିବସକୁ ବିଭିନ୍ନ ପ୍ରକାରର ସଚେତନତା କାର୍ଯ୍ୟକ୍ରମ ଜରିଆରେ କରି ଆସୁଛି। ଏହି ଦିବସର ପାଳନ ଏବଂ ତମାଖୁ ପ୍ରତି ସଚେତନ ରହିବାର ବାର୍ତ୍ତାକୁ ଶୋଭାଯାତ୍ରାରେ ସାମିଲ ସବୁବର୍ଗର ଲୋକ, ରୋଗୀ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ନିକଟରେ ପହଞ୍ଚାଇଥିଲେ।

## ଜାତୀୟ ରାଜପଥ ଉପରେ କାର୍ ରଖି ଝଗଡ଼ା

ଭୁବନେଶ୍ୱର, ୧।୬(ସତ୍ୟଜିତ୍ ରାଉତ)- ପଳାଶୁଣୀ ଫୁଟ୍ ଓଭରବ୍ରିଜ୍ ନିକଟ ୧୬ ନଂ. ଜାତୀୟ ରାଜପଥରେ ରବିବାର ସକାଳେ ଦୁଇଜଣ କାର ଥୋଇ ଝଗଡା କରୁଥିବାର ଭିଡିଓ ଭାଇରାଲ ହୋଇଛି। ଦୁଇ କାର୍ ଚାଳକଙ୍କ ଏଭଳି ମନମାନି ପାଇଁ ରାସ୍ତା ଜାମ୍ ହେବାରୁ ଅନ୍ୟ ଗାଡିଚାଳକମାନେ ହଇରାଣ ହୋଇଥିଲେ। ସୂଚନାନୁସାରେ, ହଂସପାଳ ପାର୍ଶ୍ୱରୁ ରସୁଲଗଡ ଅଭିମୁଖେ ଆସୁଥିବା ଦୁଇ କାର୍ ସାମାନ୍ୟ ଧକ୍କା ହେବାରୁ ଚାଳକ ଓହ୍ଲାଇ ଆସି ପରସ୍ପର ଝଗଡା ଲାଗିଥିଲେ। କ୍ଷତିପୂରଣ ପାଇଁ ପରସ୍ପରକୁ ଦାବି କରିଥିଲେ। ତେବେ ରାସ୍ତା ମଝିରେ କାର୍ ଥୋଇବାରୁ ଅନ୍ୟ ଗାଡିଗୁଡିକ ଅଟକି ରହିବା ସହ ବୁଲାଇ ଆସିବାକୁ ପଡିଥିଲା। ପ୍ରାୟ ୧୦ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ଏହି ଝଗଡା ହୋଇଥିଲା। ମଞ୍ଚେଶ୍ୱର ଥାନା ପୋଲିସ ପହଞ୍ଚି ଦୁଇ କାର୍‌କୁ ଜବତ କରି ଥାନାକୁ ଆଣି ଏକ ଷ୍ଟେଶନ ଡାଏରୀ ରୁଜୁ କରି ତଦନ୍ତ କରିଥିଲା। ତେବେ ଦୁଇ କାର୍ ଚାଳକ ପରସ୍ପର ମଧ୍ୟରେ ଆପୋସ ସମାଧାନ କରି ଘରକୁ ଫେରିଥିବା ମଞ୍ଚେଶ୍ୱର ଥାନାଧିକାରୀ ମୃତ୍ୟୁଞ୍ଜୟ ମିଶ୍ର କହିଛନ୍ତି।

## ଆସ୍ୱାୟାର ହସ୍ପିଟାଲ୍ ପକ୍ଷରୁ ୱାକାଥନ୍, ଜାଗୃକତା ଅଭିଯାନ

ଭୁବନେଶ୍ୱର, ୧।୬ (ବନ୍ଦନା ସେଠୀ)

ଗଙ୍ଗନଗରସ୍ଥିତ ଆସ୍ୱାୟାର ହସ୍ପିଟାଲ୍‌ରେ ଶନିବାର ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ୱାକାଥନ୍ ଓ ଜାଗୃକତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହସ୍ପିଟାଲ୍‌ରୁ ୱାକାଥନ୍ ଆରମ୍ଭ ହୋଇ ଗଙ୍ଗନଗର ଛକ, ରାଜଭବନ, ମୁଖ୍ୟମନ୍ତ୍ରୀ ବାସଭବନ, ଏ.ଜି. ଛକ, କ୍ୟାପିଟାଲ ହସ୍ପିଟାଲ ଓ ଏୟାରପୋର୍ଟ ଛକଦେଇ ଯାଇଥିଲା। ଏଥିରେ ଡାକ୍ତର, କର୍ମଚାରୀ, ରୋଗୀ ଓ ସ୍ଥାନୀୟ ନାଗରିକ ଅଂଶଗ୍ରହଣ କରିଥିଲେ। କ୍ୟାନ୍‌ସର ସର୍ଜନ ଡା. ଅମିତାଭ ଜେନା ଏହାର ନେତୃତ୍ୱ ନେବା ସହ ତମାଖୁ ତ୍ୟାଗ କଲେ ଦେଶରେ କ୍ୟାନ୍‌ସର ରୋଗ ଭାର ପ୍ରାୟ ଏକ ଚତୁର୍ଥାଂଶ କମିଯିବ ବୋଲି ମତ ରଖିଥିଲେ। ହସ୍ପିଟାଲ ଅଧ୍ୟକ୍ଷ ତଥା ହୃଦ୍‌ରୋଗ ସର୍ଜନ ଡା. ଚନ୍ଦ୍ରଭାନୁ ପରିଜା, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଶ. ବିଭୁଦତ୍ତ ମହାପାତ୍ର, ସାଇକୋ-ଅଙ୍କୋଲୋଜିଷ୍ଟ ଡା. ଦେବୀ ପ୍ରସନ୍ନ ମହାନ୍ତି, ଅପରେଶନ ମ୍ୟାନେଜର ସମୀର ସାହୁ ଏବଂ ହସ୍ପିଟାଲର ଅନ୍ୟାନ୍ୟ କର୍ମଚାରୀ ଯୋଗଦେଇଥିଲେ। ୱାକାଥନ ପରେ ହସ୍ପିଟାଲ୍‌ରେ ବିଭିନ୍ନ ବିଭାଗର କର୍ମଚାରୀଙ୍କ ମଧ୍ୟରେ ତମାଖୁ ବର୍ଜନ ଭିତ୍ତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମଧ୍ୟ ଡାକ୍ତର, କର୍ମଚାରୀ, ରୋଗୀ ଓ ସ୍ଥାନୀୟ ନାଗରିକ ଅଂଶଗ୍ରହଣ କରିଥିଲେ। ପରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା।



ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ଆସ୍ୱାୟାର ହସ୍ପିଟାଲ୍ ପକ୍ଷରୁ ଅନୁଷ୍ଠିତ ୱାକାଥନ୍।

## ସଂକ୍ଷେପରେ

### ନାବାଳିକା ଅପହରଣ, ଅଭିଯୁକ୍ତ ଗିରଫ

ବାଣପୁର,୧।୬(ଦିଲ୍ଲୀପ କୁମାର ସ୍ୱାଇଁ)

ଜଣେ କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗରେ ବାଣପୁର ପୋଲିସ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ବାଁଲେଇ ଗ୍ରାମର ମୁନା ନାୟକ (୨୩)। ଏନେଇ ପୋଲିସ ୧୯୧/୨୫ରେ ଏକ ଅପହରଣ ମାମଲା ରୁଜୁ କରିଛି।ଘଟଣାରୁ ପ୍ରକାଶ, ଗତ ମେ ୩୧ରେ ବାଁଲେଇ ଗ୍ରାମ ନିକଟ ଏକ ଗ୍ରାମରୁ ଜଣେ ୧୭ ବର୍ଷୀୟା ନାବାଳିକା ବିଳମ୍ବିତ ରାତ୍ରିରେ ବାରିକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ମୁନା ନାବାଳିକାଙ୍କୁ ଅପହରଣ କରି ନେଇଥିବା ପରିବାର ପକ୍ଷରୁ ବାଣପୁର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ଏହାର ତଦନ୍ତ ଜାରି ରଖିଥିଲା। ଖବର ପାଇ ସବ୍‌ଇନ୍ସପେକ୍ଟର ପବିତ୍ର ପ୍ରଧାନ ଏକ ଟିମ୍ ସହ ବାଣପୁର-ବାଲୁଗାଁ ୧୬ ନଂ. ଜାତୀୟ ରାଜପଥରୁ ଏକ ବସ୍ ଯୋଗେ ଉଭୟ ଯିବାକୁ ଉଦ୍ୟମ କରୁଥିବାବେଳେ ସେମାନଙ୍କୁ ଧରିଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା

ବେଗୁନିଆ,୧।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଧୀନ କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଗଙ୍ଗାଧର ଦାଶ ଓ ଖେଳ ଶିକ୍ଷକ ବିଜୟ କୁମାର ପଟ୍ଟନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ପୂର୍ବତନ ସଭାପତି ପ୍ରଫୁଲ୍ଲ କୁମାର ରଥ ଅଧକ୍ଷତା ଓ ଅଧ୍ୟାପକ ଦିଲୀପ କୁମାର ସାଥୁଆ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରବି ନାରାୟଣ ପଣ୍ଡା, ମୁଖ୍ୟବକ୍ତା ଭାବେ ନୂତନ ଅଧକ୍ଷ ପ୍ରାଧ୍ୟାପକ ନାରାୟଣ ବନ୍ଧୁ ପଟ୍ଟନାୟକ ଯୋଗଦେଇ ଅବସର ଗ୍ରହଣ କରିଥିବା ଅଧକ୍ଷ ଓ ଖେଳ ଶିକ୍ଷକଙ୍କ କର୍ମମୟ ଜୀବନ ଉପରେ ଅଧ୍ୟାପିକା/ ଅଧ୍ୟାପକ ଓ କର୍ମଚାରୀମାନେ ଆଲୋକପାତ କରିଥିଲେ।

### ସୀତାଠାବ, ଲଙ୍କା ଦହନ ମଞ୍ଚସ୍ଥ

ଜଟଣୀ,୧।୬(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅଧୀନ ଷଣ୍ଢପୁର ଗ୍ରାମର ଆରାଧ୍ୟ ଠାକୁରଙ୍କ ଯଜ୍ଞ ଅବସରରେ ଗ୍ରାମର କଳାକାରଙ୍କୁ ନେଇ ଅନୁଷ୍ଠାନ ପକ୍ଷରୁ ରାମନାଟକ 'ସୀତାଠାବ ଓ ଲଙ୍କା ଦହନ' ପରିବେଷଣ କରାଯାଇଥିଲା। ଶ୍ରୀଶ୍ରୀ ବାବା କୁଣ୍ଡଳେଶ୍ୱର ଦେବ ରାମ ନାଟ୍ୟ କଳା ପରିଷଦ ପକ୍ଷରୁ ଆୟୋଜିତ ନାଟକ ଅବସରରେ ଯୁବ ସାମାଜିକ କର୍ମୀ ତଥା ୟୁଟ୍ୟୁବର ଦେବାଶିଷ ମହାପାତ୍ର ନାଟକଟିରେ ସମ୍ପୂର୍ଣ୍ଣ ଦୃଶ୍ୟ କଏଦ କରିବା ସହିତ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଚଳିତବର୍ଷ ଡି.ଏମ୍.ଭି ଜଟଣୀ ପକ୍ଷରୁ କରାଯାଉଥିବା ରଜ ମହାସଂଗ୍ରାମ ଲଙ୍କାପୋଡ଼ି ପ୍ରତିଯୋଗିତା ୨୦୨୫ରେ ନବମ ପ୍ରତିଯୋଗୀ ଭାବେ ଷଣ୍ଢପୁର ଗ୍ରାମ ଯୋଗ ଦେଇଥିଲା। ନାଟକଟି ଚିତ୍ତାକର୍ଷକ ହେବା ସହିତ ଦର୍ଶକଙ୍କ ମନ ମୋହିଥିଲା। ଜଟଣୀ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସେମାନଙ୍କ ଉଲ୍ଲେଖନୀୟ ସେବାକାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସ୍ୱଚ୍ଛତା ପାଇଁ ଅର୍ଥ ଖର୍ଚ୍ଚ ସତ୍ତ୍ୱେ ଉଠୁନି ଅଳିଆ

## ଠିକା ସଂସ୍ଥାକୁ ପୌର ପ୍ରଶାସନର ଅନୁକମ୍ପା

ଖୋର୍ଦ୍ଧା,୧।୬(ପ୍ରଭାତ ପାଣିଗ୍ରାହୀ)


୧୪ ନଂ ୱାର୍ଡର ମିଶନ ଶକ୍ତି ଗୃହ ନିକଟରେ ଅଳିଆ ପଡ଼ିରହିଛି।

ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଶୀର୍ଷ ସ୍ଥାନ ହାସଲ ଲାଗି ଖୋର୍ଦ୍ଧା ପୌରପାଳିକା ପକ୍ଷରୁ 'ସ୍ୱଚ୍ଛ ଖୋର୍ଦ୍ଧା-ସୁସ୍ଥ ଖୋର୍ଦ୍ଧା' ଅଭିଯାନ ଆରମ୍ଭ ହୋଇଥିଲା। ତେବେ ଏହି ଅଭିଯାନ ଏବେ ପ୍ରହସନ ପାଲଟିଛି। ରାସ୍ତାରେ ଅଳିଆ ପଡ଼ିବ ନାହିଁ, ସ୍ୱଚ୍ଛ ସାଥିମାନେ ଘରକୁ ଘର ବୁଲି ଅଳିଆ ସଂଗ୍ରହ କରିବେ ବୋଲି ସ୍ଥିର ହୋଇଥିଲା। ଏନେଇ ପୌର ପ୍ରଶାସନ ପକ୍ଷରୁ ସ୍ୱଚ୍ଛସାଥି, ସାନିଟାଇଜ କର୍ମଚାରୀଙ୍କୁ ୩ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ହେଲେ ସହରର ବିଭିନ୍ନ ସ୍ଥାନରେ ଅଳିଆ ପଡ଼ିରହୁଥିବା ଦେଖିବାକୁ ମିଳିଛି। ଗୋରୁ, ବୁଲା କୁକୁର ଖାଦ୍ୟ ଲାଳସାରେ ଅଳିଆଗୁଡ଼ିକୁ ଏଣେତେଣେ ପକାଉଛନ୍ତି। ଫଳରେ ପରିବେଶ ଆବର୍ଜନାମୟ ହେଉଛି। ଗନ୍ଧରେ ନାକ ଫାଟିପଡୁଛି। ନାକରେ ରୁମାଲ କିମ୍ବା ଲୁଗା ନ ଦେଲେ ସେହି ରାସ୍ତାରେ ଯାଇହେଉନାହିଁ। ଗୀତାଭବନ ପଡ଼ିଆ, ଖ୍ରୀଷ୍ଟିଆନ ସାହି, ମସଜିଦ୍ ସମ୍ମୁଖ ରାସ୍ତା, ଜରି ପୋଖରୀ ପାର୍ଶ୍ୱ ରାସ୍ତା, ନୟାଗଡ଼ ରୋଡ ବନପାଳଙ୍କ କାର୍ଯ୍ୟାଳୟ ନିକଟ, ନୂଆବସଷ୍ଟାଣ୍ଡ ରୋଡ୍‌ରେ ଥିବା ଏକ ପରିତ୍ୟକ୍ତ ପୋଖରୀ ସମେତ ଟିଏଲସି ରୋଡ ପାର୍ଶ୍ୱ ଖଣି ପୋଖରୀ ମୁକ୍ତ ଡମ୍ପିଂୟାର୍ଡ ପାଲଟିଛି। ଏହା ଡେଙ୍ଗୁ, ମ୍ୟାଲେରିଆକୁ ଆମନ୍ତ୍ରଣ କରୁଛି। ସେହି ପୋଖରୀକୁ ପୁନରୁଦ୍ଧାର କରାଯାଉ ନ ଥିବାରୁ ଏହା ପୂତିଗନ୍ଧମୟରେ ପରିଣତ ହୋଇଛି।

ପ୍ରକାଶ ଯେ, ୫୦ହଜାର ଜନସଂଖ୍ୟା ବିଶିଷ୍ଟ ଖୋର୍ଦ୍ଧା ସହରରେ ୨୨ଟି ୱାର୍ଡ ରହିଛି। ଦୈନିକ ସମସ୍ତ ୱାର୍ଡରୁ ଅଳିଆ ହଟାଇବା ଏଥିବାବଦକୁ ପୌର ପ୍ରଶାସନ ପକ୍ଷରୁ ମାସିକ ୩୫ ଲକ୍ଷ ଟଙ୍କା ଠିକା ସଂସ୍ଥାକୁ ଦିଆଯାଉଛି। ଦୈନିକ ନିୟମିତ ଠିକା ସଂସ୍ଥା ଦ୍ୱାରା ଅଳିଆ ଉଠୁଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି। ଏଥିଲାଗି ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ତେବେ ବାସ୍ତବ ଚିତ୍ର ଭିନ୍ନ। ଖୋର୍ଦ୍ଧା ପୌର ପ୍ରଶାସନ ଅଧୀନରେ ୨୦୪ ଜଣ ଠିକା କର୍ମଚାରୀ, ୧୭ ଜଣ ସ୍ୱଚ୍ଛ ସାଥି, ୨ଜଣ ସୁପରଭାଇଜର କାର୍ଯ୍ୟରତ ଅଛନ୍ତି। ଠିକା ସଂସ୍ଥା ଅଧୀନରେ ୧୭୪ଜଣ କାର୍ଯ୍ୟରତ ଥିବାବେଳେ ଅନ୍ୟମାନେ ପୌର ପ୍ରଶାସନ ଅଧୀନରେ କାର୍ଯ୍ୟ କରୁଛନ୍ତି। ସହରରୁ ଦୈନିକ ୧୪ରୁ ୧୬ଟନ ଓଦା ଓ ଶୁଖିଲା ଅଳିଆ ବାହାରୁଛି। ଅଳିଆ ଉଠାଇବା ଲାଗି ୮ଟି ଅଳିଆବୁହା ଗାଡ଼ି, ୩୦ଟି ଟ୍ରାଇସାଇକଲ, ୬ଟି ଟ୍ରାକ୍ଟର ନିୟୋଜନ କରାଯାଇଥିବା ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହା ସତ୍ତ୍ୱେ ସହରର ଗଳି କନ୍ଦିରେ ଅଳିଆ ପଡ଼ିରହୁଛି। କଂଗ୍ରେସ ନେତା ଅମିତ ମହାନ୍ତି କହିଛନ୍ତି, ସହରବାସୀଙ୍କ ଟ୍ୟାକ୍ସରେ ଠିକା ସଂସ୍ଥାକୁ ପୋଷା ଚାଲିଛି। ସହରରୁ ଅଳିଆ ହଟୁନି, ଅଥଚ ଠିକା ସଂସ୍ଥାକୁ ପୌର ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ଦିଆଯାଉଛି। କାହା ସ୍ୱାର୍ଥ ପୌର ପ୍ରଶାସନ ସମ୍ପୃକ୍ତ ସଂସ୍ଥାକୁ ଅନୁକମ୍ପା ଦେଖାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଖୋର୍ଦ୍ଧା ପୌର ଉପାଧ୍ୟକ୍ଷ ଶୌର୍ଯ୍ୟ ମହାନ୍ତି କହିଛନ୍ତି, ସହରର ସ୍ୱଚ୍ଛତା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଛି। ସକାଳୁ ଅଳିଆ ଉଠାଯାଉଛି। ତେବେ ପରବର୍ତ୍ତୀ ସମୟରେ ପୁଣି ସେହି ସ୍ଥାନରେ ଅଳିଆ ପଡୁଛି। ଏଣୁ ଏଭଳି ସମସ୍ୟା ଉପୁଜୁଛି। ଏ ଦିଗରେ ଦୃଷ୍ଟି ଦିଆଯାଇ ପଦକ୍ଷେପ ନିଆଯିବ।

## ରଥଖଳାରୁ...

# ପାଞ୍ଚଦଣ୍ଡାରେ ମୁହାଁଟ, ପାର୍ଶ୍ୱଦଣ୍ଡାରେ ନିରାଡ଼ି ଲାଗିଲା


ରଥଦଣ୍ଡାରେ ପାର୍ଶ୍ୱନିରାଡ଼ି ସଂଯୋଗ କରାଯାଉଛି।

**ପୁରୀ,୧।୬(ଅଜିତ୍ କୁମାର ମହାନ୍ତି):** ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତିନିରଥର ପାଞ୍ଚଦଣ୍ଡା ଚଉପଟ ପରେ ଦଣ୍ଡାଗୁଡ଼ିକର ଉଭୟ ମୁଖ ସାଲ ହୋଇ ମୁହାଁଟ ସଂଯୋଗ ସହ ପାର୍ଶ୍ୱଦଣ୍ଡାଗୁଡ଼ିକର ଚଉପଟ କାର୍ଯ୍ୟ ଜାରି ରହିଛି। ତିନି ରଥର ଦଣ୍ଡା ଫ୍ରେମ୍ ନିର୍ମାଣ ପ୍ରସ୍ତୁତି ଶେଷ ହୋଇଛି। ରଥ ନିର୍ମାଣର ୩୨ତମ ଦିବସରେ ରବିବାର ତିନି ରଥର ପାଞ୍ଚଦଣ୍ଡାରେ ମୁହାଁଟ ସଂଯୋଗ ପରେ ଆଗ ଓ ପଛ ନିରାଡ଼ି ଉଠି ପାର୍ଶ୍ୱ ଦଣ୍ଡାରେ କୁଡୁକା ଲାଗିହୋଇ ପାର୍ଶ୍ୱନିରାଡ଼ି ପଡ଼ିଛି। ଏହାର ଆଗଆଣି ମୁହାଁଟରେ ପାଞ୍ଚଟି ସାଲଗୁଜ, ପଛଆଣି ମୁହାଁଟରେ ତିନୋଟି ଜଳଯନ୍ତ୍ର ଏବଂ ଦୁଇ ପାର୍ଶ୍ୱରେ ଗୋଟିଏ ଗୋଟିଏ କୋଣଗୁଜ ଉଠି ସେହି ଗୁଜ ଉପରେ ନିରାଡ଼ି ସଂଯୋଗ ହୋଇ ଦଣ୍ଡାଫ୍ରେମ ପ୍ରସ୍ତୁତି ସରିଛି। ଏହି ଦଣ୍ଡାଫ୍ରେମ୍ ପ୍ରସ୍ତୁତି କାର୍ଯ୍ୟ ମୁଖ୍ୟ ମହାରଣାମାନଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ସେବକ ଓ ଭୋଇ ସେବକମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଏଥିସହ ତିନିରଥର ୪ଟି ଲେଖାଏ ଧ୍ୱଜବତା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କରତି ସେବକମାନେ ନନ୍ଦିଘୋଷ ରଥର ୪୦ ଫୁଟିଆ ପୋଲ ଗୟଳର ଉଭୟ ପାର୍ଶ୍ୱ ଚିତା କାର୍ଯ୍ୟ ପରେ ଚିରଟ କାମ ଶେଷ କରିଛନ୍ତି। ରୂପକାର ସେବକମାନେ ତିନିରଥର ବେଦି ସିଂହାସନ ମୁହାଁଟରେ କୁମ୍ଭ, ଡାଳିଲତା ଇତ୍ୟାଦି ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳ ବେଦି ଅସ୍ଥାୟୀ କମାରଶାଳରେ ଓଝାସେବକମାନେ ତିନିରଥ ଦଣ୍ଡା ପାଇଁ ବିଭିନ୍ନ ପ୍ରକାର କଣ୍ଟା ନିର୍ମାଣରେ ବ୍ୟସ୍ତ ରହିଛନ୍ତି। ସେହିପରି ଦୋଳବେଦିଠାରେ ପାହି ମହାରଣାମାନେ ରଥରେ ପୂଜାର୍ଚ୍ଚନା ପାଇଁ ବେଶଘୋଡ଼ିଆ ଓ ଫୁଲଚାଙ୍ଗଡ଼ା ଫ୍ରେମ୍ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି।

# କୁଶପଲା ଶୀତଳଷଷ୍ଠୀ ମହୋତ୍ସବ ଉଦ୍‌ଘାଟିତ


କୁଶପଲା ଶୀତଳଷଷ୍ଠୀ ମହୋତ୍ସବରେ ଯୁବ ନାଟ୍ୟ ନିର୍ଦ୍ଦେଶକ ଡ. ସନ୍ଦୀପ ସାହୁଙ୍କୁ ନାଟ୍ୟଗୁରୁ ସମ୍ମାନରେ ସମ୍ମାନିତ କରାଯାଉଛି।

ବେଗୁନିଆ,୧।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଧୀନ କୁଶପଲା ଗ୍ରାମରେ ଶୀତଳଷଷ୍ଠୀ ମହୋତ୍ସବ ମା' ଜାଗେଶ୍ୱରୀ ମନ୍ଦିର ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ ଅଧକ୍ଷତା ଓ ସାମାଜିକ କର୍ମୀ ରମାକାନ୍ତ ପାତ୍ର ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିଆରସିଂହ, ମୁଖ୍ୟବକ୍ତା ସାମାଜିକ କର୍ମୀ ମନୋଜ କୁମାର ପ୍ରଧାନ, ସମ୍ମାନିତ ଅତିଥି ଡ. ଲକ୍ଷ୍ମୀପ୍ରିୟା ପଣ୍ଡା ଓ ଗ୍ରାମ୍ୟ କମିଟି ସମ୍ପାଦକ ଲଡୁ କିଶୋର ପଟ୍ଟନାୟକ ଯୋଗଦେଇ ଭାଇଚାରାର ପର୍ବ ମହୋତ୍ସବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଯୁବ ନାଟ୍ୟ ନିର୍ଦ୍ଦେଶକ ଡ. ସନ୍ଦୀପ ସାହୁଙ୍କୁ ନାଟ୍ୟଗୁରୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ କୁଶପଲା କଳା ସଂସଦ ପକ୍ଷରୁ 'ହା କୃଷ୍ଣ ବୋଲି ଯାଉ ଜୀବ' ନାଟକ ପରିବେଷଣ କରାଯାଇଥିଲା।

# ଶ୍ରୀଶ୍ରୀ ତାରକେଶ୍ୱର ଦେବଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବେଗୁନିଆ,୧।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଧୀନ ସିକୋସ୍ଥିତ ତାରକେଶ୍ୱର ଦେବଙ୍କ ପୀଠରେ ୫ ଦିନ ବ୍ୟାପୀ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଏବଂ ଯଜ୍ଞକାର୍ଯ୍ୟ ଚାଲୁ ରହିଛି। କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରୁଛନ୍ତି। କର୍ତ୍ତା ଭାବେ ଦୁର୍ଗାଚରଣ ଅଧିକାରୀ ସମସ୍ତ କାର୍ଯ୍ୟ କରୁଛନ୍ତି। ଶନିବାର ଅଙ୍କୁରାରୋପଣ ପରେ ରବିବାର ଦେବତା ଆଗମନ, ଅଗ୍ନି ସ୍ଥାପନ, ନୂତନ ବିଗ୍ରହଙ୍କ ଗର୍ଭାଧାନ କର୍ମ, ଆହୁତି ଓ ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭକ୍ତମାନେ ମନ୍ଦାକିନୀ ନଦୀରୁ କଳସରେ ପାଣି ଉଠାଇ ଗାଁ ଶୋଭାଯାତ୍ରା କରି ଯଜ୍ଞ ସ୍ଥଳରେ କଳସ ସ୍ଥାପନ କରିଥିଲେ। ସନ୍ଧ୍ୟାରେ ଖୋର୍ଦ୍ଧା ମାନପୁରର ବଂଶୀଧର ବାରିକ୍‌ଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ପଣ୍ଡିତ ଚନ୍ଦ୍ରଶେଖର ମିଶ୍ର, ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ ଏବଂ ମୃତ୍ୟୁଞ୍ଜୟ ମିଶ୍ରଙ୍କ ସମେତ ୧୭ ଜଣ ପଣ୍ଡିତ ବେଦପାଠ କରି ଏହି ପୂଜା କାର୍ଯ୍ୟ କରୁଛନ୍ତି।

### ଶିଶୁକନ୍ୟା ଉଦ୍ଧାର, ଅପହରଣକାରୀ ଗିରଫ

ବାଣପୁର,୧।୬(ଦିଲ୍ଲୀପ କୁମାର ସ୍ୱାଇଁ)

ଅପହରଣର ୪ ଘଣ୍ଟା ପରେ ଜଣେ ୪ ବର୍ଷୀୟା ଶିଶୁକନ୍ୟାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ ବାଣପୁର ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିକଟସ୍ଥ ଭୀମପୁର ଗ୍ରାମର ଆୟୁଷ୍ମାନ୍ ଘଡ଼େଇ ଓରଫ ଲାଲା (୨୪)। ଏନେଇ ପୋଲିସ ୧୯୨/୨୫ରେ ଏକ ଅପହରଣ ମାମଲା ରୁଜୁ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବାଣପୁର ଥାନା ଗାଲୁଆ ପଞ୍ଚାୟତର ଏକ ଗ୍ରାମରେ ଭଡ଼ାରେ ରହୁଥିବା ଜନୈକ ପରିବାରର ୪ ବର୍ଷୀୟା ଶିଶୁକନ୍ୟା ଶନିବାର ସନ୍ଧ୍ୟାରେ ନିଖୋଜ ହୋଇଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପଲଟଣ ପଡ଼ିଆସ୍ଥିତ ଟିଙ୍କିରାଇ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପଡ଼ିଥିଲେ ମଧ୍ୟ ବିଦ୍ୟାଳୟ ପରିସରରୁ ପିଲାର କ୍ରନ୍ଦନ ଶବ୍ଦ ଶୁଣାଯିବା ନେଇ ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଏନେଇ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟାଳୟ ପରିସରରୁ ଶିଶୁକନ୍ୟାଙ୍କୁ ଉଦ୍ଧାର କରିବା ସହ ସେଠାରେ ଥିବା ଆୟୁଷ୍ମାନ୍‌ଙ୍କୁ ଥାନାକୁ ନେଇ ତଦନ୍ତ ଚଳାଇଥିଲେ। ରବିବାରରେ ଶିଶୁକନ୍ୟାଙ୍କ ପରିବାରର ଅଭିଯୋଗକ୍ରମେ ପୋଲିସ ତାଙ୍କୁ ଗିରଫ କରିଥିଲା।

# ବିଜେଡିର ସାଙ୍ଗଠନିକ ବୈଠକ


ବୈଠକରେ ଉପସ୍ଥିତ ବିଜେଡି କର୍ମୀ ଏବଂ ଅନ୍ୟମାନେ।

ବେଗୁନିଆ,୧।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଧୀନ ଗଡ଼ମାଣିତିର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଦେଉଳି ପଞ୍ଚାୟତ ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ତୃଣମୂଳ ସ୍ତରରୁ ସଙ୍ଗଠନକୁ ବ୍ୟାପକ କରିବା ସହ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ କରୁଣାକର ଦଳ ସିଂହାରରାୟ, ବରିଷ୍ଠ କର୍ମୀ ଜାଗର ମାଝୀ, ସାମାଜିକ କର୍ମୀ ପଦ୍ମଲୋଚନ ରାଉତରାୟ ଓ ଗୁନ ମାଝୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଆଲ୍‌ଫା ଇଲେଭେନ, ମା' ଜଟିଆଣୀ ୱାରିୟର ବିଜୟୀ



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

## ପଞ୍ଚାୟତସ୍ତରୀୟ କ୍ରିକେଟ୍ ଲିଗ୍ ମ୍ୟାଚ୍ ଉଦ୍‌ଘାଟିତ

ବେଗୁନିଆ,୧।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅଧୀନ ଗୋଡ଼ା ଗ୍ରାମର ବାବା ଲୋକନାଥ ଦେବ କ୍ରିକେଟ୍ କ୍ଲବ ପକ୍ଷରୁ ପ୍ରଥମ ବାର୍ଷିକ ପଞ୍ଚାୟତସ୍ତରୀୟ କ୍ରିକେଟ୍ ଲିଗ ମ୍ୟାଚ୍ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଖେଳରେ ମୋଟ ୫ଟି ଦଳ ଅଂଶଗ୍ରହଣ କରିଛନ୍ତି। ୨ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୧୦ ଓଭର ବିଶିଷ୍ଟ ପ୍ରଥମ ଲିଗ ମ୍ୟାଚ୍‌ଟି ଆଲ୍‌ଫା ଏକ୍ସଆଇ ଓ କିଙ୍ଗ ଏକ୍ସଆଇ ମଧ୍ୟରେ ଖେଳା ଯାଇଥିଲା। ଖେଳରେ ଆଲ୍‌ଫା ଇଲେଭେନ ୧ ରନରେ ବିଜୟ ହାସଲ କରିଥିଲା। ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଲିଗ୍ ମ୍ୟାଚ ମା' ଜଟିଆଣୀ ୱାରିୟର ଓ ମହାକାଳ ଇଲେଭେନ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁପରଓଭର ସହାୟତାରେ ମା' ଜଟିଆଣୀ ୱାରିୟର ବିଜୟ ହାସଲ କରିଛି। ଅମ୍ପାୟର ବିପିନ ସାମନ୍ତରାୟ ଓ ମାନସ କୁମାର ଗୁମାନସିଂହ ଖେଳ ପରିଚାଳନା କରିଥିଲେ।

# ସମାଜରେ ପରିଚୟ ସୃଷ୍ଟି କରେ ସୁସ୍ଥତା

ଜଟଣୀ,୧।୬ (ରବୀନ୍ଦ୍ରନାଥ ମହାକୁଡ଼)



ମାରାଥନ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ଭୁବନେଶ୍ୱର ୨୦୨୫ ପୂର୍ବତଟ ରେଳପଥ ସ୍ପୋର୍ଟ୍ସ ଆସୋସିଏଶନ, ଖୋର୍ଦ୍ଧାରୋଡ଼ ଏବଂ ଆଇଆଇଟି ଭୁବନେଶ୍ୱର ସହଯୋଗରେ ଖୋର୍ଦ୍ଧାରୋଡ଼ ହାଫ୍ ମାରାଥନ ରବିବାର ଅନୁଷ୍ଠିତ ହେଇଯାଇଛି। ସ୍ଥାନୀୟ ଅଞ୍ଚଳରେ ଶାରୀରିକ ସୁସ୍ଥତାର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଇଭେଣ୍ଟରେ ମହିଳା, ପୁରୁଷ, ୮ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ପିଲାଙ୍କ ସମେତ ୧୨୦୦ରୁ ଊର୍ଦ୍ଧ୍ୱ ଲୋକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରରେ ଅର୍ଜୁନ ପୁରସ୍କାରପ୍ରାପ୍ତ ଧାବିକା ଦୂତୀ ଚାନ୍ଦ, ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା, ଖୋର୍ଦ୍ଧାରୋଡ଼ ମହିଳା କଲ୍ୟାଣ ସଙ୍ଗଠନ ସଭାନେତ୍ରୀ ଗୁର ସିମରନ କୌର, ଆଇଆଇଟି ଭୁବନେଶ୍ୱରର ଡିନ୍ ପ୍ରଫେସର ରାଜେଶ ରୋଶନ ଦାସ, ଏଡିଆର୍‌ଏମ୍ (ଓପି) ପି. କେ. ବେହେରା, ଏଡ଼ିଆଏମ୍(ଇନ୍‌ଫ୍ରା) ଶୁଭ୍ରାଜ୍ୟୋତି ମଣ୍ଡଳ ଏବଂ କ୍ରୀଡ଼ା ଅଧିକାରୀ ହିମାଦ୍ରୀ ଭୂଷଣ ବିଶ୍ୱାଳ ପ୍ରମୁଖ ହାଫ ମାରାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଦୂତୀ ଚାନ୍ଦ ମାରାଥନ୍‌କୁ ପ୍ରଶଂସା କରି କହିଥିଲେ, କ୍ରୀଡ଼ା କେବଳ ଶାରୀରିକ ସୁସ୍ଥତା ବିକାଶ କରେ ନାହିଁ, ବରଂ ସମାଜରେ ଏକ ପରିଚୟ ସୃଷ୍ଟି କରିବାର ସୁଯୋଗ ମଧ୍ୟ ପ୍ରଦାନ କରେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ଫିନିସିଂ ପଦକ, ରେଲ୍‌ୱେ ଖେଳପଡ଼ିଆଠାରୁ ଆଇଆଇଟି କ୍ୟାମ୍ପସ ପର୍ଯ୍ୟନ୍ତ ୧୦ଟି ହାଇଡ୍ରେଶନ ପଏଣ୍ଟ, ଚିକିତ୍ସାର ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ୪ଟି ଆମ୍ବୁଲାନ୍ସ ଏବଂ ପ୍ରାଥମିକ ଚିକିତ୍ସା ସୁବିଧା ପ୍ରସ୍ତୁତ ରଖାଯାଇଥିଲା। ସାଧାରଣ ଜନତାଙ୍କୁ ଯେକୌଣସି ପ୍ରକାରର ଅସୁବିଧାକୁ ଏଡ଼ାଇବା ପାଇଁ ଅଞ୍ଚଳରେ ଉପଯୁକ୍ତ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କୁ ଖାଦ୍ୟ ଏବଂ ପାନୀୟ ଜଳ ପ୍ରଦାନ, ୱାର୍ମଅପ କରିବାକୁ ଜୁମ୍ବା କାର୍ଯ୍ୟକ୍ରମ ସହ ମନୋରଞ୍ଜନ ପାଇଁ ଲାଇଭ କନସର୍ଟର ମୁଖ୍ୟ ଆୟୋଜନ କରାଯାଇଥିଲା।

## ଫିଟ୍‌ନେସ୍ ପାଇଁ ହାଫ୍ ମାରାଥନ

ଏହି ହାଫ୍ ମାରାଥନ ରେଲୱେ ଖେଳପଡ଼ିଆଠାରୁ ଆରମ୍ଭ ହୋଇ ଆଇଆଇଟି ଭୁବନେଶ୍ୱର ୨୧.୧ କି.ମି. ଏବଂ ୧୦ କିମି ଦୌଡ଼, ବ୍ଲକ ଛକ ୫ କି.ମି. ଦୌଡ଼ ଏବଂ ପୋଷ୍ଟ ଅଫିସ ଛକ ୨ କି.ମି. ଦୌଡରୁ ୟୁ-ଟର୍ଣ୍ଣ ପରେ ରେଲ୍‌ୱେ ଷ୍ଟାଡିୟମରେଠାରେ ଶେଷ ହୋଇଥିଲା। ମହିଳା ଏବଂ ପୁରୁଷଙ୍କୁ ନେଇ ବିଭିନ୍ନ ବୟସ ବର୍ଗ ପାଇଁ ୪ଟି ଦୌଡ଼ ବର୍ଗ କରାଯାଇଥିଲା। ୨୧.୧ କିଲୋମିଟର ସମୟସୀମା ଦୌଡ଼ ଏବଂ ୧୦ କିଲୋମିଟର ସମୟସୀମା ଦୌଡ଼ରେ ପ୍ରଥମ ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ପୁରୁଷ ଏବଂ ମହିଳାଙ୍କ ବିଜେତାଙ୍କୁ ସମୁଦାୟ ମୋଟ ୨ ଲକ୍ଷ ଟଙ୍କା ମୂଲ୍ୟର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଇଭେଣ୍ଟଟି ଖୋର୍ଦ୍ଧାରୋଡ଼ ରେଲ୍‌ୱେ କ୍ରୀଡ଼ା ଅଧିକାରୀ ଏବଂ ବରିଷ୍ଠ ମଣ୍ଡଳବିତ୍ତ ପ୍ରବନ୍ଧକ, ହିମାଦ୍ରୀ ଭୂଷଣ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ସଚିବ ମହମ୍ମଦ ଜାକିରୁଦ୍ଦିନ, ସହକାରୀ କ୍ରୀଡ଼ା ସଚିବ ଜେ.ଏସ୍. ପାତ୍ର ଏବଂ ପୂର୍ବତଟ ରେଲ୍‌ୱେ କ୍ରୀଡ଼ା ସଂଘ, ଖୋର୍ଦ୍ଧାରୋଡ଼ର ସଦସ୍ୟ ଏହି କାର୍ଯ୍ୟକ୍ରମର ସହଯୋଗ କରିଥିଲେ। ଖୋର୍ଦ୍ଧାରୋଡ଼ ସ୍କାଉଟ୍‌ସ ଏବଂ ଗାଇଡ୍‌ର ସଦସ୍ୟ ମୁଖ୍ୟ ସ୍ୱେଚ୍ଛାକୃତ ଭାବେ ସହଯୋଗ କରିଥିଲେ।

**ନାବାଳିକା ବଳାତ୍କାରୀ ଅଟକ**

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣଙ୍କୁ ରବିବାର ଅଟକ ରଖି ପଚରାଉଚରା କରୁଛି। ଏଥିସହ ବଳାତ୍କାରୀଙ୍କ ବିରୋଧରେ ୧୫୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ପାଡ଼ିତାଙ୍କୁ ଡାକ୍ତରୀମାଇନା ପାଇଁ ନିମାପଡ଼ା ମେଡିକାଲକୁ ପଠାଇଛି। ଘଟଣା ପ୍ରଘଟ କଲେ ତାଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ନାବାଳିକା ସ୍କୁଲ ଓ ଟ୍ୟୁଶନ ଯିବା ବାଟରେ ସମ୍ପୃକ୍ତ ଯୁବକ ତାଙ୍କୁ କମେଣ୍ଟ ମାରିବା ସହ ଅଶାଳୀନ ଇଙ୍ଗିତ କରୁଥିଲେ। ଶନିବାର ରାତିରେ ନାବାଳିକାଙ୍କୁ ଯୁବକ ଛାତ ଉପରକୁ ନେଇ ଏପରି କାଣ୍ଡ ଘଟାଇଥିଲେ। ଅନ୍ୟପଟେ ନାବାଳିକାଙ୍କ ସହ ଛାତ ଉପରେ ଥିବା ସମ୍ପର୍କୀୟ ଭଉଣୀଙ୍କୁ ମଧ ଯୁବକ ଜଣଙ୍କ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।






୧।୬।୨୦୨୫

| | |
|---|---|
| ୬,୯୦,୬୩୪ ଟଙ୍କା | |
| ସୁନା | ୧୬.୪୦୦ ଗ୍ରାମ୍ |
| ରୁପା | ୩୯.୩୦୦ ଗ୍ରାମ୍ |

# ମନ ମୋହିଲା ପ୍ରଭୁ ଯମେଶ୍ୱରଙ୍କ ଦୋହଲ

**ବିବାହ ପରେ ପାର୍ବତୀଙ୍କ ସହ ନଗର ପରିକ୍ରମା କଲେ ପଞ୍ଚମହାଦେବ**

ପୁରୀ,୧।୬(ଅଜିତ୍ କୁମାର ମହାନ୍ତି)

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଷଷ୍ଠୀ ରବିବାର ଅବସରରେ ନବବିବାହିତ ଦେବ ଦମ୍ପତିଙ୍କ ଗୁଆଲି ବା ଶୀତଳ ଷଷ୍ଠୀ ଅନୁଷ୍ଠିତ ହୋଇଯାଇଛି। ଶନିବାର ପଞ୍ଚମୀ ତିଥିରେ ମା' ପାର୍ବତୀ ଏବଂ ମହାଦେବଙ୍କ ବିବାହ ସମ୍ପନ୍ନ ହେବା ପରେ ରବିବାର ଶୀତଳଷଷ୍ଠୀ ଅବସରରେ ନଗର ପରିକ୍ରମା କରିଛନ୍ତି। ପଞ୍ଚମହାଦେବ ଓ ପାର୍ବତୀଙ୍କ ଚଳନ୍ତି ବିଗ୍ରହଙ୍କ ମାଜଣା ନୀତି ହୋଇ ବନକଲାଗି ହୋଇଥିଲେ। ବେଶ ଓ ମାଳଫୁଲ ଆଦି ଲାଗି ପରେ ପଣା ଓ ଭୋଗ ଅର୍ପଣ କରାଯାଇଥିଲା। ପରେ ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ, ଶ୍ରୀନୀଳକଣ୍ଠ ନିଜ ନିଜ ପାର୍ବତୀଙ୍କ ସହ କାଷ୍ଠରେ ନିର୍ମିତ ନିଜସ୍ୱ ବୃଷଭ ଉପରେ ବିଜେ କରି ନଗର ପରିକ୍ରମା କରି ପନ୍ତିଭୋଗ ମଣୋହି ହୋଇଥିଲେ। ପଞ୍ଚମହାଦେବଙ୍କ ମଧ୍ୟରେ



ମାର୍କଣ୍ଡେଶ୍ୱର ମା' ପାର୍ବତୀଙ୍କ ସହ ଗୁଆଲି ଯାତ୍ରାରେ ଶ୍ରୀମନ୍ଦିରକୁ ଯାଉଛନ୍ତି ।

ଅଗ୍ରଜ ପ୍ରଭୁ ଶ୍ରୀଯମେଶ୍ୱର ମହାଦେବ ଓ ଦେବୀ ପାର୍ବତୀଙ୍କୁ ରଥାକୃତି ବିମାନରେ ବିଜେ କରାଯାଇଥିଲା। ଉକ୍ତ ବିମାନକୁ 'ଦୋହଲ' କୁହାଯାଏ। ଶ୍ରୀଯମେଶ୍ୱର ମହାଦେବ ଏହି ରଥାକୃତି ବିମାନ ବା ଦୋହଲରେ ବସି ସାହି ପରିକ୍ରମା କରିବା ସହ ପନ୍ତିଭୋଗ ମଣୋହି ହୋଇଥିଲେ। ତେବେ ସ୍ୱତନ୍ତ୍ର ଭାବେ ଶ୍ରୀଯମେଶ୍ୱର ପନ୍ତି ମଣୋହି ହୋଇଥିଲେ। ସେବାୟତମାନେ ରଥାକୃତି ବିମାନକୁ ଆଗପଛ କରି ନେଇଥିଲେ। ତେଣୁ ଏହାକୁ ଦୋହଲ ବୋଲି କୁହାଯାଏ। ଘଣ୍ଟୁଆଙ୍କ ଘଣ୍ଟନାଦ ସହ ହରିବୋଲ ଓ ହୁଳହୁଳିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରଦ୍ଧାଳୁମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରୀଯମେଶ୍ୱରଙ୍କ ଦର୍ଶନ କରିଥିଲେ। ଶ୍ରୀଯମେଶ୍ୱର ଓ ମା' ପାର୍ବତୀ ବିଭିନ୍ନ ସାହିରୁ ପନ୍ତିଭୋଗ ଗ୍ରହଣ କରିସାରି ଶ୍ରୀମନ୍ଦିରକୁ ପଞ୍ଚୁଗ୍ରାସୀ ନୀତି ନିମନ୍ତେ ବିଜେ କରିଥିଲେ। ଶ୍ରୀଯମେଶ୍ୱରଙ୍କ ପରେ ଅନ୍ୟ ଚାରି ପାଣ୍ଡବ ବା ମହାଦେବ ଶ୍ରୀମନ୍ଦିରକୁ ବିଜେ କରିଥିଲେ। ଏହାପରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ଜଗନ୍ନାଥାୟନ କାର୍ଯ୍ୟକ୍ରମରେ ମଞ୍ଚସ୍ଥ ନାଟକ 'ସମର୍ପଣ'ର ଏକ ଦୃଶ୍ୟ ।

## ରଥଖଳାରୁ...

### ପାଞ୍ଚଦଣ୍ଡାରେ ମୁହାଁଟ, ପାର୍ଶ୍ୱଦଣ୍ଡାରେ ନିରାଡ଼ି ଲାଗିଲା



ରଥଦଣ୍ଡାରେ ପାର୍ଶ୍ୱନିରାଡ଼ି ସଂଯୋଗ କରାଯାଉଛି।

ପୁରୀ,୧।୬(ଅଜିତ୍ କୁମାର ମହାନ୍ତି)

ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତିନିରଥର ପାଞ୍ଚଦଣ୍ଡା ଚଉପଟ ପରେ ଦଣ୍ଡାଗୁଡ଼ିକର ଉଭୟ ମୁଖ ସାଲ ହୋଇ ମୁହାଁଟ ସଂଯୋଗ ସହ ପାର୍ଶ୍ୱଦଣ୍ଡାଗୁଡ଼ିକର ଚଉପଟ କାର୍ଯ୍ୟ ଜାରି ରହିଛି। ତିନି ରଥର ଦଣ୍ଡା ଫ୍ରେମ୍ ନିର୍ମାଣ ପ୍ରସ୍ତୁତି ଶେଷ ହୋଇଛି। ରଥ ନିର୍ମାଣର ୩୨ତମ ଦିବସରେ ରବିବାର ତିନି ରଥର ପାଞ୍ଚଦଣ୍ଡାରେ ମୁହାଁଟ ସଂଯୋଗ ପରେ ଆଗ ଓ ପଛ ନିରାଡ଼ି ଉଠି ପାର୍ଶ୍ୱ ଦଣ୍ଡାରେ କୁଡୁକା ଲାଗିହୋଇ ପାର୍ଶ୍ୱନିରାଡ଼ି ପଡ଼ିଛି। ଏହାର ଆଗଆଣି ମୁହାଁଟରେ ପାଞ୍ଚଟି ସାଲଗୁଜ, ପଛଆଣି ମୁହାଁଟରେ ତିନୋଟି ଜଳଯନ୍ତ୍ର ଏବଂ ଦୁଇ ପାର୍ଶ୍ୱରେ ଗୋଟିଏ ଗୋଟିଏ କୋଣଗୁଜ ଉଠି ସେହି ଗୁଜ ଉପରେ ନିରାଡ଼ି ସଂଯୋଗ ହୋଇ ଦଣ୍ଡାଫ୍ରେମ ପ୍ରସ୍ତୁତି ସରିଛି। ଏହି ଦଣ୍ଡାଫ୍ରେମ୍ ପ୍ରସ୍ତୁତି କାର୍ଯ୍ୟ ମୁଖ୍ୟ ମହାରଣାମାନଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ସେବକ ଓ ଭୋଇ ସେବକମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଏଥିସହ ତିନିରଥର ୪ଟି ଲେଖାଏ ଧ୍ୱଜବତା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କରତି ସେବକମାନେ ନନ୍ଦିଘୋଷ ରଥର ୪୦ ଫୁଟିଆ ପୋଲ ଗୟଳର ଉଭୟ ପାର୍ଶ୍ୱ ଚିତା କାର୍ଯ୍ୟ ପରେ ଚିରଟ କାମ ଶେଷ କରିଛନ୍ତି। ରୂପକାର ସେବକମାନେ ତିନିରଥର ବେଦି ସିଂହାସନ ମୁହାଁଟରେ କୁମ୍ଭ, ଡାଳିଲତା ଇତ୍ୟାଦି ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳ ବେଦି ଅସ୍ଥାୟୀ କମାରଶାଳରେ ଓଝାସେବକମାନେ ତିନିରଥ ଦଣ୍ଡା ପାଇଁ ବିଭିନ୍ନ ପ୍ରକାର କଣ୍ଟା ନିର୍ମାଣରେ ବ୍ୟସ୍ତ ରହିଛନ୍ତି। ସେହିପରି ଦୋଳବେଦିଠାରେ ପାହି ମହାରଣାମାନେ ରଥରେ ପୂଜାର୍ଚ୍ଚନା ପାଇଁ ବେଶଘୋଡ଼ିଆ ଓ ଫୁଲଚାଙ୍ଗଡ଼ା ଫ୍ରେମ୍ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି।

## ସଂକ୍ଷେପରେ

### ଦେବୀ ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

କାକଟପୁର/ଅସ୍ତରଙ୍ଗ,୧।୬ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା କାକଟପୁର ଥାନା ଅଧୀନ ବଡ଼କଣ ଦେବୀ ନଦୀରେ ରବିବାର ଏକ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବରପାଇ କାକଟପୁର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ପଠାଇଛି। ମୃତ ଯୁବକ ହେଲେ ବଡ଼କଣ ଗ୍ରାମର କୈଳାସ ଚନ୍ଦ୍ର ନାୟକ (୫୪)। ଗତ ୨ଦିନ ହେବ ସେ ନିଖୋଜ ଥିଲେ। ରବିବାର ତାଙ୍କ ମୃତଦେହ ଦେବୀ ନଦୀରୁ ମିଳିଛି। ସେ ଜଣେ ମାନସିକ ବିକାରଗ୍ରସ୍ତ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ୧୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା କାକଟପୁର ଥାନାଧିକାରୀ ଉମେଶ ସାହୁ ସୂଚନା ଦେଇଛନ୍ତି।

### ଯାତ୍ରୀଙ୍କୁ ଲୁଟ୍ ଯୋଜନା ବେଳେ ୪ ଗିରଫ

ପୁରୀ,୧।୬(ଅଜିତ୍ କୁମାର ମହାନ୍ତି)

ପୁରୀ ରେଲଷ୍ଟେଶନ ଓ ଟ୍ରେନରେ ଯାତ୍ରୀଙ୍କୁ ଲୁଟ ପାଇଁ ଯୋଜନା କରୁଥିବା ଦୁର୍ଦ୍ଧାନ୍ତ ୪ ଅଭିଯୁକ୍ତଙ୍କୁ ରେଲୱେ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର ଦିଲୀପ ଜେନା, ଖୋର୍ଦ୍ଧା ଜିଲା ଗୁରୁଜଙ୍ଗର ବାବୁଲା ବାରିକ୍, ଗଞ୍ଜାମ ଜିଲାର ସଞ୍ଜୟ ସେଠୀ ଏବଂ ମନୋଜ ବେହେରା। ରେଲୱେ ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ୨୦ଟି ବିଭିନ୍ନ କମ୍ପାନୀର ମୋବାଇଲ, ଦୁଇଟି ଛୁରି, ଲଙ୍କାଗୁଣ୍ଡ ପ୍ୟାକେଟ୍, ମାସ୍କ, ଟ୍ରେନ ଟିକେଟ୍ ଏବଂ ମ୍ୟାପ୍ ସହ ଅନ୍ୟାନ୍ୟ ଜିନିଷ ଜବତ କରିଛି। ଏନେଇ ଜିଆରପିଏସ୍ କେସ୍ ନଂ. ୪୭/୨୫ରେ ଏକ ମାମଲା ରୁଜୁ ହୋଇଛି। ରେଲୱେ ପୋଲିସ ସୂଚନା ଅନୁଯାୟୀ ଆଗକୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ହେବାକୁ ଥିବାରୁ ଆପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ରେଲୱେ ପୋଲିସ ପକ୍ଷରୁ ପୁରୀ ଷ୍ଟେଶନ ଏବଂ ଆଖପାଖ ଅଞ୍ଚଳରେ ପାଟ୍ରୋଲିଂ କରାଯାଉଛି। ଏହି ସମୟରେ ଖବର ମିଳିଥିଲା ଯେ, ୫ ଜଣ ଅସାମାଜିକ ବ୍ୟକ୍ତି ଅଫିସ ପାଖ ରେଳ ଧାରଣା ନିକଟରେ ଏକାଠି ହୋଇ ଟ୍ରେନ ଯାତ୍ରୀଙ୍କୁ ଲୁଟ କରିବା ପାଇଁ ଯୋଜନା କରୁଛନ୍ତି। ରେଲୱେ ପୋଲିସ ପକ୍ଷରୁ ସେଠାରେ ଚଢାଉ କରି ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ।

## ଶ୍ରୀମନ୍ଦିରରେ ଶୀତଳଷଷ୍ଠୀ ନୀତି

ପୁରୀ,୧।୬(ଅଜିତ୍ କୁମାର ମହାନ୍ତି)

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଷଷ୍ଠୀ ଅବସରରେ ରବିବାର ଶ୍ରୀମନ୍ଦିରରେ ପବିତ୍ର ଶୀତଳଷଷ୍ଠୀ ନୀତି ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ ସ୍ୱତନ୍ତ୍ର ନୀତିମାନ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାଧୂପ ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଶ୍ରୀଦୋଳଗୋବିନ୍ଦ ଆଜ୍ଞାମାଳ ପାଇ ଖଟଶେଯ ଘରକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ଅନ୍ୟ ନୀତି ବଡ଼ି ମଇଲମ, ଆଲଟଲାଗି, ପଣାଭୋଗ, ଚନ୍ଦନଲାଗି ହୋଇ ବଡ଼ସିଂହାର ଭୋଗ ଶେଷ ହୋଇଥିଲା। ତେବେ ପଞ୍ଚମହାଦେବ ଶ୍ରୀମନ୍ଦିରକୁ ବିଜେ କରି ଆଜ୍ଞାମାଳ ପାଇ ନ ଥିବାରୁ ମହାପ୍ରଭୁଙ୍କ ପହୁଡ଼ ନୀତି ଅନୁଷ୍ଠିତ ହୋଇ ନ ଥିଲା। ପରମ୍ପରା ଅନୁଯାୟୀ, ପବିତ୍ର ଶୀତଳ ଷଷ୍ଠୀ ଅବସରରେ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକାଳମୋଚନ ଏବଂ ଶ୍ରୀନୀଳକଣ୍ଠଙ୍କ ସହ ମା' ପାର୍ବତୀଙ୍କ ବିବାହ ପରେ ଦେବ ଦମ୍ପତିଙ୍କ ଗୁଆଲି ଯାତ୍ରା ଅନୁଷ୍ଠିତ ହୋଇଥାଏ। ମହାଦେବ ତାଙ୍କ ନବବିବାହିତ ସହଧର୍ମିଣୀଙ୍କୁ ନେଇ ବାହନ ବୃଷଭ ଉପରେ ବିଜେ କରି ସ୍ୱ ସ୍ୱ ମନ୍ଦିରରୁ ବିଭିନ୍ନ ବାଜା, ସମରକଳା, ରୋଶଣି ସହ ପନ୍ତି ଖାଇଥାନ୍ତି। ପଞ୍ଚମହାଦେବଙ୍କ ମଧ୍ୟରେ ଅଗ୍ରଜ ଶ୍ରୀଯମେଶ୍ୱର ମହାଦେବ ଏକ ରଥାକୃତ ପାଲିଙ୍କି ଦୋହଲ'ରେ ବସି ନଗର ପରିକ୍ରମା କରିଥିଲେ। ପଞ୍ଚମହାଦେବ ନବବଧୂଙ୍କ ସହ ପନ୍ତି ମଣୋହି ହୋଇ ଆସି ଶ୍ରୀମନ୍ଦିର ଜଗମୋହନରେ ବିଜେ କରିଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ଦେବଦମ୍ପତିଙ୍କୁ ପ୍ରଦାନ କରିଥିଲେ। ଏହାପରେ ମହାଲକ୍ଷ୍ମୀଙ୍କ ଜଗମୋହନରେ ବିଜେ କରିଥିଲେ। ସେଠାରେ ପଞ୍ଚମହାଦେବଙ୍କ ରୁନ୍ଧା ଫିଟାଯାଇଥିଲା। ମହାଲକ୍ଷ୍ମୀଙ୍କ ଜଗମୋହନରେ ପଡ଼ିଥିବା ଖଟଶେଯକୁ ଦେବଦମ୍ପତି ବିଜେ କରିଥିଲେ। ପୂର୍ବରୁ ଖଟଶେଯ ଘରେ ଥିବା ଦୋଳ ଗୋବିନ୍ଦଙ୍କୁ ପଞ୍ଚମହାଦେବଙ୍କ ନିକଟକୁ ବିଜେ କରାଯାଇଥିଲା। ସର ଘରୁ ଶୀତଳ ଭୋଗ ଛେକ ଆସିଥିଲା। ପ୍ରସାଦ ଲାଗିପରେ ପଞ୍ଚଉପଚାର ବିଧିରେ ୧୧ ପନ୍ତି ଭୋଗ ମଣୋହି କରାଯାଇଥିଲା। ବନ୍ଦାପନା ହୋଇ ଦୋଳଗୋବିନ୍ଦ ଦକ୍ଷିଣଘରକୁ ବାହୁଡ଼ା ବିଜେ କରିଥିଲେ ।

## ବଜ୍ରପାତରେ ଗୋଟିଏ ପରିବାରର ୪ ଗୁରୁତର

ଅସ୍ତରଙ୍ଗ,୧।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଉଦୟପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ବଜ୍ରପାତ ପ୍ରଭାବରେ ଗୋଟିଏ ପରିବାରର ୪ଜଣ ଗୁରୁତର ହୋଇଛନ୍ତି।

ଖବର ମୁତାବକ, ଶନିବାର ବିଳମ୍ବିତ ରାତିରେ ବର୍ଷା ସହ ପବନ ଓ ଘଡ଼ଘଡ଼ି ହୋଇଥିଲା। ଏହା ପ୍ରଭାବରେ ପ୍ରଚଣ୍ଡ ଶବ୍ଦରେ ବଜ୍ରପାତ ହୋଇଥିଲା। ଫଳରେ ଉଦୟପୁର ଗ୍ରାମ ଅନ୍ତର୍ଗତ ନିମିଗୋରଡ଼ା ଗ୍ରାମର ଦିଲୀପ କାଣ୍ଡିଙ୍କ ଘର ନିକଟରେ ଥିବା ନଡ଼ିଆ ଗଛରେ ବଜ୍ରପାତ ହୋଇଥିଲା। ଏହାର ପ୍ରଭାବ ଏତେ ପ୍ରଚଣ୍ଡ ଥିଲା ଯେ, ନିକଟରେ ଥିବା ଏକ ଆଜ୍‌ବେଷ୍ଟସ ଘରକୁ ଆଘାତପ୍ରାପ୍ତ ଫଳରେ ଘରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଦ୍ୟୁତ ଶର୍ଟସର୍କିଟ ହୋଇଥିଲା। ଏହା ପ୍ରଭାବରେ ଘର ଭିତରେ ଶୋଇଥିବା ହିମାଂଶୁ କାଣ୍ଡି (୧୨), ଲକ୍ଷ୍ମୀପ୍ରିୟା କାଣ୍ଡି (୧୩), ପୁଷ୍ପଲତା କାଣ୍ଡି (୧୬), ସୁଜାତା କାଣ୍ଡି (୧୬) ଗୁରୁତର ହୋଇଛନ୍ତି। ସେମାନେ ରବିବାର ପ୍ରତ୍ୟୁଷରୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ହୋଇଛନ୍ତି। ୧୨ ବର୍ଷୀୟ ବାଳକ ହିମାଂଶୁ କାଣ୍ଡିଙ୍କ ଶରୀରର ଅନେକ ସ୍ଥାନରେ କ୍ଷତ ହୋଇ ରକ୍ତସ୍ରାବ ହେବା ସହ ଲକ୍ଷ୍ମୀପ୍ରିୟା କାଣ୍ଡିଙ୍କ ହାତରେ ଶକ୍ତ ଆଘାତ ଲାଗିଛି। ଖବରପାଇ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ରତୁରାଜ ରାଉତ ପରିବାରକୁ ସମବେଦନା ଜଣାଇବା ସହ ସ୍ଥାନୀୟ ବିଧାୟକ ଓ ଅତିରିକ୍ତ ତହସିଲଦାର୍‌ଙ୍କ ସହ ସହାୟତା ପାଇଁ ଯୋଗାଯୋଗ କରିଛନ୍ତି। ଏଭଳି ବଜ୍ରପାତରୁ ପରିବାର ସଦସ୍ୟ ନିକଟରେ ଚାଳ ଘର ଥିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

## ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ସମ୍ପନ୍ନ

ପୁରୀ,୧।୬(ଅଜିତ୍ କୁମାର ମହାନ୍ତି):

ପବିତ୍ର ଶୀତଳଷଷ୍ଠୀ ରବିବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ତୃତୀୟ ଜଳକ୍ରୀଡ଼ା ନୀତି ସମ୍ପନ୍ନ ହୋଇଛି। ଏଥିଲାଗି ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ଦ୍ୱାରଫିଟା ପରେ ମହାପ୍ରଭୁଙ୍କ ମଙ୍ଗଳଆଳତି, ମଇଲମ, ଅବକାଶ ପୂଜା ଶେଷ ହୋଇ ଅନ୍ୟାନ୍ୟ ନୀତି ବଢ଼ି ଆଲଟଲାଗି ଓ ଚନ୍ଦନଲାଗି ପରେ ମହାପ୍ରଭୁଙ୍କ ବେଶ ବଢ଼ିଥିଲା। ଯାତଭୋଗ ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଏବଂ ମା' ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମା ଶ୍ରୀଦେବୀ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହାତରେ ପାଲିଙ୍କିକୁ ବିଜେ ହୋଇଥିଲେ। ପରେ ଶ୍ରୀମନ୍ଦିର ପରିସରରେ ଥିବା ରୋହିଣୀ କୁଣ୍ଡ ନିକଟସ୍ଥ ତଥା ନୃସିଂହ ମନ୍ଦିର ପଶ୍ଚାତ ଭାଗରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରିଥିଲେ। ଏହି କୁଣ୍ଡରେ ସୁବାସିତ ଜଳପୂର୍ଣ୍ଣ ହୋଇ ରହିଥିଲା। ଶ୍ରୀମଦନମୋହନ ଏବଂ ଶ୍ରୀଦେବୀ ଏହି ସୁବାସିତ ଜଳପୂର୍ଣ୍ଣ କୁଣ୍ଡରେ ବିଜେ କରିଥିଲେ। ମୁଦିରସ୍ତ ଠାକୁର ଓ ଠାକୁରାଣୀଙ୍କୁ ପ୍ରସାସ ଲାଗି କରିଥିଲେ। ଚନ୍ଦନପାଣି ପିଚ୍‌କାରୀ ନୀତି ପରେ ଠାକୁର ଓ ଠାକୁରାଣୀଙ୍କ ନିକଟରେ ପଞ୍ଚଉପଚାରରେ ଶୀତଳ ଭୋଗ ମଣୋହୀ କରାଯାଇଥିଲା। ଠାକୁର, ଠାକୁରାଣୀଙ୍କୁ ଜଳରୁ ଅଣାଯାଇ ଶ୍ରୀଅଙ୍ଗ ପୋଛାଯିବା ସହ ମଇଲମ କରାଯାଇଥିଲା। ମାଳଫୁଲ ଲାଗି କରାଯିବା ସହ ବେଶ ବଢ଼ିବା ପରେ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ଠାକୁର ଓ ଠାକୁରାଣୀ ପାଲିଙ୍କିରେ ବିଜେ ହୋଇ ବାହୁଡ଼ା ବିଜେ କରିଥିଲେ।

## ନୂଆ ଗ୍ରାଉଣ୍ଡ ଲେଭଲ ବକ୍ସିଂ ରିଙ୍ଗ୍ ଉଦ୍‌ଘାଟିତ

ପୁରୀ,୧।୬(ଅଜିତ୍ କୁମାର ମହାନ୍ତି):

ପୁରୀ ବକ୍ସିଂ ଏକାଡେମୀ ତରଫରୁ ଆୟୋଜିତ ଗ୍ରୀଷ୍ମକାଳୀନ ବକ୍ସିଂ ଶିବିର-୨୦୨୫ର ଉଦ୍‌ଯାପନୀ ସମାରୋହ ରବିବାର ପୁରୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଡି ବିଲ୍ଡର ଅନୀଲ ଗୋଚ୍ଛିକାରଙ୍କ ସହଯୋଗରେ ଏକ ନୂତନ ଗ୍ରାଉଣ୍ଡ-ଲେଭଲ ବକ୍ସିଂ ରିଙ୍ଗ୍ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଓଡ଼ିଶା ଅଲିମ୍ପିକ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ପ୍ରତିହାରୀ ନିଯୋଗ ସମ୍ପାଦକ କେଦାରନାଥ ଖୁଣ୍ଟିଆ, ବିନୋଦ ସିଂ, ବିମଳ ପ୍ରସାଦ ମହାନ୍ତି, ଆୟୁଷ ଆଥଲେଟିକ୍ସ ରଶ୍ମିରଞ୍ଜନ ପାତ୍ର, ପୂର୍ବତନ ପୌର ସଦସ୍ୟ ସୁବାସ ସାହୁ ପ୍ରମୁଖ ଯୋଗଦେଇଥିଲେ। ପୁରୀ ଜିଲାରେ ବକ୍ସିଂ ପ୍ରଶିକ୍ଷଣ ପାଇଁ ଏହା ନୂଆ ମାଇଲ୍‌ଷ୍ଟୋନ୍ ସୃଷ୍ଟି କରିବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ। ବକ୍ସିଂ ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁ କହିଲେ ଯେ, 'ଏହି ନୂଆ ବକ୍ସିଂ ରିଙ୍ଗ୍ ଆମ ପ୍ରଶିକ୍ଷଣର ଗୁରୁତ୍ୱ ବଢ଼ାଇବ ଓ ଅଭିଯାନରେ ଗତି ଆଣିବ।' ମଦନ ନାୟକ, ବିଶ୍ୱଭୂଷଣ ପଣ୍ଡା, ପ୍ରଦୀପ ଦାସ, ଦୀପକ ପରିଡା, ଲକ୍ଷ୍ମୀଧର ମୁଦୁଲି, ବସନ୍ତ ବେଜ, ଚନ୍ଦନ ଥାପା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ଜିଲା ଓ ଜିଲା ବାହାରର ଅନେକ ଶିଶୁ ଏବଂ ଯୁବକ ଯୋଗଦେଇ ବକ୍ସିଂ ସମ୍ପର୍କରେ ଜ୍ଞାନ ହାସଲ କରିବା ସହ ତାଲିମ୍ ନେଇଥିଲେ।

## ବିପଦସଙ୍କୁଳ ଅବସ୍ଥାରେ ଭାର୍ଗବୀ ସେତୁ

ବଳଙ୍ଗା,୧।୬(କେଦାରେଶ୍ୱର ନନ୍ଦ)

ପୁରୀ ଜିଲା ନିମାପଡ଼ା-ସାତଶଙ୍ଖ ମଧ୍ୟରେ ବଳଙ୍ଗାଠାରେ ପ୍ରବାହିତ ହେଉଥିବା ଭାର୍ଗବୀ ନଦୀ ଉପରେ ଥିବା ୪୧ ବର୍ଷର ପୁରାତନ ଭାର୍ଗବୀ ବ୍ରିଜ ରକ୍ଷଣାବେକ୍ଷଣ ଅଭାବରୁ ଭୁଶୁଡ଼ିବା ଅବସ୍ଥାରେ ଗତି କରୁଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ସେଣ୍ଟ୍ରାଲ ବୋର୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ଓ କ୍ୱାଲିଟି କଣ୍ଟ୍ରୋଲ ତରଫରୁ ଏକ ୧୨ ଜଣିଆ ସାଇଣ୍ଟିଷ୍ଟ ଟିମ୍ ବଳଙ୍ଗାରେ ଥିବା ଭାର୍ଗବୀ ସେତୁକୁ ସର୍ଭେ କରିଥିଲେ। ବିଭିନ୍ନ ଉନ୍ନତମାନର ଯନ୍ତ୍ରାଂଶ ଦ୍ୱାରା ବ୍ରିଜର ବାହାର ଓ ଭିତର ପାର୍ଶ୍ୱ ସ୍ଥାନଗୁଡ଼ିକୁ ସ୍କାନିଂ କରିଥିଲେ। ସିଏସ୍‌ଆଇଆର ଇଞ୍ଜିନିୟରମାନେ ବ୍ରିଜର ଭିତର ପାର୍ଶ୍ୱର ଓ ବାହାର ପାର୍ଶ୍ୱର କଂକ୍ରିଟ ଛାଡ଼ିଯିବା ଓ ଅନେକ ସ୍ଥାନରେ କ୍ରାକ୍ ହୋଇଥିବା ଦେଖିବାକୁ ପାଇଥିଲେ। ସର୍ଭେ ରିପୋର୍ଟ ଆସିବା ପରେ ନୂତନ ବ୍ରିଜ ନିର୍ମାଣ କରାଯିବ କିମ୍ବା ଏହି ବ୍ରିଜ୍‌ଟିକୁ ମରାମତି କରାଯିବ ବୋଲି ଆସିଥିବା ସାଇଣ୍ଟିଷ୍ଟମାନେ ପ୍ରକାଶ କରିଛନ୍ତି। ଏହି ବ୍ରିଜ୍‌ଟି ୧୯୮୫ ମସିହା ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଓ ପୂର୍ତ୍ତମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ନିମାପଡ଼ା ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ବ୍ରିଜ୍‌ଟି ଦୀର୍ଘ ଦିନ ଧରି ମରାମତି ନ ହେବାରୁ ବ୍ରିଜ୍‌ଟି ଅସୁରକ୍ଷିତ ହୋଇପଡ଼ିଛି। ତୁରନ୍ତ ଏହି ବ୍ରିଜ୍ ପ୍ରତି ଦୃଷ୍ଟି ଦେବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ବଳଙ୍ଗା ଅଞ୍ଚଳରେ ଜନସାଧାରଣ ଦାବି କରିଛନ୍ତି।

## ନଦୀ ଖନନରେ ଅନିୟମିତତା, ରାଜରାସ୍ତାକୁ ଓହ୍ଲାଇବ ସଙ୍ଗଠନ

**ନୀଳାଚଳ କୃଷକ ମହାସଂଘର ବ୍ଲକସ୍ତରୀୟ ବୈଠକ**

ଡେଲାଙ୍ଗ,୧।୬(ରଶ୍ମିରଞ୍ଜନ ପ୍ରଧାନ)

ନୀଳାଚଳ କୃଷକ ମହାସଂଘର ବ୍ଲକସ୍ତରୀୟ ବୈଠକ ବେଣୁପଡ଼ାସ୍ଥିତ ଗାଦିବ୍ରହ୍ମ ପୀଠରେ ବ୍ଲକ ସଭାପତି ଶରତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୃଷି ଓ କୃଷକର ଉନ୍ନତି ପାଇଁ ସଙ୍ଗଠନକୁ ତୃଣମୂଳସ୍ତରରୁ ମଜଭୁତ କରିବା, ଚାଷୀଙ୍କ ମୌଳିକ ସମସ୍ୟା ସମାଧାନ କରିବା ପାଇଁ ସଙ୍ଗଠନ ଅହରହ ପ୍ରଚେଷ୍ଟା କରୁଛି ଏବଂ ଚାଷୀଙ୍କ ପାଖରେ ବାର୍ତ୍ତା ପହଞ୍ଚିବା ନିହାତି ଆବଶ୍ୟକ ବୋଲି ପୂର୍ବତନ ସରପଞ୍ଚ ଦୁର୍ଗାଚରଣ ରାଉତରାୟ କହିଛନ୍ତି।

ସେହିପରି ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କଲେ ଚାଷୀଙ୍କ ସମସ୍ୟା ସମାଧାନ କରିବାକୁ ସରକାର ବାଧ୍ୟ ହେବେ ବୋଲି ମହାସଂଘର ସଭାପତି ଗୋପୀନାଥ ମିଶ୍ର ବୈଠକରେ ମତପ୍ରକାଶ କରିଥିଲେ। ଦୟାନଦୀର ଚୁପୁରିଙ୍ଗଠାରୁ ବଡ଼ଗୋଠ ପର୍ଯ୍ୟନ୍ତ ଖନନ ପାଇଁ ଜଳ ସମ୍ପଦ ପକ୍ଷରୁ ୫୨ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଲୁଣାନଦୀର ନାଗଣଠାରୁ ବଡ଼ଗୋଠ ପର୍ଯ୍ୟନ୍ତ ୩୫ କୋଟି ମଞ୍ଜୁର କରାଯାଇଛି। ଏହି ଖନନ କାର୍ଯ୍ୟକୁ ଓଡ଼ିଶା ନିର୍ମାଣ ନିଗମ ଲିଃ. ଦ୍ୱାରା କରିବା ପାଇଁ ରାଜ୍ୟ ସରକାର ସ୍ଥିର କରିଥିବାବେଳେ ସଙ୍ଗଠନର ଉପସଭାପତି ପ୍ରକାଶ କୁମାର ନାୟକ ଏହାକୁ ବିରୋଧ କରିଥିଲେ। ଏହି ସଂସ୍ଥା ବିଗତ ଦିନରେ ଦୟା ଓ ଲୁଣାନଦୀର ଖନନ କରିବା ପାଇଁ କାମ ନେଇଥିଲେ ମଧ ଅଦ୍ୟାବଧି କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରି ନ ଥିବାରୁ ସେ ଅଭିଯୋଗ କରିଛନ୍ତି। ମହାସଂଘ ପକ୍ଷରୁ ଏନେଇ ପୁରୀ ଜିଲାପାଳଙ୍କୁ ଅବଗତ କରାଯିବା ସହ ଖନନ ସଂସ୍ଥାକୁ ପରିବର୍ତ୍ତନ କରା ନ ଗଲେ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ଜିଲା ସମନ୍ୱୟ କମିଟି ଅଧ୍ୟକ୍ଷ ଦୁଃଶାସନ ସ୍ୱାଇଁ କଡ଼ା ଚେତାବନୀ ଦେଇଥିଲେ। ଏହା ସହିତ ଧାନର ଅଭାବୀ ବିକ୍ରିକୁ ରୋକିବା, ପ୍ରତ୍ୟେକ ବ୍ଲକରେ ଶୀତଳଭଣ୍ଡାର ଓ ଶସ୍ୟ ସଂରକ୍ଷଣ ଗୃହ ନିର୍ମାଣ କରିବା ପାଇଁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ବ୍ଲକ ସମ୍ପାଦକ ରାମଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ନୀଳାଚଳ କୃଷକ ମହାସଂଘର ବ୍ଲକସ୍ତରୀୟ ବୈଠକରେ ଉପସ୍ଥିତ ସଭ୍ୟମାନେ ।

## ବିନା ସୂଚନା ଫଳକରେ ଚାଲିଛି କୁଶଭଦ୍ରା ନଦୀବନ୍ଧ କାର୍ଯ୍ୟ

- ନିମ୍ନମାନର କାମ ହୋଇଥିବା ଗ୍ରାମବାସୀଙ୍କ ଅଭିଯୋଗ
- ବନ୍ୟା ପୂର୍ବରୁ ବନ୍ୟା ନିୟନ୍ତ୍ରଣ ନେଇ ଉଠିଲା ପ୍ରଶ୍ନ
- ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର

ଗୋପ,୧।୬(ଭାରତୀ ଭୂଷଣ ଉପାଧ୍ୟାୟ)

ବନ୍ୟା ପୂର୍ବରୁ ବନ୍ଧବାଡ଼ ମରାମତି କରିବା ସହିତ ବାକିଥିବା କାର୍ଯ୍ୟ ଓ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା କାର୍ଯ୍ୟକୁ ତୁରନ୍ତ ଶେଷ କରିବା ପାଇଁ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ ଗୋପ ଜଳସମ୍ପଦ ବିଭାଗ ଅଧୀନରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲୁରହିଛି। ମଦରଙ୍ଗ ସେକ୍ସନ ଅଧୀନରେ ଚାଲିଥିବା କୁଶଭଦ୍ରା ନଦୀବନ୍ଧ ଦକ୍ଷିଣ ପାର୍ଶ୍ୱରେ କୋଟିଏ ଟଙ୍କାର କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଏହି ନଦୀବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଜାନୁଆରୀ ୩୧ ତାରିଖରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ସୂଚନା ଫଳକ ଲଗାଯାଇ ନ ଥିବା ସମସ୍ତଙ୍କୁ ଚକିତ କରିଛି।

ପ୍ରକାଶ ଯେ, ସରକାର ଏହି ଦକ୍ଷିଣପାର୍ଶ୍ୱ କୁଶଭଦ୍ରା ନଦୀବନ୍ଧର ମଦରଙ୍ଗ ନିକଟରୁ ପୁରୀ-କୋଣାର୍କ ବେଳାମାର୍ଗ ସହିତ ସିଧାସଳଖ ସଂଯୋଗୀକରଣ କରିବା ନିମନ୍ତେ ଏହି ନଦୀବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟ ହାତକୁ ନେଇଛନ୍ତି। ଏହି ଦକ୍ଷିଣପାର୍ଶ୍ୱ କୁଶଭଦ୍ରା ନଦୀବନ୍ଧ ଉପରେ ଆଳିଶି, ସୁଜାନଗର, ପରାଳ, ପୁତୁପଡ଼ା, ଅଲଣ୍ଡା ଗ୍ରାମ ସହିତ ୧୦ରୁ ଉର୍ଦ୍ଧ୍ୱ ଗାଁର ଶତାଧିକ ଲୋକ ଯା'ଆସ କରିଥାନ୍ତି। ମାତ୍ର ଆରମ୍ଭରୁ ଏହି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ବେଳେ ନଦୀବନ୍ଧରେ ପଡ଼ିଥିବା ମାଟି ଧସିଯିବା ସହ ସମ୍ପୃକ୍ତ ଠିକାଦାରମାନେ ବାଲି ମୋରମ ସ୍ଥାନରେ ବାଲିମିଶା ମାଟି ପକାଉଛନ୍ତି। ଏହି ନଦୀବନ୍ଧ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ରବିବାର ଆଳିଶି ଗାଁର ଗ୍ରାମ୍ୟ କମିଟି ସଭାପତି ମୁରଲୀଧର ପ୍ରଧାନ, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା, ପ୍ରକାଶ ନାୟକ, ଘନଶ୍ୟାମ ନାୟକ ପ୍ରମୁଖ ନିମ୍ନମାନର ବାଲି ବୋଝେଇ ଟ୍ରାକ୍ଟରକୁ ଅଟକ ରଖିବା ସହିତ ଗାଁ ଦାଣ୍ଡରେ ବାଲିମାଟି ଢାଳି ଦେଇଥିଲେ। କୋଟିଏ ଟଙ୍କାର କୁଶଭଦ୍ରା ନଦୀବନ୍ଧ କାର୍ଯ୍ୟକୁ ବିଭାଗୀୟ ଯନ୍ତ୍ରୀମାନେ ନ ଦେଖିବା, ସୂଚନା ଫଳକ ନ ଲଗାଇବା ସହ ଠିକାଦାରଙ୍କୁ ସହଯୋଗ କରୁଥିବା ଗ୍ରାମବାସୀ ମଧ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଭିତ୍ତିପ୍ରସ୍ତର କାର୍ଯ୍ୟ ଯଦି ଏପରି ନିମ୍ନମାନର ହେଉଛି, ତା'ହେଲେ ଆଉ ସବୁ କାର୍ଯ୍ୟକ୍ରମଗୁଡ଼ିକ କିପରି କରାଯାଉଥିବ ସେମାନେ ମଧ ଅଭିଯୋଗ କରୁଛନ୍ତି। ଉକ୍ତ କାମକୁ ଭିଜିଲାନ୍ସ ତଦନ୍ତ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗୋପ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି କହିଛନ୍ତି, ତୁରନ୍ତ ଏହିସବୁ ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯିବ।



ଠିକାଦାରଙ୍କ ଟ୍ରାକ୍ଟରକୁ ଗାଁ ଦାଣ୍ଡରେ ଅଟକ ରଖିଛନ୍ତି ଗ୍ରାମବାସୀ ।

## ଶିବିରରୁ ୪୨ୟୁନିଟ୍ ରକ୍ତ ସଂଗ୍ରହ

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ଦୌଲାତାବାଦସ୍ଥିତ ଆଞ୍ଚଳିକ ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ସ୍ଥାନୀୟ ଟିପିଏମ୍ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। କଟକସ୍ଥିତ ସେଣ୍ଟ୍ରାଲ ରେଡ଼କ୍ରସ୍ ରକ୍ତ ଭଣ୍ଡାରର କର୍ମଚାରୀମାନେ ଶିବିରରେ ଯୋଗଦେଇ ୪୨ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, କାଉନସିଲର ଅଜୟ ବେହେରା, ଦିଲୀପ ଭୂୟାଁ, ସୁବ୍ରତ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। କ୍ଲବର କର୍ମକର୍ତ୍ତା ଅଭିରାମ ସ୍ୱାଇଁ, ଦୀପକ କୁମାର ନାୟକ, ସୁରଜ କୁମାର ଭୂୟାଁ, ମନୋଜ ବେହେରା, ଅମିତାଭ ଭଦ୍ର, ଅଜୟ ଭୂୟାଁ, କିଶୋର ପ୍ରଧାନ, ବିଭୂତି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଟ୍ରେନ୍‌ରୁ ଖସି ନାବାଳକଙ୍କ ଗୋଡ଼ କଟିଲା

କଟକ,୧।୬(କାର୍ତ୍ତିକ ସାହୁ)

କଟକ ରେଳଷ୍ଟେଶନ ୟାର୍ଡ ନିକଟରେ ଟ୍ରେନରୁ ଖସି ଜଣେ ନାବାଳକ ଯାତ୍ରୀଙ୍କ ବାମ ଗୋଡ଼ କଟିଯାଇଛି। ଆହତ ଜଣକ ହେଲେ ଆସାମ ନଅଗାଁ ଜିଲା ସିଙ୍ଗିଆ ଗ୍ରାମର ମୋହିଜୁଲ ଇସଲାମ୍ (୧୭)। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ରବିବାର ସକାଳ ପ୍ରାୟ ୮ଟା ୨୦ ମିନିଟ୍‌ରେ ୟାର୍ଡ ନିକଟରେ ନାବାଳକ ଜଣକ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଆର୍‌ପିଏଫ୍ ଅଧିକାରୀ ରାଜସିଂହ ମଲ୍ଲିକ ସୂଚନା ପାଇଥିଲେ। ଆର୍‌ପିଏଫ୍ ଟିମ ତୁରନ୍ତ ସେଠାରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ମେଡିକାଲ ନେଇଯାଇଥିଲେ। ଘଟଣାସ୍ଥଳରୁ ମିଳିଥିବା ଆଧାର କାର୍ଡ ଓ ୨ଟି ଟିକଟରୁ ଆହତଙ୍କୁ ଚିହ୍ନଟ କରାଯାଇଥିଲା। ସେ କନ୍ୟାକୁମାରୀ-ଡିବ୍ରୁଗଡ଼ ଏକ୍ସପ୍ରେସରେ କେରଳ ଆଲ୍ୱାରୁ ଆସାମକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଅବଗତ କରାଯାଇଛି।

### ଯୁବକଙ୍କୁ ଆକ୍ରମଣ ଘଟଣାରେ ୨ଗିରଫ

ଚୌଦ୍ୱାର,୧।୬(ଆଶୁତୋଷ ଦାସ)

ଓଟିଏମ୍ ହାଇସ୍କୁଲ ନିକଟ ବଧି ପଡ଼ିଆରେ ଶନିବାର ସନ୍ଧ୍ୟାରେ ୨ଜଣ ଯୁବକଙ୍କ ଆକ୍ରମଣରେ ଜଣେ ଯୁବକ ଆହତ ହେବା ଘଟଣାରେ ଚୌଦ୍ୱାର ପୋଲିସ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଢ଼େଙ୍କାନାଳ ଜିଲା ଗୋବିନ୍ଦପୁର ଥାନା ଅଞ୍ଚଳର ବିବେକାନନ୍ଦ ମହାପାତ୍ର (୩୧) ଓ ପ୍ରିୟବ୍ରତ ମହାପାତ୍ର (୨୭)। ଉଭୟଙ୍କ ଆକ୍ରମଣର ଶିକାର ହୋଇଥିବା ଯୁବକ ଗୋବିନ୍ଦପୁର ଅଞ୍ଚଳର ତ୍ରିନାଥ ମହାପାତ୍ର ଓରଫ ଜଗା। ବିବେକାନନ୍ଦ ଓ ପ୍ରିୟବ୍ରତ ତ୍ରିନାଥଙ୍କ ସାବତ ଭାଇ ଓ ଦାଦାପୁଅ ଭାଇ ବୋଲି ପୋଲିସ ଜାଣିବାକୁ ପାଇଛି। ଏ ସଂକ୍ରାନ୍ତରେ ଦଫା ୧୦୯, ୧୧୮, ୩୫୧ରେ ଏକ ମାମଲା (ନଂ.୩୨୯/୨୫)ରେ ପୋଲିସ କୋର୍ଟ ଚାଲାଣ କରିଛି।

### ୩ ବଖରା ଭସ୍ମୀଭୂତ

ଖୁଣ୍ଟୁଣୀ,୧।୬(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ଚମ୍ପିଆ ଗ୍ରାମର ହିନ ବେହେରାଙ୍କ ଘରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଭସ୍ମୀଭୂତ ହୋଇଯାଇଛି। ବିଦ୍ୟୁତ୍ ସଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଆଠଗଡ଼ ଅଗ୍ନିଶମ ବାହିନୀ ଦୀର୍ଘ ଦେଢ଼ଘଣ୍ଟା ପରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

ରବିବାର ଭାଜପା ନେତା ଅଭୟ ବାରିକ, ସାମାଜିକ କର୍ମୀ ପିଙ୍କନ ସାହୁ, ବିଧାୟକଙ୍କ ପ୍ରତିନିଧି ଓ ଖୁଣ୍ଟୁଣୀ ଆରଆଇ ପ୍ରମୁଖ ପହଞ୍ଚି ହିନଙ୍କୁ ପଲିଥିନ, ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

### ଜଗତପୁର, ଚୌଦ୍ୱାରରେ ଶିବପାର୍ବତୀଙ୍କ ବିବାହ ଉତ୍ସବ

ମଙ୍ଗୁଳି-ଜଗତପୁର,୧।୬(ମାନସ ସାମଲ)

ଜଗତପୁର ଓ ଚୌଦ୍ୱାର ଥାନା ଅଞ୍ଚଳରେ ଶୀତଳଷଷ୍ଠୀ ଉପଲକ୍ଷେ ବିଭିନ୍ନ ଶୈବପୀଠରେ ଶିବପାର୍ବତୀଙ୍କ ବିବାହ ଉତ୍ସବ ପାଳିତ ହୋଇଯାଇଛି। ଜଗତପୁର ଥାନା ଅଧୀନ ନିମପୁରସ୍ଥିତ ଶ୍ରୀଶ୍ରୀ କୃଷ୍ଣେଶ୍ୱର ମହାଦେବଙ୍କ ମନ୍ଦୀର ପ୍ରାଙ୍ଗଣରେ ଦେବ ଦମ୍ପତିଙ୍କ ବିବାହ କର୍ମରେ ବର କର୍ତ୍ତା ଭାବେ ବ୍ରଜ କିଶୋର ପଣ୍ଡା ଏବଂ କନ୍ୟା କର୍ତ୍ତା ଭାବେ ମୋହନ ରଞ୍ଜନ ପଣ୍ଡା ସପତ୍ନିକ ଦାୟିତ୍ୱ ନିର୍ବାହ କରିଥିଲେ। ମନ୍ଦିର ସେବାୟତ ନାରାୟଣ ରାଉଳ ଓ ଦେବେନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ପଣ୍ଡିତ ଓ ଆଚାର୍ଯ୍ୟ ମଣ୍ଡଳୀଙ୍କ ଦ୍ୱାରା ପୂଜା ଆଦି କର୍ମ କରାଯାଇଥିଲା। ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ପୂଜକ ଭାବେ ପଣ୍ଡିତ ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ ଓ ସହଯୋଗୀ ପୂଜକଙ୍କ ଦ୍ୱାରା ଦାୟିତ୍ୱ ନିର୍ବାହ କରାଯାଇଥିବା ବେଳେ ମନ୍ଦିର ଉନୟନ କମିଟି କର୍ମକର୍ତ୍ତାଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ସେହିପରି ଚୌଦ୍ୱାର ଥାନା ଅଧୀନ ଆଗ୍ରାହାଟ ପଞ୍ଚାୟତ କୁଜିବର ଗ୍ରାମସ୍ଥିତ ମୁକ୍ତେଶ୍ୱର ମନ୍ଦିରରେ ଶିବପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବର କର୍ତ୍ତା ଭାବେ ଜିତେନ୍ଦ୍ର ମହାରଣା ପବିତ୍ର କୁମାର ରାଉତ ଏବଂ କନ୍ୟା କର୍ତ୍ତା ଭାବେ ପବିତ୍ର କୁମାର ରାଉତ ସପତ୍ନିକ ଦାୟିତ୍ୱ ନିର୍ବାହ କରିଥିଲେ। ମୁକ୍ତେଶର ପରିଚାଳନା କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସିସିଟିଭି ଫୁଟେଜ ମାଗିଲା ପୋଲିସ

କଟକ,୧।୬(ଶିଳ୍ପା ପ୍ରିୟଦର୍ଶିନୀ)




**ଯୁବକଙ୍କୁ ପୋଲିସ ଘୋଷାଡ଼ି ନେବା ଭିଡିଓ ଭାଇରାଲ ଘଟଣା**

■ଆଉ ଏକ ଭିଡିଓ ଭାଇରାଲ

ଏସ୍‌ସିବି ମେଡିକାଲ ଇଏନ୍‌ଟି ବିଭାଗ ଟିକେଟ କାଉଣ୍ଟରରେ ଯୁବକଙ୍କୁ ପୋଲିସ ଘୋଷାଡ଼ି ନେବା ସମୟର ଭିଡିଓ ଭାଇରାଲ ଘଟଣାରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ସିସିଟିଭି ଫୁଟେଜ ମାଗିଲା ମଙ୍ଗଳାବାଗ ଥାନା ପୋଲିସ। ଘଟଣା ନେଇ ମେଡିକାଲ ମହିଳା କର୍ମଚାରୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିବାବେଳେ ଯୁବକ ମଧ୍ୟ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି। ଅନ୍ୟପଟେ ଘଟଣାର ଅନ୍ୟ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି, ଯେଉଁଥିରେ ଉକ୍ତ ଟିକେଟ କାଉଣ୍ଟରରେ ଜଣେ ପୋଲିସ କର୍ମଚାରୀ ଧାଡ଼ି ଭାଙ୍ଗି କାଉଣ୍ଟରରେ ଛିଡ଼ା ହୋଇଥିବା ଦୃଶ୍ୟ ନଜରକୁ ଆସିଛି। ଘଟଣା ସମ୍ପର୍କରେ ସମ୍ପୃକ୍ତ ଥିବା ଆଶୁତୋଷ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଟିକେଟ କାଉଣ୍ଟରରେ ଲୋକ ଧାଡ଼ି ହୋଇଥିବା ବେଳେ ଜଣେ ପୋଲିସ କର୍ମଚାରୀ ପଶିବାରୁ ମୁଁ ଭିଡିଓ ଉତ୍ତୋଳନ କରିଥିଲି। ପରେ ସେଠାରେ ଅନ୍ୟ ପୋଲିସ କର୍ମଚାରୀମାନେ ମୋତେ ଭିଡିଓ ଡିଲିଟ୍ କରିବାକୁ କହିଥିଲେ। ଭିଡିଓ ଡିଲିଟ୍ ନ କରିବାରୁ କର୍ମଚାରୀ ଜଣକ ଫାଣ୍ଡିକୁ ଯିବାକୁ କହିଥିଲେ। ସେ ସମୟରେ ଟିକେଟ କାଉଣ୍ଟରରେ ଥିବା କର୍ମଚାରୀ ଟିକେଟ ଦେବା ବନ୍ଦ କରିଥିଲେ ଏବଂ ଅନ୍ୟ ଲୋକ ମୋ ଯୋଗୁ ହଇରାଣ ହେଉଥିବା କହିଥିଲେ। ସେ ସମୟରେ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚି ମୋତେ ଟଣାଓଟରା କରିଥିଲେ। ଏପରିକି ମୋତେ ମାଡ଼ ମାରିଛନ୍ତି ଏବଂ ମୋ ମା'ଙ୍କ ପ୍ରେସ୍କ୍ରିପଶନ ଓ ଅନ୍ୟାନ୍ୟ ଜିନିଷ ପୋଲିସ କର୍ମଚାରୀ ମୋଠାରୁ ଛଡ଼ାଇ ନେଇଛନ୍ତି ବୋଲି ସେ କହିଛନ୍ତି। ଘଟଣା ସମ୍ପର୍କରେ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି, ଯୁବକ ଜଣକ ଅନ୍ୟ ରୋଗୀଙ୍କୁ ହଇରାଣ କରିବା ସହ ମେଡିକାଲର ମହିଳା କର୍ମଚାରୀଙ୍କୁ ଗାଳିଗୁଲଜ କରିବା ଖବର ପାଇ ସେଠାରେ ପୋଲିସ ପହଞ୍ଚିଥିଲା। ଯୁବକଙ୍କୁ ପୋଲିସ ବୁଝାଶୁଝା କରି ସେଠାରୁ ଆଣିଛି। ଘଟଣାର ତଦନ୍ତ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଣ୍ଡା କହିଛନ୍ତି।



ଶୀତଳଷଷ୍ଠୀ ଅବସରରେ ରବିବାର ଗଡ଼ଗଡ଼େଶ୍ୱର ମନ୍ଦିର ନିକଟରୁ ବାହାରିଥିବା ରୋଶଣି ଶୋଭାଯାତ୍ରା।(ଫଟୋ: ରାଜକିଶୋର)

### ୧୦ ଲକ୍ଷ ଟଙ୍କାର ସୁନା ଗହଣା ସହ ୫୦ ହଜାର ଟଙ୍କା ଚୋରି

ମଙ୍ଗୁଳି-ଜଗତପୁର,୧।୬(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ଶାଳଗାଁ ପଞ୍ଚାୟତ ମାଧବପୁର ଗ୍ରାମରେ ଶନିବାର ରାତିରେ ବସନ୍ତ ଶତପଥୀ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ବସନ୍ତଙ୍କ ଶୋଇବା ଘରେ ତାଲା ପକାଇ ସୁନାଗହଣା ଥିବା ୨ଟି ଘର ତାଲା କାଟି ନଗଦ ୫୦ ହଜାର ଟଙ୍କା ଓ ୧୪ ଭରି ପାଖାପାଖି ସୁନାଗହଣା (୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ) ଚୋରି କରିଛନ୍ତି। ଏ ନେଇ ବସନ୍ତଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୧୬୧/୨୫)ରୁଜୁ କରିଛି। ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଟାଙ୍ଗୀ ଥାନା ଅଧିକାରୀ ଶିବ ପ୍ରାସାଦ ଭଦ୍ର, ବିଶାଳି ଫାଣ୍ଡି ଅଧିକାରୀ ଶ୍ରୀକାନ୍ତ କୁମାର ବେହେରା ପ୍ରମୁଖ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲେ। ଅଭିଯୋଗ ମୁତାବକ, ଗରମରୁ ରକ୍ଷା ପାଇବା ପାଇଁ ବସନ୍ତ ଉକ୍ତ ଘରେ ତାଲା ପକାଇ ଗଛ ଆଡୁଆଳରେ ଥିବା ଘରେ ୮ଦିନ ହେବ ପରିବାରଙ୍କ ସହ ଶୋଉଥିଲେ। ଏହାର ସୁଯୋଗ ନେଇ ଶନିବାର ବିଳମ୍ବିତରାତ୍ରିରେ ଦୁର୍ବୃତ୍ତ ଘର ଛାତ ବାଟେ ଆସି ଘରେ ପ୍ରବେଶ କରିଥିଲେ। ପରିବାରର ୧୨ଜଣ ସଦସ୍ୟ ଯେଉଁ ୪ଟି ଘରେ ଶୋଇଥିଲେ ଉକ୍ତ ଘର ବାହାର ପଟୁ ଝିଞ୍ଜିର ଦେଇଥିଲେ। ପରେ ସୁନା ଅଳଙ୍କାର ଥିବା ଘର ତାଲା ଗ୍ୟାସ୍‌କଟର ସହାୟତାରେ କାଟି ସୁନାଅଳଙ୍କାର ଭର୍ତ୍ତି ବାକ୍ସ ଉଠାଇ ନେଇ ଘରଠୁ ମାତ୍ର ୨୦୦ମିଟର ଦୂର ଏକ ବିଲକୁ ନେଇଯାଇଥିଲା। ସେଠାରେ ବାକ୍ସରୁ ଟଙ୍କା ଓ ସୁନାଗହଣା ନେଇ ଫେରାର ହୋଇଯାଇଥିଲେ। ଚୋରି ପଛରେ ବସନ୍ତଙ୍କ କେହି ଆତ୍ମୀୟ ଲୋକ ସାମିଲ ଥିବା ପୋଲିସ ସନ୍ଦେହ କରି ତଦନ୍ତ ଜାରି ରଖିଛି।

# 'ହରେକୃଷ୍ଣ ମହତାବଙ୍କ ଜୀବନର ଅନାଲୋଚିତ ଅଧ୍ୟାୟ ଉନ୍ମୋଚନ ହେବ'




ଡ. ହରେକୃଷ୍ଣ ମହତାବ ସ୍ମୃତି କମିଟି ଓ ଦି ୟୁନିଭର୍ସ ପକ୍ଷରୁ ସୂଚନା ପ୍ରଦାନ କରାଯାଉଛି।

କଟକ,୧।୬(କାର୍ତ୍ତିକ ସାହୁ)

ଦି ୟୁନିଭର୍ସ ଓ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଅବସରରେ ବିବିଧ କାର୍ଯ୍ୟକ୍ରମ କରାଯିବ। ବାରବାଟୀ ଷ୍ଟାଡିୟମ ଅଡିଟୋରିୟମଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡ. ହରେକୃଷ୍ଣ ମହତାବ ସ୍ମୃତି କମିଟି ଓ ଦି ୟୁନିଭର୍ସ ପକ୍ଷରୁ ଏନେଇ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି।

ସୂଚନାନୁସାରେ, ସ୍କୁଲ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇସାରିଛି। ଜୁନ୍ ୮ରେ ହେବାକୁ ଥିବା କାର୍ଯ୍ୟକ୍ରମରେ ବିଜେତାମାନଙ୍କୁ ପୁରସ୍କୃତ କରାଯିବ। ସେହିପରି ଜୁନ୍ ୨୨ରେ ସାଇକେଲ ରାଲି ଦି ୟୁନିଭର୍ସ ନିକଟରୁ ବାହାରି ସ୍ୱରାଜ ଆଶ୍ରମରେ ଶେଷ ହେବ। କଟକ ଡିସିପି ରାଲିକୁ ଶୁଭାରମ୍ଭ କରିବେ। ଏହାବାଦ ଏକ ଆଲୋଚନାଚକ୍ର ଓ ସ୍ମରଣିକା ଉନ୍ମୋଚନ ମଧ୍ୟ ଅନୁଷ୍ଠିତ ହେବ। ବହୁ ଉପାଦେୟ ଲେଖା ଦ୍ୱାରା ସ୍ମରଣିକା ପାଠକୀୟ ଆଦୃତି ଲାଭ କରିବ। ଉଦ୍‌ଯାପନୀ ସମାରୋହରେ ଡ. ହରେକୃଷ୍ଣ ମହତାବଙ୍କ ଜୀବନର ବହୁ ଅନାଲୋଚିତ ଅଧ୍ୟାୟର ଉନ୍ମୋଚନ ହେବ ବୋଲି ସମ୍ମିଳନୀରେ କୁହାଯାଇଛି। ଡ. ପ୍ରଭାତ କୁମାର ମିଶ୍ର, ପ୍ରଫେସର ସୁଦର୍ଶନ ପଟ୍ଟନାୟକ, ପ୍ରଫେସର କୃପାସିନ୍ଧୁ ପଣ୍ଡା, ପ୍ରଫେସର ସଙ୍ଗୀତା ରଥ, ଡା. ତପନ କୁମାର ପାତ୍ର, ଡ. ପ୍ରମୋଦ କୁମାର ମହାପାତ୍ର, ଆଡ୍‌ଭୋକେଟ ସୁରେଶ କୁମାର ଚୌଧୁରୀ ଓ ଅନୁଷ୍ଠାନ ସାଧାରଣ ସମ୍ପାଦକ ବ୍ୟାପ୍ତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସାଆନ୍ତସାହି ନୀଳକଣ୍ଠେଶ୍ୱର ମନ୍ଦିରରେ ଶୀତଳଷଷ୍ଠୀ ଉତ୍ସବ

କଟକ,୧।୬(ଶିଳ୍ପା ପ୍ରିୟଦର୍ଶିନୀ)

ସାଆନ୍ତସାହି ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରରେ ଶିବ ବିବାହ ବା ଶୀତଳଷଷ୍ଠୀ ଉତ୍ସବ ମହାସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାବା ନୀଳକଣ୍ଠେଶ୍ୱରଙ୍କ ପିତା ସଦୟ ବୋଷ ଏବଂ ମାତା ପାର୍ବତୀଙ୍କ ପିତା ପ୍ରଭାକର ସ୍ୱାଇଁ ବିବାହ ଉତ୍ସବ ଆୟୋଜନ କରିଥିଲେ। ଗ୍ରାମ ମଙ୍ଗଳା ମନ୍ଦିରରେ ପାଣିତୋଳ ସମ୍ପନ୍ନ ହେବା ପରେ ସନ୍ଧ୍ୟାରେ ନୀଳକଣ୍ଠେଶ୍ୱର ମନ୍ଦିରରୁ ବାବା ନୀଳକଣ୍ଠେଶ୍ୱର ବରବେଶରେ ସଜିତ ହୋଇ ବର ଯାତ୍ରାଦଳ ସାଆନ୍ତି ସାହି, ବ୍ରଜକବାଟି, ଦୋଳମୁଣ୍ଡାଇ, ହରିପୁର ସାହି ପରିକ୍ରମା କରିଥିଲେ। ରାତ୍ରି ସମୟରେ ଶିବ ବିବାହ ବା ପାଣିଗ୍ରହଣ ଉତ୍ସବ ପାଳିତ ହୋଇଥିଲା।

# ଉଚ୍ଚଶିକ୍ଷା ପାଇଁ ସହାୟକ ହୋଇଥାଏ ମାଟ୍ରିକ୍ ପରୀକ୍ଷା

କଟକ ସଦର,୧।୬(ସୁଶାନ୍ତ କୁମାର ଜେନା)

**୪୨ ମୌଜା ବିକାଶ ପରିଷଦର ମେଧା, ପ୍ରତିଭା ସମ୍ମାନ**

୪୨ ମୌଜା ବିକାଶ ପରିଷଦ ଆନୁକୂଲ୍ୟରେ ମେଧା ଓ ପ୍ରତିଭା ସମ୍ମାନ ସମାରୋହ ବେଣ୍ଟକାର ନୋଡାଲ ହାଇସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତବର୍ଷ ମାଟ୍ରିକ, ଯୁକ୍ତ୨, ଯୁକ୍ତ ୩ ଓ ବିଭିନ୍ନ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଷଦ ସଭାପତି ଆଇନଜୀବୀ କେଶବ ଚନ୍ଦ୍ର କରଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟ ଆୟକର କମିଶନର ମନୋରଞ୍ଜନ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ, ସମ୍ମାନିତ ଅତିଥି ଭାବେ ଗୀତିକାର ତଥା କଣ୍ଠ ଶିଳ୍ପୀ ବିବୁ ଦାସ, କଥାକାର ପ୍ରବୀର୍ ମହାନ୍ତି, ବେଣ୍ଟକାର ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଜିତ କୁମାର ସୁବୁଦ୍ଧି ମଞ୍ଚାସୀନ ହୋଇଥିଲେ। ଅଧ୍ୟାପକ ଗଣେଶ୍ୱର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅସୁସ୍ଥତା ଯୋଗୁ ଅନୁପସ୍ଥିତ ସମ୍ପାଦକ ସନ୍ତୋଷ ପତିଙ୍କ ସମ୍ପାଦକୀୟ ବିବରଣୀ ଅଧ୍ୟାପକ ସ୍ୱାଧୀନ ଶେଖର ଷଡ଼ଙ୍ଗୀ ପାଠ କରିଥିଲେ। ମାଟ୍ରିକ ପରୀକ୍ଷା ଛାତ୍ର ଜୀବନର ପ୍ରଥମ ସୋପାନ ହୋଇଥିବାରୁ ଉଚ୍ଚଶିକ୍ଷା ପାଇଁ ଏହା ବେଶ ସହାୟକ ହୋଇଥାଏ ବୋଲି ଅତିଥିମାନେ ନିଜ ଭାଷଣରେ କହିଥିଲେ। ଏହି ପରିପ୍ରେକ୍ଷୀରେ ପରିଷଦର ମୁଖପତ୍ର ପଲ୍ଲୀଶ୍ରୀ ଅତିଥିମାନେ ଉନ୍ମୋଚନ କରିଥିଲେ। ୨୪ ବର୍ଷଧରି ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନ କରି ଆସିଥିବା ସେବାକାର୍ଯ୍ୟକୁ ଅତିଥିମାନେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଗୌତମ ଚରଣ ପରିଡ଼ା, ସୁରେଶ ଚନ୍ଦ୍ର ଦେବତା, ଭାଜକୃଷ୍ଣ ଲେଙ୍କା, ନିକୁଞ୍ଜ ସ୍ୱାଇଁ, ଡ.ସେକ କଲିମୁଲ୍ଲା, ଅଶୋକ ବିଶ୍ୱାଳ, ପ୍ରମୋଦ କୁମାର ମହାପାତ୍ର, ସାଗର କାନୁନଗୋ, କୃଷ୍ଣ ଚନ୍ଦ୍ର ଦାଶ, ଧୀରେନ୍ଦ୍ର ବେହେରା, ଅଶୋକ ମହାନ୍ତି, ବୁଲେଇ ବେହେରା, ସୁଜନ କୁମାର ରାଉତ ଓ ଅଶୋକ ମହାନ୍ତିଙ୍କ ସମେତ ପରିଷଦର ସମସ୍ତ ସଭ୍ୟାସଭ୍ୟ ସହଯୋଗ କରିଥିଲେ।




୪୨ ମୌଜା ବିକାଶ ପରିଷଦ ପକ୍ଷରୁ ଆୟୋଜିତ ମେଧା, ପ୍ରତିଭା ସମ୍ମାନ ସମାରୋହରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

### ଡାକ୍ତର ଅଟଳବିହାରୀ ନାୟକଙ୍କ ପରଲୋକ

ଭୁବନେଶ୍ୱର,୧।୬(ସୌମ୍ୟରଞ୍ଜନ ରାଉତ)

ରୋଗୀସେବା ଓ ସମାଜସେବା ଥିଲା ତାଙ୍କ ଜୀବନର ବ୍ରତ। ଲୋକଙ୍କୁ ସେବା କରି ସେ ସୁଖୀ ହେଉଥିଲେ। ପରିବାର ପ୍ରତି ଥିଲା ଦୟା, ପ୍ରେମ ଓ ଆନ୍ତରିକତା। ଅନ୍ୟମାନଙ୍କ ଲାଗି କାମ କରୁଥିବା ଓ ସେବା କାର୍ଯ୍ୟରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଡାକ୍ତର ଅଟଳବିହାରୀ ନାୟକ ଆଉ ନାହାନ୍ତି। ଗତ ୨୩ ତାରିଖରେ ତାଙ୍କର ପରଲୋକ ହୋଇଯାଇଛି। ପୁଅ ମେଜର୍ ଅଂଶୁମାନ ମୁଖାଗ୍ନି ଦେଇଛନ୍ତି। ଜଗତ୍‌ସିଂପୁର ଜଇପୁର ଗ୍ରାମରେ ଜନ୍ମିତ ଅଟଳଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବାବେଳେ ଗାଁ ଲୋକେ ତାଙ୍କୁ ଝୁରି ହେଉଛନ୍ତି।

### ସଚେତନତା ଅଭାବରୁ ମୁଖ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି




ମୁଖ ଗହ୍ୱର ସ୍ୱାସ୍ଥ୍ୟ ଉପକରଣ ବଣ୍ଟନ କରାଯାଉଛି।

କଟକ,୧।୬(କାର୍ତ୍ତିକ ସାହୁ)

ଚାନ୍ଦିନୀଚୌକସ୍ଥିତ ହେରିଟେଜ ହେଲଥ କେୟାର ହସ୍ପିଟାଲ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ସମ୍ପ୍ରତି ଓଡ଼ିଶାରେ ତମାଖୁ ସେବନ କରି ଆକ୍ରାନ୍ତ ହୋଇଥିବା ବ୍ୟକ୍ତିବିଶେଷଙ୍କ ସଂଖ୍ୟା ଭାରତରେ ଷଷ୍ଠ ସ୍ଥାନରେ ରହିଛି। ଉପଯୁକ୍ତ ଚିକିତ୍ସାରେ ଅବହେଳା ଓ ସଚେତନତା ଅଭାବରୁ ପ୍ରତିବର୍ଷ ଚଉଦ ପ୍ରତିଶତ ମୁଖ କର୍କଟ ଆକ୍ରାନ୍ତ ସଂଖ୍ୟା ବଢୁଛି। ତମାଖୁ ପଦାର୍ଥ ବ୍ୟବହାର ଯୋଗୁ ସମଗ୍ର ବିଶ୍ୱ ଅର୍ଥନୈତିକ, ସାମାଜିକ, ସ୍ୱାସ୍ଥ୍ୟଗତ ତଥା ପାରିପାର୍ଶ୍ୱିକ ପରିବେଶ ଅବକ୍ଷୟର କାରଣ ହୋଇଛି ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। ଏହି ଅବସରରେ ମାଗଣା ମୁଖ ଗହ୍ୱର ସ୍ୱାସ୍ଥ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପରିବେଶବିତ୍ ତଥା ଅଧ୍ୟକ୍ଷ ପ୍ରଫେସର ଡ. ଆଶୁତୋଷ ଦେବତା ଯୋଗଦେଇଥିଲେ। ନିର୍ଦ୍ଦେଶିକା ଡାକ୍ତର ମୋନାଲିସା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିବା ସହ କାର୍ଯ୍ୟରତ ସେବିକା ଓ କର୍ମଚାରୀମାନଙ୍କୁ ଏ ଦିଗରେ ଚେତନଶୀଳ ହେବା ପାଇଁ ପରାମର୍ଶ ଦେଇଥିଲେ।

# ତମାଖୁ, ନିଶା ବର୍ଜନ ପାଇଁ ଆହ୍ୱାନ

ଖୁଣ୍ଟୁଣୀ,୧।୬ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ତମାଖୁ ଓ ନିଶା ବର୍ଜନ ଦିବସରରେ ଶନିବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟୁଷ ଡାକ୍ତର ପ୍ରଜ୍ଞାମୟୀ ସେଠୀ, ଫାର୍ମାସିଷ୍ଟ ଦିଲୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ନିଶା ଓ ତମାଖୁ ସେବନର ଭୟାବହତା ସମ୍ପର୍କରେ ଉପସ୍ଥିତ ଲୋକ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀଙ୍କୁ ସଚେତନ କରିଥିଲେ। ଏହାର ବିକ୍ରି ଓ ବିଜ୍ଞାପନ ପାଇଁ ପ୍ରଣିତ ନୂତନ କୌଶଳର ପର୍ଦ୍ଦାଫାଶ କରିବା, ତମାଖୁ ବର୍ଜନ ପାଇଁ ସଚେତନତା ସୃଷ୍ଟି କରିବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ଷ୍ଟାଫନର୍ସ ଅନିତା ନାଏକ, ଶର୍ମିଳା ଡୁମଡୁମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଶାକର୍ମୀ ହାତରେ ପ୍ଲାକାର୍ଡ ଧରି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।




ଖୁଣ୍ଟୁଣୀ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ବର୍ଜ୍ୟ ପାଣି ନିଷ୍କାସନ ନେଇ ରାସ୍ତାରୋକୋ

ଚୌଦ୍ୱାର,୧।୬(ଆଶୁତୋଷ ଦାସ)

ପଞ୍ଚାୟତ ଓ ପୌରପାଳିକା ସୀମା ବିବାଦ ନେଇ ସାଧାରଣ ଲୋକେ ହେଉଛନ୍ତି ହନ୍ତସନ୍ତ। ସେହିପରି ବର୍ଜ୍ୟ ପାଣି ନିଷ୍କାସନ ନେଇ ରବିବାର ସ୍ଥାନୀୟ ଲୋକେ ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଚାରବାଟିଆ ଆଗ୍ରାହାଟ ରାସ୍ତା ଉପରେ ବହୁ ମହିଳା ଓ ପୁରୁଷ ଦୀର୍ଘ ସମୟ ବସି ରାସ୍ତା ରୋକୋ କରିଥିଲେ। ଫଳରେ ସାଧାରଣରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରି ରାସ୍ତାରୁ ଧାରଣାକାରୀଙ୍କୁ ହଟାଇଥିଲେ। ମିଳିଥିବା ସୂଚନା ଅନୁଯାୟୀ ଚୌଦ୍ୱାର ପୌରପାଳିକାର ହାଉସିଂବୋର୍ଡ କଲୋନୀର କିଛି ଘର ଉକ୍ତ ରାସ୍ତା ତଥା ଆଗ୍ରାହାଟ ପଞ୍ଚାୟତର ସୀମାକୁ ଲାଗି ରହିଛି। ପୂର୍ବରୁ ହାଉସିଂବୋର୍ଡ କଲୋନୀର ବର୍ଜ୍ୟ ପାଣି ଯାଉଥିବା ରାସ୍ତା ବନ୍ଦ ହୋଇଯିବାରୁ ଏବେ ଆଗ୍ରାହାଟ ପଞ୍ଚାୟତ ରାସ୍ତାରେ ମାଡି ଚଲିଲା। ଯାହାକି ଆଗ୍ରାହାଟ ପଞ୍ଚାୟତବାସୀ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଫଳରେ ଉକ୍ତ ରାସ୍ତା କଡରେ ଘର କରିଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ଭୋଗ କରୁଛନ୍ତି। ସ୍ଥାନୀୟ ଲୋକେ ଉକ୍ତ ସମସ୍ୟା ସମାଧାନ ପାଇଁ ଚୌଦ୍ୱାର ପୌରପାଳିକା ଓ ବ୍ଲକ ପ୍ରଶାସନକୁ ମଧ୍ୟ ଅବଗତ କରାଇଥିଲେ ମଧ୍ୟ କୌଣସି ସମାଧାନ ନ ହେବାରୁ ବାଧହୋଇ ରାସ୍ତାରୋକୋ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ତୁରନ୍ତ ଏହାର ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।



ରାସ୍ତା ଅବରୋଧକାରୀଙ୍କୁ ପୋଲିସ ବୁଝାଶୁଝା କରୁଛି।

# ମଦ୍ୟପାନ କରି ଡ୍ରାଇଭିଂରୁ ସିରିଜ୍ ଦୁର୍ଘଟଣା

## ଦୁଇ କାର୍, ୨ ଅଟୋକୁ ଧକ୍କା ଦେଲା ଅନ୍ୟ ଏକ କାର୍

- ବହୁ ଆହତ, ୩ ଗୁରୁତର; ମଦ୍ୟପ କାର୍ ଚାଳକ ଗିରଫ
- କ୍ୱାର୍ଟର ଗେଟ୍ ଭାଙ୍ଗି ପଶିଲା କାର୍, ଚାଳକଙ୍କୁ ନିସ୍ତୁକ ମାଡ

ଭୁବନେଶ୍ୱର,୧୬(ସତ୍ୟଜିତ୍ ରାଉତ)

ମଦ୍ୟପାନ କରି ଗାଡି ଚଳାଇବାରୁ ଭୁବନେଶ୍ୱର ୟୁନିଟ-୨ ପେଟ୍ରୋଲ ପମ୍ପ ନିକଟ ରାସ୍ତାରେ ରବିବାର ସକାଳେ ଭୟଙ୍କର ସିରିଜ୍ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଆଇ୨୦ କାର (ଓଡିଆ୩୩ଏଫ୦୮୪୦) ଅନ୍ୟ ଦୁଇ କାର୍ ଓ ଦୁଇ ଅଟୋକୁ ଧକ୍କା ଦେଇବାରୁ ବହୁ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, କାରଟି ବୁଲିପଡି ଏକ କ୍ୱାର୍ଟର ଗେଟ୍ ଭାଙ୍ଗି ଭିତରେ ପଶିଯାଇଥିଲା। ତେବେ ଏଥିରେ କଳ୍ପତରୁ ବେହେରା, ଗୋକୁଳ ନାୟକ ଓ ମଙ୍ଗରାଜ ବିଶାଳ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରୁ ଆହତମାନଙ୍କୁ ଆମ୍ବୁଲାନ୍ସରେ ତୁରନ୍ତ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ବୃଦ୍ଧ କଳ୍ପତରୁ(୭୦)ଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଛି। ଏହି ଦୁର୍ଘଟଣାରେ ଗାଡ଼ିଗୁଡିକ ଭାଙ୍ଗିରୁଜି ଯାଇଛି। ଶିବରାମ ଦାଶ ନାମକ କାର୍ ଚାଳକ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ପୋଲିସ ମାମଲା (ନଂ.୨୪୭/୨୦୨୫) ରୁଜୁ କରି ଅଭିଯୁକ୍ତ କାର୍ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ଏୟାରପୋର୍ଟ ଥାନା ଅନ୍ତର୍ଗତ ଅନନ୍ତ ବିହାର ଫେଜ-୨ର ଅନୁଭବ ଦାସ (୪୨)। ଅନୁଭବ ମଦ୍ୟପାନ କରିଥିବା ଅବସ୍ଥାରେ ବେପରୁଆ ଗାଡିଚାଳନା କରି ଏହି ଦୁର୍ଘଟଣା ଘଟାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ସକାଳ ପ୍ରାୟ ୯ଟାରୁ ୯ଟା ୩୦ ମଧ୍ୟରେ ଶିବରାମ ତାଙ୍କ (ଓଡି୦୨ସିଏଲ୍୮୪୮୦)କାର୍‌କୁ ପେଟ୍ରୋଲ ପମ୍ପ ନିକଟରେ ପାର୍କିଂ କରି ଡ୍ରାଇଭରଙ୍କ ସହ ଚା' ପିଉଥିଲେ। ଅଭିଯୁକ୍ତ ଡ୍ରାଇଭର ଅନୁଭବ ତାଙ୍କ କାର୍ ନେଇ ଏଜି ଛକରୁ ରାଜମହଲ ଅଭିମୁଖେ ଦ୍ରୁତବେଗରେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଅନୁଭବଙ୍କ କାର୍ ଶିବରାମଙ୍କ କାର୍‌କୁ ଶକ୍ତ ଧକ୍କା ଦେଇଥିଲା। ଏହାପରେ ଦୁଇ ଅଟୋ ଓ ଅନ୍ୟ ଏକ କାର୍‌କୁ ମଧ୍ୟ ଧକ୍କା ଦେଇଥିଲା। ଏଥିସହ ପଥଚାରୀମାନଙ୍କୁ ଧକ୍କା ଦେଇ ବୁଲିପଡି ନିକଟରେ ଥିବା କ୍ୱାର୍ଟର ଗେଟ୍‌କୁ ଧକ୍କା ଦେଇ ଭିତରକୁ ପଶିଯାଇଥିଲା। ଅନୁଭବଙ୍କ କାର୍‌ରେ ସୁରକ୍ଷା ପାଇଁ ଥିବା ସମସ୍ତ ୪ଟି ବେଲୁନ୍ ମଧ୍ୟ ବାହାରକୁ ଆସିଯାଇଥିଲା। ତେବେ କାର୍ ଚାଳକଜଣକ ଏତେ ମଦ୍ୟପାନ କରିଥିଲେ ଯେ, ଠିକ୍ ଭାବେ ଠିଆ ମଧ୍ୟ ହୋଇପାରି ନ ଥିଲେ। ଏପରିକି ଦୁର୍ଘଟଣା ଘଟାଇବା ପରେ ସେ ନିଶାରେ କହୁଥିଲେ, 'ମୋତେ ଗିରଫ କରିଦିଅ' ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଦୁର୍ଘଟଣା ପରେ ଉତ୍ତେଜନା ଦେଖାଦେବା ସହ କିଛି ସମୟ ଟ୍ରାଫିକ୍ ଜାମ୍ ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତ ଅନୁଭବଙ୍କୁ ନିସ୍ତୁକ ମାଡ ମାରିଥିଲେ। ସୂଚନା ପାଇ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ କବଳରୁ ଅନୁଭବଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଦୁର୍ଘଟଣାରେ ଗାଡ଼ିଗୁଡ଼ିକ ଭାଙ୍ଗିରୁଜି ଯାଇଛି।

# ପରୋକ୍ଷରେ ବଖାଣିଲେ ପରୀ ମାମଲା

## ପୁଣି ବୋଥ୍ରାଙ୍କ ପୋଷ୍ଟକୁ ନେଇ ଚର୍ଚ୍ଚା

ଭୁବନେଶ୍ୱର,୧୬ (ସତ୍ୟଜିତ୍ ରାଉତ)

ପୂର୍ବତନ କ୍ରାଇମବ୍ରାଞ୍ଚ ଏଡିଜି ତଥା ରେଲଓ୍ୱେ ଓ ଉପକୂଳ ସୁରକ୍ଷା ଏଡିଜି ଅରୁଣ ବୋଥ୍ରାଙ୍କ ପୁଣି ଏକ ଏକ୍ସ ପୋଷ୍ଟକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ରବିବାର ବୋଥ୍ରା କରିଥିବା ଏହି ପୋଷ୍ଟରେ ପରୋକ୍ଷରେ ଇଙ୍ଗିତ କରି ନୟାଗଡ଼ର ପରୀ ବଳାତ୍କାର ଓ ହତ୍ୟା ମାମଲାର ତଦନ୍ତ କଥା ଉଲ୍ଲେଖ କରିଥିବା କୁହାଯାଉଛି। ବୋଥ୍ରା ପୋଷ୍ଟରେ ଅପରାଧ ତଦନ୍ତ ସବୁ ପ୍ରମାଣ ସଂଗ୍ରହ ଉପରେ ନିର୍ଭର କରେ। ସର୍ବଶେଷରେ, ପ୍ରମାଣ ଏବଂ ତାହାର ବିଶ୍ୱସନୀୟତା ଉପରେ ନିର୍ଭର କରି କୋର୍ଟ ନିଷ୍ପତ୍ତି ନେଇଥାନ୍ତି ବୋଲି ଉଲ୍ଲେଖ ରହିଛି। ଏଥିସହିତ କେତେକ ସମୟରେ ଏପରି କିଛି ପ୍ରମାଣ ମିଳେ ଯାହା ଦୃଢ଼ପରି ମନେ ହୁଏ, ହେଲେ ତାହା କୋର୍ଟରେ ଉପସ୍ଥାପନା କରାଯାଇ ପାରେ ନାହିଁ। ସେ ଆହୁରି ଲେଖିଛନ୍ତି ଯେ, ସେ ଜଣେ ପାଞ୍ଚ ବର୍ଷୀୟା ଝିଅର ବଳାତ୍କାର ଓ ହତ୍ୟା ମାମଲାର ତଦାରଖ କରୁଥିଲେ। ସେଥିରେ ଜଣେ ନାବାଳକ ମୁଖ୍ୟ ସନ୍ଦିଗ୍ଧ ଥିଲେ। ନାବାଳକ ହିଁ ଏଥିରେ ଜଡ଼ିତଥିବା, ପ୍ରତି ଆଲୋଚନାରେ ସ୍ପଷ୍ଟ ହେଉଥିଲା। ଦିନେ ତାଙ୍କୁ ପରୀକ୍ଷା କରିବାକୁ ତାଙ୍କ ଘରକୁ ଯାଇଥିଲେ। ସେତେବେଳେ ନାବାଳକ ଜଣକ ଶୋଇଥିଲେ ଏବଂ ତାଙ୍କ ମା' ପୁଅ ମୁଣ୍ଡ ଉପରେ ଲେମ୍ବୁ ଓ ସବୁଜ ଲଙ୍କା ଘୂରାଉଥିଲେ। ଏନେଇ ପୋଲିସ ପଚାରିବାରୁ, ପୁଅକୁ ଭୟଙ୍କର ସ୍ୱପ୍ନ ଆସୁଛି, ଦୁଷ୍ଟ ଆତ୍ମାକୁ ଦୂର କରିବା ଲାଗି 'ଦେଶୀ ଟୋଟକା' କରୁଛନ୍ତି ନାବାଳକଙ୍କ ମା' କହିଥିଲେ। ଏହାପରେ କେଉଁ ପ୍ରକାରର ଦୁଷ୍ଟ ଆତ୍ମା ବୋଲି ସେ ପଚାରିଥିଲେ। ତାଙ୍କ ମା' ନିରାଶ୍ରୟର ସହ ଉତ୍ତର ଦେଇ କହିଥିଲେ ଯେ, ପୁଅ ମୃତା ନାବାଳିକାକୁ ସ୍ୱପ୍ନରେ ଦେଖୁଛି। ମୃତା ସ୍ୱପ୍ନରେ କିଛି କହୁନାହିଁ, କେବଳ ପୁଅକୁ ଚାହିଁ ରହୁଛି। ଏହା ଶୁଣିବା ପରେ ବୋଥ୍ରା ସେହିଦିନ ତାଙ୍କୁ ଆଉ କିଛି ପଚାରଉଚରା ନ କରି ଫେରି ଆସିଥିଲେ। କିନ୍ତୁ ଯାହା ଦେଖିଥିଲେ, ତାହା ନାବାଳକଙ୍କ ଦୋଷର ଏକ ଅବ୍ୟକ୍ତ ସ୍ୱୀକାରୋକ୍ତି ଥିଲା। ଶେଷରେ, ଜଣେ ଫୋରେନସିକ୍ ବିଶେଷଜ୍ଞ ଦ୍ୱାରା ହୋଇଥିବା ପୋଲିଗ୍ରାଫ୍ ଟେଷ୍ଟରେ ଉକ୍ତ ନାବାଳକ ଜଣକ ଭାଙ୍ଗି ପଡ଼ିଥିଲେ। କାନ୍ଦିବା ସହ ଅପରାଧ ସ୍ୱୀକାର କରିଥିଲେ। ତାଙ୍କ ସ୍ୱୀକାରୋକ୍ତି ସମେତ ଅନେକ ପ୍ରାମାଣିକ ଓ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ନାବାଳକଙ୍କୁ ଦୋଷୀ ସାବ୍ୟସ୍ତ କରାଗଲା। କୋର୍ଟ ତାଙ୍କୁ ବଳାତ୍କାର ପାଇଁ ୨୦ ବର୍ଷ ଏବଂ ହତ୍ୟାମାମଲାରେ ଆଉ ୨୦ ବର୍ଷ ଦଣ୍ଡିତ କରିଥିଲେ ବୋଲି ବୋଥ୍ରା ଉଲ୍ଲେଖ କରିଛନ୍ତି। ତେବେ ଏହି ପୋଷ୍ଟରେ ୟୁଜର୍ସମାନେ କମେଣ୍ଟ କରିବା ସହ କେତେକ ଏହି ଘଟଣା ପରୀ ମାମଲା ବୋଲି କହିଛନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚ ୨୩ରେ ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲା ସଂକ୍ରାନ୍ତୀୟ ଏକ ଜାତୀୟ ଗଣମାଧ୍ୟମର ଟ୍ୱିଟ୍ ପୋଷ୍ଟକୁ ଏଡିଜି ବୋଥ୍ରା ରିପୋଷ୍ଟ କରି କେତେକ କଥା ଉଲ୍ଲେଖ କରିଥିଲେ।

# ଗୁଳି, ବୋମାମାଡ଼ ଘଟଣାରେ ଫେରାର ଅଭିଯୁକ୍ତ ଗିରଫ

ବାରଙ୍ଗ,୧୬ (ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ଉପକଣ୍ଠ ମଳିପଡ଼ା ପଣ୍ଡାକୁଦିଆ ସରକାରୀ ଜମି ଜବରଦଖଲକୁ ନେଇ ହୋଇଥିବା ବୋମାମାଡ଼ ଓ ଗୁଳିକାଣ୍ଡ ଘଟଣାରେ ଫେରାର ଅଭିଯୁକ୍ତଙ୍କୁ ଚନ୍ଦକା ପୋଲିସ ଶନିବାର ରାତିରେ ଗିରଫ କରିଛି। ସେ ହେଲେ ଭରତପୁରର ସହଦେବ ବାରିକ ଓରଫ ନାଗା। ପୋଲିସ ତାଙ୍କଠାରୁ ଏକ ବାଇକ୍, ମୋବାଇଲ ଫୋନ ଓ ବନ୍ଧୁକ ଜବତ କରିଛି। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ, ଗତ ମାର୍ଚ୍ଚ ୯ରେ ପଣ୍ଡାକୁଦିଆ ସରକାରୀ ଜମି କିଣାବିକାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ମଳିପଡ଼ା ସାମ୍ଭୁରର ସଂଘର୍ଷ ବିହାର ଛକଠାରେ ବୋମାମାଡ଼ ଓ ଗୁଳିକାଣ୍ଡ ଘଟିଥିଲା। ଗୁଳିମାଡ଼ରେ ଭରତପୁର ଅଞ୍ଚଳର ସୋମନାଥ ସାହୁଙ୍କ ଜଙ୍ଘରେ ଗୁଳି ବାଜିଥିଲା। ଏନେଇ ପୋଲିସ ପର୍ଯ୍ୟାୟକ୍ରମେ ୪ ଜଣଙ୍କୁ ଗିରଫ କରିଥିବାବେଳେ ଶନିବାର ରାତିରେ ସହଦେବଙ୍କୁ ଗିରଫ କରିଛି। ୩୧ ତାରିଖ ରାତିରେ ସହଦେବ ଏକ ବାଇକ୍ ଯୋଗେ ଭରତପୁରକୁ ଫେରୁଥିବା ପୋଲିସ ଖବର ପାଇ ଗଙ୍ଗାପାଟଣା ଗାଁ ପାଖରେ ତାଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ସହଦେବଙ୍କ ନାମରେ ବିଭିନ୍ନ ଥାନାରେ ୧୨ ଫୌଜଦାରି ମାମଲା ଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ପୂର୍ବରୁ ଏହି ଘଟଣାରେ ପୋଲିସ ବିକାଶ ବାରିକ୍, ଆଶିଷ କୁମାର ରାୟ, ପାପୁନ ମାଝୀ, ସୁଧୀର କୁମାର ଜେନାଙ୍କୁ ଗିରଫ କରିଥିବାବେଳେ ସହଦେବ ଫେରାର ଥିଲେ। ଏମାନେ ମଳିପଡ଼ା ଓ ସାମ୍ଭୁର ମୌଜା ଅଧୀନ ଜଙ୍ଗଲ ଜମିକୁ ସିମେଣ୍ଟ ପୋଲ ଚିହ୍ନିତ କରି ଭୂମିହୀନ ଶ୍ରମିକ ଏବଂ ଅନ୍ୟମାନଙ୍କୁ ଉଚ୍ଚ ମୂଲ୍ୟରେ ପ୍ଲଟ ବିକ୍ରି କରି ବେଆଇନ ଦଖଲ କରୁଥିଲେ। ବ୍ୟକ୍ତିଗତ ଆର୍ଥିକ ଲାଭ ପାଇଁ ଅପରାଧୀ ଗୋଷ୍ଠୀ ଗଠନ କରିଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।


## OFFICE OF THE PRINCIPAL
### Eklavya Model Residential School,Nuapada

(A unit of NESTS) Ministry of Tribal Affairs Govt. Of India
(Affiliated To CBSE, Delhi, Affiliation No. 1520009 & School No- 17097)
At - Sakhatara ,Po- Maulibhatta, Ps-Nuapada,
Dist- Nuapada, 766105 (Odisha)
Email id: - emrs.nuapada@gmail.com

Letter no :- EMRS / NPD / OFF / 94 / 2025-26 /Date : 31.05.2025

**ADVERTISEMENT FOR ADMISSION IN CLASS XI (2025-26) SCIENCE**

Applications are invited for Admission into Class XI for the Session 2025-26 for science stream for ST Students (EMRS Nuapada Students will be given 1st Preference). Application form will be available on the District Website i.e **nuapada.odisha.gov.in** & at EMRS Nuapada during office hour from 08.00 A.M. to 02.00 P.M. on all working days w.e.f. 02.06.2025 to 10.06.2025. Duly filled application form along with documents shall be deposited at school during office hour.

The detail guidelines regarding submission of documents are available in Nuapada Dist. website & Office of EMRS Nuapada.

Sd./- Principal i/c, EMRS, Nuapada



## OFFICE OF THE EXECUTIVE ENGINEER NATIONAL HIGHWAY DIVISION, SAMBALPUR

Email - eenhsbp@yahoo.co.in

**IDENTIFICATION No.IFB-01/EE-NH-SBP of 2025-26**

No.b-7 Letter No. 1546 Date : 28.05.2025

| | | | |
|---|---|---|---|
| 1 | The Superintending Engineer, NH Division, Sambalpur on behalf of the Governor of Odisha invites percentage rate bids to be received in ONLINE MODE only for roads works. | | |
| 2 | Name of Work | : | S/R to NH-153(B) such as laying 40mm thick BC & 25mm thick Mastic at 1 No. Major Bridge at Ch.54/880 Km & 4 nos. Minor Bridges at Ch.33/375, 37/000, 51/305, 53/658 Km including provision of road RPM, signages, thermoplastic paint & Metal Beam Crash Barrier for the year 2025-26 |
| 3 | Class of Contractor | : | "B" Class |
| 4 | Value of Work | : | Approx. 68.97 Lakhs. |
| 5 | Tender Cost | : | Rs. 10,000/- |
| 6 | Availability of Bid document in the Website | : | From 10:00 Hrs. of 05.06.2025 to 17:00 Hrs. of 21.06.2025 |
| 7 | Date of Opening of Bid | : | 11.00 Hrs. on 23.06.2025 |
| 8 | Other details can be seen in the Bidding documents from the website https://www.tendersodisha.gov.in | | |

OIPR-34021/11/0005/2526

Sd./- Superintending Engineer
NH Division, Sambalpur



## Government of Odisha
### Higher Education Department

**Remaining timeline for e-Admission into P.G. Courses under SAMS in the State Public Universities and Colleges for the Academic Session : 2025-26**

**No.N-60** : The remaining timeline for e-Admission into P.G. Courses for the session 2025-26 in the State Public Universities and Colleges participating in project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for the said Course is available on the SAMS Portal. Kindly refer the CP for the below mentioned activities.

| Sl# | Activities | Timeline |
|---|---|---|
| 1 | Publication of subject-wise and State-wide merit list | 02-June-2025 (04:00 P.M.) |
| 2 | Updation of Graduation/Equivalent marks and Choice filling of HEIs by the eligible applicants | 03-June-2025 (02:00 P.M.) to 08-June-2025 (11:45 P.M.) |
| 3 | Publication of Provisional Allotment of Seats (For First Round Selection) | 13-June-2025 (04:00 P.M.) |
| 4 | Selection of Slide / Freeze / Float Option and Online payment of admission fees by students through SAMS [Student's Account] portal | 13-June-2025 (06:00 P.M.) to 18-June-2025 (03:00 P.M.) |
| 5 | Reporting of applicant at allotted institutions for taking admission (for First Round Selection) | 16-June-2025 (10:00 A.M.) to 18-June-2025 (05:00 P.M.) |
| 6 | Data updation of admitted students in the e-space (for First Round Admission) by the respective Institutions | 16-June-2025 (10:00 A.M.) to 18-June-2025 (07:00 P.M.) |
| 7 | Publication of Provisional Allotment of Seats (for Second Round Selection) | 23-June-2025 (04:00 P.M.) |
| 8 | Selection of Slide / Freeze / Float Option and Online payment of admission fees by students through SAMS [Student's Account] portal | 23-June-2025 (06:00 P.M.) to 26-June-2025 (03:00 P.M.) |
| 9 | Reporting of applicant at allotted institutions for taking admission (for Second Round Selection) | 24-June-2025 (10:00 A.M.) to 26-June-2025 (05:00 P.M.) |
| 10 | Data updation of admitted students in the e-space (for Second Round Admission) by the respective Institutions | 24-June-2025 (10:00 A.M.) to 26-June-2025 (07:00 P.M.) |
| 11 | Publication of Provisional Allotment of Seats (for Third/Final Round Selection) | 03-July-2025 (04:00 P.M.) |
| 12 | Selection of Freeze Option and Online payment of admission fees by students through SAMS [Student's Account] portal | 03-July-2025 (06:00 P.M.) to 07-July-2025 (03:00 P.M.) |
| 13 | Reporting of applicant at allotted institutions for taking admission (for Third/Final Round Selection) | 04-July-2025 (10:00 P.M.) to 08-July-2025 (05:00 P.M.) (Except Holiday) |
| 14 | Data updation of admitted students in the e-space (for Third/ Final Round Admission) by the respective Institutions | 04-July-2025 (10:00 P.M.) to 08-July-2025 (07:00 P.M.) |
| 15 | Reporting of applicants through [Student's Login] in online mode (Applicants have to select their remaining higher preference HEIs by ticking the checkbox provided next to each HEI where they want to participate in the waiting list round) | 14-July-2025 (04:00 P.M.) to 17-July-2025 (11:45 P.M.) |
| 16 | Publication of merit wise list among the reported waitlisted applicants at HEI's e-space | 21-July-2025 (02:00 P.M.) |
| 17 | Publication of selected and waitlisted applicant's list by the HEIs at their Notice Board / Website and the HEIs will also communicate to the applicants via phone call/SMS/whatsapp/e-mail etc. | 22-July-2025 (02:00 P.M.) |
| 18 | Reporting of waitlisted applicants to take admission in one of the selected HEIs, where the total/differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.) | 23-July-2025 (10:00 A.M.) to 25-July-2025 (05:00 P.M.) |
| 19 | Admission Updation of the selected waitlisted student's data by the HEIs in their e-Space | 23-July-2025 (10:00 A.M.) to 25-July-2025 (07:00 P.M.) |
| 20 | Commencement of 1st Year Classes (P.G. Courses) | 10-July-2025 (Thursday) |

**For more details please contact : e-Admission Helpline (Toll Free) Number 155335 / 1800-345-6770**

N.B: To enroll into the P.G. Courses, the applicants must have completed their graduation/equivalent courses from an UGC recognized university.

OIPR-11001/11/0058/2526

Sd./- Joint Secretary to Govt.
PTC Section



बैंक ऑफ़ बड़ौदा Bank of Baroda

## କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ

ପ୍ଲଟ୍ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ପୋଲିସ୍ ଷ୍ଟେସନ୍ ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩, E-mail: sarcut@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ନୋଟିସ୍ "ପରିଶିଷ୍ଟ-୪-ଏ [ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ]"
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୬(୨) ଏବଂ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା/ବନ୍ଧକଦାତା/ ଜାମିନ୍‌ଦାର/ସୁରକ୍ଷିତ ସମ୍ପତ୍ତି/ଦେୟ/ସଂରକ୍ଷିତ ମୂଲ୍ୟ/ଅମାନତ ରାଶି/ବିଡ୍ ବର୍ଦ୍ଧିତ ରାଶି/ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ।

| କ୍ର. ନଂ. | ଋଣଗ୍ରହୀତା / ଜାମିନ୍‌ଦାର ଏବଂ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନକମ୍ବ୍ରାନ୍ସେସ୍, ଯଦି ଥାଏ | ବକେୟା ଦେୟ (ସୁରକ୍ଷିତ ଋଣ) | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଦଖଲ ସମ୍ପତ୍ତିର ସ୍ଥିତି (ସାଙ୍କେତିକ/ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଓ ସମୟ |
|---|---|---|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ମହାନନ୍ଦ ସିଲ୍କ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବିକ୍ରମ କୁମାର ବସ୍ତିଆ / ଜାମିନ୍‌ଦାରମାନେ: ୧) ଶ୍ରୀ ଯଶୋବନ୍ତ ବସ୍ତିଆ, ପିତା: ଲକ୍ଷ୍ମୀଧର ବସ୍ତିଆ, ୨) ଶ୍ରୀ ବାବାଜୀ ଚରଣ ବସ୍ତିଆ, ପିତା: ଲକ୍ଷ୍ମୀଧର ବସ୍ତିଆ, ସମସ୍ତଙ୍କ ଠିକଣା- ସା: ବ୍ରାହ୍ମଣଖଣ୍ଡ, ପୋ: ଶିରଲୋଣବାଗ୍ରାମ, ରଘୁନାଥପୁର, ଜିଲ୍ଲା: କଟକ, ପିନ୍-୭୫୪୧୩୨ | ବାବାଜୀ ଚରଣ ବସ୍ତିଆ ଏବଂ ଯଶୋବନ୍ତ ବସ୍ତିଆଙ୍କ ନାମରେ ଜମି ଏବଂ ଗୃହ ସହିତ କାରଖାନା ଏବଂ ଯନ୍ତ୍ରପାତି ଯାହାର ଖାତା ନଂ.: ୬୦୪, ପ୍ଲଟ୍ ନଂ.: ୧୮୬୭, କ୍ଷେତ୍ର: ଏକର୦.୩୧୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୮୬୮, କ୍ଷେତ୍ର: ଏକର୦.୫୩୦ ଡିସିମିଲି, ମୌଜା: ବ୍ରାହ୍ମଣଖଣ୍ଡ, ଥାନା: କଟକ ସଦର, ଥାନା ନଂ. ୮୮, ପୋ: ଶିରଲୋଣବାଗ୍ରାମ, ଜିଲ୍ଲା: କଟକ, ଓଡ଼ିଶା | ଦେୟ: ତା.୨୫.୦୧.୨୦୧୬ ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୨,୫୨,୩୯,୫୯୬/- + (ଲାଗୁହୋଇନଥିବା ସୁଧ ଏବଂ ପ୍ରକୃତ୍ୟ ଅନ୍ୟାନ୍ୟ ଦେୟ) ଏବଂ ୩୦.୦୫.୨୦୨୫ ସୁଦ୍ଧା ଟ.୬,୦୮,୩୫,୩୪୭.୧୩ ଯୁକ୍ତ ସେବାବଦ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୪.୦୬.୨୦୨୫ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଟ.୧,୪୪,୧୧,୦୦୦/- / ଟ.୧୪,୪୧,୧୦୦/- / ଟ.୧,୦୦,୦୦୦/- | ସାଙ୍କେତିକ** | ୨୦.୦୬.୨୦୨୫ (ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୨. | ଋଣଗ୍ରହୀତା: ମେସର୍ସ କେୟାର ଟୁ ଫାର୍ମାସ୍ୟୁଟିକାଲ୍ସ, ହୋଲ୍ଡିଂ ନଂ.: ୪୦୬, ୱାର୍ଡ ନଂ.: ୧୧, ବଖରାବାଦ, କଟକ-୭୫୩୦୦୨, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଜୟ କୁମାର ଯାଜୋଡିଆ, ପିତା: ପବନ କୁମାର ଯାଜୋଡିଆ, ରଘୁନାଥ ଜୀଉ ଲେନ୍ ନିକଟ, ତେଲେଙ୍ଗା ବଜାର, ପୁରୀଘାଟ, କଟକ-୭୫୩୦୦୩ / ଜାମିନ୍‌ଦାର: ଶ୍ରୀ ପବନ କୁମାର ଯାଜୋଡିଆ, ପିତା: ୰ ସୀତାରାମ ଯାଜୋଡିଆ, ରଘୁନାଥ ଜୀଉ ଲେନ୍ ନିକଟ, ତେଲେଙ୍ଗା ବଜାର, ପୁରୀଘାଟ, କଟକ-୭୫୩୦୦୩ | ପବନ କୁମାର ଯାଜୋଡିଆଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୮୭୫/୩୬, ପ୍ଲଟ୍ ନଂ.: ୧୨୩୭/୩୨୫, କ୍ଷେତ୍ର: ଏକର୦.୦୨୭ଡିସିମିଲି, ମୌଜା: କଟକ ସହର ୟୁନିଟ୍ ନଂ. ୩୫, ଝାଞ୍ଜିରିମଙ୍ଗଳା, ଥାନା: ପୁରୀଘାଟ ନଂ. ୦୫, ତହସିଲ: କଟକ ସଦର ନଂ. ୨୧୫, ଡିଏସଆରଓ: କଟକ, ଜିଲ୍ଲା: କଟକ, ଓଡ଼ିଶା | ଦେୟ: ତା.୨୦.୦୮.୨୦୧୮ ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୧,୮୯,୮୮,୭୩୧.୨୪ + (ଲାଗୁହୋଇନଥିବା ସୁଧ ଏବଂ ପ୍ରକୃତ୍ୟ ଅନ୍ୟାନ୍ୟ ଦେୟ) ଏବଂ ୨୬.୦୫.୨୦୨୫ ସୁଦ୍ଧା ଟ.୪,୩୦,୧୧,୧୪୪.୮୮ ଯୁକ୍ତ ସେବାବଦ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୪.୦୬.୨୦୨୫ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଟ.୭୨,୮୫,୦୦୦/- / ଟ.୭,୨୮,୫୦୦/- / ଟ.୫୦,୦୦୦/- | ସାଙ୍କେତିକ** | ୨୦.୦୬.୨୦୨୫ (ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୩. | ଋଣଗ୍ରହୀତା: ମେସର୍ସ ସ୍ୱାଇଁ ଆସୋସିଏଟ୍ସ, ସ୍ୱତ୍ତ୍ୱାଧିକାରୀ: ଗୋପାଳ କୃଷ୍ଣ ସ୍ୱାଇଁ / ଜାମିନ୍‌ଦାରମାନେ: ୧) ଶ୍ରୀ ଗୋପାଳ କୃଷ୍ଣ ସ୍ୱାଇଁ, ୨) ଶ୍ରୀ ଗିରିଶ ଚନ୍ଦ୍ର ସ୍ୱାଇଁ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ୧୩୬୦, ମହତାବ ରୋଡ୍, ଡଃ. ବିମଳ ତ୍ରିପାଠୀ ଲେନ୍, ବାଦାମବାଡ଼ି, କଟକ | ୧) ଗିରିଶ ଚନ୍ଦ୍ର ସ୍ୱାଇଁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୨୯/୬୦, ପ୍ଲଟ୍ ନଂ.: ୧୭୧୦/୧୯୬୫, ମୌଜା: ଚମେଶ୍ୱର ନଂ. ୨୪, ତହସିଲ: ନରସିଂହପୁର, କ୍ଷେତ୍ର: ଏକର୦.୦୮ ୦ଡିସିମିଲି, ଥାନା: କାନପୁର, ଜିଲ୍ଲା: କଟକ | ଦେୟ: ତା.୧୯.୦୧.୨୦୧୬ ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୧,୦୯,୧୦,୬୫୯.୯୫ + (ଲାଗୁହୋଇନଥିବା ସୁଧ ଏବଂ ପ୍ରକୃତ୍ୟ ଅନ୍ୟାନ୍ୟ ଦେୟ) ଏବଂ ୨୬.୦୫.୨୦୨୫ ସୁଦ୍ଧା ଟ.୨,୯୬,୭୪,୧୨୨.୧୭ ଯୁକ୍ତ ସେବାବଦ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୦୮.୦୭.୨୦୨୫ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଟ.୨୨,୮୦,୦୦୦/- / ଟ.୨,୨୮,୦୦୦/- / ଟ.୧୫,୦୦୦/- | ସାଙ୍କେତିକ** | ୦୪.୦୭.୨୦୨୫ (ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| | | ୨) ଗିରିଶ ଚନ୍ଦ୍ର ସ୍ୱାଇଁ ଏବଂ ଗୋପାଳ କୃଷ୍ଣ ସ୍ୱାଇଁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୮୨, ପ୍ଲଟ୍ ନଂ.: ୮୮୯, ମୌଜା: ଚମେଶ୍ୱର ନଂ. ୨୪, ତହସିଲ: ନରସିଂହପୁର, କ୍ଷେତ୍ର: ଏକର୦.୧୭ଡିସିମିଲି, ଥାନା: କାନପୁର, ଜିଲ୍ଲା: କଟକ | | ୦୮.୦୭.୨୦୨୫ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଟ.୩୭,୫୬,୦୦୦/- / ଟ.୩,୭୫,୬୦୦/- / ଟ.୧୫,୦୦୦/- | ସାଙ୍କେତିକ** | ୦୪.୦୭.୨୦୨୫ (ପୂର୍ବାହ୍ନ୧୦.୦୦ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ) |
| ୪. | ଋଣଗ୍ରହୀତା: ମେସର୍ସ ସେନାପତି ଜୁଏଲର୍ସ/ ଅଂଶୀଦାର ଏବଂ ଜାମିନ୍‌ଦାରମାନେ: ୧) ଶ୍ରୀ ସତ୍ୟଜିତ ସେନାପତି, ୨) ଶ୍ରୀ ଅଜିତ କୁମାର ସେନାପତି / ଜାମିନ୍‌ଦାର: ଶ୍ରୀମତୀ ଝିଲି ଗୋଚ୍ଛାୟତ, ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୪୮, ବଡ଼ପଡିଆ, ପାରାଦୀପ, ଜଗତସିଂହପୁର-୭୫୪୧୪୨ | ଶ୍ରୀ ଅଜିତ କୁମାର ସେନାପତି ଏବଂ ଶ୍ରୀ ସତ୍ୟଜିତ ସେନାପତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୫୬, ପ୍ଲଟ୍ ନଂ.: ୨୦୯୯, ମୌଜା: ତାଳପଦା, କ୍ଷେତ୍ର: ଏକର୦.୦୬ ଡିସିମିଲି, ଥାନା: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁର | ଦେୟ: ତା.୨୩.୦୯.୨୦୨୧ ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୧,୯୬,୯୯,୫୬୧.୪୪ + (ଲାଗୁହୋଇନଥିବା ସୁଧ ଏବଂ ପ୍ରକୃତ୍ୟ ଅନ୍ୟାନ୍ୟ ଦେୟ) ଏବଂ ୨୬.୦୫.୨୦୨୫ ସୁଦ୍ଧା ଟ.୩,୮୧,୨୦,୮୨୩.୧୩ ଯୁକ୍ତ ସେବାବଦ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୦୮.୦୭.୨୦୨୫ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଟ.୩୭,୯୨,୦୦୦/- / ଟ.୩,୭୯,୨୦୦/- / ଟ.୧୫,୦୦୦/- | ସାଙ୍କେତିକ** | ୦୪.୦୭.୨୦୨୫ (ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୫. | ଋଣଗ୍ରହୀତା: ମେସର୍ସ ସେନାପତି ଏଣ୍ଟରପ୍ରାଇଜେସ୍ / ଜାମିନ୍‌ଦାରମାନେ: ଶ୍ରୀମତୀ ଗୀତାରାଣୀ ସେନାପତି, ୨) ଶ୍ରୀ ବାଲୁଙ୍କେଶ୍ୱର ସେନାପତି, ସମସ୍ତଙ୍କ ଠିକଣା- ସା: ଉଦୟବଟ, ପାରାଦୀପ ଲକ୍, ଜଗତସିଂହପୁର-୭୫୪୧୪୧ | ଶ୍ରୀମତୀ ଗୀତାରାଣୀ ସେନାପତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ଖାତା ନଂ.: ୧୦, ପ୍ଲଟ୍ ନଂ.: ୨୦୭୨ ମୌଜା: ତାଳପଦା, କ୍ଷେତ୍ର: ଏକର୦.୨୪ ଡିସିମିଲି, ତହସିଲ: କୁଜଙ୍ଗ, ଥାନା/ଜିଲ୍ଲା: ଜଗତସିଂହପୁର | ଦେୟ: ତା.୨୩.୦୯.୨୦୨୧ ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୧,୦୩,୬୪,୬୨୪.୩୨ + (ଲାଗୁହୋଇନଥିବା ସୁଧ ଏବଂ ପ୍ରକୃତ୍ୟ ଅନ୍ୟାନ୍ୟ ଦେୟ) ଏବଂ ୨୬.୦୫.୨୦୨୫ ସୁଦ୍ଧା ଟ.୨,୦୦,୦୩,୬୫୩.୫୭ ଯୁକ୍ତ ସେବାବଦ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୦୮.୦୭.୨୦୨୫ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଟ.୭୦,୫୭,୦୦୦/- / ଟ.୭,୦୫,୭୦୦/- / ଟ.୫୦,୦୦୦/- | ଭୌତିକ | ୦୪.୦୭.୨୦୨୫ (ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ୍ https://www.bankofbaroda.com/eauction.htm ଏବଂ https://baanknet.com ଦେଖନ୍ତୁ। ସମସ୍ତ ସମ୍ଭାବ୍ୟ ନିଲାମଧାରୀମାନେ ମଧ୍ୟ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋବାଇଲ ନଂ.: ୭୦୭୭୭୨୭୧୩୩ ରେ ଯୋଗାଯୋଗ କରିପାରିବେ ଏବଂ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବେ।

ଅଧିକ ବିବରଣୀ ନିମନ୍ତେ ଏହି କୋଡ୍‌କୁ ସ୍କାନ୍ କରନ୍ତୁ।

** କ) ସମ୍ପତ୍ତିଟି ସାଙ୍କେତିକ ଦଖଲରେ ଅଛି। ନିଲାମଧାରୀ ନିଜ ଦାୟ ଦାୟିତ୍ୱରେ ସାଙ୍କେତିକ ଦଖଲରେ ଥିବା ଏହି ସମ୍ପତ୍ତିକୁ କ୍ରୟ କରିବେ। ଖ) ଏହି ସମ୍ପତ୍ତିର ଭୌତିକ ଦଖଲ ହସ୍ତାନ୍ତରିତ କରିବା ବ୍ୟାଙ୍କର କର୍ତ୍ତବ୍ୟ ବାଧ୍ୟତା ନୁହେଁ କିମ୍ବା ସେଥିନିମନ୍ତେ ବ୍ୟାଙ୍କ ଦାୟୀ ରହିବ ନାହିଁ। ଗ) ବ୍ୟାଙ୍କ କେବଳ ସମ୍ପତ୍ତିର ସାଙ୍କେତିକ ଦଖଲ ହସ୍ତାନ୍ତରିତ କରିବ ଏବଂ ସଫଳ ନିଲାମଧାରୀ/କ୍ରେତା ବ୍ୟାଙ୍କ ନିକଟରେ ଏହାର ଭୌତିକ ଦଖଲ ନିମନ୍ତେ ଦାବୀ କରିପାରିବେ ନାହିଁ।

ଦୟାକରି ଧ୍ୟାନ ଦିଅନ୍ତୁ: ୧) କ୍ଷମତାପ୍ରାପ୍ତ ଅଧିକାରୀ / ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ କୌଣସି ପ୍ରାକ୍ ବିଜ୍ଞପ୍ତି ବିନା କୌଣସି ବିଡ୍‌କୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କିମ୍ବା ବିକ୍ରୟକୁ ସ୍ଥଗିତ/ବାତିଲ/ନାକଚ/ବିକ୍ରୟର ନିଲାମ ଓ ସର୍ତ୍ତାବଳୀର ସଂଶୋଧନ ସହିତ ପୂର୍ବ ନିଲାମଧାରୀ ଅକୃତକାର୍ଯ୍ୟ ହେବା କାରଣରୁ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀଙ୍କୁ ଡକାଇବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି। ୨) କ୍ରେତାଙ୍କ ଦ୍ୱାରା ସମସ୍ତ ବୈଧାନିକ ଦେୟ/ସମ୍ପତ୍ତିର ବକେୟା ଟିକସ, ବିଦ୍ୟୁତ ଦେୟ, ଅନ୍ୟାନ୍ୟ ଦେୟ ସହିତ ପଞ୍ଜିକରଣ ଦେୟ, ଷ୍ଟାମ୍ପ ଡ୍ୟୁଟି, ଟିକସ ଦେୟ ଇତ୍ୟାଦି ବହନ କରିବେ। କ୍ଷମତାପ୍ରାପ୍ତ ଅଧିକାରୀ ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିଅନ, ଏନକମ୍ବ୍ରାନ୍ସ ଇତ୍ୟାଦି ସରକାର, ସ୍ଥାନୀୟ ଅଧିକାରୀ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। ବ୍ୟାଙ୍କର ସମ୍ପତ୍ତି ବିକ୍ରୟ ସମ୍ବନ୍ଧୀୟ କୌଣସି ଲାଇସେନ୍ସ/ଏନ୍ଓସି/ଅନୁମତିର ଦାୟିତ୍ୱ ନିମନ୍ତେ କୌଣସି ଅଙ୍ଗୀକାର ବଦ୍ଧତା ନାହିଁ।

ଅନ୍‌ଲାଇନ ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ: ୨୪.୦୬.୨୦୨୫ ସନ୍ଧ୍ୟା ୬.୦୦ ଘଟିକା ସୁଦ୍ଧା (କ୍ର. ନଂ. ୧ ଏବଂ ୨ ନିମନ୍ତେ) ଏବଂ ୦୮.୦୭.୨୦୨୫ ସନ୍ଧ୍ୟା ୬.୦୦ ଘଟିକା ସୁଦ୍ଧା (କ୍ର. ନଂ. ୩, ୪ ଏବଂ ୫ ନିମନ୍ତେ)

ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ବିକ୍ରୟ ନିମନ୍ତେ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍

ସ୍ଥାନ: କଟକ, ତାରିଖ: ୩୧.୦୫.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା



यूनियन बैंक ऑफ़ इंडिया Union Bank of India — A Government of India Undertaking

**ଡୁଙ୍ଗୁରିପାଲି ଶାଖା**
ସା/ପୋ/ଥାନା: ଡୁଙ୍ଗୁରିପାଲି, ଜିଲ୍ଲା: ସୁବର୍ଣ୍ଣପୁର, ଓଡିଶା-୭୬୭୦୨୩, ଇ-ମେଲ୍: ubin0828718@unionbankofindia.bank

## ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

**ତ୍ରିଲୋଚନପୁରରେ ଶୀତଳ ଷଷ୍ଠୀ ପର୍ବ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)-କଣାସ ବ୍ଲକର ତ୍ରିଲୋଚନପୁର ପଞ୍ଚାୟତର ତ୍ରିଲୋଚନପୁର ଗ୍ରାମର ପଶ୍ଚିମଶମ୍ଭୁ ବାବା କପିଳେଶ୍ୱର ଦେବଙ୍କ ବିବାହ ଉତ୍ସବ ପାର୍ବତୀଙ୍କ ସହ ହୋଇଥିବାବେଳେ ରବିବାର ବାବା କପିଳେଶ୍ୱର ଦେବ ବୃଷଭ ବାହାନରେ ମାତା ପାର୍ବତୀ ଏକ ସୁସଜ୍ଜିତ ବିମାନରେ ବସିଥିବାବେଳେ ଗୋପୀନାଥ ଦେବ ବିଜେକରି ଘଣ୍ଟ, ବାଦ୍ୟ, ଫେଣ୍ଟାଳ ମଧ୍ୟରେ ଗ୍ରାମ୍ୟ ପରିକ୍ରମା କରି ଦ୍ୱାରେ ଭୋଗ ଖାଇ ପ୍ରତିବର୍ଷ ପରି ଚଳିତ ବର୍ଷ ଖାଇ ପଡ଼ିଆକୁ ବିଜେ କରିଥିଲେ। ସନ୍ଧ୍ୟାରେ ସକଳଙ୍କ ବାଣ ନ ମାରିବା ପାଇଁ ନିର୍ଦ୍ଦେଶ ଥିବାରୁ ଗ୍ରାମବାସୀ ପାରମ୍ପରିକ ପ୍ରଥା ଚଳାଇବା ପାଇଁ ଚନ୍ଦ୍ର ଉଦିଆ ଓ କୁମ୍ଭି ମାରି ପରମ୍ପରା ଚଳାଇଥିଲେ। କଣାସ ଥାନାଧିକାରୀ ପ୍ରଦୀପ କୁମାର ଭୁଞ୍ଜସିଂହ ଓ ଥାନାର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶ୍ରୀରାମଚନ୍ଦ୍ରପୁର ଶାସନରେ ଶୀତଳଷଷ୍ଠୀ ପର୍ବ

ସାକ୍ଷୀଗୋପାଳ,୧୧(ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶାସନ ଶ୍ରୀରାମଚନ୍ଦ୍ରପୁରରେ ଶିବ ପାର୍ବତୀଙ୍କ ବିବାହ ଏକ ଭିନ୍ନ ପରମ୍ପରାକ୍ରମେ ପ୍ରତିବର୍ଷ ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ତାରିଖରେ ଗତ ଶନିବାର ଶିବ ବିବାହ ସମ୍ପନ୍ନ ହୋଇଥିବା ବେଳେ ଗୋଟିଏ ଦିନ ପରେ ଅର୍ଥାତ୍ ରବିବାର ଗ୍ରାମରେ ଶିବ ପାର୍ବତୀ ବିବାହ ଓ ଶୀତଳଷଷ୍ଠୀ ଉତ୍ସବ ବର୍ଣ୍ଣାଢ଼୍ୟ ସମାରୋହରେ ସମ୍ପନ୍ନ ହୋଇଯାଇଛି। ରବିବାର ପ୍ରତ୍ୟୁଷରୁ ହରଚଣ୍ଡୀପୁରସ୍ଥିତ ମା' ହରଚଣ୍ଡୀ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ହରଚଣ୍ଡୀ ଓ ଚଣ୍ଡେଶ୍ୱରଙ୍କ ବିବାହ ଉତ୍ସବ ପରେ ସିଂହାସନରେ ଠାକୁର ବିଜେ ହୋଇଥିଲେ। ବିରାଟ ପଟୁଆର ସହ ଗ୍ରାମର ସଂକୀର୍ତ୍ତନ ଦଳକୁ ନେଇ ଭଗବାନ ଶିବ ବିବାହ କରିବା ପାଇଁ ଆସିଥିଲେ। ଗ୍ରାମର ହରଚଣ୍ଡୀପୁରସ୍ଥିତ ହରଚଣ୍ଡୀ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣ ମଣ୍ଡପରେ ବୈଦିକ ରୀତିନୀତି, ପରମ୍ପରା ଅନୁଯାୟୀ ହରଚଣ୍ଡୀ ଓ ଚଣ୍ଡେଶ୍ୱରଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ଏଥିରେ କନ୍ୟାପିତା ଭାବେ ବଡ଼ପଣ୍ଡା ଜିତେନ୍ଦ୍ର ମହାପାତ୍ର, ବରପିତା ବସନ୍ତ କୁମାର ମିଶ୍ର ଓ ପୁରୋହିତ ଭାବେ ହରିହର ଦାଶ ଦାୟିତ୍ୱ ନିର୍ବାହ କରିଥିଲେ। ଦଣ୍ଡା ବାଲୁଙ୍କେଶ୍ୱର, ଜଟେଶ୍ୱର ଦେବ, ନୀଳକଣ୍ଠେଶ୍ୱର ଦେବ, ବଣିଆସାହି ବାଲୁଙ୍କେଶ୍ୱର ଦେବ ଓ ନହଳା ବାଲୁଙ୍କେଶ୍ୱର ଦେବ ବରଯାତ୍ରୀ ରୂପେ ଯୋଗଦେଇଥିଲେ। ସେହିପରି ଅନୁରୂପ ଭାବେ ଜୟପୁର ଗ୍ରାମରେ ଲୋକନାଥ ଦେବଙ୍କ ଶୀତଳଷଷ୍ଠୀ ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଛି।

### ଡାକ୍ତର ଅଟଳବିହାରୀ ନାୟକଙ୍କ ପରଲୋକ

ଭୁବନେଶ୍ୱର, ୧୧ (ସୌମ୍ୟରଞ୍ଜନ ରାଉତ)

ରୋଗୀସେବା ଓ ସମାଜସେବା ଥିଲା ତାଙ୍କ ଜୀବନର ବ୍ରତ। ଲୋକଙ୍କୁ ସେବା କରି ସେ ସୁଖୀ ହେଉଥିଲେ। ପରିବାର ପ୍ରତି ଥିଲା ଦୟା, ପ୍ରେମ ଓ ଆନ୍ତରିକତା। ଅନ୍ୟମାନଙ୍କ ଲାଗି କାମ କରୁଥିବା ଓ ସେବା କାର୍ଯ୍ୟରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଡାକ୍ତର ଅଟଳବିହାରୀ ନାୟକ ଆଉ ନାହାନ୍ତି। ଗତ ୨୩ ତାରିଖରେ ତାଙ୍କର ପରଲୋକ ହୋଇଯାଇଛି। ପୁଅ ମେଜର୍ ଅଂଶୁମାନ ମୁଖାଗ୍ନି ଦେଇଛନ୍ତି। ଜଗତ୍‌ସିଂହପୁର ଜଇପୁର ଗ୍ରାମରେ ଜନ୍ମିତ ଅଟଳଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବାବେଳେ ଗାଁ ଲୋକେ ତାଙ୍କୁ ଝୁରି ହେଉଛନ୍ତି।

### ମତଦାନ ବର୍ଷପୂର୍ତ୍ତି ଅବସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ବଳଙ୍ଗା,୧୧ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ୧୮ ନମ୍ବର ଜୋନ ନିର୍ବାଚନମଣ୍ଡଳୀରେ ମତଦାନର ବର୍ଷପୂର୍ତ୍ତି ଅବସରରେ ଭାଜପା ପକ୍ଷରୁ ବଳଙ୍ଗା, କୋଠକୁସାଙ୍ଗ, ଗୋପୀନାଥପୁର, ଗଡ଼ପଦନପୁର, ହରିପୁର, ଶାଳିଁଆଶାସନ, ଉତ୍ତରପୁର, ନୂଆସାହି ଆଦି ପଞ୍ଚାୟତର ବୁଥସ୍ତରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପଞ୍ଚାୟତ ବୁଥଗୁଡ଼ିକରେ ଲୋକମାନଙ୍କ ସହିତ ବର୍ଷକର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯିବା ସହ ଆଗାମୀକୁ ଗ୍ରାମର ସମସ୍ତ ବୁଥରେ ଉନ୍ନତିମୂଳକ କାର୍ଯ୍ୟକ୍ରମ ଉପରେ ନିଷ୍ପତ୍ତି ନେବା ସହ ବିଦ୍ୟାଳୟରେ ସ୍ୱଚ୍ଛ ଭାରତ ଆଲୋଚନା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ପୁରୀ ଜିଲା କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ, ମନୋରଞ୍ଜନ ରଥ, ପ୍ରଭାକର ନାୟକ, ପ୍ରସନ୍ନ ଦାଶ, ଜୟଦେବ ମହାପାତ୍ର ପ୍ରମୁଖ ସମସ୍ତ ବୁଥ ସଭାପତିମାନେ ଉପସ୍ଥିତ ଥିଲେ।

# ଲିଙ୍ଗରାଜ କଳା ନିକେତନର ୩୪ତମ ବାର୍ଷିକ ଉତ୍ସବ




ଲିଙ୍ଗରାଜ କଳାନିକେତନର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କଳାକାରମାନେ।

ପୁରୀ,୧୧(ଅଜିତ୍ କୁମାର ମହାନ୍ତି)

ଲିଙ୍ଗରାଜ କଳାନିକେତନର ୩୪ତମ ବାର୍ଷିକ ଉତ୍ସବ ଏବଂ ଶ୍ରୀଜଗନ୍ନାଥ ଶରଣ ନୃତ୍ୟସଙ୍ଗୀତ ସମାରୋହ ରବିବାର ପୁରୀ ପୌରସଦନରେ ପାଳିତ ହୋଇଯାଇଛି। ଏଥିରେ ସମାଜସେବୀ ଚକ୍ରଧର ମହାପାତ୍ର ସଭାପତିତ୍ୱ କରିଥିବାବେଳେ ପୁରୀ ଏମ୍‌ପି ଡା. ସମ୍ବିତ୍ ପାତ୍ର ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର, ଗୁରୁମା ଆରତି ରଣବୀର, ବରିଷ୍ଠ ସେବାୟତ ଭଗବାନ ସୁଆର, ରବିନାରାୟଣ ଦାଶ, ମଧୁସୂଦନ ସିଂହାରୀ, ଇ-୨୪ ହଷ୍ଟେଲର ପରିଚାଳନା ନିର୍ଦ୍ଦେଶକ ରାକେଶ ମିଶ୍ର, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଚକ୍ରଧର ମହାପାତ୍ର, ପ୍ରତିଷ୍ଠାତା ଅଧ୍ୟକ୍ଷ ଗୁରୁ ଧବଳେଶ୍ୱର ମିଶ୍ର, ଉପସଭାପତି ଗଣେଶ୍ୱର ପ୍ରହରାଜ, ଉପାଧ୍ୟକ୍ଷ ଲୋକନାଥ ମିଶ୍ର, ମୁଖ୍ୟ ପରାମର୍ଶଦାତା ଧ୍ରୁବେନ୍ଦ୍ରନାଥ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସମ୍ପାଦକ ଜଗନ୍ନାଥ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବରିଷ୍ଠ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ଗୁରୁ ତଥା ନନ୍ଦିଘୋଷ ରଥର ମୁଖ୍ୟ ବାଡ଼ଗ୍ରାହୀ ବିଜୟ କୁମାର ମହାପାତ୍ର ଏବଂ ବିଶିଷ୍ଟ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟଗୁରୁ ଅଶୋକ କୁମାର ଦାସଙ୍କୁ ଗୁରୁ ଲିଙ୍ଗରାଜ ମିଶ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଶାସ୍ତ୍ରୀୟ ମର୍ଦ୍ଦଳବାଦକ ସୀତାକାନ୍ତ ଜେନାଙ୍କୁ ନୃତ୍ୟ ଆରତି ରଣବୀର ଯୁବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ ମନୋଜ କୁମାର ପ୍ରଧାନଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟନାଟିକା ବାଲ୍ୟ ଗୋପାଳ ଅଷ୍ଟକମ୍, ଅଭିନୀ ନନ୍ଦିନୀ, ଆରଭି ପଲ୍ଲବୀ, ଶାନ୍ତାକାର, ଗୁରୁବ୍ରହ୍ମା, ଲୋକନୃତ୍ୟ, ପଲ୍ଲୀନୃତ୍ୟ, ଭଜନ ନୃତ୍ୟ ପରିବେଷଣ ସହ ଏକକ ତବଲା, ମର୍ଦ୍ଦଳ ବାଦନ କରାଯାଇଥିଲା। ଓଡ଼ିଶୀ ସଙ୍ଗୀତଗୁରୁ ପ୍ରକାଶ କୁମାର ରଥ ଏବଂ ଗୁରୁ ତାପସ କୁମାର ନାୟକଙ୍କ ନିର୍ଦ୍ଦେଶନାରେ ଦଳଗତ ଓଡ଼ିଶୀ ସଙ୍ଗୀତ 'ସଙ୍ଗୀନୀରେ ଚାହାଁ ବେଣୁପାଣିଙ୍କି' ଏବଂ ଦଳଗତ ଛାନ୍ଦ 'ଧୀରେ ଘେନ କାନନରେ' ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ସ୍ୱିପ୍ନା ମିଶ୍ର, ପ୍ରିୟଙ୍କା ପଲେଇ, ମମତା ଭୋଇ, ଅର୍ଚ୍ଚନା ସାହୁ, ଭାଗ୍ୟଲକ୍ଷ୍ମୀ ଜେନା, ଶୁଭସ୍ମିତା ବଳ, କାଜୁଚରଣ ବରାଳ, ବଳରାମ ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବାଦ୍ୟଯନ୍ତ୍ରରେ ପ୍ରକାଶ କୁମାର ରଥ, ତାପସ କୁମାର ନାୟକ, ଜଗନ୍ନାଥ ମିଶ୍ର, ଦୀପଙ୍କର ପରିଡ଼ା, ସାରଦା ପ୍ରସନ୍ନ ମିଶ୍ର ଏବଂ ବଳରାମ ମହାପାତ୍ର ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଜୟ କୁମାର ମହାନ୍ତିଙ୍କ ନିର୍ଦ୍ଦେଶନାରେ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ ହୋଇଥିଲା। ବିଶ୍ୱଜିତ୍ ବନିୟାରସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**ବିଜୟ ମହାପାତ୍ର, ଅଶୋକ ଦାସଙ୍କୁ ଗୁରୁ ଲିଙ୍ଗରାଜ ମିଶ୍ର ସ୍ମୃତି ସମ୍ମାନ**

# ଖଜା ଠକେଇ ଘଟଣା: ବ୍ୟବସାୟୀ ଗିରଫ

ପୁରୀ,୧୧(ଅଜିତ୍ କୁମାର ମହାନ୍ତି)

**ଭକ୍ତ ଓ ପର୍ଯ୍ୟଟକଙ୍କୁ ଠକନ୍ତୁ ନାହିଁ: ଏସ୍‌ପି**

ପୁରୀ ବଡ଼ଦାଣ୍ଡ ଏବଂ ଶ୍ରୀମନ୍ଦିର ଚାରିପାଖ ସମେତ ସହରର ଅନେକ ସ୍ଥାନରେ ଅବମିଶ୍ରିତ ଖଜା ବିକ୍ରି ହେଉଥିବାବେଳେ ଓଜନରେ ମଧ୍ୟ ଠକେଇ କରାଯାଉଛି। ଭକ୍ତ ଓ ପର୍ଯ୍ୟଟକଙ୍କୁ ଠକାମିର ଶିକାର ହେବାକୁ ପଡ଼ୁଛି। ଶନିବାର ଜଣେ ଖଜାଦୋକାନୀ ଭକ୍ତଙ୍କୁ ଓଜନରେ ଠକେଇକରି ଧରାପଡ଼ିଥିଲେ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇବା ପରେ ପୋଲିସ ପ୍ରଶାସନର ଟେଚା ପଡ଼ିଛି। ଏନେଇ ପୁରୀ ଏସ୍‌ପି ବିନିତ୍ ଅଗ୍ରୱାଲ କହିଛନ୍ତି, ଶନିବାର ଭକ୍ତଙ୍କୁ ଜଣେ ଖଜା ବ୍ୟବସାୟୀ ଠକିବା ଘଟଣାରେ ସିଂହଦ୍ୱାର ଥାନାରେ ଏକ ଏତଲା ହୋଇଛି। ଅଭିଯୁକ୍ତଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରାଯାଇଛି। ତେଣୁ ପୁରୀକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକଙ୍କୁ କୌଣସି ବ୍ୟବସାୟୀ ଠକନ୍ତୁ ନାହିଁ। ରାଜ୍ୟପାର୍ଶ୍ୱରେ ବସୁଥିବା ଭଉଦୋକାନୀଙ୍କୁ ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନର ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ବିଭିନ୍ନ ସମୟରେ ହଟାଯାଉଛି। ସୂଚନାଯୋଗ୍ୟ, ଶନିବାର ଖଲିକୋଟରୁ ଆସିଥିବା ପ୍ରଶାନ୍ତ ଜେନା ଓ ରାଘବ ଜେନା ମହାପ୍ରଭୁଙ୍କ ଦର୍ଶନ କରିବା ପରେ ବଡ଼ଦାଣ୍ଡ ଦେଇ ପୁରୀ ରେଳଷ୍ଟେସନକୁ ଫେରୁଥିଲେ। ଏହି ସମୟରେ ସେମାନେ ମହାପ୍ରଭୁଙ୍କ ପ୍ରସାଦ ରୂପେ ନେବାକୁ ଶ୍ରୀକୃଷ୍ଣ ସିନେମା ହଲ୍ ଗଳି ନିକଟ ଖଜା ଦୋକାନୀଙ୍କ ସହ ମୂଲଚାଲ କରିଥିଲେ। କେ.ଜି. ପ୍ରତି ୯୦ ଟଙ୍କାରେ ବ୍ୟବସାୟୀ ଛଅ କେ.ଜି.ର ଖଜା ପ୍ୟାକେଟ ପର୍ଯ୍ୟଟକଙ୍କୁ ବଢ଼ାଇଥିଲେ। ତେବେ ଖଜା କମ୍ ଥିବା ଗ୍ରାହକଙ୍କୁ ସନ୍ଦେହ ହୋଇଥିଲା। ସେମାନେ ପାଖ ଦୋକାନରେ ଓଜନ କରିବାରୁ ପ୍ରାୟ ୩୦୦ ଗ୍ରାମ୍ କମ୍ ଥିବା ଜଣାପଡ଼ିଥିଲା। ସେମାନେ ତାହାକୁ ଫେରାଇ ଦେଇଥିଲେ ମଧ୍ୟ ସେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗ୍ରାହକଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସେଠାରେ ଉପସ୍ଥିତ ଥିବା ପୋଲିସ ଏହା ଜାଣିବା ପରେ ଖଜା ଓ ମେସିନ ଜବତ କରିବା ସହ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗିରଫ କରିଥିଲା।

# ରାଜ୍ୟସ୍ତରୀୟ ଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ

ନିମାପଡ଼ା,୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ନିକଟ ଚଉଁରପଦାଠାରେ ଥିବା ପତିତପାବନ ଟିଚର୍ସ ଟ୍ରେନିଂ କଲେଜ ପକ୍ଷରୁ କଲେଜ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଶିକ୍ଷକ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ବିଶିଷ୍ଟ ଶିକ୍ଷାବିତ୍ ପତିତପାବନ ସେବାସଂଘ ସମ୍ପାଦକ ଜଗତ୍ ପ୍ରସାଦ ସାହୁଙ୍କ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। କେନ୍ଦ୍ର ସରକାରଙ୍କ ପୁନର୍ବାସ ସଂସ୍ଥାରେ ମଞ୍ଜୁରୀ କ୍ରମେ ଭିନ୍ନକ୍ଷମମାନଙ୍କ ନିମନ୍ତେ ଉଦିଷ୍ଟ ଆଇନ, ବିଭିନ୍ନ ଧାରା, ସେମାନଙ୍କ ମୌଳିକ ଅଧିକାର, ବିଭିନ୍ନ ସୁବିଧା ସୁଯୋଗ, ଜାତୀୟ ଶିକ୍ଷାନୀତି-୨୦୨୦ର ବିଭିନ୍ନ ଧାରା ସମ୍ପର୍କରେ ଶିବିରରେ ପ୍ରଶିକ୍ଷକମାନେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ। ଶିବିରରେ ସମୀର କୁମାର ନାୟକ, ବିଶ୍ୱଜିତ୍ ମଲ୍ଲିକ, ଚିନ୍ମୟ ନାୟକ, ସୁଶ୍ରୀ ମନୀଷା ନାୟକ, କୈବଲ୍ୟ ବଳ, ସଙ୍ଗୀତ ପ୍ରଧାନ, ପ୍ରଜ୍ଞା ଏବଂ ନନ୍ଦସ୍ମିତ ସମେତ ୧୩ଜଣ ତାଲିମ୍‌ଦାତାଙ୍କୁ ଅନୁଷ୍ଠାନ ପକ୍ଷରୁ ତୁଫି ପ୍ରଦାନସ୍ୱରୂପ ସମ୍ମାନିତ କରାଯାଇଥିଲା। ଶିବିରରେ ରାଜ୍ୟର ବିଭିନ୍ନ ପ୍ରାନ୍ତ ଓ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶରୁ ମୋଟ୍ ୧୫୦ ଜଣ ପ୍ରଶିକ୍ଷାର୍ଥୀ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। ଶିବିରରେ ଯୋଗଦେଇଥିବା ୧୫୦ ଜଣ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।


## OFFICE OF THE PRINCIPAL
## Eklavya Model Residential School,Nuapada

(A unit of NESTS) Ministry of Tribal Affairs Govt. Of India
(Affiliated To CBSE, Delhi, Affiliation No. 1520009 & School No- 17097)
At - Sakhatara ,Po- Maulibhatta, Ps-Nuapada,
Dist- Nuapada, 766105 (Odisha)
Email id: - emrs.nuapada@gmail.com

Letter no :- EMRS / NPD / OFF / 94 / 2025-26 /Date : 31.05.2025

**ADVERTISEMENT FOR ADMISSION IN CLASS XI (2025-26) SCIENCE**

Applications are invited for Admission into Class XI for the Session 2025-26 for science stream for ST Students (EMRS Nuapada Students will be given 1st Preference). Application form will be available on the District Website i.e nuapada.odisha.gov.in & at EMRS Nuapada during office hour from 08.00 A.M. to 02.00 P.M. on all working days w.e.f. 02.06.2025 to 10.06.2025. Duly filled application form along with documents shall be deposited at school during office hour.

The detail guidelines regarding submission of documents are available in Nuapada Dist. website & Office of EMRS Nuapada.

Sd./- Principal i/c, EMRS, Nuapada

## OFFICE OF THE EXECUTIVE ENGINEER
## NATIONAL HIGHWAY DIVISION, SAMBALPUR

Email - eenhsbp@yahoo.co.in

**IDENTIFICATION No.IFB-01/EE-NH-SBP of 2025-26**
Letter No. 1546 Date : 28.05.2025

No.b-7

| | | | |
|---|---|---|---|
| 1 | The Superintending Engineer, NH Division, Sambalpur on behalf of the Governor of Odisha invites percentage rate bids to be received in ONLINE MODE only for roads works. | | |
| 2 | Name of Work | : | S/R to NH-153(B) such as laying 40mm thick BC & 25mm thick Mastic at 1 No. Major Bridge at Ch.54/880 Km & 4 nos. Minor Bridges at Ch.33/375, 37/000, 51/305, 53/658 Km including provision of road RPM, signages, thermoplastic paint & Metal Beam Crash Barrier for the year 2025-26 |
| 3 | Class of Contractor | : | "B" Class |
| 4 | Value of Work | : | Approx. 68.97 Lakhs. |
| 5 | Tender Cost | : | Rs. 10,000/- |
| 6 | Availability of Bid document in the Website | : | From 10:00 Hrs. of 05.06.2025 to 17:00 Hrs. of 21.06.2025 |
| 7 | Date of Opening of Bid | : | 11.00 Hrs. on 23.06.2025 |
| 8 | Other details can be seen in the Bidding documents from the website https://www.tendersodisha.gov.in | | |

OIPR-34021/11/0005/2526

Sd./- Superintending Engineer
NH Division, Sambalpur

## Government of Odisha
## Higher Education Department

**Remaining timeline for e-Admission into P.G. Courses under SAMS in the State Public Universities and Colleges for the Academic Session : 2025-26**

No.N-60 : The remaining timeline for e-Admission into P.G. Courses for the session 2025-26 in the State Public Universities and Colleges participating in project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for the said Course is available on the SAMS Portal. Kindly refer the CP for the below mentioned activities.

| Sl# | Activities | Timeline |
|---|---|---|
| 1 | Publication of subject-wise and State-wide merit list | 02-June-2025 (04:00 P.M.) |
| 2 | Updation of Graduation/Equivalent marks and Choice filling of HEIs by the eligible applicants | 03-June-2025 (02:00 P.M.) to 08-June-2025 (11:45 P.M.) |
| 3 | Publication of Provisional Allotment of Seats (For First Round Selection) | 13-June-2025 (04:00 P.M.) |
| 4 | Selection of Slide / Freeze / Float Option and Online payment of admission fees by students through SAMS [Student's Account] portal | 13-June-2025 (06:00 P.M.) to 18-June-2025 (03:00 P.M.) |
| 5 | Reporting of applicant at allotted institutions for taking admission (for First Round Selection) | 16-June-2025 (10:00 A.M.) to 18-June-2025 (05:00 P.M.) |
| 6 | Data updation of admitted students in the e-space (for First Round Admission) by the respective Institutions | 16-June-2025 (10:00 A.M.) to 18-June-2025 (07:00 P.M.) |
| 7 | Publication of Provisional Allotment of Seats (for Second Round Selection) | 23-June-2025 (04:00 P.M.) |
| 8 | Selection of Slide / Freeze / Float Option and Online payment of admission fees by students through SAMS [Student's Account] portal | 23-June-2025 (06:00 P.M.) to 26-June-2025 (03:00 P.M.) |
| 9 | Reporting of applicant at allotted institutions for taking admission (for Second Round Selection) | 24-June-2025 (10:00 A.M.) to 26-June-2025 (05:00 P.M.) |
| 10 | Data updation of admitted students in the e-space (for Second Round Admission) by the respective Institutions | 24-June-2025 (10:00 A.M.) to 26-June-2025 (07:00 P.M.) |
| 11 | Publication of Provisional Allotment of Seats (for Third/Final Round Selection) | 03-July-2025 (04:00 P.M.) |
| 12 | Selection of Freeze Option and Online payment of admission fees by students through SAMS [Student's Account] portal | 03-July-2025 (06:00 P.M.) to 07-July-2025 (03:00 P.M.) |
| 13 | Reporting of applicant at allotted institutions for taking admission (for Third/Final Round Selection) | 04-July-2025 (10:00 P.M.) to 08-July-2025 (05:00 P.M.) (Except Holiday) |
| 14 | Data updation of admitted students in the e-space (for Third/ Final Round Admission) by the respective Institutions | 04-July-2025 (10:00 P.M.) to 08-July-2025 (07:00 P.M.) |
| 15 | Reporting of applicants through [Student's Login] in online mode (Applicants have to select their remaining higher preference HEIs by ticking the checkbox provided next to each HEI where they want to participate in the waiting list round) | 14-July-2025 (04:00 P.M.) to 17-July-2025 (11:45 P.M.) |
| 16 | Publication of merit wise list among the reported waitlisted applicants at HEI's e-space | 21-July-2025 (02:00 P.M.) |
| 17 | Publication of selected and waitlisted applicant's list by the HEIs at their Notice Board / Website and the HEIs will also communicate to the applicants via phone call/SMS/whatsapp/e-mail etc. | 22-July-2025 (02:00 P.M.) |
| 18 | Reporting of waitlisted applicants to take admission in one of the selected HEIs, where the total/differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.) | 23-July-2025 (10:00 A.M.) to 25-July-2025 (05:00 P.M.) |
| 19 | Admission Updation of the selected waitlisted student's data by the HEIs in their e-Space | 23-July-2025 (10:00 A.M.) to 25-July-2025 (07:00 P.M.) |
| 20 | Commencement of 1st Year Classes (P.G. Courses) | 10-July-2025 (Thursday) |

**For more details please contact : e-Admission Helpline (Toll Free) Number 155335 / 1800-345-6770**

N.B: To enroll into the P.G. Courses, the applicants must have completed their graduation/equivalent courses from an UGC recognized university.

Sd./- Joint Secretary to Govt.
PTC Section

OIPR-11001/11/0058/2526

## ବ୍ୟାଙ୍କ ଅଫ୍ ବରୋଦା Bank of Baroda
### କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ
### ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ପ୍ଲଟ ନଂ.: ବିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ପୋଲିସ୍ ଷ୍ଟେସନ ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଫୋନ୍: ୦୬୭୧-୨୩୬୭୩୬୭, ମୋ.: ୭୦୭୭୭୭୨୧୧୩, E-mail: sarcut@bankofbaroda.com

[illegible]

| କ୍ର. ନଂ. | ଋଣଗ୍ରହୀତା / ଜାମିନଦାର ଏବଂ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ | ବକେୟା ରାଶି | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD / ବିଡ୍ ବର୍ଦ୍ଧିତ ରାଶି | ସ୍ଥିତି | ସମ୍ପତ୍ତି ନିରୀକ୍ଷଣ ତାରିଖ ଓ ସମୟ |
|---|---|---|---|---|---|---|---|
| ୧. | [illegible] | [illegible] | [illegible] | ୨୪.୦୬.୨୦୨୫ | [illegible] | ସାଙ୍କେତିକ | ୨୦.୦୬.୨୦୨୫ |
| ୨. | [illegible] | [illegible] | [illegible] | ୨୪.୦୬.୨୦୨୫ | [illegible] | ସାଙ୍କେତିକ | ୨୦.୦୬.୨୦୨୫ |
| ୩. | [illegible] | [illegible] | [illegible] | ୦୮.୦୭.୨୦୨୫ | [illegible] | ସାଙ୍କେତିକ | ୦୪.୦୭.୨୦୨୫ |
| ୪. | [illegible] | [illegible] | [illegible] | ୦୮.୦୭.୨୦୨୫ | [illegible] | ସାଙ୍କେତିକ | ୦୪.୦୭.୨୦୨୫ |
| ୫. | [illegible] | [illegible] | [illegible] | ୦୮.୦୭.୨୦୨୫ | [illegible] | ଭୌତିକ | ୦୪.୦୭.୨୦୨୫ |

[illegible]

ସ୍ଥାନ: କଟକ, ତାରିଖ: ୩୧.୦୫.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
### ଦୁଙ୍ଗୁରିପାଲି ଶାଖା
### ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ସା/ପୋ/ଥାନା: ଦୁଙ୍ଗୁରିପାଲି, ଜିଲ୍ଲା: ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୨୩, ଇ-ମେଲ: ubin0828718@unionbankofindia.bank

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

[illegible]

| ଋଣଗ୍ରହୀତା/ଗ୍ୟାରେଣ୍ଟର/ବନ୍ଧକଦାତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ରାଶି | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିର ବିବରଣୀ |
|---|---|---|---|
| [illegible] | ଟ.୨୪,୦୭,୩୩୭.୧୮ + ସେବାକର ସୁଧ | ୦୫.୦୩.୨୦୨୫ / ୨୯.୦୫.୨୦୨୫ | [illegible] |

ସ୍ଥାନ: ଦୁଙ୍ଗୁରିପାଲି
ତାରିଖ: ୩୧.୦୫.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଓଡ଼ିଶାରେ ପ୍ରାଣୀ ନିଷ୍ଠୁରତା ଉଦ୍‌ବେଗଜନକ: ମାନେକା

## କୁକୁରଙ୍କୁ ବିଷଦେଇ ମାରିବା ଘଟଣାକୁ ନେଇ କ୍ଷୋଭ ପ୍ରକାଶ କଲେ

ଭୁବନେଶ୍ୱର, ୧।୬(ବନ୍ଦନା ସେଠୀ)

ଜୀବଜନ୍ତୁଙ୍କ ସୁରକ୍ଷା ଆମ ସମସ୍ତଙ୍କର ପ୍ରାଥମିକତା ହେବା ଆବଶ୍ୟକ। କରୋନା ପରେ ଜୀବଜନ୍ତୁଙ୍କୁ ଖାଦ୍ୟ ଖୁଆଇବା କିଛି ମାତ୍ରାରେ ଏକ ଆନ୍ଦୋଳନ ଭାବେ ପରିଗଣିତ ହୋଇଛି। ତେବେ ଯେଉଁଭଳି ଭାବେ ଏଥିରେ ଲୋକମାନେ ସାମିଲ ହେବା କଥା, ତାହା ହୋଇନାହିଁ ବୋଲି ପିପୁଲ୍ସ ଫର୍ ଆନିମଲ (ପିଏଫ୍ଏ)ର ଅଧ୍ୟକ୍ଷା ମାନେକା ଗାନ୍ଧୀ କହିଛନ୍ତି। ଏଥିସହ ଗତ କିଛିଦିନ ତଳେ ଭୁବନେଶ୍ୱର ବିମାନବନ୍ଦର ଅଞ୍ଚଳରେ ୭୦ରୁ ଊର୍ଦ୍ଧ୍ୱ କୁକୁରଙ୍କୁ ବିଷମିଶା କୁକୁଡ଼ା ମାଂସ ଦେଇ ହତ୍ୟା କରାଯିବା ଘଟଣାକୁ ନେଇ ସେ କ୍ଷୋଭ ପ୍ରକାଶ କରି କହିଲେ, ଆରମ୍ଭରୁ ଘଟଣା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲେ ସ୍ଥିତି ଏପରି ହୋଇ ନ ଥା'ନ୍ତା। ଏହି ଘଟଣାରୁ ଓଡ଼ିଶାରେ ପ୍ରାଣୀ ନିଷ୍ଠୁରତା ଉଦ୍‌ବେଗଜନକ ସ୍ପଷ୍ଟ ହେଉଛି ବୋଲି ସେ କହିଥିଲେ। ରବିବାର ପିପୁଲ୍ସ ଫର୍ ଆନିମଲ ପକ୍ଷରୁ ରୋଟାରୀ ଭବନଠାରେ ପ୍ରାଣୀଙ୍କ ଉପରେ ହେଉଥିବା ନିଷ୍ଠୁରତା ନିରୋଧ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ମାନେକା ଓଡ଼ିଶାରେ ପ୍ରାଣୀ ସୁରକ୍ଷା ପାଇଁ ସମସ୍ତ ସ୍ୱେଚ୍ଛାସେବୀ ଏବଂ ରାଜ୍ୟ ଜୀବେ ନିଷ୍ଠୁରତା ନିରୋଧ ସମିତି ମିଳିତ ଭାବେ ମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଜୀବେ ନିଷ୍ଠୁରତା ନିରୋଧ ପାଇଁ ବ୍ୟବହୃତ ବିଭିନ୍ନ ଆଇନ ଓ ଏହାର ଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଭୁବନେଶ୍ୱରରେ ପ୍ରତ୍ୟେକ ଲୋକ ଜଣେ ଜଣେ ମାନେକା ଗାନ୍ଧୀ ହୋଇ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ବାହାରିବା ଆବଶ୍ୟକ। ଓଡ଼ିଶା ଦେଶର ପ୍ରଥମ ରାଜ୍ୟ, ଯିଏ କି ଜୀବଜନ୍ତୁଙ୍କ ଭିତ୍ତିଭୂମିର ବିକାଶ ପାଇଁ ୮ କୋଟି ଟଙ୍କା ବଜେଟ ରଖିଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ତାହାକୁ ଖର୍ଚ୍ଚ କରାଯାଇ ପାରି ନ ଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ଭୁବନେଶ୍ୱରରେ ବିଏମ୍‌ସି ପକ୍ଷରୁ କରାଯାଉଥିବା କୁକୁର ବନ୍ଧ୍ୟାକରଣ ଅସ୍ତ୍ରୋପଚାରକୁ ନେଇ ଅସନ୍ତୋଷ ଜାହିର କରିଥିଲେ। ଅସ୍ତ୍ରୋପଚାର ବ୍ୟବସ୍ଥାରେ ବହୁ ତ୍ରୁଟି ରହିଥିବାରୁ ବାରମ୍ବାର ଏହାକୁ ବନ୍ଦ କରିବାକୁ ପଡିଥିଲା ବୋଲି ମତ ରଖିଥିଲେ। ଏଥିସହ ସହରର ବିଭିନ୍ନ ସ୍କୁଲ, କଲେଜରେ ଆନିମଲ୍ ୱେଲ୍‌ଫେୟାର ସୋସାଇଟି ଗଠନ କରିବା, ଭୁବନେଶ୍ୱରରେ ଅଧିକ ଶେଲ୍‌ଟର ନିର୍ମାଣ କରିବା ସହିତ ଆଗକୁ ଅନୁଷ୍ଠାନକୁ ଆହୁରି ଦୃଢ଼ କରିବା ପାଇଁ ସେ ଅନେକ ପରାମର୍ଶ ଦେଇଥିଲେ। ଅପରପକ୍ଷେ ରାଜ୍ୟ ଜୀବେ ନିଷ୍ଠୁରତା ନିରୋଧ ସମିତି ଦୀର୍ଘ ୨୦ବର୍ଷ ଧରି କିଭଳି ସ୍ଥାଣୁ ଅବସ୍ଥାରେ ରହିଛି ଏବଂ କୌଣସି ଗୁରୁତ୍ୱପୂର୍ଣ୍ଣ ବୈଠକ ହେଉ ନ ଥିବା ସମିତି ସଭ୍ୟ ଡା. ତ୍ରୈଲୋକ୍ୟ ନାଥ ମହାରଣା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପିପୁଲ ଫର୍ ଆନିମାଲ୍‌ର ରାଜ୍ୟ ମେମ୍ବର ସେକ୍ରେଟାରୀ ଜୀବନ ବଲ୍ଲଭ ଦାଶଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



କର୍ମଶାଳାରେ ପିପୁଲ୍ସ ଫର୍ ଆନିମଲ୍ ଅଧ୍ୟକ୍ଷା ମାନେକା ଗାନ୍ଧୀଙ୍କ ସହ ରାଜ୍ୟ ମେମ୍ବର ସେକ୍ରେଟାରୀ ଜୀବନ ବଲ୍ଲଭ ଦାଶ।

## ବାହାର ରାଜ୍ୟକୁ ଚାଲାଣବେଳେ ୪ ଯୁବତୀ ଉଦ୍ଧାର

ଜଟଣୀ, ୧।୬(ରବୀନ୍ଦ୍ରନାଥ ମହାକୁଡ଼)

ବାହାର ରାଜ୍ୟକୁ ଚାଲାଣ ବେଳେ ୪ ଜଣ ଯୁବତୀଙ୍କୁ ଖୋର୍ଦ୍ଧାରୋଡ଼ ରେଲ୍‌ୱେ ଷ୍ଟେଶନରୁ ଆର୍‌ପିଏଫ୍ ଉଦ୍ଧାର କରିଛି। ଘଟଣାରେ ସମ୍ପୃକ୍ତ ଜଣେ ପାଦ୍ରୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିବା ପରେ ଛାଡ଼ିଦେଇଛି। ଶନିବାର ବିଳମ୍ବିତ ରାତିରେ ରାଜ୍ୟରାଣୀ ଏକ୍ସପ୍ରେସ୍‌ରେ କେତେଜଣ ଗରିବ ଯୁବତୀଙ୍କୁ ଉଚ୍ଚଶିକ୍ଷା ପ୍ରଦାନ ଆଳରେ ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ଖୋର୍ଦ୍ଧା ବଜରଙ୍ଗ ଦଳ ଖବର ପାଇ ଖୋର୍ଦ୍ଧାରୋଡ଼ ଆର୍‌ପିଏଫ୍‌ଙ୍କୁ ଜଣାଇଥିଲା। ପୋଲିସ ଟ୍ରେନ୍‌ରୁ ସମ୍ପୃକ୍ତା ୪ ଯୁବତୀ ଓ ଜଣେ ପାଦ୍ରୀଙ୍କୁ ଆଣି ଆର୍‌ପିଏଫ୍ ଏବଂ ଜିଆର୍‌ପି ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ପରେ ସମସ୍ତଙ୍କୁ ଛାଡ଼ି ଦେଇଥିଲା। ଖୋର୍ଦ୍ଧାରୋଡ଼ ଜିଆର୍‌ପି ଥାନା ଅଧିକାରୀ ଏସ୍. ଶଙ୍କର ରାଓ କହିଛନ୍ତି, ଉକ୍ତ ଯୁବତୀଙ୍କ ମଧ୍ୟରୁ ୩ ଜଣ ଗଜପତି ଜିଲା ମୋହନା ଅଞ୍ଚଳର ଓ ଜଣେ ରାୟଗଡ଼ା ଜିଲା ଗୁଣୁପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ତଦନ୍ତ ପରେ ଉଦ୍ଧାର ସମସ୍ତ ଯୁବତୀଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।



ଭୁବନେଶ୍ୱର ସୂଚନା ଭବନଠାରେ ରବିବାର ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସୁଧାଂଶୁ ପାତ୍ରଙ୍କ ଲିଖିତ ପୁସ୍ତକ 'ମୋଦୀତନ୍ତ୍ର'କୁ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କ ସହ ଅନ୍ୟ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

# କୃତ୍ରିମ ଗୋଡ଼ ସାହାଯ୍ୟରେ ଚାଲିବେ ବୈଷ୍ଣବୀ

କଟକ, ୧।୬(ଶିଲ୍ପା ପ୍ରିୟଦର୍ଶିନୀ)

■ ୩ ମାସ ପରେ ହେଲେ ଡିସ୍‌ଚାର୍ଜ
■ ଦୁର୍ଘଟଣାରେ ବାମ ଗୋଡ଼ ଜଙ୍ଘରୁ କଟି ଶରୀରରୁ ଅଲଗା ହୋଇଥିଲା

ଏସ୍‌ସିବି ପ୍ଲାଷ୍ଟିକ ସର୍ଜରି ବିଭାଗରେ ମୟୂରଭଞ୍ଜ ଜିଲା ବେତନଟୀ ଅଞ୍ଚଳର ୮ ବର୍ଷର ଝିଅ ବୈଷ୍ଣବୀଙ୍କ ଶରୀରରେ କୃତ୍ରିମ ଗୋଡ଼ ଲାଗିବା ପରେ ମେଡିକାଲରୁ ଡିସ୍‌ଚାର୍ଜ କରାଯାଇଛି। ଏସ୍‌ସିବି ପ୍ଲାଷ୍ଟିକ ସର୍ଜରି ବିଭାଗ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ, ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ବିଭୂତି ଭୂଷଣ ନାୟକ, ବିଧାୟକ ସନାତନ ବିଜୁଳି ଉପସ୍ଥିତ ଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଗତ ମାର୍ଚ୍ଚରେ ମୟୂରଭଞ୍ଜ ଜିଲା ବେତନଟୀ ଅଞ୍ଚଳର ୮ ବର୍ଷୀୟ ଝିଅ ବୈଷ୍ଣବୀ ସିଂ ବାଇକ୍‌ରେ ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଫଳରେ ବୈଷ୍ଣବୀଙ୍କ ବାମ ଗୋଡ଼ ଜଙ୍ଘ ପାଖରୁ କଟି ଶରୀରରୁ ଅଲଗା ହୋଇଯାଇଥିଲା। ବେତନଟୀ ମେଡିକାଲରୁ ବୈଷ୍ଣବୀଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏସ୍‌ସିବିରେ ବୈଷ୍ଣବୀଙ୍କ ଅସ୍ତ୍ରୋପଚାର କରାଯାଇ କଟା ଗୋଡ଼କୁ ଯୋଡ଼ାଯାଇଥିଲା। ହେଲେ ଏହା ସଂକ୍ରମଣ ରୂପ ନେବାରୁ ପରେ ଯୋଡ଼ା ଗୋଡ଼କୁ ଶରୀରରୁ ଅଲଗା କରାଯାଇଥିଲା। ଏ ନେଇ ବିଭାଗୀୟ ମୁଖ୍ୟ ଡା. ବିଭୂତି ଭୂଷଣ ନାୟକ କହିଛନ୍ତି, ଏସ୍‌ସିବି କଟା ହାତ ଯୋଡ଼ିବାରେ ବହୁ ସଫଳତା ହାସଲ କରିଛି। ହେଲେ ଏହି କେସ୍‌ଟି ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଝିଅଟିର ସ୍ୱାସ୍ଥ୍ୟାବସ୍ଥାକୁ ନଜରରେ ରଖି କଟା ଗୋଡ଼ ଯୋଡ଼ାଯାଇଥିଲା। ତାହା ପାଞ୍ଚଦିନ ପରେ ଶରୀରରୁ ଅଲଗା କରାଯାଇଥିଲା। ଉଚ୍ଚମାନର କୃତ୍ରିମ ଗୋଡ଼ ଲଗାଯାଇଛି। ରାଜ୍ୟ ସରକାର ଏହାର ଖର୍ଚ୍ଚ ବହନ କରିଛନ୍ତି। ଝିଅ ସମ୍ପୂର୍ଣ୍ଣ ଭାବେ ସାଧାରଣ ଲୋକଙ୍କ ଭଳି ଚଲାବୁଲା କରି ପାରିବ ବୋଲି ନାୟକ କହିଛନ୍ତି। ଅନ୍ୟପଟେ ବୈଷ୍ଣବୀଙ୍କ ସମସ୍ତ ଖର୍ଚ୍ଚ ବହନ କରିବା ପାଇଁ ବିଧାୟକ ସନାତନ ବିଜୁଳି ପ୍ରତିଶ୍ରୁତି ଦେଇଛନ୍ତି।

# ରୋଗ ଲକ୍ଷଣ ଦେଖାଦେବା ମାତ୍ରେ ଚିକିତ୍ସା କରାଇବା ଆବଶ୍ୟକ

କଟକ, ୧।୬(ଶିଲ୍ପା ପ୍ରିୟଦର୍ଶିନୀ)

## ବିଶ୍ୱ କର୍କଟ ସର୍ଭାଇଭର ଦିବସ ପାଳିତ

କାର୍ସିନୋଭା କ୍ୟାନ୍ସର ହସ୍ପିଟାଲ ପକ୍ଷରୁ ବିଶ୍ୱ କର୍କଟ ସର୍ଭାଇଭର ଦିବସ ଅବସରରେ ଆଶା-୨୦୨୫ କାର୍ଯ୍ୟକ୍ରମ ହସ୍ପିଟାଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଙ୍କୋଲୋଜିଷ୍ଟ ଡା.ଦିଲୀପ କୁମାର ଅଗ୍ରୱାଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ କାର୍ସିନୋଭା କ୍ୟାନ୍ସର ହସ୍ପିଟାଲର କର୍କଟ ରୋଗ ବିଶେଷଜ୍ଞ ଡା. କ୍ଷୀତିଶ ମିଶ୍ର, ନିର୍ଦ୍ଦେଶିକା ଡା. ପ୍ରଜ୍ଞା ପରମିତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସଚେତନ ରହିଲେ କର୍କଟକୁ ରୋକିପାରିବା। କର୍କଟ ରୋଗ ଲକ୍ଷଣ ଦେଖାଦେବା ମାତ୍ରେ ଏହାର ଚିକିତ୍ସା କରାଇବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କର୍କଟ ଯୋଦ୍ଧା ଓ ହସ୍ପିଟାଲର କର୍ମଚାରୀମାନେ ଯୋଗଦେଇଥିଲେ।



କାର୍ସିନୋଭା କ୍ୟାନ୍ସର ହସ୍ପିଟାଲ ପକ୍ଷରୁ ରବିବାର ବିଶ୍ୱ କର୍କଟ ସର୍ଭାଇଭର ଦିବସ ପାଳନ ଅବସରରେ ଆୟୋଜିତ 'ଆଶା-୨୦୨୫'ଉତ୍ସବରେ ଅତିଥିଙ୍କ ଗହଣରେ ନୃତ୍ୟଶିଳ୍ପୀମାନେ।

# ଏବର୍ଷ ଯୁକ୍ତ ୩ ସିଟ୍ ଫାଙ୍କାପଡ଼ିବ

ଭୁବନେଶ୍ୱର, ୧।୬(ସୁଚିସ୍ମିତା ସାହୁ)

**ଆବେଦନ କଲେ ୨,୫୮,୧୩୮ ଛାତ୍ରୀଛାତ୍ର**

ଯୁକ୍ତ ୩ ନାମଲେଖା ପାଇଁ ରବିବାର ଆବେଦନ ଶେଷ ହୋଇଛି। ରାଜ୍ୟରେ ସମୁଦାୟ ୨ ଲକ୍ଷ ୭୪ ହଜାର ୫୬୯ ସିଟ୍ ରହିଥିବାବେଳେ ୨ ଲକ୍ଷ ୫୮ ହଜାର ୧୩୮ ଜଣ ଆବେଦନ କରିଛନ୍ତି। ଏମାନଙ୍କ ମଧ୍ୟରୁ ୨ ଲକ୍ଷ ୫୦ ହଜାର ୨୬୩ ଛାତ୍ରୀଛାତ୍ର ଫି' ଦାଖଲ କରି ଆବେଦନ ସମ୍ପୂର୍ଣ୍ଣ କରିଛନ୍ତି। ତେବେ ସିଟ୍ ତୁଳନାରେ ଆବେଦନ ସଂଖ୍ୟା ପ୍ରାୟ ୧୬ ହଜାର କମ୍ ରହିଛି। ତେଣୁ ଗତବର୍ଷ ପରି ଏବର୍ଷ ମଧ୍ୟ +୩ରେ ସିଟ୍ ଖାଲି ରହିବା ସମ୍ଭାବନା ରହିଛି। ନିର୍ଦ୍ଧାରିତ ସମୟରେ ପାଠପଢ଼ା ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

ଚଳିତବର୍ଷ +୨ ପରୀକ୍ଷାଫଳ ବିଳମ୍ବରେ ପ୍ରକାଶ ପାଇଥିଲା। ହେଲେ ଏହା ପୂର୍ବରୁ +୩ ପାଇଁ ଆବେଦନ ଆରମ୍ଭ ହୋଇ ଯାଇଥିଲା। ତେଣୁ ଆବେଦନ ଅବଧିକୁ ଆଉ ୧୦ ଦିନ ବୃଦ୍ଧି କରାଯାଇଥିଲା। ଅନ୍ୟପଟେ ଚଳିତବର୍ଷରୁ ଶିକ୍ଷା ବ୍ୟବସ୍ଥାରେ ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ (ଏସ୍‌ଇବିସି)ଙ୍କ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଛି। ଯୁକ୍ତ୩ ନାମଲେଖାରେ ଏହି ବର୍ଗର ଛାତ୍ରୀଛାତ୍ର ଏହାର ସୁବିଧା ପାଇପାରିବେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଶୁଭଶ୍ରୀ


@ ଅମାନତ ଅଲ୍ଲୀ


@ ସୌମ୍ୟରଞ୍ଜନ



@ ଅମିତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସୂର୍ଯ୍ୟମନ୍ଦିର, ବ୍ୟାଖ୍ୟାନ କେନ୍ଦ୍ର ବୁଲିଲେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ନୂପୁର ଶର୍ମା

କୋଣାର୍କ, ୧।୬(ଜ୍ୟୋତିରାଜ ମହାନ୍ତି)

ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ନୂପୁର ଶର୍ମା ରବିବାର ପୂର୍ବାହ୍ନରେ ବିଶ୍ୱଐତିହ୍ୟ ସୂର୍ଯ୍ୟ ମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଥିବା ଜଣାପଡ଼ିଛି। ନୂପୁର ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚିବା ପରେ କାଉନ୍‌ସିଲର ସୌମ୍ୟ ସୌରଭ ଦାସ ସମେତ ସ୍ଥାନୀୟ କର୍ମକର୍ତ୍ତାମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ରାଷ୍ଟ୍ରୀୟ ପ୍ରବକ୍ତା ଶର୍ମା ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଥିଲେ। ଗାଇଡ୍ ସୂର୍ଯ୍ୟମଣି ମଲ୍ଲ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଶର୍ମାଙ୍କୁ ମନ୍ଦିରର ଐତିହ୍ୟ, ସ୍ଥାପତ୍ୟ, କାରୁକାର୍ଯ୍ୟ, କଳାକୃତି ଓ ଭାସ୍କର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ପରେ ଆଇଓସିଏଲ୍ ବ୍ୟାଖ୍ୟାନ କେନ୍ଦ୍ର ବୁଲି ଦେଖିଥିଲେ। ଏହି ଗସ୍ତ ଅବସରରେ କୋଣାର୍କ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ସୂର୍ଯ୍ୟ ମନ୍ଦିରର ପାରିପାର୍ଶ୍ୱିକ ବିକାଶ, ମନ୍ଦିରର ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନେଇ ଭାଜପା କାଉନସିଲର ସୌମ୍ୟ ସୌରଭ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଷ୍ଟ୍ରୀୟ ପ୍ରବକ୍ତାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।


ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ନୂପୁର ଶର୍ମା ରବିବାର ପୂର୍ବାହ୍ନରେ ବିଶ୍ୱଐତିହ୍ୟ ସୂର୍ଯ୍ୟ ମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିବା ଅବସରରେ ଦାବିପତ୍ର ପ୍ରଦାନ କରାଯାଉଛି।

# ରଥଖଳା ପାଲଟିଛି କୁନି ରୂପକାରଙ୍କ ଚାଟଶାଳୀ

ପୁରୀ, ୧।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ବିଶ୍ୱକର୍ମା ମହାରଣା ଏବଂ କାରିଗରମାନଙ୍କ ମୁଗୁର ଓ ନିହାଣର ଖୁଟ୍ ଖୁଟ୍ ଶବ୍ଦ ରଥଖଳାରେ ଖେଳାଇ ଦେଉଛି ଭକ୍ତିମୟ ପରିବେଶ। ଖରା ଓ ବର୍ଷାକୁ ଖାତିର ନ କରି ସାନରୁ ବଡ଼ ପର୍ଯ୍ୟନ୍ତ ପ୍ରତ୍ୟେକ ସେବକ ବିଶ୍ୱନିୟନ୍ତାଙ୍କ ରଥ ନିର୍ମାଣରେ ନିଜକୁ ନିମଗ୍ନ କରିଦେଇଛନ୍ତି। କୁନି ସେବାୟତମାନେ ଗୁଣ୍ଡୁଚିମୂଷା ପରି ମହାପ୍ରଭୁଙ୍କ ସେବା କରିବାରେ ମଧ୍ୟ ଲାଗିପଡ଼ିଛନ୍ତି।

ରଥ ସଂହିତା ଅନୁଯାୟୀ, ନୃସିଂହ ଚତୁର୍ଦ୍ଦଶୀରେ ରଥଖଳାକୁ ରୂପକାର ସେବକମାନେ ପ୍ରବେଶ କରିଥାନ୍ତି। ସେମାନେ କାଠରେ ବିଭିନ୍ନ ରୂପ ଅଙ୍କନ କରିଥାନ୍ତି। ଏହି ସମୟରେ ରୂପକାର ସେବକ ପରିବାର ପିଲାମାନଙ୍କ ନିମନ୍ତେ ରଥଖଳା ଏକପ୍ରକାର ଚାଟଶାଳୀ ତଥା ଗୁରୁକୁଳ ପାଲଟିଛି। କାରଣ ୧୧ରୁ ୧୩ ବର୍ଷ ବୟସର ପିଲାମାନେ ରଥଖଳାକୁ ଆସି ତାଙ୍କ ଗୁରୁଜନମାନଙ୍କଠାରୁ କାର୍ଯ୍ୟ ଶିକ୍ଷା କରିଥାନ୍ତି। ଖେଳିବା ବୁଲିବା ଛାଡ଼ି କୁନି ହାତରେ ନିହାଣ ଓ ମୁଗୁର ଧରି ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟରେ ଲାଗିପଡ଼ନ୍ତି। ସେହିପରି ଭୋଇ, କମାର, ଦରଜି, ଚିତ୍ରକର ଓ ରୂପକାର ସେବକଙ୍କ ପିଲା ମଧ୍ୟ ପ୍ରତିବର୍ଷ ରଥ ନିର୍ମାଣ ସମୟରେ ରଥଖଳାକୁ ଆସି କାମ ଶିଖିଥାନ୍ତି। ପିଲାମାନେ ସିଂହବିରାଳ, ନରବିରାଳ, ଗଜବିରାଳ, ନାଟଘୋଡ଼ା ଆଦି ଅନେକ କାରିଗରି ଖୋଦେଇ କରିଥାନ୍ତି। କୁଳ ସେବାକୁ ଆଗକୁ ନେବା ପାଇଁ ରଥଖଳାରେ ପିଲାମାନେ ବାପା, ବଡ଼ବାପାଙ୍କଠାରୁ ଶିକ୍ଷା ନେଉଛନ୍ତି। କୁନି ହାତର ଯାଦୁକରି ସ୍ପର୍ଶରେ ଜୀବନ୍ତ ହେଇ ଉଠୁଛି ବିଭିନ୍ନ କାର୍ଯ୍ୟ। ଏହି ରୂପକାର ସେବକମାନେ ଶ୍ରୀମନ୍ଦିର ସେବା ଅନ୍ତର୍ଭୁକ୍ତ ଯାବତୀୟ କାଠ ଖୋଦେଇ କାମ କରନ୍ତି। କୋଣଗୁଜ, ପଟାଗୁଜ ସହ ନବକଳେବର ସମୟରେ ପାର୍ଶ୍ୱଦେବତା, ସାରଥୀ, ଘୋଡ଼ା, କଳସ, ସଖୀ, ଶୁଆ ଆଦି ନିର୍ମାଣ କରିଥାନ୍ତି। ଖାଲି କାଠ ନୁହେଁ, ପିତ୍ତଳ, ସୁନା, ରୁପା ସହ ବିଭିନ୍ନ ଧାତୁରେ ବିଭିନ୍ନ ପ୍ରକାର କାରୁକାର୍ଯ୍ୟ ନିର୍ମାଣ କରିଥାନ୍ତି, ଯାହା ଜୀବନ୍ତ ପରି ପ୍ରତ୍ୟୟମାନ ହୋଇଥାଏ। ବାପଅଜା ଅମଳର ଏହି ସେବାକୁ ବଞ୍ଚାଇ ରଖିବା ପାଇଁ କୁନି ରୂପକାରମାନେ ଚେଷ୍ଟା ଚଳାଇଛନ୍ତି। ଏମାନଙ୍କ ହାତର ପାରିଦର୍ଶିତା ଓ ନିପୁଣତା ଏବେ ସୁଦୂରପ୍ରସାରୀ ହେଉଥିବାବେଳେ କୁନି ରୂପକାରମାନେ ଜଗନ୍ନାଥଙ୍କ ସେବକ କହି ଗର୍ବ ଅନୁଭବ କରୁଛନ୍ତି।



କୁନି ସେବକମାନେ ରଥଖଳାରେ ରଥ କାମରେ ଲାଗିପଡ଼ିଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ଭାଇରାଲ ପୋଷ୍ଟରୁ ଗିରଫଦାରି | ଶର୍ମିଷ୍ଠା ପନୋଲିଙ୍କୁ ନେଇ ବଢୁଛି ବିବାଦ

## ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କ ସମର୍ଥନରେ ପଓ୍ୱନ କଲ୍ୟାଣ, କଙ୍ଗନା ରାଣାଓ୍ୱତ୍

ନୂଆଦିଲ୍ଲୀ, ୧।୬

ପୁଣେ ଆଇନ ବିଶ୍ୱବିଦ୍ୟାଳୟର ୨୨ ବର୍ଷୀୟା ଛାତ୍ରୀ ତଥା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଶର୍ମିଷ୍ଠା ପନୋଲିଙ୍କୁ ଗତ ଶୁକ୍ରବାର କୋଲକାତା ପୋଲିସ ଗୁରୁଗ୍ରାମରୁ ଗିରଫ କରିଥିଲା। 'ଅପରେଶନ ସିନ୍ଦୂର' ଜରିଆରେ ଭାରତ ବିନା କୌଣସି କାରଣରେ ପାକିସ୍ତାନ ସହ ଯୁଦ୍ଧ ଆରମ୍ଭ କରିଥିବା ନେଇ ଜଣେ ପାକିସ୍ତାନୀ ମହିଳା ୟୁଜର ଶର୍ମିଷ୍ଠାଙ୍କ ଏକ ପୋଷ୍ଟରେ କମେଣ୍ଟ କରିଥିଲେ। ଏହାର ଜବାବରେ ଶର୍ମିଷ୍ଠା ଏକ ଭିଡିଓ ପୋଷ୍ଟ କରି କହିଥିଲେ, ସମ୍ଭବତଃ ଏହି ମହିଳା ଜଣକ ବେଶି ଭ୍ରମରେ ଅଛନ୍ତି। ସେ ବୋଧହୁଏ ପହଲଗାମ୍ ଆକ୍ରମଣ ଏବଂ ତାଙ୍କ ଦେଶ ଦ୍ୱାରା ପ୍ରାୟୋଜିତ ଅନ୍ୟ ଆତଙ୍କବାଦ ଘଟଣା ସମ୍ପର୍କରେ ଜାଣିନାହାଁନ୍ତି। ଏହି ଭିଡିଓରେ ମୁସଲମାନ ଧର୍ମ ବିଷୟରେ ସେ ବିଭିନ୍ନ ଅପମାନଜନକ ଶବ୍ଦର ବ୍ୟବହାର କରିଥିଲେ। ସେହିପରି ବଲିଉଡ୍‌ର ଏକ ନିର୍ଦ୍ଦିଷ୍ଟ ଧର୍ମର ଅଭିନେତାମାନେ 'ଅପରେଶନ ସିନ୍ଦୂର'କୁ ନେଇ କାହିଁକି ଚୁପ୍ ରହିଛନ୍ତି ବୋଲି ସେ ଉକ୍ତ ଭିଡିଓରେ କହିଥିଲେ। ସୋସିଆଲ ମିଡିଆରେ ଏହି ଭିଡିଓ ଭାଇରାଲ ହେବାରେ ଲାଗିଥିଲା ଏବଂ ଏକ ନିର୍ଦ୍ଦିଷ୍ଟ ଧର୍ମକୁ ଟାର୍ଗେଟ କରି ଅପମାନଜନକ ମନ୍ତବ୍ୟ ଦେଇଥିବାରୁ ଅନେକ ୟୁଜର୍ସ ଶର୍ମିଷ୍ଠାଙ୍କୁ ସମାଲୋଚନା କରି ତାଙ୍କ ମନ୍ତବ୍ୟକୁ ତୀବ୍ର ନିନ୍ଦା କରିଥିଲେ। ଏହାପରେ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ହ୍ୟାଶ୍‌ଟ୍ୟାଗ୍ ଆରେଷ୍ଟ ଶର୍ମିଷ୍ଠା ଟ୍ରେଣ୍ଡ୍ ଆରମ୍ଭ ହୋଇଥିଲା। ସମାଲୋଚନାର ଶିକାର ହେବା ପରେ ଶର୍ମିଷ୍ଠା ଉକ୍ତ ଭିଡିଓକୁ ଡିଲିଟ୍ କରିଦେଇଥିଲେ ଏବଂ ଆଉ ଏକ ପୋଷ୍ଟକରି ନିଜ ଅନୁଗାମୀଙ୍କୁ କ୍ଷମା ମାଗିଥିଲେ। ଶର୍ମିଷ୍ଠାଙ୍କ ଭିଡିଓ ଇସ୍‌ଲାମ ଧର୍ମର ଲୋକଙ୍କ ଧର୍ମୀୟ ଭାବାବେଗକୁ ଆଘାତ ପହଞ୍ଚାଇଥିବା ଦର୍ଶାଇ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଗିରଫ ପରେ ଆସନ୍ତା ଜୁନ୍ ୧୩ ପର୍ଯ୍ୟନ୍ତ କୋର୍ଟ ଶର୍ମିଷ୍ଠାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଛନ୍ତି। ଶନିବାର କୋର୍ଟରୁ ବାହାରିବା ସମୟରେ ଶର୍ମିଷ୍ଠା କହିଥିଲେ, ତାଙ୍କୁ ଯେଉଁଭଳି ଭାବେ ଉତ୍ପୀଡ଼ନ କରାଯାଉଛି ତାହା ଅସହ୍ୟ। ଗଣତାନ୍ତ୍ରିକ ରାଷ୍ଟ୍ରରେ ଏପରି ଅତ୍ୟାଚାର ତାଙ୍କୁ ଆଶ୍ଚର୍ଯ୍ୟ କରିଛି।

ରବିବାର ଭାଜପା ଏମ୍‌ପି ତଥା ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ଶର୍ମିଷ୍ଠାଙ୍କ ସମର୍ଥନରେ ବାହାରିଛନ୍ତି। ସେ କହିଛନ୍ତି, ଶର୍ମିଷ୍ଠା ନିଜ ମତବ୍ୟକ୍ତ କରୁଥିବା ସମୟରେ କିଛି ଅପ୍ରିୟ ଶବ୍ଦର ବ୍ୟବହାର କରିଥିଲେ, ଯାହା ଭୁଲ୍ ଥିଲା। ସମ୍ପ୍ରତି ଯୁବପିଢ଼ି ଏପରି ଶବ୍ଦର ବ୍ୟବହାର ବହୁବାର କରିଥାନ୍ତି। ଶର୍ମିଷ୍ଠା ନିଜ ମନ୍ତବ୍ୟ ପାଇଁ କ୍ଷମା ମାଗିଛନ୍ତି। ତାହା ଯଥେଷ୍ଟ। ତାଙ୍କୁ ଗିରଫ କରି ଅଧିକ ହଇରାଣ କରିବା ଉଚିତ୍ ନୁହେଁ। ସାଧାରଣ ଲୋକଙ୍କୁ ଏପରି ଅତ୍ୟାଚାର କରି ପଶ୍ଚିମବଙ୍ଗ ସରକାର ରାଜ୍ୟକୁ ଉତ୍ତର କୋରିଆରେ ପରିଣତ ନ କରନ୍ତୁ ବୋଲି କଙ୍ଗନା କହିଛନ୍ତି। ସେହିପରି ଏହି ଘଟଣାକୁ ନେଇ ଆନ୍ଧ୍ର ପ୍ରଦେଶ ଉପମୁଖ୍ୟମନ୍ତ୍ରୀ ପଓ୍ୱନ କଲ୍ୟାଣ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାରଙ୍କୁ ସମାଲୋଚନା କରିଛନ୍ତି। ନେଦରଲାଣ୍ଡର ପାର୍ଲାମେଣ୍ଟ ସଦସ୍ୟ ଗିର୍ଟ ଓ୍ୱାଇଲ୍ଡର୍ସ ମଧ୍ୟ ଶର୍ମିଷ୍ଠାଙ୍କ ସମର୍ଥନରେ ବାହାରିଛନ୍ତି। ତାଙ୍କ ଗିରଫଦାରିକୁ ସେ ବାକ୍ ସ୍ୱାଧୀନତାର ଉଲ୍ଲଂଘନ ବୋଲି କହିଛନ୍ତି। ଶର୍ମିଷ୍ଠାଙ୍କୁ ମୁକ୍ତ କରାଯାଉ ବୋଲି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଛନ୍ତି। ପ୍ରକାଶ ଯେ, ଇନ୍‌ଷ୍ଟାଗ୍ରାମରେ ଶର୍ମିଷ୍ଠାଙ୍କର ୯୦ ହଜାର ଏବଂ ଏକ୍ସ'ରେ ୮୫ ହଜାର ଫଲୋଅର୍ସ ରହିଛନ୍ତି। ସେ ସୋସିଆଲ ମିଡିଆରେ ମୁଖ୍ୟତଃ ଶର୍ଟ ଭିଡିଓ ଶେୟାର କରି ବିଭିନ୍ନ ପ୍ରସଙ୍ଗରେ ନିଜ ମତ ରଖିଥାନ୍ତି।


ଶର୍ମିଷ୍ଠା ପନୋଲି

ନେଦରଲାଣ୍ଡ ଏମ୍‌ପି ଗୀର୍ଟ ୱିଲ୍ଡର୍ସ ଶର୍ମିଷ୍ଠାଙ୍କ ସମର୍ଥନରେ ବାହାରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଏକ୍ସ'ରେ ଏକ ପୋଷ୍ଟ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି, ସାହସୀ ଝିଅ ଶର୍ମିଷ୍ଠା ପନୋଲିଙ୍କୁ ମୁକ୍ତ କରାଯାଉ। ତାଙ୍କୁ ଗିରଫ କରାଯିବା ଅଭିବ୍ୟକ୍ତି ସ୍ୱାଧୀନତା ପ୍ରତି ଅପମାନ। ପାକିସ୍ତାନ ବିରୋଧରେ ସତ କହିଥିବାରୁ ତାଙ୍କୁ ଦଣ୍ଡିତ କରା ନ ଯାଉ ବୋଲି ୱିଲ୍ଡର୍ସ ସୋସିଆଲ ମିଡିଆରେ ଅପିଲ କରିଛନ୍ତି।

### ବିବାଦ ପରେ କ୍ଷମା ମାଗିଥିଲେ


Pune law student apologises after getting death threats over her abusive remarks on social media

Sharmishta @Sharmishta_19 Follow

I do hereby tender my UNCONDITIONAL APOLOGY whatever was put are my personal feelings and i never intentionally wanted to hurt anybody so if anybody is hurt I'm sorry for the same. I expect co-operation and understanding. Henceforth, i will be cautious in my public post. Again please accept my apologies.

2:02 PM · 15/05/25 · 4.4M Views

7.6K 5.5K 28K 2.4K

### କ'ଣ କହିଥିଲେ ଶର୍ମିଷ୍ଠା

ଭାରତ ବିନା କୌଣସି କାରଣରେ ପାକିସ୍ତାନ ସହ ଯୁଦ୍ଧ ଆରମ୍ଭ କରିଥିବା ନେଇ ଜଣେ ପାକିସ୍ତାନୀ ମହିଳା ୟୁଜର ଶର୍ମିଷ୍ଠାଙ୍କ ଏକ ପୋଷ୍ଟରେ କମେଣ୍ଟ କରିଥିଲେ। ଏହାର ଜବାବ ଦେବାକୁ ଯାଇ ଶର୍ମିଷ୍ଠା ଏକ ଭିଡିଓ ପୋଷ୍ଟ କରି କହିଥିଲେ, ସମ୍ଭବତଃ ଏହି ମହିଳା ଜଣକ ବେଶି ଭ୍ରମରେ ଅଛନ୍ତି। ସେ ବୋଧହୁଏ ପହଲଗାମ୍ ଆକ୍ରମଣ ଏବଂ ତାଙ୍କ ଦେଶ ଦ୍ୱାରା ପ୍ରାୟୋଜିତ ଅନ୍ୟ ଆତଙ୍କବାଦ ଘଟଣା ସମ୍ପର୍କରେ ଜାଣିନାହାନ୍ତି। ଆମେ ପ୍ରତିଶୋଧ ନେବା ଉଚିତ ନୁହେଁ କି? ଆମେ ଆଉ ମହାତ୍ମା ଗାନ୍ଧୀଙ୍କ ଭକ୍ତ ହୋଇ ରହିନାହୁଁ। ଏହି ଭିଡିଓରେ ଶର୍ମିଷ୍ଠା ଅନେକ ଅପମାନଜନକ ଶବ୍ଦ ବ୍ୟବହାର କରିଥିବା ନେଇ ଚର୍ଚ୍ଚା ହୋଇଥିଲା। ବିବାଦ ବଢ଼ିବାରୁ ଶମିଷ୍ଠା ଉକ୍ତ ଭିଡିଓକୁ ଡିଲିଟ୍ କରିଦେବା ସହ ଆଉ ଏକ ପୋଷ୍ଟକରି କ୍ଷମା ମାଗିଥିଲେ।

## ବିଧାୟକ ପଦ ହରାଇଲେ ମୁଖ୍‌ତାର ଅନ୍‌ସାରୀଙ୍କ ପୁଅ


ଆବ୍ବାସ ଅନ୍‌ସାରୀ

ଲକ୍ଷ୍ନୌ, ୧।୬

ଗ୍ୟାଙ୍ଗଷ୍ଟରରୁ ରାଜନେତା ହୋଇଥିବା ମୁଖ୍‌ତାର ଅନ୍‌ସାରୀଙ୍କ ପୁଅ ବିଧାୟକ ଆବ୍ବାସ ଅନ୍‌ସାରୀ ଏକ ଘୃଣିତ ଭାଷଣ ମାମଲାରେ ୨ ବର୍ଷ ଜେଲ ଦଣ୍ଡାଦେଶ ପାଇଥିବାରୁ ତାଙ୍କୁ ଉତ୍ତରପ୍ରଦେଶ ବିଧାନସଭାରୁ ଅଯୋଗ୍ୟ ଘୋଷଣା କରାଯାଇଛି। ୨୦୨୨ରେ ଅବ୍ବାସ ପ୍ରଥମ ଥର ପାଇଁ ଏସ୍‌ବିଏସ୍‌ପି ଟିକେଟରେ ମାଉ ସଦର ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କ ସଦସ୍ୟତା ରଦ୍ଦ ହେବା ଫଳରେ ଉକ୍ତ ଆସନ ଖାଲି ପଡ଼ିଛି। ସମାଜବାଦୀ ପାର୍ଟି ନେତୃତ୍ୱାଧୀନ ମେଣ୍ଟରେ ସୁହେଲଦେବ ଭାରତୀୟ ସମାଜ ପାର୍ଟି (ଏସ୍‌ବିଏସ୍‌ପି) ସହଯୋଗୀ ଦଳ ଭାବେ ନିର୍ବାଚନ ଲଢ଼ିଥିଲା। ନିର୍ବାଚନ ବେଳେ ଘୃଣିତ ଭାଷଣ ଦେବା ମାମଲାରେ ସ୍ୱତନ୍ତ୍ର ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟ ଶନିବାର ଆବ୍ବାସଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ଜନପ୍ରତିନିଧି ଆଇନର ବ୍ୟବସ୍ଥା ଅନୁଯାୟୀ କୌଣସି ସଦସ୍ୟ ୨ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ଜେଲ୍ ଦଣ୍ଡାଦେଶ ପାଇଲେ ତାଙ୍କ ସଦସ୍ୟତା ରଦ୍ଦ ହୋଇଥାଏ। ଏସ୍‌ବିଏସ୍‌ପି ଏବେ ଭାଜପା ନେତୃତ୍ୱାଧୀନ ମେଣ୍ଟ ସରକାରରେ ରହିଥିବାବେଳେ ଏହାର ଅଧ୍ୟକ୍ଷ କ୍ୟାବିନେଟ ମନ୍ତ୍ରୀ ରହିଛନ୍ତି। ଆବ୍ବାସ ଅନ୍‌ସାରୀଙ୍କୁ ଦଣ୍ଡାଦେଶ ବିରୋଧରେ ଆମେ ହାଇକୋର୍ଟରେ ଅପିଲ କରିବୁ ବୋଲି ଏସ୍‌ବିଏସ୍‌ପି ଅଧ୍ୟକ୍ଷ ଓମ୍‌ପ୍ରକାଶ ରାଜଭର କହିଛନ୍ତି।

# ଆଇଏଇଏ ରିପୋର୍ଟ ପରେ ଚେତାବନୀ | ବ୍ରିଟେନ୍, ଜର୍ମାନୀ, ଫ୍ରାନ୍ସକୁ ଜବାବ ଦେବ ଇରାନ୍

ତେହରାନ୍, ୧।୬

ୟୁରୋପୀୟ ଶକ୍ତିଗୁଡ଼ିକ ଯଦି ଜାତିସଂଘର ରିପୋର୍ଟକୁ ଆଧାର କରି ଶୋଷଣ ମନୋବୃତ୍ତି ପୋଷଣ କରନ୍ତି ତେବେ ଏହାର କଡ଼ା ଜବାବ ଦିଆଯିବ ବୋଲି ରବିବାର ଇରାନ୍ ଚେତାବନୀ ଦେଇଛି। ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ପକ୍ଷରୁ ଜାରି ଏକ ରିପୋର୍ଟରେ ଦର୍ଶାଯାଇଛି ଯେ, ଇରାନ୍ ୬୦% ପର୍ଯ୍ୟନ୍ତ ୟୁରାନିୟମ୍ ମହଜୁଦ ରଖିବା ସୀମାରୁ ଉପରକୁ ଉଠି ଆଣବିକ ଅସ୍ତ୍ର ପାଇଁ ପ୍ରାୟ ୯୦% ସ୍ତରକୁ ଗଲାଣି। ଏହା ଉପରେ ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ୍ ଅରାଘଚି ଏକ ବିବୃତି ଜାରି କରି କହିଛନ୍ତି, ସେ ଆଇଏଇଏ ମୁଖ୍ୟ ରାଫାଏଲ ଗ୍ରୋସିଙ୍କୁ ନିଜ ପ୍ରତିକ୍ରିୟା ଜଣାଇଦେଇଛନ୍ତି। ବ୍ରିଟେନ୍, ଫ୍ରାନ୍ସ ଓ ଜର୍ମାନୀ କୌଣସି ଅନୁପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେଲେ ଇରାନ୍ ଜବାବ ଦେବ ବୋଲି ଟେଲିଫୋନିକ୍ ଆଲୋଚନା ବେଳେ ସେ ଜଣାଇଥିବା କହିଛନ୍ତି। ଉଲ୍ଲେଖଯୋଗ୍ୟ, ଇସ୍‌ଲାମିକ୍ ରିପବ୍ଲିକ୍ ଇରାନ୍ ଆଣବିକ ଅସ୍ତ୍ରଶସ୍ତ୍ର ପାଇଁ ୟୁରାନିୟମ୍ ଗଚ୍ଛିତ ରଖିବା ଅଭିଯୋଗକୁ ଖଣ୍ଡନ କରି ବେସାମରିକ ଶକ୍ତି ଉତ୍ପାଦନ ଉଦ୍ଦେଶ୍ୟରେ ଏହା ରଖିଥିବା କହିଆସୁଛି।

ଅନ୍ୟପକ୍ଷେ ଆଇଏଇଏ ରିପୋର୍ଟ ଆସିବା ପରେ ଆମେରିକା ତେହରାନ୍ ପାଇଁ ଗ୍ରହଣୀୟ ହେବା ଭଳି ଏକ ନ୍ୟୁକ୍ଲିୟର ଡିଲ୍ ପ୍ରସ୍ତାବ ପଠାଇଥିବା ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରି କାରୋଲିନ୍ ଲେଆଭିଟ୍ ସୂଚନା ଦେଇଛନ୍ତି। ୨୦୧୮ରେ ଡୋନାଲ୍ଡ ଟ୍ରମ୍ପ ପ୍ରଥମ ଥର ପାଇଁ ରାଷ୍ଟ୍ରପତି ଥିବାବେଳେ ଇରାନ୍ ଆଣବିକ ଚୁକ୍ତିକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଦ୍ୱିତୀୟ ପାଳିରେ ସେ ନୂଆ ଚୁକ୍ତି ପାଇଁ ଇରାନ୍ ଉପରେ ଚାପ ପକାଇଆସୁଛନ୍ତି। ଏନେଇ ଇରାନ୍ ଓ ଆମେରିକା ମଧ୍ୟରେ ୫ ଥର ଆଲୋଚନା ହୋଇସାରିଲାଣି। ଇତିମଧ୍ୟରେ ଇସ୍ରାଏଲ୍ ଇରାନ୍‌ର ଆଣବିକ କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରିବା ଆଶଙ୍କା ଘନେଇବାରେ ଲାଗିଥିବାରୁ ତେହରାନ୍ ମଧ୍ୟ ଏହାକୁ କଡ଼ା ଜବାବ ଦେବା ପାଇଁ ପ୍ରସ୍ତୁତି ଚଳାଇଛି।

## Business

# ରେକର୍ଡ ପରିମାଣରେ ଟିକସ ଆଦାୟ

■ ମେ'ରେ ୨,୦୧,୦୫୦ କୋଟିର ଜିଏସ୍‌ଟି ସଂଗ୍ରହ
■ ବାର୍ଷିକ ଭିତ୍ତିରେ ୧୬.୪% ବୃଦ୍ଧି

ନୂଆଦିଲ୍ଲୀ, ୧।୬ (ଅଭୟ ଦାଶ)

ଚଳିତବର୍ଷ ମେ' ମାସରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ରେକର୍ଡ ପରିମାଣର ରାଜସ୍ୱ ଟିକସ ଆକାରରେ ଆଦାୟ କରାଯାଇଛି। ଏପରି କି ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ ମାସରେ ମୋଟ ୨,୦୧,୦୫୦ କୋଟି ଟଙ୍କାର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ରବିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ରେକର୍ଡ ପରିମାଣ ହୋଇଥିଲାବେଳେ ୨୦୨୫ ମେ'ରେ ୨,୦୧,୦୫୦ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ବିଶେଷ କରି ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ କରାଯାଇଥିବା ଟିକସ ପରିମାଣ ୧,୭୨,୭୩୯ କୋଟିଠାରୁ ଏହା ୧୬.୪% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସେହିଭଳି ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ମାସରେ ମୋଟ ୨,୦୧,୦୫୦ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ବାବଦରେ ୩୫,୪୩୪ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ରାଜ୍ୟ ଟିକସ (ଏସ୍‌ଜିଏସ୍‌ଟି) ବାବଦକୁ ୪୩,୯୦୨ କୋଟି ଆଦାୟ ହୋଇଛି। ଏପରି କି ଇଣ୍ଟିଗ୍ରେଟେଡ ଜିଏସ୍‌ଟି (ଆଇଜିଏସ୍‌ଟି) ବାବଦକୁ ମୋଟ ୧,୦୮,୮୩୬ ଟଙ୍କା ଏବଂ ସେସ୍ ବାବଦରେ ୧୨,୮୭୯ କୋଟି ଟଙ୍କା ଟିକସ ଆକାରରେ ସଂଗ୍ରହ କରାଯାଇଛି। ସେହିପରି କେନ୍ଦ୍ର ସରକାର ୨୦୨୫ ମେ'ରେ ମୋଟ ୨,୦୧,୦୫୦ କୋଟି ଟଙ୍କାର ଜିଏସ୍‌ଟି ରାଜସ୍ୱ ଆକାରରେ ସଂଗ୍ରହ କରିଥିଲାବେଳେ ସେଥିମଧ୍ୟରୁ ଘରୋଇ ରାଜସ୍ୱ ପ୍ରାୟ ୧,୪୯,୭୮୫ ଲକ୍ଷ କୋଟି ଏବଂ ରପ୍ତାନି ବାବଦୀୟ ରାଜସ୍ୱ ୫୧,୨୬୬ କୋଟି ଅନ୍ତର୍ଭୁକ୍ତ ରହିଛି।

ଅପରପକ୍ଷରେ ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ମାସରେ (୨୦୨୫ ମେ) ଓଡ଼ିଶାରୁ ୫୧୦୮ କୋଟି ଟଙ୍କାର ରାଜସ୍ୱ ଟିକସ ଆକାରରେ ସଂଗ୍ରହ କରାଯାଇଛି। ଗତ ଆର୍ଥିକବର୍ଷର ଏହି ସମୟ ମଧ୍ୟରେ ରାଜ୍ୟରୁ ମୋଟ ୫୦୨୭ କୋଟି ଟଙ୍କା ଟିକସ ସଂଗ୍ରହ ହୋଇଥିଲା। ଗତ ଆର୍ଥିକବର୍ଷ ତୁଳନାରେ ରାଜ୍ୟରୁ ଚଳିତ ଆର୍ଥିକବର୍ଷର ଏହି ସମୟ ମଧ୍ୟରେ ପ୍ରାୟ ୨% ଅଧିକ ଟିକସ ରାଜସ୍ୱ ଆକାରରେ ଜିଏସ୍‌ଟି ଆଦାୟ କରାଯାଇଛି।




## ହୋମ୍ ଶପିଂ ସ୍ପ୍ରିର ଶୁଭାରମ୍ଭ

ନୂଆଦିଲ୍ଲୀ, ୧।୬

ଆମାଜନ୍.ଇନ୍‌ର ବହୁ ପ୍ରତୀକ୍ଷିତ ଅଫର ତଥା ହୋମ୍ ଶପିଂ ସ୍ପ୍ରିର ଶୁଭାରମ୍ଭ ରବିବାରଠାରୁ ଆରମ୍ଭ ହେଉଛି। ଏହି ଅଫର ୨୦୨୫ ଜୁନ୍ ୧ରୁ ୫ ପର୍ଯ୍ୟନ୍ତ ଉପଲବ୍ଧ। ଏହି ଅଫର ଜରିଆରେ ଗ୍ରାହକମାନେ ଘର, ରୋଷେଇଘର ଏବଂ ଆଉଟଡୋର୍ ଉତ୍ପାଦର ବିସ୍ତୃତ ଚୟନ ଉପରେ ପ୍ଲାଟ୍‌ଫର୍ମ ଶ୍ରେଷ୍ଠ ଡିଲ୍ ପ୍ରଦାନ କରୁଛି। ରୋବୋଟିକ୍ ଭାକ୍ୟୁମ୍‌ଠାରୁ ଆରମ୍ଭକରି କୁଲର, ପାଣି ବୋତଲ, ସୁଇମିଂ ସାମଗ୍ରୀ, ଫର୍ନିଚର ଏବଂ ଅନ୍ୟାନ୍ୟ ସାମଗ୍ରୀ ଉପରେ ଆକର୍ଷଣୀୟ ରିହାତି ଦେଉଛୁ। ଆକ୍ୱାଗାର୍ଡ, ନରଓ୍ୱାଲ୍, ଭେଗା ଏବଂ ଅନ୍ୟାନ୍ୟ ବ୍ରାଣ୍ଡରୁ ଗ୍ରାହକମାନେ ଆକର୍ଷଣୀୟ ଡିଲ୍ ଉପଭୋଗ କରିପାରିବେ। ସର୍ବନିମ୍ନ ୭୫୦ମୂଲ୍ୟରେ ଅଧିକ ଋତୁକାଳୀନ ଏବଂ ଏଭରଗ୍ରୀନ୍ ବେଷ୍ଟସେଲର ଉପରେ ଆକର୍ଷଣୀୟ ଡିଲ୍ ପାଇପାରିବେ। ଆମାଜନ୍ ପେ ଅଫର ମାଧ୍ୟମରେ ଘର, ରୋଷେଇ ଘର, କ୍ରୀଡ଼ା ଏବଂ ଆଉଟଡୋର୍ ଉତ୍ପାଦ ଉପରେ ସର୍ବନିମ୍ନ ୧୨୦୦ ଟଙ୍କା କ୍ରୟ ଉପରେ ୧୫୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ପାଆନ୍ତୁ।

## ହରିୟାଣା ହ୍ୟାଣ୍ଡଲୁମ୍‌ସର ଫ୍ଲାଗଶିପ ଷ୍ଟୋର


ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର, ୧।୬

ହରିୟାଣା ହ୍ୟାଣ୍ଡଲୁମ୍‌ସର ଫ୍ଲାଗଶିପ ଷ୍ଟୋର ରବିବାର ଭୁବନେଶ୍ୱରର ନନ୍ଦନକାନନ ରୋଡ୍ (ଲକ୍ଷ୍ମୀ ବିହାର)ରେ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବ ଭାରତର ପ୍ରିମିୟମ ହୋମ ଫର୍ନିଶିଂ ଡେଷ୍ଟିନେଶନ ଓପୁଲେଣ୍ଟ ଡେକୋର ବାଏ ହରିୟାଣା ହ୍ୟାଣ୍ଡଲୁମ୍‌ସର ଶୁଭାରମ୍ଭ ସହ ଲକ୍ସୁରି ମ୍ୟାଟ୍ରେସ ବ୍ରାଣ୍ଡ ସିମନ୍ସ ବିୟୁଟିରେଷ୍ଟର ଉତ୍ପାଦଗୁଡ଼ିକର ଉପଲବ୍ଧ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରିୟାଣା ହ୍ୟାଣ୍ଡଲୁମ୍‌ସର ବରିଷ୍ଠ ଅଧିକାରୀଙ୍କ ସମେତ ନିମନ୍ତ୍ରିତ ଅତିଥି ଓ ପରିବାର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଓପୁଲେଣ୍ଟ ଡେକୋରର ଏମ୍‌ଡି ଗୌରବ ଚାଓ୍ୱଲା କହିଛନ୍ତି, 'ଏହା କେବଳ ବଜାରକୁ ଏକ ଉତ୍ପାଦ ଆଣିବା ପାଇଁ ନୁହେଁ ବରଂ ଏହା ଆମର ଗ୍ରାହକଙ୍କ ପାଇଁ ସମଗ୍ର ନିଦ୍ରା ଅନୁଭୂତିକୁ ଉନ୍ନତ କରିବା ସହ ଜଡ଼ିତ ରହିଛି।

## କମିଲା କମର୍ସିଆଲ ଗ୍ୟାସ୍ ଦର

ନୂଆଦିଲ୍ଲୀ, ୧।୬

କ୍ରମାଗତ ଭାବେ ଘରୋଇ ବଜାରରେ କମର୍ସିଆଲ ଗ୍ୟାସ (୧୯କେଜି)ର ଦର ପରିବର୍ତ୍ତନ ହେଉଥିବାବେଳେ ଘରୋଇ ଗ୍ୟାସ (୧୪.୨ କିଗ୍ରା)ର ଦର ପୂର୍ବପରି ସ୍ଥିର ରହିଛି। ଏପରି କି ଚଳିତବର୍ଷ ଜୁନ ପହିଲାରୁ ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ (୧୯ କେଜି) ଦର ୨୪ ଟଙ୍କା କମିଥିଲାବେଳେ ନୂଆଦିଲ୍ଲୀରେ ମଧ୍ୟ ସମାନ ଗ୍ୟାସ ଦର ୨୪ ଟଙ୍କା ହ୍ରାସ ପାଇଛି।

ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଗ୍ୟାସ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ଚଳିତ ମାସର ନୂତନ ଦର ସୂଚୀ (ନୂଆ ଦର) ରବିବାରଠାରୁ ଲାଗୁ କରାଯାଇଛି। ଏପରି କି ନୂତନ ଦର ସୂଚୀ ଅନୁଯାୟୀ ଭୁବନେଶ୍ୱର ସହରରେ କମର୍ସିଆଲ ଗ୍ୟାସ (୧୯ କେଜି) ଦର ୨୪ ଟଙ୍କା କମି ୧୮୬୬.୫୦ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ କମର୍ସିଆଲ ଗ୍ୟାସ (୧୯କେଜି) ଦର ୧୮୯୦.୫୦ ଟଙ୍କା ଥିଲାବେଳେ ଘରୋଇ ଗ୍ୟାସ (୧୪.୨ କେଜି) ଦର ପୂର୍ବ ପରି ୮୭୯ ଟଙ୍କାରେ କାରବାର ହେଉଛି। ନୂଆଦିଲ୍ଲୀରେ କମର୍ସିଆଲ ଗ୍ୟାସ (୧୯କେଜି) ଦର ୨୪ ଟଙ୍କା ହ୍ରାସ ଘଟି ୧୭୨୩.୫୦ ଟଙ୍କା ହୋଇଥିଲାବେଳେ ଘରୋଇ ଗ୍ୟାସ (୧୪.୨ କିଗ୍ରା) ଦର ୮୫୩ ଟଙ୍କାରେ ରହିଛି। ଅପରପକ୍ଷରେ କୋଲାକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ଦେଶର ପ୍ରମୁଖ ମହାନଗର ଅଞ୍ଚଳରେ କମର୍ସିଆଲ ଗ୍ୟାସ (୧୯ କେଜି) ଦର ଯଥାକ୍ରମେ ୧୮୨୬ ଟଙ୍କା, ୧୬୭୪.୫୦ ଟଙ୍କା ଏବଂ ୧୮୮୧ ଟଙ୍କାରେ କାରବାର ହେଉଥିଲାବେଳେ ଉପରୋକ୍ତ ମହାନଗରଗୁଡ଼ିକରେ ଘରୋଇ ଗ୍ୟାସ ଦର ଯଥାକ୍ରମେ ୮୭୯ ଟଙ୍କା, ୮୫୨.୫୦ ଟଙ୍କା ଏବଂ ୮୬୮.୫୦ ଟଙ୍କାରେ ବିକ୍ରି ହେଉଛି।

### ବିମାନ ଇନ୍ଧନ ଦରରେ ୩% ହ୍ରାସ

ବିମାନ ଇନ୍ଧନର ଦର ମଧ୍ୟ ୩% ବା ୨୪୧୪.୨୫ ଟଙ୍କା କମି ପ୍ରତି କିଲୋ ଲିଟର ପିଛା ବିମାନ ଇନ୍ଧନ ଦର ୮୩,୦୭୨.୫୫ ଟଙ୍କାରେ କାରବାର ହେଉଛି। ଏପରିକି ଦୀର୍ଘ ମାସ ହେବ ତୈଳ ଦର ଅପରିବର୍ତ୍ତିତ ରହିଛି।

## ଜୟଆଲୁକ୍କାସ ପକ୍ଷରୁ 'ଜୟ ହୋମ'ର ଚାବି ହସ୍ତାନ୍ତରଣ



କର୍ଣ୍ଣାଟକ ଗୃହମନ୍ତ୍ରୀ ଜି. ପରମେଶ୍ୱର ଏବଂ ଜୟଆଲୁକ୍କାସ୍ ଗ୍ରୁପ୍‌ର ଚେୟାରମ୍ୟାନ୍ ଡ. ଜୟ ଆଲୁକାସ୍ 'ଜୟ ହୋମ' ଚାବି ହିତାଧିକାରୀଙ୍କୁ ପ୍ରଦାନ କରୁଛନ୍ତି। ଏହି ଅବସରରେ 'ଜୟ ହୋମ'ର ହିତାଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର, ୧।୬

ଜୟଆଲୁକ୍କାସ ଗ୍ରୁପର ପ୍ରମୁଖ ସାମାଜିକ ପ୍ରତିଷ୍ଠାନ ତଥା ଜୟଆଲୁକ୍କାସ ଫାଉଣ୍ଡେଶନର ବହୁ ପ୍ରତୀକ୍ଷିତ ପ୍ରକଳ୍ପ 'ଜୟ ହୋମ'ର କାର୍ଯ୍ୟ ନିକଟରେ ସମ୍ପୂର୍ଣ୍ଣ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଫାଉଣ୍ଡେଶନ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଚାବି ହସ୍ତାନ୍ତରଣ ଉତ୍ସବ'ର ଆୟୋଜନ କର୍ଣ୍ଣାଟକଠାରେ କରାଯାଇଥିଲା। ବିଶେଷ କରି କର୍ଣ୍ଣାଟକ ଅଞ୍ଚଳର ଅବହେଳିତ ପରିବାରକୁ ୫୦ଟି ନୂତନ ଜୟ ହୋମ୍‌ର ଚାବି ପ୍ରଦାନ କରାଯାଇଛି। ଏହି ଉତ୍ସବରେ କର୍ଣ୍ଣାଟକ ସରକାରଙ୍କ ଗୃହମନ୍ତ୍ରୀ ଜି.ପରମେଶ୍ୱର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ ସହ ହିତାଧିକାରୀଙ୍କୁ ଚାବି ହସ୍ତାନ୍ତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ଚେୟାରମ୍ୟାନ୍ ଡ. ଜୟ ଆଲୁକାସ୍‌ଙ୍କ ସମେତ ଏମାର ପ୍ରପର୍ଟିଜର ସିଇଓ ମହମ୍ମଦ ରିହାନ ନୱାବ, କେଏସ୍‌ଆର୍‌ଟିସିର ଉପାଧ୍ୟକ୍ଷ ମହମ୍ମଦ ରିଜୱାନ୍ ନୱାବ୍, ବେଙ୍ଗାଲୁରୁ ଜୁଏଲର୍ସ ଆସୋସିଏଶନ ସଭାପତି ଚେତନ କୁମାର ମେହେତା ଏବଂ ଜୟଆଲୁକ୍କାସ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଥୋମାସ ମାଥ୍ୟୁ ପ୍ରମୁଖ ଉପସ୍ଥିତ ଥିଲେ।

## ଏପ୍ରିଲରେ ଜିଓର ୧.୮ ଲକ୍ଷରୁ ଅଧିକ ନୂତନ ଗ୍ରାହକ

ଭୁବନେଶ୍ୱର, ୧।୬

କ୍ରମାଗତ ଭାବେ ରିଲାଏନ୍ସ ଜିଓର ଗ୍ରାହକ ସଂଖ୍ୟା ଓଡ଼ିଶା ବଜାରରେ ବୃଦ୍ଧି ପାଉଛି। ଏପରିକି ୨୦୨୫ ଏପ୍ରିଲରେ ଜିଓ ସର୍ବାଧିକ ୧.୮ ଲକ୍ଷରୁ ଅଧିକ ମୋବାଇଲ ଏବଂ ହୋମ୍ ବ୍ରଡ୍‌ବ୍ୟାଣ୍ଡ (ୱେୟାରଲାଇନ୍ ଏବଂ ୫ଜି ଏଫ୍‌ଡବ୍ଲୁଏ) ଗ୍ରାହକ ଓଡ଼ିଶାରୁ ଯୋଡ଼ିଛି। ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ ୨୦୨୫ ଏପ୍ରିଲରେ ରିଲାଏନ୍ସ ଜିଓ ସର୍ବାଧିକ ୧.୫୩ ଲକ୍ଷରୁ ଅଧିକ ନୂତନ ମୋବାଇଲ ଉପଭୋକ୍ତା ଏବଂ ୩୦,୦୦୦ ରୁ ଅଧିକ ନୂତନ ଜିଓଫାଇବର ଏବଂ ଜିଓ ଏୟାରଫାଇବର ଗ୍ରାହକ ଓଡ଼ିଶାରୁ ଯୋଡ଼ିଛି। ଏଥିସହ ଜିଓ ଓଡ଼ିଶାରେ ୪୫.୯%ରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିବା ସହ ଚଳିତ ବର୍ଷ ଏପ୍ରିଲ ଶେଷ ସୁଦ୍ଧା ଜିଓ ନେଟ୍‌ୱର୍କରେ ମୋଟ ମୋବାଇଲ ଗ୍ରାହକ ସଂଖ୍ୟା ୧.୬୧ କୋଟିରେ ପହଞ୍ଚିଛି। ଟ୍ରାଇ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଏପ୍ରିଲରେ ଓଡ଼ିଶାର ପ୍ରାୟ ୧.୫୫ ଲକ୍ଷ ନୂତନ ମୋବାଇଲ ଗ୍ରାହକ ଜିଓ ସହ ଯୋଡ଼ିହେବା ସହିତ ରାଜ୍ୟରେ ମୋଟ ମୋବାଇଲ ଗ୍ରାହକ ସଂଖ୍ୟା ୨୦୨୫ ଏପ୍ରିଲ ଶେଷ ସୁଦ୍ଧା ୩.୫ କୋଟି ଅତିକ୍ରମ କରିଛି। ଟ୍ରାଇ ତଥ୍ୟ ଅନୁଯାୟୀ ୨୦୨୫ ଏପ୍ରିଲ ମାସରେ ଓଡ଼ିଶାର ଅନ୍ୟ ଅପରେଟର ଭୋଡାଫୋନ-ଆଇଡିଆ ମାତ୍ର ୬୬୫୯ ନୂତନ ମୋବାଇଲ୍ ଗ୍ରାହକ ଯୋଡିଥିବାବେଳେ ଏୟାରଟେଲ୍ ମାତ୍ର ୩୮୩୯ ନୂତନ ମୋବାଇଲ୍ ଗ୍ରାହକ ଯୋଡ଼ିଛନ୍ତି। ଏହି ମାସରେ ବିଏସ୍‌ଏନ୍‌ଏଲ୍ ରାଜ୍ୟରେ ୮୦୧୧ ମୋବାଇଲ୍ ଗ୍ରାହକ ହରାଇଛି। ଓଡ଼ିଶାରେ ଜିଓ ୱାୟାରଲାଇନ୍ ଏବଂ ୫ଜି ଏଫ୍‌ଡବ୍ଲୁଏ କ୍ଷେତ୍ରରେ ଆହୁରି ସୁଦୃଢ଼ ହୋଇଛି। ୨୦୨୫ ଏପ୍ରିଲରେ ଜିଓ ରାଜ୍ୟର ସର୍ବାଧିକ ୩୦,୦୦୦ ନୂତନ ଜିଓଫାଇବର ଏବଂ ଜିଓଏୟାରଫାଇବର ଗ୍ରାହକ ଯୋଡିଛି। ଟ୍ରାଇ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଏପ୍ରିଲ ମାସ ଶେଷ ସୁଦ୍ଧା ରାଜ୍ୟରେ ଜିଓଫାଇବର ଗ୍ରାହକଙ୍କ ସଂଖ୍ୟା ୩ ଲକ୍ଷ ଅତିକ୍ରମ କରିଥିବାବେଳେ ଜିଓଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ୧.୬୭ ଲକ୍ଷରୁ ଅଧିକ ହୋଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଉପାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୦୦ ଟଙ୍କିଆ ନୋଟ୍ ବଣ୍ଡଲରେ କାଗଜ ରଖି ଠକୁଥିଲେ

## ୫୦୦ଟଙ୍କିଆ ନେବା ପାଇଁ ଦେଖାଉଥିଲେ ୨ଗୁଣା ଲୋଭ

**ଭୁବନେଶ୍ୱର,୧।୬(ସତ୍ୟଜିତ୍ ରାଉତ)**

ସାଧାରଣ ଲୋକଙ୍କୁ ଟାର୍ଗେଟ କରି ନିଜ ଜାଲରେ ଫସାଉଥିଲେ। ଅତି ଚତୁରତାର ସହ ଠକେଇ ଯୋଜନାର କରୁଥିଲେ ସଫଳ ରୂପାୟନ। ୫୦୦ ଟଙ୍କିଆ ନୋଟ୍ ଦିଅ, ଆମ ପାଖରୁ ଦୁଇଗୁଣା ୧୦୦ ଟଙ୍କା ନୋଟ୍ ନିଅ ବୋଲି କହୁଥିଲେ। ହେଲେ ଲୋକଙ୍କୁ ଦେଉଥିବା ବ୍ୟାଗରେ ସତ ଟଙ୍କା ନୋଟ୍ ବଦଳରେ ରଖୁଥିଲେ ଖାଲି କାଗଜ। ରାଜଧାନୀରେ ଏଭଳି ଉପାୟରେ ୨ ଜଣଙ୍କୁ ମୋଟ ୧୦.୫୦ ଲକ୍ଷ ଠକେଇ କରିବା ମାମଲାରେ ଜଣେ ମହିଳାଙ୍କ ସମେତ ୫ଜଣିଆ ଠକ ଗ୍ୟାଙ୍ଗକୁ କମିଶନରେଟ୍ ପୋଲିସ ଧରିଛି। କମିଶନରେଟ୍ ପୋଲିସ ମୁଖ୍ୟାଳୟ ଅଧିକାରୀଙ୍କ ସହ ମିଶି ଭରତପୁର ଓ ନୟାପଲ୍ଲୀ ଥାନାର ମିଳିତ ଟିମ୍ ଏହି ମାମଲାରେ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାରେ ସଫଳ ହୋଇଛି। ଅଭିଯୁକ୍ତମାନେ ହେଲେ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଞ୍ଚଳର ସିକୁ ଓରଫ ଅନିଲ କୁମାର ମିସ୍ତ୍ରି (୩୭), କଟକ ଜିଲା ନିଶ୍ଚିତକୋଇଲି ଅଞ୍ଚଳର ଚନ୍ଦନ ଓରଫ ଦିଲ୍ଲୀପ ସିଂହ (୪୮), କନ୍ଦରପୁରର ବଟକୃଷ୍ଣ ପ୍ରଧାନ (୫୫), ତାଳଚେର ଟାଉନର ଟୁଟୁ ଓରଫ ଚିତ୍ତରଞ୍ଜନ ଦାସ (୪୦) ଏବଂ ନାଲ୍କୋ ଥାନା ଅଞ୍ଚଳର ମମତା ସାମଲ (୪୦)। ସେମାନଙ୍କ ଠାରୁ ୮ଟି ମୋବାଇଲ ଫୋନ୍, ନଗଦ ଏକ ଲକ୍ଷ ଟଙ୍କା ଏବଂ ୧୫ଟି ପେପର କଟିଂ ବଣ୍ଡଲ ଭର୍ତ୍ତି ଏକ ବ୍ୟାଗ୍ ଜବତ ହୋଇଛି। ନୟାପଲ୍ଲୀ ଥାନା ପକ୍ଷରୁ ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିଲା। ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଡିସିପି ଜଗମୋହନ ମୀନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତ ଏବଂ ଜବତ ଟଙ୍କା ଓ ମୋବାଇଲ୍।

### ଧରାହେଲେ ୫ଜଣିଆ ଗ୍ୟାଙ୍ଗ

### ରେଳଷ୍ଟେଶନ, ପାର୍କ, ବସ୍‌ଷ୍ଟାଣ୍ଡ ଆଦିରେ ଲୋକଙ୍କୁ କରୁଥିଲେ ଟାର୍ଗେଟ୍

### ଏମିତି ଥିଲା ଠକେଇ କୌଶଳ

ଠକମାନେ ରେଳଷ୍ଟେଶନ, ହସ୍ପିଟାଲ ପରିସର, ପାର୍କ, ବସ୍‌ଷ୍ଟାଣ୍ଡ, ମାର୍କେଟ୍ ଆଦିରେ ସାଧାରଣ ଲୋକଙ୍କୁ ଟାର୍ଗେଟ୍ କରୁଥିଲେ। ମିଠା କଥା କହି ଲୋକଙ୍କୁ ନିଜ ଆଡ଼କୁ ଆକର୍ଷିତ କରୁଥିଲେ। ଏହାପରେ ସେମାନଙ୍କ ଯୋଜନା ଅନୁଯାୟୀ ମନାଉଥିଲେ। ସେମାନଙ୍କ ପାଖରେ ବହୁପରିମାଣରେ ୧୦୦ ଟଙ୍କିଆ କଳା ଧନ ଥିବା କହୁଥିଲେ। ଏହାକୁ ସେମାନେ ୫୦୦ ଟଙ୍କିଆ ନୋଟ୍‌କୁ ବଦଳାଇବାକୁ ଚାହୁଁଥିବା କହୁଥିଲେ। ଯଦି ୧ଲକ୍ଷ ଟଙ୍କାର ୫୦୦ ଟଙ୍କିଆ ନୋଟ କିଏ ଦେବେ, ତେବେ ଏହା ବଦଳରେ ସେମାନେ ଦୁଇଗୁଣା ଅର୍ଥାତ୍ ୨ଲକ୍ଷ ଟଙ୍କାର ୧୦୦ ଟଙ୍କିଆ ନୋଟ୍ ଦେବେ ବୋଲି କହି ଫସାଉଥିଲେ। ଗ୍ୟାଙ୍ଗର ସଦସ୍ୟମାନେ ଲୋକଙ୍କୁ ମନାଇବା ପରେ ମୋବାଇଲ ନମ୍ବର ଦିଆନିଆ କରି ସମ୍ପର୍କ ମଜଭୁତ କରାଉଥିଲେ। ଏହାପରେ ଉକ୍ତ ନିର୍ଦ୍ଦିଷ୍ଟ ଲୋକଙ୍କୁ କଲ୍ କରି ସମୟ ଓ ଠିକଣା ନିର୍ଦ୍ଧାରଣ କରି ସେମାନଙ୍କଠାରୁ ୫୦୦ଟଙ୍କିଆ ନେଇ ୧୦୦ଟଙ୍କା ଭର୍ତ୍ତି ବ୍ୟାଗ୍ ଦେଉଥିଲେ। ତେବେ ଟଙ୍କା ବ୍ୟାଗ ଦେବା ପରେ ଠକମାନେ ତାହାକୁ ଏକ ସୁରକ୍ଷିତ ସ୍ଥାନରେ ଗଣିବାକୁ କହି ସେଠାରୁ ଅତି ଚତୁରତାର ସହ ଫେରାର ହେଇଯାଉଥିଲେ।

### ଦୁଇଜଣଙ୍କୁ ଠକିଥିଲେ ୧୦.୫୦ ଲକ୍ଷ

ଜୟଦେବ ବିହାର ଲେନ୍-୧୦ରେ ରହୁଥିବା ଅଭିଯୋଗକାରୀ ବିନୋଦ କୁମାର ସ୍ୱାଇଁ (୩୫) ଠକମାନଙ୍କ ଦ୍ୱାରା ଲୋଭରେ ପଡ଼ି ପୋଲିସ ପାଖକୁ ଯାଇଥିଲେ। ୨୦୨୫ ଫେବୃଆରୀ ୧୫ ପୂର୍ବାହ୍ନ ୧୧ଟା ୩୦ମିନିଟରେ ବିନୋଦଙ୍କୁ ତାଙ୍କ ବାସଭବନରେ ଅଭିଯୁକ୍ତମାନେ ୫୦୦ଟଙ୍କା ବଦଳରେ ଦୁଇଗୁଣା ୧୦୦ ଟଙ୍କା ନୋଟ୍ ଦେବାକୁ କହି ୬ଲକ୍ଷ ଟଙ୍କା ଠକି ନେଇଥିଲେ। ଏନେଇ ବିନୋଦଙ୍କ ଏତଲାକ୍ରମେ ନୟାପଲ୍ଲୀ ପୋଲିସ ଏକ ମାମଲା (ନଂ.୫୪/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ସେହିପରି ଛବି ବେହେରା ନାମ୍ନୀ ମହିଳା ମଧ୍ୟ ଠକେଇର ଶିକାର ହୋଇ ଭରତପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ସମାନ ଉପାୟରେ ବରମୁଣ୍ଡା ବସଷ୍ଟାଣ୍ଡରୁ ଫେବୃଆରୀ ୧୪ରେ ଛବିଙ୍କଠାରୁ ଠକମାନେ ୪ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ। ଛବିଙ୍କ ଏତଲାକ୍ରମେ ଭରତପୁର ପୋଲିସ ଫେବୃଆରୀ ୧୬ରେ ଏକ ମାମଲା (ନଂ.୧୬/୨୦୫) ରୁଜୁ କରି ତଦନ୍ତ କରିଥିଲା। ନୂଆ ଧରଣର ଠକେଇ ମାମଲା ରୁଜୁ କରି ପୋଲିସ ଏହାକୁ ଗୁରୁତ୍ୱର ସହ ନେଇଥିଲା। ଗ୍ୟାଙ୍ଗର ଅନ୍ୟ ସଦସ୍ୟ ଥିବା ସନ୍ଦେହରେ ପୋଲିସ ଖୋଳତାଡ଼ କରୁଛି। ତେବେ ବୈଷୟିକ ଓ ଗୋଇନ୍ଦା ତଥ୍ୟ ଆଧାରରେ ଠକମାନଙ୍କୁ ଧରାଯାଇଥିବା ଡିସିପି ମୀନା କହିଥିବା ବେଳେ ଗଣମାଧ୍ୟମରେ ପ୍ରଚାର ପ୍ରସାର ପରେ ଏତଲାକାରୀଙ୍କ ସଂଖ୍ୟା ବଢ଼ିପାରେ ବୋଲି ସେ ଆଶଙ୍କା ପ୍ରକଟ କରିଛନ୍ତି।

# ଜେଲ ଗଲେ ସହକାରୀ ନିର୍ବାହୀ ଯନ୍ତ୍ରୀ

**ବ୍ରହ୍ମପୁର,୧।୬(ସୁବାସ ଚନ୍ଦ୍ର ପାଢ଼ୀ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ବ୍ରହ୍ମପୁର ପୂର୍ତ୍ତ ଡିଭିଜନ-୧ର ସହକାରୀ ନିର୍ବାହୀ ଯନ୍ତ୍ରୀ ଏନ. ଦିଲୀପ କୁମାର ଚୌଧୁରୀଙ୍କୁ ଗିରଫ କରିଛି। ଗତ ଶନିବାର ଓ ରବିବାର ୨ ଦିନ ଧରି ହିସାବ ପରେ ତାଙ୍କର ୧୧୯ ପ୍ରତିଶତ ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ରହିଥିବା ଭିଜିଲାନ୍ସ ବିଭାଗ ସ୍ପଷ୍ଟ କରିଛି।

ମିଳିଥିବା ସୂଚନା ଅନୁସାରେ, ଯନ୍ତ୍ରୀ ଚୌଧୁରୀଙ୍କ ନାମରେ ବ୍ରହ୍ମପୁର ମୟୂରୀ ବିହାରରେ ଦୁଇ ମହଲା ବିଶିଷ୍ଟ କୋଠା ରହିଛି। ସେହିପରି ଧର୍ମନଗର ସ୍କେକ୍ଟ୍ରମ ରୟାଲ ଓ ଭୁବନେଶ୍ୱର ଶହୀଦନଗର ସ୍ଥିତ ଏକ ଆପାର୍ଟମେଣ୍ଟରେ ୨ଟି ଦାମୀ ଫ୍ଲାଟ ମଧ୍ୟ ତାଙ୍କ ନାମରେ ରହିଛି। ଏହି ଘର ଓ ଫ୍ଲାଟର ମୂଲ୍ୟ ଅଢ଼େଇ କୋଟି ଟଙ୍କା ହେବ ବୋଲି ଭିଜିଲାନ୍ସ ବିଭାଗ ଆକଳନ କରିଛି। ସେହିପରି ଚୌଧୁରୀ ଓ ପରିବାରବର୍ଗଙ୍କ ନାମରେ ବ୍ରହ୍ମପୁର ଓ ଆଖପାଖ ଅଞ୍ଚଳରେ ଥିବା ୧୧ଟି ପ୍ଲଟର ମୂଲ୍ୟ ପ୍ରାୟ ୨କୋଟି ଟଙ୍କା ହେବ। ବ୍ୟାଙ୍କ ଓ ଅନ୍ୟ ଜମା ମୋଟ ୨୯.୯୮ ଲକ୍ଷ ଟଙ୍କା ଠାବ କରାଯାଇଛି। ୨ଟି ବାଇକ୍ ଓ ଘରକରଣା ସାମଗ୍ରୀର ମୂଲ୍ୟ ପ୍ରାୟ ୧୬.୨୧ଲକ୍ଷ ହେବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଅଭିଯୋଗ ହେବା ପରେ ଯନ୍ତ୍ରୀ ଚୌଧୁରୀଙ୍କ ଅବସର ଗ୍ରହଣ ଦିନ ଶନିବାର ଭିଜିଲାନ୍ସର ୪ଟି ଟିମ୍ ଏକକାଳୀନ ହିଲ୍‌ପାଟଣାସ୍ଥିତ ଅଫିସ ସମେତ ୪ଟି ସ୍ଥାନରେ ଚଢ଼ାଉ କରିଥିଲା। ଆୟଠାରୁ ଢେର ଅଧିକ ପରିମାଣର ସମ୍ପତ୍ତିର ହିସାବ ଦେଇ ପାରି ନ ଥିବାରୁ ଚୌଧୁରୀଙ୍କୁ ଭିଜିଲାନ୍ସ ବାନ୍ଧିଛି। ମାମଲା ନଂ.୬/୨୫ରେ ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।



ଏନ. ଦିଲୀପ କୁମାର ଚୌଧୁରୀ।

- ଅଢ଼େଇ କୋଟିର ୨ ମହଲା ଘର, ଫ୍ଲାଟ
- ମିଳିଲା ୨ କୋଟି ମୂଲ୍ୟର ୧୧ ପ୍ଲଟ

**14TH BIRTHDAY**



**UPANSU**

"No matter how big you get, you will always be my little boy and the love of my life."

Best Wishes: Papa & Mama, Tata & Maama, Peda Tata & Peda Maama, Aja & Aai, Tulu & July, Lachu & Lila,Giri & Pushpa, Ashish & Santu, Rinku & Barsha, Kuni, Rinky, Sonu, Munu, Joshna, Rudra, Bhavna, Ananya, Purbika, Mohil & Tanvika

ଧ-୭୬୫

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ଅଧ୍ୟାପିକାଙ୍କୁ ବଳାତ୍କାର ଅଭିଯୋଗ, ଛାତ୍ର ଗିରଫ

**ଜୟପୁର,୧।୬(ପବନ ପାଣିଗ୍ରାହୀ)**

ଅଧ୍ୟାପିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଅଭିଯୋଗରେ ଜୟପୁର ମହିଳା ଥାନା ପୋଲିସ ଜଣେ ବି.ଟେକ୍ ଛାତ୍ରଙ୍କୁ ରବିବାର ଗିରଫ କରିଛି। ଅଭିଯୁକ୍ତ ହେଲେ ନବରଙ୍ଗପୁର ଖାତିଗୁଡାର ଇସ୍ରାଏଲ ନାୟକ(୨୫)। ସୂଚନା ଅନୁଯାୟୀ, ଏକ ଘରୋଇ କଲେଜରେ ଅଧ୍ୟାପିକା ଭାବେ କାର୍ଯ୍ୟ କରୁଥିବା ଯୁବତୀଙ୍କୁ ଇସ୍ରାଏଲ ୨୦୨୨ରୁ ପ୍ରେମ କରି ବିବାହ ପ୍ରଲୋଭନ ଦେଖାଇ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ଯୁବତୀ ମହିଳା ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୭୪/୨୫ରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

# ପାରିବାରିକ କଳହରୁ ନବବଧୂଙ୍କ ଆତ୍ମହତ୍ୟା

**କୁଜଙ୍ଗ,୧।୬(ମନୋଜ ପ୍ରଧାନ)**

ଜଗତ୍‌ସିଂହପୁର ଜିଲା ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଗଡ଼କୁଜଙ୍ଗ ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ୬ ମାସ ପୂର୍ବେ ବିବାହ କରିଥିବା ଜଣେ ନବବଧୂ ପାରିବାରିକ କଳହ କାରଣରୁ ରଶିରେ ଝୁଲିପଡ଼ିଥିବା ଆଲୋଚନା ହେଉଛି। ମୃତା ହେଲେ ଏହି ଗ୍ରାମର ସୁଭାଷ ମହାନ୍ତିଙ୍କ ଝିଅ ସୁଚିସ୍ମିତା (୨୭)। ଅପରପକ୍ଷେ ଝିଅକୁ ହତ୍ୟା କରାଯାଇଥିବା ବାପା ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ. ୮୨/୨୫) ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ୨୦୨୪ ଡିସେମ୍ବର ୪ରେ ଏହି ଗ୍ରାମର ଅଭିରାମ ସାହୁଙ୍କ ପୁଅ ଅରବିନ୍ଦଙ୍କ ସହ ସୁଚିସ୍ମିତାଙ୍କ ପ୍ରେମ ବିବାହ ହୋଇଥିଲା। ଗତ ୨ ଦିନ ତଳେ ସ୍ୱାମୀ- ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ କଳହ ହୋଇଥିଲା। ସୁଚିସ୍ମିତାଙ୍କ ମା' ବାପା ଆସି ଏହାର ସମାଧାନ କରି ଫେରିଥିଲେ। ଶନିବାର ସନ୍ଧ୍ୟାରେ ସୁଚିସ୍ମିତାଙ୍କ କୋଠରିର କବାଟ ଭିତର ପଟୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ସନ୍ଦେହ ହେବାରୁ ଶାଶୁଘର ଲୋକେ କବାଟ ବାଡ଼େଇଥିଲେ। ମାତ୍ର ନ ଖୋଲିବାରୁ କବାଟ ତାଡ଼ି ଭିତରକୁ ଯିବା ପରେ ସୁଚିସ୍ମିତାଙ୍କୁ ଫ୍ୟାନରେ ଝୁଲୁଥିବା ଦେଖିଥିଲେ। ଝିଅକୁ ଯୌତୁକଜନିତ କାରଣରୁ ହତ୍ୟା କରାଯାଇଥିବା ବାପା ସୁଭାଷ ଥାନାରେ ଅଭିଯୋଗ କରିଛନ୍ତି। ରବିବାର ସକାଳେ ଅଭୟଚାନ୍ଦପୁର ଥାନା ଅଧିକାରୀ ସମୀର ରାଉତ ଓ ଫୋରେନସିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଏରସମା ଅତିରିକ୍ତ ତହସିଲଦାର ଦେବେନ୍ଦ୍ର ପାଲଙ୍କ ଉପସ୍ଥିତିରେ ପଞ୍ଚନାମା ହେବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ସ୍ୱାମୀ ଅରବିନ୍ଦଙ୍କ ସମେତ ଶାଶୁ, ଶ୍ୱଶୁରଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି।

### ହତ୍ୟା ଅଭିଯୋଗ ଆଣିଲେ ବାପା



ସୁଚିସ୍ମିତା ମହାନ୍ତି।

# ନିବେଶ ଆଳରେ ୧୨ ଲକ୍ଷ ଠକେଇ

### ଆଉ ୨ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧।୬(ସତ୍ୟଜିତ୍ ରାଉତ)**

ନିବେଶ ଆଳରେ ଜଣେ ବ୍ୟକ୍ତିଙ୍କୁ ୧୨ ଲକ୍ଷ ଟଙ୍କା ଠକେଇ ମାମଲାରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ଆଉ ଦୁଇଜଣ ଠକଙ୍କୁ ରବିବାର ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଭୁବନେଶ୍ୱର ବାଲିପାଟଣା ଥାନା ମାର୍ଥାପୁର ଗାଁର ପ୍ରସନ୍ନ ବେହେରା (୪୪) ଓ ପୁରୀ ଟାଉନର ରାହୁଲ ପ୍ରଧାନ ଓରଫ ଚିକୁ (୨୪)। ସେମାନଙ୍କ ଠାରୁ ୨୪ଟି ଚେକ୍‌ବୁକ୍, ୮ଟି ପାସବୁକ, ୪ଟି ମୋବାଇଲ, ଗୋଟିଏ ଲାପଟପ୍, ୨୭ଟି ଏଟିଏମ୍ କାର୍ଡ, ୬ଟି ପାନକାର୍ଡ, ଗୋଟିଏ କ୍ରେଡିଟ୍ କାର୍ଡ ଆଦି ଜବତ ହୋଇଛି। କୋର୍ଟ ଚାଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହା ପୂର୍ବରୁ ମାମଲାରେ ସମ୍ପୃକ୍ତ ପ୍ରମୋଦ କୁମାର ମହାନ୍ତି ନାମକ ଜଣେ ଅଭିଯୁକ୍ତ ଗିରଫ ହୋଇଥିଲେ।

ପୋଲିସ ସୂଚନା ଅନୁଯାୟୀ, ବ୍ଲିଙ୍କ୍‌ଏକ୍ସ ସିକ୍ୟୁରିଟିଜ୍ ନାମକ ଏକ କମ୍ପାନୀରେ ମାସିକ ୭% ରିଟର୍ନ ଦେବା ଲୋଭ ଦେଖାଇ ନିବେଶ କରିବାକୁ ଠକମାନେ ଅଭିଯୋଗକାରୀ ମିଳନ କୁମାର ବେଉରାଙ୍କୁ ଫସାଇଥିଲେ। ବ୍ଲିଙ୍କ୍‌ଏକ୍ସ ପ୍ରୋ ଆପ୍‌ରେ ମିଳନ ବିଭିନ୍ନ ପର୍ଯ୍ୟାୟରେ ୧୨ ଲକ୍ଷ ଟଙ୍କା ନିବେଶ କରି ଠକେଇର ଶିକାର ହୋଇଥିଲେ। ଏନେଇ ମିଳନ୍‌ଙ୍କ ଏତଲାକ୍ରମେ ସାଇବର ଥାନା ଗତ ମେ' ୭ରେ ଏକ ମାମଲା (ନଂ.୮୧/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ଠକମାନେ ଏଭଳି ବହୁ ନିବେଶକାରୀଙ୍କୁ ଠକିଥିବା ତଦନ୍ତରୁ ଜଣାପଡ଼ିଛି। ଓଡ଼ିଶା ସମେତ ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ତେଲଙ୍ଗାନା ଆଦିରେ ଠକେଇର ଜେର ଲମ୍ବିଥିବା ପୋଲିସ କହିଛି।



# ସମୁଦିଙ୍କ ତୀରମାଡ଼ରେ ସମୁଦୁଣୀ ଗୁରୁତର

**ଲହୁଣିପଡ଼ା,୧।୬(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣିପଡ଼ା ଥାନା ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଗମଲେଇ ଗ୍ରାମ କିଷାନ ସାହିରେ ଶନିବାର ରାତି ପ୍ରାୟ ୮ଟାରେ ସମୁଦିଙ୍କ ତୀରମାଡ଼ରେ ସମୁଦୁଣୀ ଗୁରୁତର ଆହତ ହୋଇଛନ୍ତି। ଆହତ ସମୁଦୁଣୀ ଲକ୍ଷ୍ମୀ କିଷାନ(୪୦)। ଲହୁଣିପଡ଼ା ପୋଲିସ ରାଉରକେଲା ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିବା ସହ ସମୁଦି ଲୁକୁ କିଷାନ(୪୫)ଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଲକ୍ଷ୍ମୀ ଓ ଲୁକୁ ଶନିବାର ସାପ୍ତାହିକ ହାଟକୁ ଯାଇଥିଲେ। ଫେରିବା ପରେ ଦୁହେଁ ନିଜ ନିଜ ଘରକୁ ଯାଇଥିଲେ। ପରେ ରାତି ୮ଟାରେ ଲୁକୁ ଲକ୍ଷ୍ମୀଙ୍କ ଘରକୁ ଯାଇଥିଲେ। ଲକ୍ଷ୍ମୀଙ୍କ ସହ ଜଣେ ବ୍ୟକ୍ତି କଥା ହେଉଥିବା ଦେଖି ସେ ରାଗିଯାଇଥିଲେ। ପରେ ଧନୁତୀର ଆଣି ଉକ୍ତ ବ୍ୟକ୍ତିଙ୍କୁ ତୀର ମାରିଥିଲେ। ହେଲେ ତୀରଟି ଉକ୍ତ ବ୍ୟକ୍ତିଙ୍କ ଦେହରେ ନ ବାଜି ଲକ୍ଷ୍ମୀଙ୍କ ପେଟରେ ବାଜିଥିଲା। ଗୁରୁତର ଆହତ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ବଣେଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ଲକ୍ଷ୍ମୀ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

## Classified Everyday
0674-2580101, 9692975378



REAL ESTATE
**SALE**

ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834. D-76266

ନଖରାଛକରୁ 6K.M. ବ୍ରାହ୍ମଣଝରିଲୋରେ ଘରବାରି boundary plot sale, 1500sqft. 30,00,000/-. 7978947520. D-76272

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



Newly open health benefits SPA by expert therapist. Contact- 8280961126. D-76915

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-730

Newly open Jyoti SPA positively health benefits (Expert therapist). 8458067955. D-76914

Full body massage by experience therapist with homely atmosphere. 9114559860. D-780

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated 1st February 2025, I, Somalita Kar, Address- 4323/C, Rabi Talkies Square, Lewis Road, Bhubaneswar, PIN-751002, Odisha declare that I have changed my son's name from Asimanshu Barick to "Lakshya Barick". Henceforth, he shall be known as Lakshya Barick for all purposes.
Somalita Kar
D-76061

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate TALCHER on dated- 31st May 2025, I, Mrs. MAMITA BISAI, Address- QR No- M/100, AT/P.O.- DERA COLLIERY, P.S.- COLLIERY, VTC-TALCHER, PIN- 759103, Odisha have changed my name from "MAMATA BISOYI" to "MAMITA BISAI". Henceforth, I shall be known as "MAMITA BISAI" for all purposes.
MAMITA BISAI
D-776

By virtue of an affidavit sworn before the Executive Magistrate, Mahanga, Cuttack, dated- 27.05.2025. I Aswini Kumar Mohanty, At- Nadiasahaspur, P.O.- Balichandrapur, P.S.- Mahanga, Dist.- Cuttack- 754205 declare that I have changed my daughters name from Subhalaxmi Mohanty to Subhasmita Mohanty. Henceforth she shall be known as Subhasmita Mohanty for all purpose.
D-775

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ.ଡାକ୍ତର ଅଟଳ ବିହାରୀ ନାୟକ**
ଆବିର୍ଭାବ: ୦୯।୦୪।୧୯୬୧
ତିରୋଧାନ: ୨୩।୦୫।୨୦୨୫
ଆଜି ବି ତୁମେ ଓ ତୁମ ସହିତ ବିତେଇଥିବା ମୁହୂର୍ତ୍ତ ସବୁ ଆମ ମାନସପଟରେ ସଜଳ ଓ ଜୀବନ୍ତ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ- ବନଶ୍ରୀ, ପୁତ୍ର- ମେଜର ଉଦୟ, ପୁତ୍ରବଧୂ- ଶତରୂପା, ନାତୁଣୀ- ଅଂଶରୂପା ଓ ଆତ୍ମୀୟସ୍ୱଜନ
ଧ-୭୭୪

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱଇଂ. ଗଗନ ବିହାରୀ କଲେତ**
ଗାଇସିଲେଟ, ଗାନ୍ଧିନଗର ପଡ଼ା (ବରଗଡ଼)
ଆବିର୍ଭାବ: ୧୦।୦୫।୧୯୭୦
ତିରୋଧାନ: ୦୨।୦୬।୨୦୨୦
ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଭାଇ: ଘନ କଲେତ, କଲ୍ୟାଣୀ କଲେତ,
ଝିଅ: ଜାଗୃତିରାଣୀ କଲେତା।
ଧ-୭୭୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ.ରାଧାମାଧବ ମହାନ୍ତି**
ପାମାଳ, ଶଙ୍କରପୁର, ଢେଙ୍କାନାଳ
ଆବିର୍ଭାବ: ୨୬।୦୬।୧୯୭୯
ତିରୋଧାନ: ୨୩।୦୫।୨୦୨୫
ତୋର ଉଦାରତା, ପରୋପକାରିତା, ଧର୍ମପରାୟଣତା, ସ୍ନେହ, ଶ୍ରଦ୍ଧା ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ନନା, ନୂଆବୋଉ, ଗୁଟୁ, ସୋନୀ, ପାପୁନୀ, ଚଇନି, ମାମି, ଝୁମା, ସାଇଲି, ଆୟୁଷ, ଫୁଡୁ, ଆଲୋକ ଓ ଆତ୍ମୀୟସ୍ୱଜନ
ଧ-୭୬୪

# କଳିଙ୍ଗ ଶୈଳୀର ସର୍ପବନ୍ଧରେ ରୁହନ୍ତି ଶେଷନାଗ

ଡ. ସୁରେନ୍ଦ୍ର କୁମାର ମିଶ୍ର

ନିର୍ମାଣ କାର୍ଯ୍ୟ କିପରି ଶୃଙ୍ଖଳିତ ଓ ଧାରାବାହିକ ଭାବରେ ଚାଲିଥିଲା, ତାହାର ସୂଚନା ପୂର୍ବ ଆଲୋଚନାରୁ ଆମେ ଜାଣିଲେ। କେଉଁ କାମ ପାଇଁ କେତେଜଣ ଶିଳ୍ପୀ, କେତେଜଣ ପଥୁରିଆ ଓ କେତେ ପାଇଟିଆଳ ଲାଗିବେ, ତାହା ଶିବେଇ ସାମନ୍ତରା ସ୍ଥିର କରୁଥା'ନ୍ତି। ସେ ଆଦେଶ ଦେଇଥିଲେ ୭୦ଜଣ ଶିଳ୍ପୀ 'ରୋଷଘର' ନିର୍ମାଣ କାର୍ଯ୍ୟ କରିବେ। ବାସ୍ତୁଶାସ୍ତ୍ର ଅନୁଯାୟୀ ମନ୍ଦିର ପରିସରର ଉପଯୁକ୍ତ ସ୍ଥାନରେ ଶିଳ୍ପୀ ଗଙ୍ଗା ମହାପାତ୍ର ମାପଚୁପ କରି ଜଣାଇବେ। ସେୟା ହେଲା। ରୋଷଘର ମୂଳଦୁଆ ଆରମ୍ଭ ହୋଇଥିଲା। ରୋଷଘରର ଭଗ୍ନ ସ୍ୱରୂପ ଏବେ ବି ଅଛି। ମୂଳଦୁଆ କାର୍ଯ୍ୟ ଦେଢ଼ମାସରେ ସମାପ୍ତ ହୋଇଥିଲା।

ବିଶ୍ୱର ବିସ୍ମୟଟିଏ ଗଢ଼ିବା ପାଇଁ ତ୍ୟାଗ ଓ ନିଷ୍ଠା ନ ଥିଲେ ଶିଳ୍ପୀମାନେ ଦିନରାତିକୁ ଏକାକାର କରି ସଫଳ ହୋଇପାରି ନ ଥାନ୍ତେ। ମନରେ ଭାବାନ୍ତର ଆସିପାରେ କେତେ ଶିଳ୍ପୀ କେତେଦିନରେ କେଉଁ କାମ ସମାପ୍ତ କରିଥିଲେ, ତାହାର ବର୍ଣ୍ଣନା ସବିଶେଷ ଦେବାର 'ମାନେ' କ'ଣ...! ମାନେ ... ଅଗ୍ରେ ଧାବତି ଧାବତି...।

ଯଦି କର୍ତ୍ତବ୍ୟ ଓ ଦାୟିତ୍ୱ ପ୍ରତି ସଚେତନ ନ ଥା'ନ୍ତେ, ତେବେ କ'ଣ କଥା କହୁଥିବା କୋଣାର୍କିନୀ ବିଗ୍ରହଟିଏ ସୃଷ୍ଟି କରିପାରିଥାନ୍ତେ! ଆମେ ଏହାର ତୁଳନା କରିବା ପାଇଁ 'ହାମ୍ପି'ର ନାରୀମୂର୍ତ୍ତି ଓ କର୍ନାଟକର ହାସନ ଜିଲା ବେଲୁରର ଶ୍ରୀକେଶବ ମନ୍ଦିରରେ ପହଞ୍ଚିଲୁ। ଏହି ମନ୍ଦିରଟି କଳିଙ୍ଗ–ଦ୍ରାବିଡ଼ ଶୈଳୀରେ ନିର୍ମିତ। ହାଲେବିଡୁଠାରେ ଥିବା ଶିବ ମନ୍ଦିର ମଧ୍ୟ ଉଭୟ ଶୈଳୀରେ ନିର୍ମିତ। ଦୂରତା ମାତ୍ର କୋଡ଼ିଏ କିଲୋମିଟର। ଖୋଜିଲୁ... କେଉଁଠି କଥା କହୁଥିବା ଲାସ୍ୟମୟୀ ଅଳସକନ୍ୟାର ବିଗ୍ରହଟିଏ ଥିବ ପରା! ପାଇଲୁ... କିନ୍ତୁ କାହିଁ କୋଣାର୍କ ଶ୍ରୀପଦ୍ମକେଶର ମନ୍ଦିର ଲାଳିତ୍ୟମୟୀ



କଳିଙ୍ଗ ଶୈଳୀର ସର୍ପ ବନ୍ଧ (ଫଟୋ ସୌଜନ୍ୟ–ଡ. କୁମାର ଅରଜ୍ୟୋତି, କୋଣାର୍କ)

ଅଳସକନ୍ୟା! ଶିଳ୍ପୀ କେତେ ସଚେତନ ହୋଇ ପ୍ରତ୍ୟେକ କଳାକୃତିକୁ କୋଣାର୍କଠାରେ ସୃଷ୍ଟି କରିଥିଲେ ଆମ ଚିନ୍ତା ଓ ଚେତନାର ବାହାରେ। ସେଥିପାଇଁ ତ ସନାତନ ଧାରାରେ ଆମେ ତାଙ୍କୁ କହୁଛୁ 'ବିଶ୍ୱକର୍ମା'।

ବାଧ୍ୟବାଧକତାରେ ଏହା ସମ୍ଭବ ନୁହେଁ। ମୂଳ ଲାଗିବାର ମାନସିକତାରେ ସମ୍ଭବ ନୁହେଁ। ରାଜକୀୟ ଚମକରେ ଆନନ୍ଦ ଚେତନା ଆସିବନି। ଆନନ୍ଦର ଅନୁରଣନ ନ ହେଲେ ସୃଷ୍ଟି ସମ୍ଭବ ନୁହେଁ। ସେଥିପାଇଁ ତ ଅନନ୍ତ ମହାରଣା ସର୍ତ୍ତ ରଖିଥିଲେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପାଖରେ ପନ୍ଦରଦିନ କବାଟ ଖୋଲିବନି। ସୃଷ୍ଟିରେ କୌଣସି ବାଧା ଉପୁଜିବ ନାହିଁ! ଗୋଟିଏ କାମ ଆରମ୍ଭ ହେବା ଓ ସମାପ୍ତ ହେବା ମଧ୍ୟରେ କେବଳ ଦିଗ୍‌ଦର୍ଶନ ଦେବା ମୁଖ୍ୟ ଆଧାର ନୁହେଁ। ଆମେ ଜାଣିଛେ ଯେକୌଣସି କାର୍ଯ୍ୟ ପାଇଁ ଆବଶ୍ୟକ ପଦାର୍ଥ ଯୋଗାଇବା ମୁଖ୍ୟ କଥା।

## ମୂଳ ଲାଗିବାର ମାନସିକତାରେ ଲାସ୍ୟମୟୀଟିଏ ଗଢ଼ିବା ଅସମ୍ଭବ

ଐତିହ୍ୟର ଓଡ଼ିଶା

କନକମୁଣ୍ଡି ପ୍ରସ୍ତୁତ ହେଲାପରେ ମନ୍ଦିର ଉପରକୁ ଉଠିବ। ଉଠିବା ପାଇଁ ସରଞ୍ଜାମ ଓ ଲୋକବଳ ଦରକାର। କନକମୁଣ୍ଡି ଲାଗିବାକୁ ସାତଦିନ ଲାଗିଥିଲା। ତାହାର ବହୁ ପୂର୍ବରୁ ଆବଶ୍ୟକ ପଦାର୍ଥ ଯୋଗାଡ଼ ହୋଇଥିଲା। ଚୂନପଥର ଆବଶ୍ୟକ। ଉଡ୍ରଦେଶର ଦକ୍ଷିଣ ଦିଗରୁ ଚୂନପଥର ଆଣିବା ପାଇଁ ପଥୁରିଆ ଯାଇଥିଲେ। ଚୂନପଥର ପହଞ୍ଚିବା ପରେ 'ଘଣା'ରେ ତାହା ଗୁଣ୍ଡ କରିବାକୁ ୧୦ଜଣ ପାଇଟିଆଳ ଲାଗିଥିଲେ। ଗୁଣ୍ଡ ହୋଇଗଲେ ଯେ କନକମୁଣ୍ଡି ଲାଗିଯିବ ତାହା ନୁହେଁ। ପାଞ୍ଚୋଟି ପଦାର୍ଥ ତା' ସହିତ ମିଶି ପ୍ରସ୍ତୁତ ହେବ। ତା'ପରେ ଶିଳ୍ପୀ ଉପରକୁ ଚଢ଼ିବେ। ପ୍ରସ୍ତୁତଗୁଣ୍ଡ ତଳୁ ଯାଇ ତାଙ୍କ ପାଖରେ ପହଞ୍ଚିବା ଆବଶ୍ୟକ। ସବୁଦିଗରୁ ନିଘା ନ ରଖିଲେ କାର୍ଯ୍ୟ ସଫଳ ହୁଏ ନାହିଁ।

ସେହିପରି ଦ୍ୱାର ବନ୍ଧର ସୂକ୍ଷ୍ମକାମ। ନାରାୟଣ ମହାପାତ୍ର ଓ ଗଙ୍ଗା ମହାପାତ୍ର ଛୋଟ ନିହାଣରେ ଏହି କାର୍ଯ୍ୟ କରୁଥାନ୍ତି। ପାଞ୍ଚଜଣ ମୁଖ୍ୟ ଶିଳ୍ପୀଙ୍କ ମଧ୍ୟରେ ଏହି ଦୁଇଜଣ ଅନ୍ୟତମ। ଏମାନଙ୍କ ଖୋଜ ଖବର ଇତିହାସରେ ନାହିଁ। ଆମେ ଅନୁସନ୍ଧାନ କରିବାକୁ 'ଗଡ଼ଭିଙ୍ଗୁରା', ବାଙ୍ଗରଗଡ଼ ଓ ଗଡ଼–ରୂପାସ ବାରମ୍ବାର ଯାଇଛୁ। ଆନୁଷଙ୍ଗିକ ଭାବରେ ବାଙ୍ଗରଗଡ଼ର ଅଧିବାସୀ ବୋଲି କିଛି ପ୍ରମାଣ ସଂଗ୍ରହ କରିଛୁ। ଏହି ଗଡ଼ଟି କୁଶଭଦ୍ରା ନଦୀର ପଶ୍ଚିମ ଦିଗରେ ଏବେ ବି ଅବସ୍ଥିତ। ସେମାନେ ଦ୍ୱାରବନ୍ଧରେ 'ସର୍ପବନ୍ଧ' ସାରିବାକୁ ୪୦ଦିନ ନେଇଥିଲେ। କଳିଙ୍ଗ ଶୈଳୀରେ ସର୍ପବନ୍ଧ ଅପରିହାର୍ଯ୍ୟ। ଏହାର ଶାସ୍ତ୍ରୀୟତା ଶିଳ୍ପଶାସ୍ତ୍ର ଏବଂ ବାସ୍ତୁଶାସ୍ତ୍ରରେ ବର୍ଣ୍ଣିତ ଅଛି। ପାଞ୍ଚ ପ୍ରକାର ନାଗ ମଧ୍ୟରୁ କଳିଙ୍ଗ ଶୈଳୀରେ ଅନନ୍ତନାଗ, ବାସୁକୀ ନାଗ, କାଳୀୟ ନାଗ ଓ ଜଳନାଗ ରୁହନ୍ତି ନାହିଁ। ଶେଷନାଗ ରୁହନ୍ତି। ଶେଷନାଗଙ୍କୁ 'ମୁନି'ଙ୍କ ସହିତ ତୁଳନା କରାଯାଏ। ଅହଂକାର ବିବର୍ଜିତ ସାଧକଙ୍କୁ ମୁନି ପର୍ଯ୍ୟାୟରେ ଗ୍ରହଣ କରାଯାଏ। 'ମୋହ' ନ ତୁଟିବା ପର୍ଯ୍ୟନ୍ତ ଅହଂକାର ଯାଏନି। ଈର୍ଷା ଏହାର ବାଧକ ହୁଏ। ଶେଷନାଗ ହେଉଛନ୍ତି– ମୋହ ଏବଂ ଈର୍ଷା ବିବର୍ଜିତ। ଦ୍ୱାରବନ୍ଧ ଦେଇ ସିଂହାସନ ପାଖକୁ ଗଲାବେଳକୁ ଏଇ ଅବଗୁଣ ଦୁଇଟି ବର୍ଜନ କରିବାକୁ ସ୍ମାରକୀ ଭାବରେ ନାଗବନ୍ଧ ଦିଆଯାଏ। ଦୃଷ୍ଟି ନ ପଡ଼ିଲେ ମଧ୍ୟ ତାହାର ପ୍ରଭାବ କିଛି ମାତ୍ରାରେ ମନ ଉପରେ ପଡ଼େ। ମାନସିକ ପରିବର୍ତ୍ତନ ହୁଏ। ସଂସାର ଜଞ୍ଜାଳରୁ ମୋହ କିଛି ମାତ୍ରାରେ ଲଘୁ ହୁଏ। ଏହା ଅନୁଭବର କଥା...।

# ବର୍ଜ୍ୟ ସାମଗ୍ରୀର କାରିଗର କମଳାଙ୍କ ପରଲୋକ



କମଳା ମହାରଣା

କେନ୍ଦ୍ରାପଡ଼ା, ୧।୬(ଜଗନ୍ନାଥ ଧଳ)

ସୁସ୍ଥ ପରିବେଶ ଓ ବର୍ଜ୍ୟ ସାମଗ୍ରୀରୁ ହସ୍ତକଳାକୁ ଗୁରୁତ୍ୱ ଦେଇଥିବା କେନ୍ଦ୍ରାପଡ଼ା ଜିଲାର ବହୁ ଚର୍ଚ୍ଚିତ ବ୍ୟକ୍ତିତ୍ୱ କମଳା ମହାରଣା (୭୬)ଙ୍କ ଶନିବାର ରାତିରେ ପରଲୋକ ହୋଇଛି। ମେ ୨୮ରେ ଘରେ ଗୋଡ଼ ଖସିଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଏହି ଖବର ଜଣାପଡ଼ିବା ପରେ ତାଙ୍କ ଘର କେନ୍ଦ୍ରାପଡ଼ା ବ୍ଲକ ଗୁଲନଗରଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କମଳାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ରବିବାର ତାଙ୍କ ମୃତଦେହକୁ ଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଛି। ପୁଅ ମହେନ୍ଦ୍ର ମୁଖାଗ୍ନି ଦେଇଥିଲେ। ସେ ଦୀର୍ଘ ୮ ବର୍ଷ ଧରି ଅଳିଆ ଭାବି ଫୋପଡ଼ା ଯାଉଥିବା ପ୍ଲାଷ୍ଟିକ ଓ ଅନ୍ୟ ସାମଗ୍ରୀକୁ ସମ୍ବଳ କରି ସୁନ୍ଦର ଘରକରଣା ସାମଗ୍ରୀ ତିଆରି କରୁଥିଲେ। ଏହି କାର୍ଯ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ମଧ୍ୟ ସାମିଲ କରିଥିଲେ। ତାଙ୍କର ଏହି ବର୍ଜବସ୍ତୁରୁ ଶିଳ୍ପ କଳାକୁ ନେଇ ପ୍ରଧାନମନ୍ତ୍ରୀଙ୍କ ରେଡିଓରେ ହେଉଥିବା ୯୮ତମ ମନ କୀ ବାତରେ ପ୍ରଶଂସା କରିଥିଲେ। ସେହିପରି ଗତ ସାଧାରଣ ନିର୍ବାଚନର ପ୍ରଚାର ପାଇଁ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କମଳାଙ୍କ ପାଦ ଛୁଇଁ ଆଶୀର୍ବାଦ ନେବା ଦୃଶ୍ୟ ଦେଶରେ ବହୁ ଚର୍ଚ୍ଚାର ଖୋରାକ ଯୋଗାଇଥିଲା। ପ୍ରାଧାନମନ୍ତ୍ରୀଙ୍କୁ ଜରିରେ ନିର୍ମିତ ରାଖୀ, ଅପରେଶନ ସିନ୍ଦୂର ସମୟରେ ଦେଶର ୩ ସେନାଧକ୍ଷଙ୍କ ପାଇଁ ଟୋପି ପଠାଇ ସେ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ତାଙ୍କର ସୁସ୍ଥ ପରିବେଶ ଓ ବର୍ଜ୍ଜବସ୍ତୁରୁ କାରୁକାର୍ଯ୍ୟ ସମଗ୍ର ଦେଶରେ ଏକ ପ୍ରେରଣାଦାୟୀ କାର୍ଯ୍ୟ ବୋଲି ଉପସ୍ଥିତ ବ୍ୟକ୍ତିମାନେ ମତ ରଖିଛନ୍ତି।

# ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍



ଭାଇରାଲ ହୋଇଥିବା ଭିଡିଓ ଏବଂ ଫଟୋ।

ପୁରୀ, ୧।୬(ଅଜିତ୍ କୁମାର ମହାନ୍ତି)

- ଭାଇରାଲ ଭିଡିଓରେ ଶ୍ରୀମନ୍ଦିର ଧ୍ୱଜା ପରିବର୍ତ୍ତନର ଦୃଶ୍ୟ
- ସୁରକ୍ଷା ନେଇ ପ୍ରଶ୍ନ, ଚୂନରା ସେବାୟତଙ୍କ ସମ୍ପୃକ୍ତି ସନ୍ଦେହ

କିଛିଦିନର ବ୍ୟବଧାନ ପରେ ପୁଣି ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିଛି। ଏହାର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। ଭାଇରାଲ ଭିଡିଓରେ ଶ୍ରୀମନ୍ଦିରର ଧ୍ୱଜା ପରିବର୍ତ୍ତନର ସମ୍ପୂର୍ଣ୍ଣ ଦୃଶ୍ୟ ଡ୍ରୋନ୍ କ୍ୟାମେରାରେ ଉତ୍ତୋଳନ କରାଯାଇ ଅପ୍‌ଲୋଡ୍ କରାଯାଇଛି। ସୁରଜିତ ବିଶ୍ୱାସ ନାମକ ବ୍ୟକ୍ତି ତାଙ୍କ ଫେସ୍‌ବୁକ୍ ଆକାଉଣ୍ଟରେ ଶ୍ରୀମନ୍ଦିର ଧ୍ୱଜା ପରିବର୍ତ୍ତନ ଦୃଶ୍ୟର ଭିଡିଓ ଅପ୍‌ଲୋଡ୍ କରିଥିବା ସୂଚନା ମିଳିଛି। ଫଳରେ ଶ୍ରୀମନ୍ଦିର ସୁରକ୍ଷା ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣ ନେଇ କଟକଣା ସହ କଡ଼ା ସୁରକ୍ଷା ବ୍ୟବସ୍ଥା ଓ ରକ୍ଷକ ପ୍ଲସ ଭ୍ୟାନ୍ ନିୟୋଜିତ ସତ୍ତ୍ୱେ କିପରି ଡ୍ରୋନ୍ ଉଡ଼ାଣ ସମ୍ପର୍କରେ ସୂଚନା ମିଳିଲା ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି ଯେ, ଡ୍ରୋନ୍ ଉଡୁଥିବା ସମୟରେ ଶ୍ରୀମନ୍ଦିର ଉପରକୁ ଚଢୁଥିବା ଚୂନରା ସେବକ ଡ୍ରୋନ୍ କ୍ୟାମେରାକୁ ଦେଖି ହାତ ଯୋଡ଼ି ପ୍ରଣାମ କରୁଛନ୍ତି। ସେହିପରି ସେ ନୀଳଚକ୍ର ଉପରେ ଚଢ଼ି ଧ୍ୱଜା ପରିବର୍ତ୍ତନ କରିବା ବେଳେ ଡ୍ରୋନ୍ କ୍ୟାମେରାକୁ ଦେଖି ଧ୍ୱଜା ପରିବର୍ତ୍ତନ କରୁଛନ୍ତି। ତେଣୁ ଧ୍ୱଜା ପରିବର୍ତ୍ତନ ସମୟରେ ଉକ୍ତ ଚୂନରା ସେବକ ଡ୍ରୋନ୍ ଉଡୁଥିବା ସମ୍ପର୍କରେ ଜାଣିଥିଲେ। ଏହାସତ୍ତ୍ୱେ ସେ ଡ୍ରୋନ୍ ଉଡ଼ାଇବାକୁ ବାରଣ କରି ନ ଥିଲେ ବୋଲି ଉକ୍ତ ଘଟଣାରୁ ସ୍ପଷ୍ଟ ହେଉଛି। ତେଣୁ ଡ୍ରୋନ୍ ଭିଡିଓ କରିବା ପଛରେ ସମ୍ପୃକ୍ତ ଚୂନରା ସେବାୟତଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଉକ୍ତ ଘଟଣା ସାମ୍ନାକୁ ଆସିବା ପରେ ପୋଲିସ ପକ୍ଷରୁ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଏସ୍‌ପି ବିନିତ୍ ଅଗ୍ରୱାଲ କହିଛନ୍ତି, ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ନେଇ ଏକ ଘଟଣା ଆମ ନଜରକୁ ଆସିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ ପରେ ତଦନ୍ତ ଆରମ୍ଭ ହୋଇଛି। କେଉଁ ସୋସିଆଲ ମିଡିଆ ସାଇଟ୍‌ରେ ଏହା ଅପ୍‌ଲୋଡ୍ ହୋଇଛି, କେବେ ଏହି ଭିଡିଓ ଉତ୍ତୋଳନ କରାଯାଇଛି ଏବଂ ଏହି ଘଟଣାରେ କାହାର ସମ୍ପୃକ୍ତି ରହିଛି ସେ ନେଇ ତଦନ୍ତ ପରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇବାକୁ ଅନୁମତି ନାହିଁ। ପୂର୍ବରୁ ଏଭଳି ଘଟଣା ଯେବେ ହୋଇଛି, ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଘଟଣାରେ ମଧ୍ୟ ତଦନ୍ତ କରାଯାଇ ଆଇନଗତ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ତୁରନ୍ତ ଆଣ୍ଟିଡ୍ରୋନ୍ ଟେକ୍ନୋଲୋଜି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

### ଖୁବ୍‌ଶୀଘ୍ର ଆଣ୍ଟିଡ୍ରୋନ୍ ଟେକ୍ନୋଲୋଜି ବ୍ୟବସ୍ଥା: ଆଇନମନ୍ତ୍ରୀ

ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ପ୍ରସଙ୍ଗ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଅନେକ ଦୋଷ ତ୍ରୁଟି ନଜରକୁ ଆସୁଛି। ଶ୍ରୀମନ୍ଦିର ଉପରେ ଏବଂ ନିକଟରେ ଉଡୁଥିବା ଡ୍ରୋନ୍‌ଗୁଡ଼ିକୁ ଜବତ କରିବା ପାଇଁ ପୋଲିସ ପକ୍ଷରୁ ଆଣ୍ଟିଡ୍ରୋନ୍ ଟେକ୍ନୋଲୋଜି ବ୍ୟବହାର କରାଯିବ। ଏ ନେଇ ପ୍ରକ୍ରିୟା ଆରମ୍ଭ କରିଛୁ, କିନ୍ତୁ ଟିକେ ସମୟ ଲାଗୁଛି। ଖୁବ୍‌ଶୀଘ୍ର ଆଣ୍ଟିଡ୍ରୋନ୍ ଟେକ୍ନୋଲୋଜି ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଶ୍ରୀମନ୍ଦିର ସୁରକ୍ଷା, ଶୃଙ୍ଖଳା ଓ ଭକ୍ତଙ୍କ ସୁଗମତା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ବହୁଶୀଘ୍ର ଆମ ଯୋଜନାର ପ୍ରକୃତ ଚିତ୍ର ପ୍ରତିଫଳିତ ହେବ ବୋଲି ଆଇନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

# ଗର୍ଭବତୀଙ୍କ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଉତ୍ତେଜନା

## ଚିକିତ୍ସା ଅବହେଳା ଅଭିଯୋଗ

ନୟାଗଡ଼, ୧।୬(ଲୋକନାଥ ମିଶ୍ର)



ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗର୍ଭବତୀଙ୍କ ମୃତ୍ୟୁ ପରେ ଉତ୍ତେଜନା ପ୍ରକାଶ ପାଇଛି।

- ଡାକ୍ତରଙ୍କୁ ଗିରଫ ଦାବିରେ ଡିଏଚ୍‌ଏଚ୍‌ରେ ବିକ୍ଷୋଭ
- ସିଜରିଂ ପାଇଁ ଡାକ୍ତର ମାଗିଥିଲେ ୩୦ ହଜାର ଟଙ୍କା
- ଲାଞ୍ଚ ନ ଦେବାରୁ ମିଳିଲାନି ସ୍ୱାସ୍ଥ୍ୟସେବା କି କରାଗଲାନି ରେଫର
- ସ୍ତ୍ରୀ ଓ ପ୍ରସୂତି ଡାକ୍ତରଙ୍କୁ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି
- ପୋଲିସକୁ ଦେଲେ ୩ ଜଣିଆ ଡାକ୍ତରୀ ଦଳ ତଦନ୍ତ ରିପୋର୍ଟ

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ର ମାତୃ ଶିଶୁ ବିଭାଗରେ ନୟାଗଡ଼ ଟାଉନ ଥାନା ବାଲୁଗାଁର ଗର୍ଭବତୀ ମମତା ସ୍ୱାଇଁ(୩୪)ଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ଗର୍ଭସ୍ଥ ଶିଶୁ ସହ ଗର୍ଭବତୀଙ୍କ ମୃତ୍ୟୁକୁ ନେଇ ରବିବାର ଭୋରରୁ ଡିଏଚ୍‌ଏଚ୍‌ରେ ଉତ୍ତେଜନା ଦେଖାଦେଇଥିଲା। ଚିକିତ୍ସାରେ ଅବହେଳା, ୩୦ ହଜାର ଟଙ୍କା ଲାଞ୍ଚ ନ ଦେବାରୁ ଗର୍ଭବତୀଙ୍କ ସିଜେରିଆନ୍ ହୋଇ ନ ଥିଲା କିମ୍ବା ଅନ୍ୟ ଡାକ୍ତରଖାନାକୁ ରେଫର କରାଯାଇ ନ ଥିଲା ବୋଲି ସ୍ୱାମୀ ସଞ୍ଜୟ କୁମାର ନାୟକ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଚିକିତ୍ସାରେ ଅବହେଳା କରିଥିବା ସ୍ତ୍ରୀ ଓ ପ୍ରସୂତି ଡାକ୍ତରଙ୍କୁ ଗିରଫ ଦାବିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିକ୍ଷୋଭ କରାଯାଇଛି। ବିକ୍ଷୋଭରେ ଦଳମତ ନିର୍ବିଶେଷରେ ଭାଜପା, କଂଗ୍ରେସ, ବିଜେଡି ନେତାଙ୍କ ସହ ସାଧାରଣ ଲୋକ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଉତ୍ତେଜନା ବଢ଼ି ଚାଲିବାରୁ ଘଟଣାସ୍ଥଳରେ ନୟାଗଡ଼ ଅତିରିକ୍ତ ଏସ୍‌ପି ସନାତନ କାଲୋ ଓ ସୁବାସ ଚନ୍ଦ୍ର ପଣ୍ଡା, ନୟାଗଡ ଏସ୍‌ଡିପିଓ ଜ୍ୟୋତି ସାମନ୍ତରାୟ, ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମି ରଞ୍ଜନ ମହାପାତ୍ର ଓ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ପି.ସି. ସାହୁ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ ପ୍ଲାଟୁନ ଫୋର୍ସ ମୁତୟନ ହେବା ସହ ବିଭିନ୍ନ ଥାନାର ଆଇଆଇସି ଓ ଡିଏସ୍‌ପି ନିୟୋଜିତ ହୋଇଥିଲେ। ଅନ୍ୟପକ୍ଷେ ଗର୍ଭସ୍ଥ ଶିଶୁ ସମେତ ଗର୍ଭବତୀଙ୍କ ମୃତ୍ୟୁକୁ ନେଇ ସ୍ତ୍ରୀ ଓ ପ୍ରସୂତି ଡାକ୍ତର ରବୀନ୍ଦ୍ର ନାଥ ସାହୁଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ହଟାଇ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସ୍ଥାପିତ କରାଯାଇଛି। ଚିକିତ୍ସା ଅବହେଳା ଘଟଣାରେ ଖଣ୍ଡପଡ଼ା ଡାକ୍ତର ଅଭିଷେକ ପଣ୍ଡାଙ୍କ ନେତୃତ୍ୱରେ ଗଠିତ ଟିମ୍‌ରେ ରଣପୁର ଓ ପଣ୍ଟସର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସାମିଲ ହୋଇ ତଦନ୍ତ କରିଥିଲେ। ସମ୍ପୃକ୍ତ ତଦନ୍ତ ରିପୋର୍ଟ ପୋଲିସକୁ ପ୍ରଦାନ କରାଯାଇଛି। ପୁଣିଥରେ ଏକ ବିଭାଗୀୟ ତଦନ୍ତ କରାଯାଇ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ଗର୍ଭବତୀଙ୍କ ଭିସାରା ପରୀକ୍ଷଣ ପାଇଁ ଚେନ୍ନାଇ ପଠାଯିବାକୁ ପ୍ରସ୍ତୁତି କାମ ଶେଷ ହୋଇଛି। ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର ହୋଇଛି ବୋଲି ସିଡିଏମ୍‌ଓ ସୁଶାନ୍ତ କୁମାର ଦାସ କହିଛନ୍ତି।

ମୃତା ମମତାଙ୍କ ସ୍ୱାମୀ ତଥା ଭାଜପା ଯୁବନେତା ସଞ୍ଜୟ କୁମାର ନାୟକଙ୍କ ସୂଚନା ଅନୁସାରେ ସ୍ତ୍ରୀଙ୍କ ପ୍ରସବ ବେଦନା ବଢ଼ିବାରୁ ଶନିବାର ସନ୍ଧ୍ୟା ୮ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଳୟକୁ ଆସିବା ସମୟରେ ଡ୍ୟୁଟିରେ ସ୍ତ୍ରୀ ଓ ପ୍ରସୂତି ଡା. ରବୀନ୍ଦ୍ର ନାଥ ସାହୁ ଥିଲେ। ସେ ଇଞ୍ଜେକଶନ ଦେଇ ନର୍ମାଲ ଅଛି ଦର୍ଶାଇ ଚିକିତ୍ସାଳୟରେ ରଖିଲେ। ରାତିରେ ପ୍ରସବ ବେଦନା ବଢ଼ିବାରୁ ଡାକ୍ତରଙ୍କୁ ବାରମ୍ବାର ଡାକିବା ପରେ ଆସି ନ ଥିଲେ। ପରବର୍ତ୍ତୀ ସମୟରେ ସିଜେରିଆନ୍ ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ପାଇଁ ଗାଁକୁ ଯାଇଥିଲି। ହେଲେ ସ୍ତ୍ରୀଙ୍କ ପ୍ରସବ ବେଦନା ବଢ଼ି ଚାଲିଥିଲା। ଡାକ୍ତରଙ୍କୁ ଡାକିଥିଲେ ମଧ୍ୟ ସେ ଆସି ନ ଥିଲେ। ଏପରିକି ସିଜେରିଆନ୍ କଲେନାହିଁ କି ଅନ୍ୟ ଡାକ୍ତରଖାନାକୁ ରେଫର କଲେ ନାହିଁ। ଶେଷରେ ଗାଁରୁ ଟଙ୍କା ଧରି ଆସିବାବେଳକୁ ରାତି ୩ଟା ୪୦ରେ ଡାକ୍ତର ସ୍ତ୍ରୀଙ୍କୁ ମୃତ ଘୋଷଣା କରିଦେଲେ। ସ୍ତ୍ରୀଙ୍କ ଚିକିତ୍ସା ପାଇଁ ସିଡିଏମ୍‌ଓ, ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଅନ୍ୟ ସମସ୍ତ ଡାକ୍ତରଙ୍କୁ ଜଣାଇଛି। ସରକାର ଓ ପ୍ରଶାସନ ଡାକ୍ତରଙ୍କ ଉପରେ କିଭଳି ପଦକ୍ଷେପ ନେବେ ଏବଂ ନ୍ୟାୟ ପ୍ରଦାନ କରୁଛନ୍ତି ତାହାକୁ ଅପେକ୍ଷା କରିଛି ବୋଲି ସଞ୍ଜୟ କହିଛନ୍ତି।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପିଜି ରେଜଲ୍ଟ ପ୍ରକାଶ

ଭୁବନେଶ୍ୱର, ୧।୬(ସୁଚିସ୍ମିତା ସାହୁ)

### ୯୨.୭% ପାସ୍: ବିଜ୍ଞାନ, ବାଣିଜ୍ୟ, ବି.ଏଡ୍‌ରେ ଶତପ୍ରତିଶତ



ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର (ପିଜି) ପରୀକ୍ଷା ଫଳ ପ୍ରକାଶ ପାଇଛି। କୁଳପତି ପ୍ରଫେସର ଚଣ୍ଡି ଚରଣ ରଥ ପରୀକ୍ଷା ଫଳ ୨୦୨୫ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ଚଳିତବର୍ଷ ସ୍ନାତକୋତ୍ତର ପାଠ୍ୟକ୍ରମରେ ମୋଟ ୬୯୨ ଜଣ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୬୪୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍ ହାର ୯୨.୭ % ରହିଛି। ସ୍ନାତକୋତ୍ତର କଳାରେ ପାସ୍ ହାର ୯୧.୨ପ୍ରତିଶତ ରହିଥିବା ବେଳେ ବିଜ୍ଞାନରେ ୯୩.୬ ପ୍ରତିଶତ, ବାଣିଜ୍ୟରେ ୧୦୦ ପ୍ରତିଶତ ରହିଛି। ସେହିପରି ଏମ୍‌ବିଏରେ ୯୨.୬ ପ୍ରତିଶତ ଏବଂ ବି.ଏଡ୍‌ରେ ୧୦୦ ପ୍ରତିଶତ ପାସ୍‌ହାର ରହିଛି।

ବିଶ୍ୱବିଦ୍ୟାଳୟର ଛାତ୍ରୀ ଶିବାନୀ ଗିରି ଅର୍ଥନୀତି ସମ୍ମାନରେ ଟପ୍ପର ହୋଇଥିବା ବେଳେ ଶିକ୍ଷାରେ ଅନୁସୟା ରଥ ଟପ୍ପର ହୋଇଛନ୍ତି। ଇଂଲିଶରେ ନାଜିଆ ଗୁଲନାର, ଜିଏସ୍‌ଟିଡିରେ ଶିକ୍ଷା ନାୟକ, ହିନ୍ଦୀରେ ଗାୟତ୍ରୀ ଗିରି, ଜେଏମ୍‌ସିରେ ଏଲିନା ମିଶ୍ର, ଓଡିଆରେ ନମିତା ନାୟକ, ରାଜନୀତି ବିଜ୍ଞାନରେ ଜୟତି ଘୋଷ, ମନୋବିଜ୍ଞାନରେ ସୋନାଲିକା ପଟ୍ଟନାୟକ, ସମାଜବିଜ୍ଞାନରେ ସ୍ୱୟଂ ସମ୍ପୂର୍ଣ୍ଣା କର ଏବଂ ଦର୍ଶନରେ ଆକାଂକ୍ଷା ମିଶ୍ର ଟପ୍ପର ହୋଇଥିବା ବେଳେ ସଂସ୍କୃତରେ ପୁରୀ ସରକାରୀ ମହିଳା କଲେଜର ଛାତ୍ରୀ ଲକ୍ଷ୍ମୀପ୍ରିୟା ପ୍ରଧାନ ଏବଂ ଇତିହାସରେ ଦ୍ରୌପଦୀ ଜେନା ଟପ୍ପର ହୋଇଛନ୍ତି। ସେହିପରି ବିଜ୍ଞାନରେ ବାୟୋଟେକ୍ନୋଲୋଜି ଛାତ୍ରୀ ତମନ୍ନା ତ୍ରିପାଠୀ, କମ୍ପ୍ୟୁଟର ସାଇନ୍ସରେ କୋମଳ ସାହୁ, ଏଚ୍‌ଏସ୍‌ସିରେ ଅନନ୍ୟା ଯତି, ଆଇଏମ୍‌ଆଇସିଆର୍‌ଓରେ ଶ୍ରୁତିଲଗ୍ନା ମହାନ୍ତି, ଏଲ୍‌ଏସ୍‌ସିରେ ଶୁଭଶ୍ରୀ ସୁମନ ଦାଶ, କେମିଷ୍ଟ୍ରିରେ ପୁରବାସା ଦାଶ ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟରେ ସ୍ନେହାଲ ନନ୍ଦ ଟପ୍ପର ହୋଇଥିବା ବେଳେ ଏମ୍‌ବିଏରେ ବିଜ୍ଞାନ୍ୱା ପଟ୍ଟନାୟକ ଏବଂ ବି.ଏଡ୍‌ରେ ଅଙ୍କିତା ଦାଶ ଟପ୍ପର ହୋଇଛନ୍ତି। ପରୀକ୍ଷା ଫଳ ଘୋଷଣା କାର୍ଯ୍ୟକ୍ରମରେ କୁଳସଚିବ ଶ୍ୟାମଳି ମହାପାତ୍ର, ପରୀକ୍ଷା ନିୟନ୍ତ୍ରକ ଡ. ମମତା ମହାନ୍ତି, ଉପପରୀକ୍ଷା ନିୟନ୍ତ୍ରକ ଡ. କଳ୍ପନା ସାହୁ, ଡ. ଅନନ୍ୟା ବେହେରା, ଡ. ମୁକ୍ତାମୟୀ କୁମ୍ଭାର ଅଧ୍ୟପକ ଡ. ଶୁଭ୍ରାଂଶୁ ବେହେରା, ଡ. ନଳିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମହୋଦଧିରେ ଅସ୍ଥି ବିସର୍ଜନ ସହ ପିଣ୍ଡଦାନ କଲେ ବାବୁସାନ

ପୁରୀ, ୧।୬(ଅଜିତ୍ କୁମାର ମହାନ୍ତି)



ସାଗରବିଜେ ଘାଟରେ ବାବୁସାନ ମହାନ୍ତି ଓ ତାଙ୍କ ସହଧର୍ମିଣୀ ତୃପ୍ତି ପିଣ୍ଡଦାନ କରୁଛନ୍ତି।

ଓଲିଉଡ୍ ଅଭିନେତା ବାବୁସାନ ମହାନ୍ତି ପରିବାର ସହ ରବିବାର ପୁରୀ ଆସି ମହୋଦଧିରେ ତାଙ୍କ ବାପା ତଥା ବିଶିଷ୍ଟ ଅଭିନେତା ଉତ୍ତମ ମହାନ୍ତିଙ୍କ ଅସ୍ଥି ବିସର୍ଜନ କରିବା ସହ ପିଣ୍ଡଦାନ କରିଛନ୍ତି। ସ୍ୱର୍ଗଦ୍ୱାର ନିକଟ ସାଗରବିଜେ ଘାଟରେ ବାବୁସାନ ଓ ତାଙ୍କ ସହଧର୍ମିଣୀ ତୃପ୍ତି ପ୍ରଥମେ ଅସ୍ଥି ବିସର୍ଜନ କର୍ମ କରିଥିଲେ। ପରେ ପିଣ୍ଡଦାନ କରିସାରି ପରମ୍ପରା ଅନୁଯାୟୀ ମହୋଦଧିରେ ବୁଡ଼ ପକାଇଥିଲେ। ଏହି ଅବସରରେ ବାବୁସାନ କହିଛନ୍ତି, ବାପାଙ୍କ ଦେହାନ୍ତ ପରେ ଅଧୁରା ଥିବା କର୍ମକୁ ପୂରା କରିଥିବାରୁ ଆଜି ମନ ହାଲୁକା ହୋଇଛି ଓ ଆତ୍ମାକୁ ଶାନ୍ତି ମିଳିଛି। ହିନ୍ଦୁଧର୍ମର ପରମ୍ପରା ଅନୁଯାୟୀ, ଏକବର୍ଷ ପର୍ଯ୍ୟନ୍ତ ଶ୍ରୀମନ୍ଦିର ଯାଇହେବ ନାହିଁ। ତେଣୁ ମହୋଦଧି ତଟରୁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛି ବୋଲି ବାବୁସାନ୍ ପ୍ରକାଶ କରିଛନ୍ତି। ଏହି ଅବସରରେ ତାଙ୍କ ସହଧର୍ମିଣୀ ତୃପ୍ତି ଏବଂ ମା' ତଥା ବିଶିଷ୍ଟ ଅଭିନେତ୍ରୀ ଅପରାଜିତା ମହାନ୍ତିଙ୍କ ସମେତ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ବାବୁସାନ ଶ୍ୱେତଗଙ୍ଗାରେ ବାପାଙ୍କ ଅସ୍ଥି ବିସର୍ଜନ କରି ପିଣ୍ଡଦାନ କରିଥିଲେ। ମାତ୍ର ଚଳଚ୍ଚିତ୍ରର ଶୁଟିଂ ଚାଲିଥିବାରୁ ଲଣ୍ଡା ହୋଇ ନ ଥିଲେ। ଏହାକୁ ନେଇ ବିବାଦ ଦେଖାଦେଇଥିଲା। ସେହି ସମୟରେ ବାବୁସାନଙ୍କ ମାମୁ ସ୍ପଷ୍ଟୀକରଣ ରଖିଥିଲେ। ସେ କହିଥିଲେ, ପ୍ରଥମେ ରାଜଧର୍ମ ଓ ପରେ ପିତୃଧର୍ମ ପାଳନ ପାଇଁ ସ୍ୱର୍ଗତ ଉତ୍ତମ ମହାନ୍ତି ସବୁବେଳେ ପୁଅ ବାବୁସାନ୍‌ଙ୍କୁ କହିଆସିଛନ୍ତି। ପ୍ରଯୋଜକଙ୍କ ସହ ଚୁକ୍ତି ହୋଇଥିବାରୁ ଚଳଚ୍ଚିତ୍ରର ଶୁଟିଂ ଶେଷ ନ ହେବା ପର୍ଯ୍ୟନ୍ତ ବାବୁସାନ୍ ମୁଣ୍ଡନ କରିପାରିବେ ନାହିଁ। ଚଳଚ୍ଚିତ୍ର ମୁକ୍ତିଲାଭ କରିବା ପରେ ବାବୁସାନ୍ ତ୍ରିବେଣୀ ସଙ୍ଗମ ଯାଇ ବାପାଙ୍କୁ ଶ୍ରାଦ୍ଧ ଦେବା ସହ ମୁଣ୍ଡନ ହେବେ। ତେବେ ବାବୁସାନ ରବିବାର ପୁରୀ ଆସିଥିବାବେଳେ ମୁଣ୍ଡନ ହୋଇଥିବା ଦେଖିବାକୁ ମିଳିଥିଲା।

# ପଞ୍ଜାବ–ଆରସିବି ଫାଇନାଲ



ମ୍ୟାଚ୍ ବିଜୟୀ ଇନିଂସ୍ ଅବସରରେ ଶ୍ରେୟସ୍ ଆୟର।

**ଅହମଦାବାଦ, ୧।୬**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ କ୍ୱାଲିଫାୟର–୨ ମ୍ୟାଚରେ ପଞ୍ଜାବ କିଙ୍ଗ୍ସ ୫ ଉଇକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏଥିସହ ୫ ଥର ଚାମ୍ପିୟନ ମୁମ୍ବାଇର ଅଭିଯାନ କ୍ୱାଲିଫାୟର–୨ରୁ ଶେଷ ହୋଇଛି। ମୁମ୍ବାଇ ୨୦ ଓଭରରେ ୬ ଉଇକେଟ ହରାଇ ୨୦୬ ରନ କରିଥିଲା। ଜବାବରେ ପଞ୍ଜାବ ୧୯ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଅଧିନାୟକ ଇନିଂସ ଖେଳି ଶ୍ରେୟସ ଆୟର ମ୍ୟାଚ ବିଜେତା ସାବ୍ୟସ୍ତ ହୋଇଛନ୍ତି। ସେ ୪୧ ବଲ୍‌ରୁ ୮୭ ରନକରି ଅପରାଜିତ ରହିଥିଲେ। ତାଙ୍କ ଇନିଂସ ମଧ୍ୟରେ ୫ ଚୌକା ଓ ୮ ଛକା ସାମିଲ ଥିଲା। ନେହାଲ ୱାଧେରା ୪୮ ରନର ମୂଲ୍ୟବାନ ଇନିଂସ ଖେଳିଥିଲେ। ଆସନ୍ତା ମଙ୍ଗଳବାର ଫାଇନାଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓ ପଞ୍ଜାବ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଫଳରେ ଏଥର ଆଇପିଏଲ୍‌ରେ ନୂଆ ଚାମ୍ପିୟନ ମିଳିବା ସ୍ପଷ୍ଟ ହୋଇଛି। ପ୍ରଥମ କ୍ୱାଲିଫାୟରରେ ପଞ୍ଜାବକୁ ହରାଇ ଆରସିବି ଫାଇନାଲରେ ପ୍ରବେଶ କରିଥିଲା। ତେଣୁ ପଞ୍ଜାବପାଇଁ ଫାଇନାଲରେ ଆରସିବିକୁ ହରାଇ ମଧୁର ପ୍ରତିଶୋଧ ନେବା ସୁଯୋଗ ରହିଛି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ପଞ୍ଜାବ। ମୁମ୍ବାଇର ଆରମ୍ଭ ଭଲ ହୋଇ ନ ଥିଲା। ଏଲିମିନେଟରରେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ବଡ଼ ସ୍କୋର କରିଥିବା ରୋହିତ ଶର୍ମା ମାତ୍ର ୮ ରନକରି ଆଉଟ ହେବାରୁ ମୁମ୍ବାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଟପ୍ ଓ ମିଡିଲ ଅର୍ଡରରେ ଜନି ବେୟାରଷ୍ଟୋ ୨୪ ବଲ୍‌ରୁ ୩୮ (୩ ଚୌକା, ୨ ଛକା), ତିଳକ ବର୍ମା ୨୯ ବଲ୍‌ରୁ ୪୪ (୨ ଚୌକା, ୨ ଛକା), ସୂର୍ଯ୍ୟକୁମାର ଯାଦବ ୨୬ ବଲ୍‌ରୁ ୪୪ (୪ ଚୌକା, ୩ ଛକା) ଓ ନମନ ଧିର ୧୮ ବଲ୍‌ରୁ ୩୭ (୭ ଚୌକା) ରନ କରିବାରୁ ମୁମ୍ବାଇ

**ଆଇପିଏଲ୍ ୨୦୨୫**

ସ୍କୋର ୨୦୦ ଅତିକ୍ରମ କରି ପାରିଥିଲା। ପଞ୍ଜାବ ବୋଲରଙ୍କ ମଧ୍ୟରେ ଆଜମତୁଲ୍ଲା ଓମାରଜାଇ ୨ଟି ଏବଂ କାଏଲ ଜେମିସନ, ମାର୍କୁସ ଷ୍ଟୋଇନିସ, ବିଜୟ କୁମାର ବ୍ୟଶକ ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୨୦୩/୬ (ତିଳକ ବର୍ମା–୪୪, ସୂର୍ଯ୍ୟକୁମାର ଯାଦବ–୪୪, ଜନି ବେୟାରଷ୍ଟୋ–୩୮, ନମନ ଧିର–୩୭, ଆଜମତୁଲ୍ଲା ଓମାରଜାଇ–୨/୪୩, କାଏଲ ଜେମିସନ–୧/୩୦, ମାର୍କୁସ ଷ୍ଟୋଇନିସ–୧/୧୪, ବିଜୟ କୁମାର ବ୍ୟଶକ–୧/୩୦, ଯୁଜବେନ୍ଦ୍ର ଚହଲ–୧/୩୯)। ପଞ୍ଜାବ କିଙ୍ଗ୍ସ ୧୯ ଓଭରରେ ୨୦୭/୫ (ଶ୍ରେୟସ ଆୟର–୮୭*, ନେହାଲ ୱାଧେରା–୪୮, ଜୋସ ଇଂଲିଶ–୩୮, ଅଶ୍ୱିନ କୁମାର–୨/୫୫, ଟ୍ରେଣ୍ଟ ବୋଲ୍ଟ–୧/୩୮, ହାର୍ଦ୍ଦିକ ପାଣ୍ଡ୍ୟା–୧/୧୯)।




ଜୟଦେବ ବିହାରସ୍ଥିତ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ରବିବାର ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ଓମେନ୍ସ ଆଚିଭର୍ସ ପୁରସ୍କାରରେ ମାନେକା ଗାନ୍ଧୀ ସମ୍ମାନିତ କରୁଛନ୍ତି।

## ପିଆଷ୍ଟ୍ରି ଜିତିଲେ ସ୍ପାନିଶ୍ ଗ୍ରାଁ ପ୍ରି

**ମଣ୍ଟମେଲୋ (ସ୍ପେନ୍), ୧।୬(ଏପି)**



ମ୍ୟାକ୍‌ଲରେନର ଓସ୍କାର ପିଆଷ୍ଟ୍ରି ତାଙ୍କ ଟିମ୍‌ମେଟ୍ ଲାଣ୍ଡୋ ନୋରିସ୍‌ଙ୍କ ଆଗରେ ରହି ଅନୁଷ୍ଠିତ ସ୍ପାନିଶ୍ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ରବିବାର ଅନୁଷ୍ଠିତ ଏହି ରେସ୍‌ରେ ପିଆଷ୍ଟ୍ରି ପୋଲ୍ ପୋଜିଶନରୁ ରେସ୍ ଆରମ୍ଭ କରିଥିଲେ। ତ୍ରୁଟିଶୂନ୍ୟ ଡ୍ରାଇଭିଂ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ବିଜୟ ଦ୍ୱାରା ଡ୍ରାଇଭର ଷ୍ଟାଣ୍ଡିଂରେ ତାଙ୍କ ଅଗ୍ରଣୀ ବ୍ୟବଧାନ ବୃଦ୍ଧି ପାଇଛି। ନୋରିସ୍‌ଙ୍କ ଆରମ୍ଭ ଭଲ ନ ଥିଲେ ମଧ୍ୟ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ପିଆଷ୍ଟ୍ରିଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ତୃତୀୟ ହୋଇଥିଲେ। ମାକ୍ସ ଭର୍ଷ୍ଟାପେନ୍ ୫ମ ସ୍ଥାନରେ ରହିଥିଲେ। ମାତ୍ର ଶେଷ ପର୍ଯ୍ୟାୟରେ ୪ର୍ଥ ସ୍ଥାନ ଅଧିକାର କରିଥିବା ମର୍ସିଡିଜ୍‌ର ଜର୍ଜ ରସେଲଙ୍କ ସହ ସଂଘର୍ଷ ଯୋଗୁ ତାଙ୍କୁ ୧୦ ସେକେଣ୍ଡ ପେନାଲ୍ଟି ହେବାରୁ ସେ ୧୦ମ ସ୍ଥାନକୁ ଖସିଆସିଥିଲେ। ଏଥରକୁ ମିଶାଇ ମ୍ୟାକ୍‌ଲରେନ ଚଳିତ ସିଜନରେ ୩ୟ ଥର ରେସ୍‌ରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି। ଏହି ଟିମ୍ ଏପର୍ଯ୍ୟନ୍ତ ଅନୁଷ୍ଠିତ ୯ଟି ରେସ୍ ମଧ୍ୟରୁ ୭ଟିରେ ବିଜୟ ହାସଲ କରିପାରିଛି। ତନ୍ମଧ୍ୟରୁ କେବଳ ପିଆଷ୍ଟ୍ରି ୫ଟିରେ ବିଜୟଲାଭ କରିଛନ୍ତି। ରବିବାର ରେସ୍‌ରେ ଯଥାକ୍ରମେ ୫ମରୁ ୯ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ନିକୋ ହକେନ୍‌ବର୍ଗ (ସୌବେର), ଲୁଇସ୍ ହାମିଲଟନ (ଫେରାରି), ଇସାକ୍ ହାଜାର (ଏର୍‌ବି), ପିଏରେ ଗାସ୍‌ଲି (ଅଲ୍‌ପାଇନ୍) ଓ ଫର୍ନାଣ୍ଡୋ ଆଲେଁସୋ।

## ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ୍ ଆରମ୍ଭ

**ଭୁବନେଶ୍ୱର, ୧।୬(ତପନ ସ୍ୱାଇଁ):** ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ୍ ସିନିୟର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଶ୍ରୀପତି ମିଶ୍ର, ବିବେକାନନ୍ଦ ଦାସ, ପରେଶ ଗଡ଼ନାଏକ, ରାଜା ରତ୍ନସିଂ, ମନୋଜ ପ୍ରଧାନ, ନିଲୁ ମିଶ୍ର, ପାରାମାଉଣ୍ଟ କ୍ଲବ ସଭାପତି ପ୍ରତାପ ଜେନା ଓ ଆବାହକ ପ୍ରଦ୍ୟୁମ୍ନ ଜେନା ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ୧୭ ରନ୍‌ରେ ରାମେଶ୍ୱର ସ୍ପୋର୍ଟିଂ କ୍ଲବକୁ ପରାସ୍ତ କରିଛି।

## ବିଜୟ ଉତ୍ସବ ବେଳେ ୨ ମୃତ, ୫୫୯ ଗିରଫ

**ପ୍ୟାରିସ୍, ୧।୬**

ପାଞ୍ଚ ଦଶନ୍ଧିରେ ପ୍ୟାରିସ୍ ସେଣ୍ଟ–ଜର୍ମେନ (ପିଏସ୍‌ଜି) କ୍ଲବର ଐତିହାସିକ ଚାମ୍ପିୟନ୍ସ ଲିଗ୍ ବିଜୟ ପରେ ପୂରା ଫ୍ରାନ୍ସରେ ଧୁମ୍‌ଧାମରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ହେଲେ ବିଜୟ ଉତ୍ସବ ସମୟରେ ବିଭିନ୍ନ ସହରରେ ହିଂସା କାରଣରୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫୫୯ ଜଣ ଗିରଫ ହୋଇଛନ୍ତି। ଏହି ବିଜୟ ଉତ୍ସବର ମୁଖ୍ୟ କେନ୍ଦ୍ର ପାଲଟିଥିଲା ପ୍ୟାରିସ୍। ଚାମ୍ପ୍ସ–ଏଲିସିସ୍ ଓ ପାର୍କ ଡେସ୍ ପ୍ରିନ୍‌ସେସ୍ ଷ୍ଟାଡିୟମରେ ହଜାର ହଜାର ପ୍ରଶଂସକ ଏକତ୍ରିତ ହୋଇଥିଲେ। ଆନନ୍ଦ ଉତ୍ସବ ମଧ୍ୟରେ

**ପିଏସ୍‌ଜି ଚାମ୍ପିୟନ୍ସ ଲିଗ୍ ଚାମ୍ପିୟନ**

ହିଂସାକାଣ୍ଡ ଘଟିଥିଲା। ଇଣ୍ଟେରିଅର ମନ୍ତ୍ରଣାଳୟ ଅନୁଯାୟୀ, କେବଳ ରାଜଧାନୀ ପ୍ୟାରିସ୍‌ରୁ ୪୯୧ ଜଣଙ୍କୁ ବାଣ ରଖିବା ଓ ସର୍ବସାଧାରଣରେ ବିଶୃଙ୍ଖଳା ଲାଗି ଗିରଫ କରାଯାଇଛି। ପୂରା ଦେଶରେ ୫୫୯ ଜଣ ଗିରଫ ହୋଇଛନ୍ତି। ଦୁର୍ଭାଗ୍ୟବଶତଃ, ବିଜୟ ଉତ୍ସବ ବେଳେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ଚାମ୍ପ୍ସ–ଏଲିସିସ୍‌ଠାରୁ ଦୁଇ କିମି ଦୂରରେ ଏକ କାର୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ସଦର୍ନ ଫ୍ରାନ୍ସରେ ବିଜୟ ଉତ୍ସବ ଲାଗି ପ୍ରଶଂସକ ଏକାଠି ହୋଇଥିବା ବେଳେ ଛୁରାମାଡ଼ରେ ଜଣେ ୧୭ ବର୍ଷୀୟ ବାଳକଙ୍କ ମୃତ୍ୟୁ ଘଟିଛି। ଗ୍ରେନୋବ୍ଲେ ସହରରେ ବିଜୟ ଉତ୍ସବ ବେଳେ ପ୍ରଶଂସକଙ୍କ ଉପରେ ଏକ କାର୍ ମାଡ଼ିଯାଇଥିଲା। ଏଥିରେ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ରହିଛି। ଚାଳକ ପୋଲିସ ନିକଟରେ ଆତ୍ମସମର୍ପଣ କରିବା ପରେ ଗିରଫ ହୋଇଛନ୍ତି। ସୂଚନାଯୋଗ୍ୟ ଶନିବାର ଖେଳାଯାଇଥିବା ଫାଇନାଲରେ ପିଏସ୍‌ଜି ଇଣ୍ଟରମିଲାନକୁ ୫–୦ ଗୋଲ୍‌ରେ ପରାସ୍ତ କରିଛି।

## ରାଜ୍ୟ ଓପନ ଚେସ୍ : ରବୀନ୍ଦ୍ର ବିଜେତା

**ଭୁବନେଶ୍ୱର, ୧।୬(ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାର ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ସମୀରଣ ସୁକୁମାର ନାୟକ ସ୍ମାରକୀ ଓପନ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକର ରବୀନ୍ଦ୍ର କୁମାର ଓଝା ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡରୁ ସେ ପୂରା ୫ ପଏଣ୍ଟ ହାସଲକରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ଥିତପ୍ରଜ୍ଞ ସାହୁ, ଲଳିତ ରଞ୍ଜନ ସାହୁ, ଲରେନ୍ସ ପ୍ରଧାନ, ମହେଶ ପ୍ରସାଦ ସେଠୀ, ଆଦର୍ଶ କୁମାର ରାଉତ, ସୁରଜିତ ନାୟକ, ଶୁଭଜିତ ଦତ୍ତ, ହୃଦୟ ଚଢ଼ା ଓ ହରପ୍ରସାଦ ଚାଟାର୍ଜୀ ଟପ୍–୧୦ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବିଭାଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସୁପ୍ରିୟା ନାୟକ ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଥିଲେ। ଭୁବନେଶ୍ୱର ଟିସିଏସ୍‌ର ପ୍ରକଳ୍ପ ମୁଖ୍ୟ ଦୀପ୍ତିରଞ୍ଜନ ନାୟକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରୟାଲ ପବ୍ଲିକ୍ ସ୍କୁଲ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ, ସ୍ୱର୍ଗତ ସମୀରଣ ସୁକୁମାରଙ୍କ ମା' ମଧୁସ୍ମିତା ନାୟକ, ଭଉଣୀ ଦୀପିକା ଦୀପନ୍ୱିତା ନାୟକ ଏବଂ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ମହମେଦ୍ରେଜା ସବୁଠାରୁ ଦାମୀ ଖେଳାଳି

**ନୂଆଦିଲ୍ଲୀ, ୧।୬**




ପ୍ରୋ କବାଡ଼ି ଲିଗ୍ (ପିକେଏଲ୍) ସିଜନ ୧୨ ପାଇଁ ଚାଲିଥିବା ଖେଳାଳି ନିଲାମ ପ୍ରକ୍ରିୟା ରବିବାର ଶେଷ ହୋଇଛି। ଏଥିରେ ୫୨୯ ଖେଳାଳି ଭାଗ ନେଇଥିଲେ। ତନ୍ମଧ୍ୟରୁ ୧୨୧ ଖେଳାଳି ବିକ୍ରି ହୋଇ ପାରିଥିଲେ। ଏଥିରେ ପ୍ରଥମ ଥର ଏବଂ ସବୁଠାରୁ ଅଧିକ ମୂଲ୍ୟରେ ବିକ୍ରି ହୋଇଥିଲେ ଇରାନିଆନ ଅଲରାଉଣ୍ଡର ମହମେଦ୍ରେଜା ଶାଦଲୋଇ ଚିୟାନେ। ଗୁଜରାଟ ଜାଏଣ୍ଟ୍ସ ତାଙ୍କୁ ୨.୨୩ କୋଟି ଟଙ୍କା ମୂଲ୍ୟରେ କ୍ରୟ କରିଥିଲା, ଯାହାକି ଗତ ନିଲାମ ସର୍ବାଧିକ ବିଡ୍‌ଠାରୁ ଅଧିକ। ଗତ ସିଜନରେ ସଚିନ ତନୱାର

**ପ୍ରୋ କବାଡ଼ି ଲିଗ୍ ସିଜନ ୧୨**

ସର୍ବାଧିକ ୨.୧୫ କୋଟି ଟଙ୍କାରେ ବିକ୍ରି ହୋଇଥିଲେ। ଶାଦଲୋଇ କ୍ରମାଗତ ୩ ସିଜନ ଧରି ୨କୋଟିରୁ ଅଧିକ ମୂଲ୍ୟରେ ବିକ୍ରି ହୋଇଛନ୍ତି। ଦବଙ୍ଗ ଦିଲ୍ଲୀ ଏହାର ଏଫ୍‌ବିଏମ୍ (ଫାଇନାଲ ବିଡ୍ ମ୍ୟାଚ) ନିୟମର ଉପଯୋଗ କରି ଆଶୁ ମଲିକଙ୍କୁ ୧.୯୦ କୋଟି ଟଙ୍କାରେ ନେଇଥିଲା। ନିଲାମିରେ କାଟାଗୋରୀ 'ଏ'ର ରେଡରମାନଙ୍କ ଖୁବ୍ ଚାହିଦା ପରିଲକ୍ଷିତ ହୋଇଥିଲା। ଗତ ସିଜନର ଶ୍ରେଷ୍ଠ ରେଡର ଅରୁଣ ଦେଶୱାଲ ୧.୪୦୫ କୋଟି ବିନିମୟରେ ତାମିଲ ଥଲାଇଭାସ ଦଳକୁ ଯାଇଥିବା ବେଳେ ଦେବଙ୍କ ଦଲାଲ ଦିନର ଦ୍ୱିତୀୟ ସର୍ବାଧିକ ମୂଲ୍ୟରେ ବିକ୍ରି ହୋଇଥିବା ଖେଳାଳି ବିବେଚିତ ହୋଇଥିଲେ। ସେ ୨.୨୦୫ କୋଟି ଟଙ୍କାରେ ବିକ୍ରି ହୋଇଥିଲେ। ରବିବାର ୧୦ ଜଣ ଖେଳାଳି ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟରେ ବିକ୍ରି ହୋଇଥିଲେ। ଇରାନର ଫଜଲ ଅତ୍ରାଚଲିଙ୍କ ଭଳି ଖେଳାଳି ଆଶ୍ଚର୍ଯ୍ୟଜନକ ଭାବେ ତାଙ୍କ ବେସ୍ ପ୍ରାଇସ୍ ୩୦ ଲକ୍ଷ ଟଙ୍କାରେ ବିକ୍ରି ହୋଇଥିଲେ। ପବନ କୁମାର ଶେରାୱତଙ୍କ ଭଳି ଖେଳାଳି ଏକଦା ବିକ୍ରି ହୋଇ ପାରିବେ ନାହିଁ ବୋଲି ମନେ ହେଉଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ତାମିଲ ଥଲାଇଭାସ ତାଙ୍କୁ ୫୯.୫ ଲକ୍ଷ ଟଙ୍କା ବିନିମୟରେ କ୍ରୟ କରିଥିଲା। ପ୍ରଥମ ଦିବସରେ ଯେଉଁ ୨୮ଜଣ ଖେଳାଳି ବିକ୍ରି ହୋଇପାରି ନ ଥିଲେ। ସେମାନଙ୍କ ମଧ୍ୟରେ ଜଣେ ପିକେଏଲ୍‌ର ମହାନ ଖେଳାଳି ପ୍ରଦୀପ ନରୱାଲ ଓ ସାହିଲ ଗୁଲିଆ।

## ଓଡ଼ିଶାରୁ ସୁଚିତ୍ରା

**ଭୁବନେଶ୍ୱର, ୧।୬(ତପନ ସ୍ୱାଇଁ)**

ବିଶ୍ୱ ପାରା ଆଥ୍‌ଲେଟିକ୍ସ ଗ୍ରାଁ ପ୍ରି ପ୍ୟାରିସ୍‌ରେ ସୋମବାରଠାରୁ ଆରମ୍ଭ ହେବ। ୫ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ସୁଚିତ୍ରା ପରିଡ଼ା ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସୁଚିତ୍ରା ଏଫ୍–୫୫ ମହିଳା ଜାଭେଲିନ୍ ଓ ଶଟ୍‌ପୁଟ୍ ଥ୍ରୋ ଇଭେଣ୍ଟରେ ଭାଗନେବେ। ଚଳିତ ବର୍ଷ ୩୦ ପାରା ଆଥ୍‌ଲେଟ୍ ଭାରତ ପକ୍ଷରୁ ଭାଗନେବାକୁ ମନୋନୀତ ହୋଇଛନ୍ତି। ଏମାନେ ବିଶ୍ୱର ଶ୍ରେଷ୍ଠ ପାରା ଆଥ୍‌ଲେଟ୍‌ଙ୍କ ସହ ମୁକାବିଲା କରିବେ।

## କ୍ୱାର୍ଟରରେ ଅଲକାରାଜ, ସ୍ୱିଟେକ

**ପ୍ୟାରିସ, ୧।୬**

ଦ୍ୱିତୀୟ ସିଡ୍ କାର୍ଲୋସ ଅଲକାରାଜ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଡିଫେଣ୍ଡିଂ ତଥା ଗତ ୩ ଥରର ଚାମ୍ପିୟନ ଇଗା ସ୍ୱିଟେକ ଓ ୱାର୍ଲ୍ଡ ନଂ–୧ ଆରିନା ସାବାଲେଙ୍କା ଅନ୍ତିମ–୮ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି।

ରବିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ୱାର୍ଲ୍ଡ ନଂ–୨ ଅଲକାରାଜ ୭–୬(୧୦–୮), ୬–୩, ୪–୬, ୬–୪ ସେଟ୍‌ରେ ୧୩ତମ

**ଫ୍ରେଞ୍ଚ ଓପନ୍**

ସିଡ୍ ବେନ ଶେଲଟନଙ୍କୁ ହରାଇଛନ୍ତି। ସେହିଭଳି ୧୨ତମ ସିଡ୍ ଟମି ପଲ ୬–୩, ୬–୩, ୬–୩ ସେଟ୍‌ରେ ଆଲେକ୍ସି ପପିରିନଙ୍କୁ ପରାସ୍ତ କରିଛନ୍ତି। ଗତ ୨୨ ବର୍ଷରେ ପ୍ରଥମ ଆମେରିକୀୟ ପୁରୁଷ ସିଙ୍ଗଲ୍ସ ଖେଳାଳି ଭାବେ ଟମି ଫ୍ରେଞ୍ଚ ଓପନ ଟୁର୍ନାମେଣ୍ଟର କ୍ୱାର୍ଟର ପାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ସ୍ୱିଟେକ ୧–୬, ୬–୩, ୭–୫ ସେଟ୍‌ରେ ୧୨ତମ ସିଡ୍ ଏଲେନା ରିବାକିନାଙ୍କୁ ପରାସ୍ତ କରିଛନ୍ତି। ସାବାଲେଙ୍କା ୭–୫, ୬–୩ ସିଧାସଳଖ ସେଟ୍‌ରେ ଆମାଣ୍ଡା ଆନିସିମୋଭାଙ୍କୁ ହରାଇଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ଅଷ୍ଟମ ସିଡ୍ ଚାଇନାର କ୍ୱିନୱେନ ଝେଙ୍ଗ ୭–୬(୭–୫), ୧–୬, ୬–୩ ସେଟ୍‌ରେ ଲିଉଡମିଲା ସାମସୋନୋଭାଙ୍କୁ ହରାଇଛନ୍ତି। ଅନ୍ୟପକ୍ଷରେ ଚତୁର୍ଥ ସିଡ୍ ଜସ୍ମିନ ପାଓଲିନି ୬–୪, ୬–୭(୬–୮), ୧–୬ ସେଟ୍‌ରେ ୧୩ତମ ସିଡ୍ ଏଲିନା ସ୍ୱିତୋଲିନାଙ୍କଠାରୁ ପରାଜିତ ହୋଇଛନ୍ତି।

## ଏସୀୟ କରାଟେରେ ଭାରତକୁ ୧ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ୍

**ଭୁବନେଶ୍ୱର, ୧।୬(ତପନ ସ୍ୱାଇଁ)**

ଉଜବେକିସ୍ତାନର ତାସ୍‌କେଣ୍ଟରେ ୨୧ତମ ଏସୀୟ ସିନିୟର କରାଟେ ଚାମ୍ପିୟନସିପ୍ ଏବଂ ଚତୁର୍ଥ ଏସୀୟ ପାରା–କରାଟେ ଚାମ୍ପିୟନସିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ କରାଟେକାମାନେ ୧ ସ୍ୱର୍ଣ୍ଣ ଓ ୨ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ଅଲିମ୍ପିକ୍ସ କାଉନ୍ସିଲ ଅଫ୍ ଏସିଆ(ଓସିଏ) ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏସିଆନ୍ କରାଟେ ଫେଡେରେଶନ୍ (ଏକେଏଫ୍) ଦ୍ୱାରା ଆୟୋଜିତ ହୋଇଥିଲା। ଏକେଏଫ୍ ହେଉଛି ବିଶ୍ୱ କରାଟେ ଫେଡେରେଶନ (ଡବ୍ଲ୍ୟୁକେଏଫ୍)ର ସଦସ୍ୟ, ଯାହା ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି(ଆଇଓସି) ଦ୍ୱାରା ସ୍ୱୀକୃତିପ୍ରାପ୍ତ। ପ୍ରତିଯୋଗିତାରେ ତରୁଣ ଶର୍ମା ପାରା କରାଟେ ବ୍ୟକ୍ତିଗତ କାତା (କେ–୨୧ ବର୍ଗ)ରେ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି



ଏସୀୟ କରାଟେରେ ଭାଗ ନେଇଥିବା ଭାରତୀୟ ପ୍ରତିନିଧି ଦଳ।

ଆଲିଶା ମହିଳା ବ୍ୟକ୍ତିଗତ କୁମିତେ ୫୫ କେଜି ଏବଂ ଭୁବନେଶ୍ୱରୀ ଯାଦବ ମହିଳା ବ୍ୟକ୍ତିଗତ କୁମିତେ ୬୮ କେଜିରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଭାରତ ପ୍ରଥମଥର ପାଇଁ ପାରା–କରାଟେରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛି। ଭାରତୀୟ ଦଳ ରବିବାର ପ୍ରତ୍ୟାବର୍ତ୍ତନ କରିବାପରେ କେଆଇଓର ସଭାପତି ଭାରତ ଶର୍ମା ଏବଂ ଅନ୍ୟ ଅଧିକାରୀମାନେ କ୍ରୀଡ଼ାବିତ୍‌ଙ୍କୁ ସ୍ୱାଗତ କରିଥିଲେ। ପ୍ରତ୍ୟେକ ପଦକ ବିଜେତାଙ୍କ ପାଇଁ ୧,୫୧,୦୦୦ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି।

## ଜାତୀୟ ୭ ବର୍ଷରୁ କମ୍ ଚେସ୍ ଆରମ୍ଭ

**ଭୁବନେଶ୍ୱର, ୧।୬(ତପନ ସ୍ୱାଇଁ)**

ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଜାତୀୟ ୭ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍ ରବିବାର ଆରମ୍ଭ ହୋଇଛି। ଏହି ଜାତୀୟ ପ୍ରତିଯୋଗିତାରେ ୧୨୮ ବାଳିକା ଓ ୨୧୭ ବାଳକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ହେଉଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ୩୪ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ବାଳକ ବର୍ଗରେ ୧୫୩୯ ରେଟିଂପ୍ରାପ୍ତ ଶ୍ରେୟାଂଶ ଥୁମତି ଓ ବାଳିକାରେ ୧୫୩୬ ରେଟିଂପ୍ରାପ୍ତ ସାଇଆସ୍ଥା ସିଂ ଟପ୍ ସିଡ୍‌ର ମାନ୍ୟତା ପାଇଛନ୍ତି। ପ୍ରଥମ ଦିବସରେ ମୋଟ ୨ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଛି। ୫ ତାରିଖରେ ପ୍ରତିଯୋଗିତା ଉଦ୍‌ଯାପିତ ହେବ। ୨ ରାଉଣ୍ଡ ଶେଷରେ ବାଳକ




ଜାତୀୟ ୭ ବର୍ଷରୁ କମ୍ ଚେସ୍ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିମାନେ।

ବର୍ଗରେ ଓଡ଼ିଶାର ରିୟାଂଶ ଅଗ୍ରୱାଲଙ୍କ ସମେତ ୪୭ ଖେଳାଳି ୨ ପଏଣ୍ଟ ଲେଖାଏ ପାଇ ମିଳିତଭାବେ ଅଗ୍ରଣୀଲାଭ କରିଛନ୍ତି। ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଅଧିକାରୀ (କର୍ପୋରେଟ ଆଫାୟର୍ସ) ଗୌତମ ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ସମ୍ପାଦକ ଦେବବ୍ରତ ଭଞ୍ଜ, ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ, କେଟି ଗ୍ଲୋବାଲ ସ୍କୁଲ ଅଧ୍ୟକ୍ଷ ସୋମଦତ୍ତ ବେହୁରା, ରୋଟାରି ଗଭର୍ନର (୨୦୨୫–୨୬, ରୋଟାରି ଇଣ୍ଟରନ୍ୟାଶନାଲ ଡିଷ୍ଟ୍ରିକ୍ଟ–୩୨୬୨) ମନୋଜ କୁମାର ତ୍ରପାଠୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

# ପରିବେଶ ଉପକାରୀ ଜୈବ ଇନ୍ଧନ



ଡ. ଶିବାନୀ ମହାପାତ୍ର

''ଜୈବ ଇନ୍ଧନ ହେଉଛି ଏମିତି ଏକ ପୁନଃ ନବୀକରଣଶୀଳ ଉର୍ଜାର ଉତ୍ସ, ଯାହା ଜୈବ ମୂଳ ଉପାଦାନରୁ ମିଳେ, ଯାହାକୁ ସାଧାରଣ ଭାବରେ 'ବାୟୋମାସ' ବୋଲି କୁହାଯାଏ। ଏହି ବାୟୋମାସଗୁଡ଼ିକ ଉଦ୍ଭିଦ, ପଶୁ ଓ ସେମାନଙ୍କର ଉପପଦାର୍ଥ ଉପରେ ଆଧାରିତ ଥାଏ। ଜୈବ ଇନ୍ଧନ ପାରମ୍ପରିକ ଜୀବାଶ୍ମ ଇନ୍ଧନକୁ ବଦଳାଇବା ବା ଏହାର ଅନୁପୂରକ ଭାବରେ ବ୍ୟବହୃତ ହୁଏ। ଏହି ଉର୍ଜା ଦ୍ରବ୍ୟ ଓ ଗ୍ୟାସୀୟ ଅବସ୍ଥାରେ ଥାଇପାରେ। କିନ୍ତୁ ସବୁଠାରୁ ଅଧିକ ଚର୍ଚ୍ଚିତ ଓ ବ୍ୟବହୃତ ହେଉଥିବା ଦ୍ରବ୍ୟ ଜୈବଇନ୍ଧନ, ଇଥାନଲ ଓ ବାୟୋଡିଜେଲ।''





ବିଶ୍ୱରେ ଆଜି ଉର୍ଜାର ଅଭାବ, ତାହା ସହିତ ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମ୍ମୁଖୀନ। ଏହି ସମସ୍ୟାଗୁଡ଼ିକୁ ସମାଧାନକରିବା ପାଇଁ ଏବଂ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା କମାଇବା ପାଇଁ ବିଭିନ୍ନ ଦେଶ ବିକଳ୍ପ ଉର୍ଜାର ଉତ୍ସ ଖୋଜିବାରେ ବ୍ୟସ୍ତ। ଏହି ପରିପ୍ରେକ୍ଷୀରେ, ଜୈବଇନ୍ଧନ ବା ବାୟୋଫୁଏଲ ଏକ ଦୃଢ଼ ଓ ଭବିଷ୍ୟତମୁଖୀ ଉପା ଭାବରେଉଭୟ ବିଜ୍ଞାନ ଓ ନୀତି ନିର୍ମାଣ କ୍ଷେତ୍ରରେ ଗୁରୁତ୍ୱ ବହନ କରୁଛି। ଜୈବ ଇନ୍ଧନ ହେଉଛି ଜୈବପଦାର୍ଥ, ଯାହା ଉଦ୍ଭିଦ, ପଶୁ ଓ ତାଙ୍କର ଉପପଦାର୍ଥରୁ ପ୍ରାପ୍ତ ହୋଇଥାଏ। ଏହି ଉତ୍ସ ଦ୍ରବ୍ୟ ବା ଗ୍ୟାସ ଆକାରରେ ଥାଇପାରେ। ଅଧିକ ଚର୍ଚ୍ଚିତ ହେଉଛି ଦ୍ରବ୍ୟ ଆକାରରେ ଥିବା ଇଥାନଲ ଓ ବାୟୋଡିଜେଲ। ଇଥାନଲ ମକା, ମାଣ୍ଡିଆ, ଚିନିଖଣ୍ଡ ଇତ୍ୟାଦି ଫସଲରେ ଥିବା ଚିନି ଉପାଦାନକୁ ଫର୍ମେଣ୍ଟେସନ ଦ୍ୱାରା ତିଆରି କରାଯାଏ, ଯାହା ତେଲ ଆଧାରିତ ଇନ୍ଧନର ଏକ ବିକଳ୍ପ ଭାବରେ ବ୍ୟବହୃତ ହୁଏ। ବାୟୋଡିଜେଲ, ଅନ୍ୟପଟେ ପଶୁ ଚର୍ବି ଉପରେ ଆଧାରିତ ଏବଂ ଟ୍ରାନ୍ସଏସ୍ଟରିଫିକେଶନ ନାମକ ରାସାୟନିକ ପ୍ରକ୍ରିୟା ଦ୍ୱାରା ତିଆରି କରାଯାଏ।

ଜୈବ ଇନ୍ଧନ ହେଉଛି ଏମିତି ଏକ ପୁନଃ ନବୀକରଣଶୀଳ ଉର୍ଜାର ଉତ୍ସ, ଯାହା ଜୈବ ମୂଳଉପାଦାନରୁ ମିଳେ, ଯାହାକୁ ସାଧାରଣ ଭାବରେ 'ବାୟୋମାସ' ବୋଲି କୁହାଯାଏ। ଏହି ବାୟୋମାସଗୁଡ଼ିକ ଉଦ୍ଭିଦ, ପଶୁ ଓ ସେମାନଙ୍କର ଉପପଦାର୍ଥ ଉପରେ ଆଧାରିତ ଥାଏ। ଜୈବ ଇନ୍ଧନ ପାରମ୍ପରିକ ଜୀବାଶ୍ମ ଇନ୍ଧନକୁ ବଦଳାଇବା ବା ଏହାର ଅନୁପୂରକ ଭାବରେ ବ୍ୟବହୃତ ହୁଏ। ଏହି ଉର୍ଜା ଦ୍ରବ୍ୟ ଓ ଗ୍ୟାସୀୟ ଅବସ୍ଥାରେ ଥାଇପାରେ। କିନ୍ତୁ ସବୁଠାରୁ ଅଧିକ ଚର୍ଚ୍ଚିତ ଓ ବ୍ୟବହୃତ ହେଉଥିବା ଦ୍ରବ୍ୟ ଜୈବଇନ୍ଧନ, ଇଥାନଲ ଓ ବାୟୋଡିଜେଲ ଅଟେ।

ସାଧାରଣତଃ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ସମୟରେ ଅନେକ ପ୍ରକାର ଜୈବ ଅବଶିଷ୍ଟାଂଶ ଉତ୍ପନ୍ନ ହୁଏ। ଯେପରିକି ଧାନଚୋପା ବା କୁଣ୍ଡା, ଶୁଖିଲା ମକା ଗଛ, ଆଖୁଛେଦା, ଓ ଅନ୍ୟାନ୍ୟ ଫସଲ ଅବଶିଷ୍ଟାଂଶ ଏହାର ଉଦାହରଣ। ଏହାକୁ ସାଧାରଣତଃ କ୍ଷେତରେ ଛାଡ଼ି ଦିଆଯାଏ, ଜଳାଇ ଦିଆଯାଏ ବା ଏଣେତେଣେ ଫୋପାଡି ଦିଆଯାଏ, ତେବେ ଏହା ପରିବେଶ ପ୍ରଦୂଷଣକୁ ହ୍ରାସ କରି ପାରିବା ସହିତ ଉର୍ଜା ଉତ୍ପାଦନର ଏକ ଉତ୍କୃଷ୍ଟ ବିକଳ୍ପ ଉପାୟ ହୋଇପାରିବ। ଉଦାହରଣସ୍ୱରୂପ, ଧାନଗଛ ନଡା, କୁଣ୍ଡା ଓ ଅଗାଡ଼ିକୁ ଯଦି ଜଳାଯାଏ, ତେବେ ଏହା ଅଧିକ ପରିମାଣରେ ବାୟୁ ପ୍ରଦୂଷଣ ଘଟାଏ। କିନ୍ତୁ ସେହି ଅବଶିଷ୍ଟକୁ ଯଦି ଜୈବ ଇନ୍ଧନ ରୂପେ ପରିଣତ କରାଯିବ, ତେବେ ଏହା ଏକ ମୂଲ୍ୟବାନ ଉର୍ଜାର ଉତ୍ସ ହେବା ସହ ଏକ ପରିବେଶ ଅନୁକୂଳ ଇନ୍ଧନ ଭାବେ ଗଣାଯିବ। ବିଶ୍ୱ ଉର୍ଜା ରୂପରେ ଯେଉଁଠି ଜୀବାଶ୍ମ ଇନ୍ଧନ ପାଇଁ ଅତ୍ୟଧିକ ନିର୍ଭରଶୀଳତା ଓ ତାହାର ପରିବେଶୀୟ ପ୍ରଭାବ ଯେପରିକି ଅଙ୍ଗାରକାମ୍ଳ ବିକିରଣ ରହିଛି, ସେଠି ଜୈବ ଇନ୍ଧନ ଏକ ଅଙ୍ଗାରକାମ୍ଳବିହୀନ ବିକଳ୍ପ ଇନ୍ଧନ ଭାବେ ଉଭା ହେବ। ଜୈବ ଇନ୍ଧନ ଉପରେ ନିର୍ଭର କରି, ଏକ ଦେଶ ତାହାର ଉର୍ଜା ସ୍ୱାଧୀନତା ବୃଦ୍ଧି କରିପାରିବ। ତୈଳ ଆମଦାନୀକୁ କମାଇ ପାରିବ ଓ ସ୍ଥାୟୀ ଉନ୍ନତି ଦିଗରେ ଏକ ସକାରାତ୍ମକ ପଦକ୍ଷେପ ନେଇପାରିବ।

## ଜୈବ ଇନ୍ଧନର ପିଢ଼ି

**ପ୍ରଥମପିଢ଼ି:** ଏହି ଜୈବ ଇନ୍ଧନ ଖାଦ୍ୟ ଫସଲ ଯେପରିକି ମକା, ମାଣ୍ଡିଆ ଇତ୍ୟାଦିରୁ ତିଆରି ହୁଏ। କିନ୍ତୁ ଏହା ଖାଦ୍ୟ ସୁରକ୍ଷା ସହିତ ପ୍ରତିସ୍ପର୍ଦ୍ଧା ସୃଷ୍ଟି କରେ।

**ଦ୍ୱିତୀୟପିଢ଼ି:** ଏହି ଜୈବ ଇନ୍ଧନ କୃଷି ଅବଶିଷ୍ଟାଂଶ, କାଠ ଓ ଜୈବ ଅପଚୟରୁ ତିଆରି କରାଯାଏ।

**ତୃତୀୟପିଢ଼ି:** ଏହି ପିଢ଼ିରେ ଶୈବାଳ ଭଳି ଉଦ୍ଭିଦ ଉପରେ ଆଧାରିତ ହୋଇ ଉତ୍ପାଦନ ହୁଏ।

**ଚତୁର୍ଥପିଢ଼ି:** ଏଠାରେ ଜିନ୍ ବଦଳ କରାଯାଇଥିବା ସୂକ୍ଷ୍ମଜୀବ ମାଧ୍ୟମରେ ଉତ୍ପାଦନ କରାଯାଏ।

କୃଷି ଅବଶିଷ୍ଟରୁ ଜୈବ ଇନ୍ଧନ ଉତ୍ପାଦନ କେବଳ ଏକ ଉର୍ଜାର ବିକଳ୍ପ ନୁହେଁ, ବରଂ ଏହା ଅର୍ଥନୈତିକ ଉନ୍ନତି, ପରିବେଶ ରକ୍ଷା ଓ ସାମାଜିକ ସ୍ଥାୟିତ୍ୱ ପାଇଁ ଏକ ଶକ୍ତିଶାଳୀ ଓ ଯୁଗଉପଯୋଗୀ ପଦକ୍ଷେପ। ଆଗାମୀ ଦିନରେ ଯେଉଁଠି ସ୍ୱଚ୍ଛ ଉର୍ଜା ପାଇଁ ବିଶ୍ୱରେ ଚାହିଦା ବଢୁଛି, ଜୈବ ଇନ୍ଧନ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ଉଭା ହେବ। ଏଥିପାଇଁ ନିରନ୍ତର ଗବେଷଣା, ପ୍ରଯୁକ୍ତି ବିଦ୍ୟାର ଉନ୍ନତି ଓ ନୀତିଗତ ସମର୍ଥନ ଆବଶ୍ୟକ।

-ସହକାରୀ ପ୍ରଫେସର (ଗବେଷଣା)
ଜୈବ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ: ୬୩୭୨୫୯୮୯୯୩

# ଉପକାରୀ କିସ୍‌ମିସ୍



କିସ୍‌ମିସ୍‌ରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଏହାକୁ ଖାଇଲେ ତାହା ହଜମ କ୍ରିୟାକୁ ଆହୁରି ସକ୍ରିୟ କରିଥାଏ। ଏହାବ୍ୟତୀତ କୋଷ୍ଠକାଠିନ୍ୟ ପରି ସମସ୍ୟାରୁ ଅନେକାଂଶରେ ଉପଶମ ମିଳିଥାଏ। କେବଳ ସେତିକି ନୁହେଁ, କିସ୍‌ମିସ୍ କମ୍ କ୍ୟାଲୋରିଯୁକ୍ତ। ଏହା ଓଜନ କମାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏଥିରେ ଏଭଳି ତତ୍ତ୍ୱ ଅଛି, ଯାହା ଶରୀରରେ ସୁଗାର ସ୍ତରକୁ କେତେକାଂଶରେ ସନ୍ତୁଳିତ ରଖେ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ମଧ୍ୟ ରହିଛି। ଏହାକୁ ଖାଇଲେ ତାହା ଦୃଷ୍ଟିଶକ୍ତିକୁ ପ୍ରଖର କରିବାରେ ସାହାଯ୍ୟ କରିଥାଏ। ଏହା ମଧ୍ୟ ଶରୀରରେ ଶକ୍ତି ବୃଦ୍ଧି କରିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ଏହାକୁ ଖାଇଲେ ତାହା ହାର୍ଟ ପାଇଁ ମଧ୍ୟ ଉପକାରୀ। ପେଟରେ ଏସିଡିଟି ସମସ୍ୟା ଦେଖାଦେଲେ ଏହା ସେଥିରୁ କେତେକାଂଶରେ ଉପଶମ ଦେଇଥାଏ। କେବଳ ସେତିକି ନୁହେଁ, ଶରୀରରେ କୋଲେଷ୍ଟରଲ ସ୍ତରକୁ ମଧ୍ୟ ସନ୍ତୁଳିତ ରଖେ। ଚର୍ମକୁ ମଧ୍ୟ ନମନୀୟ ରଖିଥାଏ କିସମିସ୍।

# ବୟସ୍କ ବ୍ୟକ୍ତି ଓ ଗଣ୍ଠିବାତ ସମସ୍ୟା



ସାଧାରଣତଃ ବୟସ୍କ ବ୍ୟକ୍ତିମାନେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତନ୍ମଧ୍ୟରୁ ଗଣ୍ଠିବାତ ଅନ୍ୟତମ। ଆଣ୍ଠୁଗଣ୍ଠି ରୋଗ ପୁରୁଷମାନଙ୍କଠାରୁ ମହିଳାମାନଙ୍କୁ ଅଧିକ ମାତ୍ରାରେ ହୋଇଥାଏ। ପ୍ରାୟ ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦% ବ୍ୟକ୍ତି ଏଥିରେ ପୀଡ଼ିତ ହୋଇଥାଆନ୍ତି। ଏକ ସର୍ଭେରୁ ଜଣାପଡ଼ିଛି ଯେ, ଡାକ୍ତରଙ୍କ ପରାମର୍ଶ ପାଇଁ ଆସୁଥିବା ଲୋକମାନଙ୍କ ମଧ୍ୟରୁ ଚାରି ଜଣରୁ ଜଣଙ୍କର ଗଣ୍ଠିଜନିତ ରୋଗ ଥାଏ। ଗଣ୍ଠିଜନିତ ରୋଗ ଯୋଗୁ ଚଳପ୍ରଚଳରେ ଅସୁବିଧା, ଗଣ୍ଠିରେ ଯନ୍ତ୍ରଣା ଓ କାର୍ଯ୍ୟ ନ କରିବା ପରି ଗୁରୁତର ଅବସ୍ଥା ହୋଇଥାଏ। ଯନ୍ତ୍ରଣା ଲାଘବ ପାଇଁ ଦରଜ କମିବା ଔଷଧ (ପେନ୍‌କିଲର) ଖାଇଲେ ତାହା କ୍ରମଶଃ କିଡ୍‌ନୀ ଖରାପ କରିବାର ଆଶଙ୍କା ରହିଛି। ସ୍ଥଳ ବିଶେଷରେ ପାକସ୍ଥଳୀ ଓ ଖାଦ୍ୟନଳୀରେ କ୍ଷତ ଓ ଘାଆ ସୃଷ୍ଟି କରିଥାଏ। ରୁ୍ୟମାଟଏଡ୍ ଆର୍ଥ୍ରାଇଟିସ୍‌ରେ ଛୋଟ ଛୋଟ ଗଣ୍ଠି ଯଥା ଆଙ୍ଗୁଠି, ପାଦ ଇତ୍ୟାଦି ଫୁଲି ଦରଜ ହୋଇଥାଏ। ଗଣ୍ଠି ମଧ୍ୟରେ ଥିବା ସାଇନୋଭିଆଲ ତରଳ ରସରେ ହ୍ରାସ ହେଲେ, ବୟସାଧିକ କାରଣରୁ କ୍ୟାଲ୍‌ସିୟମର ଅଭାବ, ଭିଟାମିନ୍-ଡି'ର ଅଭାବ ପାଇଁ ଗଣ୍ଠିରୋଗ ହୋଇଥାଏ। ଏହାବ୍ୟତୀତ ଦୁର୍ଘଟଣାରେ ଆଘାତ ଲାଗି ଯଦି ହାଡ଼ଗୁଡ଼ିକୁ ପରସ୍ପର ସହିତ ଖଞ୍ଜାରେ ବାନ୍ଧି ରଖିଥିବା ତନ୍ତୁ ଛିଡ଼ିଯାଆନ୍ତି, ସଂକ୍ରମିତ ହୁଅନ୍ତି ଅବା ଫୁଲି ଯାଆନ୍ତି ତା'ହେଲେ ଗଣ୍ଠିରେ ଯନ୍ତ୍ରଣା ହୋଇଥାଏ।

# ଅସନ୍ତୁଳିତ ଜୀବନଶୈଳୀ ଅବସାଦର କାରଣ



ଆମକୁ ସୁସ୍ଥ ତଥା ନୀରୋଗ ରହିବାକୁ ହେଲେ ପ୍ରଥମେ ନିଜର ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିଥାଏ। ତା'ସହ ଖାଦ୍ୟପେୟ, ନିୟମିତ ବ୍ୟାୟାମ ଏବଂ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେଲେ ଆମେ ଅନେକାଂଶରେ ସୁସ୍ଥ ରହିପାରିବା। ତେବେ ଯଦି ଆମର ଜୀବନଶୈଳୀ ଅସନ୍ତୁଳିତ ରହିବ ତାହା ଆଉ ଏକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିପାରେ ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ସତର୍କ କରାଇ ଦେଇଛନ୍ତି। ଏକ ସଦ୍ୟତମ ସର୍ଭେରୁ ସେମାନେ ଜାଣିପାରିଛନ୍ତି ଯେ, ଯଦି ଜଣେ ବ୍ୟକ୍ତିଙ୍କ ଜୀବନଶୈଳୀ କିଛି ମାସ ଧରି ଅସନ୍ତୁଳିତ ରହିଲା, ତେବେ ସେ ଅବସାଦ ବା ଡିପ୍ରେସନର ଶିକାର ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏଭଳି ବିଷୟରେ ଜାଣିବା ପୂର୍ବରୁ ସେମାନେ କିଛି ବର୍ଷ ଧରି ଅନିୟମିତ ଜୀବନଶୈଳୀ ଅନୁସରଣ କରୁଥିବା କେତେକ ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ। ଏହି ସମୟରେ ସେମାନେ କେତେ ଅବସାଦଗ୍ରସ୍ତ ରହୁଛନ୍ତି ତାହାକୁ ତନ୍ନ ତନ୍ନ କରି ନିରୀକ୍ଷଣ କରାଯାଇଥିଲା। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତି ଅବସାଦର ଶିକାର ହୋଇଥିବାର ପରିଶେଷରେ ଜଣାପଡିଥିଲା। ଏଭଳି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ଲାଗି ପ୍ରଥମେ ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରିବା ଲାଗି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# ଜାଣିରଖନ୍ତୁ...



- ଗାଜର ଆମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ ଭରି ରହିଛି। ବିଶେଷଭାବରେ ସକାଳୁ ଏହାକୁ ଖାଇଲେ ତାହା ଶରୀର ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଥାଏ।
- ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ, ତେବେ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ। ଯଦି କିଛି ଶାରୀରିକ ସମସ୍ୟା ଦେଖାଦେଲା, ତେବେ ଯେଉଁ ଡାକ୍ତରଙ୍କ ଅଧୀନରେ ଚିକିତ୍ସିତ ହେଉଛନ୍ତି ତାଙ୍କ ସହ ପରାମର୍ଶ କରନ୍ତୁ।
- ପ୍ରତିଦିନ ରାତିରେ ଉଷୁମ କ୍ଷୀର ପିଇବା ସ୍ୱାସ୍ଥ୍ୟ ପାଇଁ ହିତକର।
- ତଟକା ଫଳମୂଳ ଏବଂ ସବୁଜ ପନିପରିବାରେ ଭିଟାମିନ୍ ଭରି ରହିଛି। ଏହାକୁ ସବୁବେଳେ ଖାଇଲେ ଆପଣ କେତେକାଂଶରେ ସୁସ୍ଥ ରହିପାରିବେ।
- ନିଜକୁ ନିଶା ଦ୍ରବ୍ୟଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। କାରଣ ଏହା ସାମାନ୍ୟ ଆନନ୍ଦ ଦେଇଥାଏ, ହେଲେ ପରବର୍ତ୍ତୀ ସମୟରେ ଜୀବନ ପାଇଁ ଅକାଳ ବିପଦକୁ ଆମନ୍ତ୍ରଣ କରିଥାଏ।
- ସବୁବେଳେ ନିଜ ଓଜନ କିପରି ନିୟନ୍ତ୍ରିତ ରହିବ ସେ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ଏଥିପାଇଁ ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ।

# ବୁଦ୍ଧିମତ୍ତାକୁ ପ୍ରଭାବିତ କରେ ଅଧିକ ମିଠାଜାତୀୟ ଖାଦ୍ୟ



ମନଲୋଭା ଖାଦ୍ୟ ମଧ୍ୟରୁ ମିଠା ଅନ୍ୟତମ। ଅନେକେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ପରିମାଣରେ ମିଠା ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାର ସ୍ୱାଦ ହୁଏତ ମିଠା ହୋଇପାରେ, ହେଲେ ଏହାର ପରିମାଣ ଅଧିକ ହେଲେ ତାହା ଆମ ବୁଦ୍ଧିମତାକୁ ପ୍ରଭାବିତ କରିଥାଏ। 'ଅତ୍ୟଧିକ ମିଠା ଓ ବୁଦ୍ଧିମତା' ବିଷୟକୁ ନେଇ ହୋଇଥିବା ସର୍ଭେରୁ ଟୋକିଓ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ଏଭଳି କଥା ଜାଣିପାରିଛନ୍ତି। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇଟି ଗ୍ରୁପରେ ବିଭକ୍ତ କରି ଗୋଟିଏ ଗ୍ରୁପରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଭାବରେ ମିଠା ଖାଇବାକୁ ଏବଂ ଅନ୍ୟ ଗ୍ରୁପ ବ୍ୟକ୍ତିମାନଙ୍କୁ ମନଇଚ୍ଛା ମିଠା ଖାଇବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ବୁଦ୍ଧିମତା ଉପରେ ପଡୁଛି ତାହାକୁ ତନ୍ନତନ୍ନ କରି ଅନୁଧ୍ୟାନ ମଧ୍ୟ କରିଥିଲେ। ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କ ବୁଦ୍ଧିମତାରେ ତାରତମ୍ୟତା ଦେଖିବାକୁ ମିଳିଥିଲା।

# ସ୍ୱାସ୍ଥ୍ୟ ସୂଚନା

- ଯେଉଁ ଋତୁ ହେଉ ନା କାହିଁକି, ଖାଦ୍ୟପେୟ ପ୍ରତି ସବୁବେଳେ ସତର୍କ ରୁହନ୍ତୁ। ସବୁବେଳେ ଏଭଳି ଖାଦ୍ୟ ଖାଆନ୍ତୁ, ଯାହା ସହଜରେ ହଜମ ହେଉଥିବ। ରାତିରେ ଯେତେ ହାଲୁକା ଖାଦ୍ୟ ଖାଇବେ ତାହା ସେତେ ଭଲ।
- ରାତିରେ ଶୋଇବା ପୂର୍ବରୁ ଭଲ ଭାବରେ ଧୋଇ ହୁଅନ୍ତୁ। ବେଡ୍‌କୁ ଯିବା ପୂର୍ବରୁ ନିଜକୁ ଟେନ୍‌ସନଠାରୁ ଦୂରେଇ ରଖନ୍ତୁ। ଶାନ୍ତ ମନରେ ଶୋଇବାକୁ ଗଲେ ଭଲ ନିଦ ହୋଇଥାଏ।
- ବୟସ୍କ ବ୍ୟକ୍ତିମାନେ ନିଜର ଖାଦ୍ୟପେୟ ପ୍ରତି ନଜର ଦେବା ଦରକାର। ଏହି ସମୟରେ ଅସ୍ଥିଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ଏହାକୁ ଦୃଢ଼ କରିବା ପାଇଁ ଭିଟାମିନ୍ 'ଡି'ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ।
- ନିଜକୁ ସୁସ୍ଥ ତଥା ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟପେୟ ପ୍ରତି ନଜର ଦେବା ସହ ଦୈନନ୍ଦିନ ଜୀବନରେ ବ୍ୟାୟାମକୁ ସାମିଲ କରନ୍ତୁ।
- ଅନେକ ରୋଗର ବାହକ ବେଳେବେଳେ ପାଣି ହୋଇଥାଏ। ତେଣୁ ପାଣିକୁ ଫୁଟାଇ ପିଇବା ସ୍ୱାସ୍ଥ୍ୟପକ୍ଷେ ଲାଭଦାୟକ।
- ଯଦି କୌଣସି ରୋଗରେ ଆପଣ ଆକ୍ରାନ୍ତ ହେଉଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଯଦି ଏଥିରେ ଅବହେଳା କରନ୍ତି, ତେବେ ପରବର୍ତ୍ତୀ ସମୟରେ ସେଥିରୁ ଆରୋଗ୍ୟ ଲାଭ କରିବା ପାଇଁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡିପାରେ।



# ହୃତ୍‌ପିଣ୍ଡ: କିଛି କଥା

ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କହିବାକୁ ଗଲେ ହୃଦ୍‌ଯନ୍ତ୍ର ଦ୍ୱାରା ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ନ ହେଲେ କେବଳ ମସ୍ତିଷ୍କକୁ କ'ଣ ଶରୀରର କୌଣସି ଅଙ୍ଗ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ଏ ସମ୍ପର୍କରେ ବରିଷ୍ଠ ଚିକିତ୍ସକ ଡା. ରାମଚନ୍ଦ୍ର ରାଉତ କହନ୍ତି, ''ମାତ୍ର ୩୦୦-୪୦୦ ଗ୍ରାମ୍ ଓଜନ ବିଶିଷ୍ଟ ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ରୂପେ କମ୍ପନ କରୁଥିବା ହୃଦ୍‌ଯନ୍ତ୍ରଟି ଗର୍ଭ ସଞ୍ଚାରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ୍ନ ଭାବେ ମଣିଷ ବଞ୍ଚିଥିବା ଯାଏ କାର୍ଯ୍ୟ କରୁଥାଏ। ପ୍ରକାରାନ୍ତରେ ହୃଦ୍‌ଯନ୍ତ୍ର ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ ।ମାତ୍ର ୧୨ ସେମି ଲମ୍ବ, ୮.୫ ସେମି ଓସାର ଓ ୬ ସେମି ମୋଟା ବିଶିଷ୍ଟ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ହାରାହାରି ୭୨ ଥର (୬୦-୮୦), ପ୍ରତି ଘଣ୍ଟାରେ ୪୩୨୦ଥର, ଗୋଟିଏ ଦିନରେ ଲକ୍ଷେ ଚାରିହଜାର ଥର ସ୍ପନ୍ଦିତ (ସଙ୍କୁଚିତ ଓ ପ୍ରସାରିତ) ହୋଇଥାଏ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ। ଗୋଟିଏ ହୃଦ୍‌ଯନ୍ତ୍ର କାର୍ଯ୍ୟ ଅର୍ଥାତ୍ ପ୍ରତ୍ୟେକ ସ୍ପନ୍ଦନ ପାଇଁ ଏହା ୦.୮ ସେକେଣ୍ଡ ନେଇଥାଏ ଓ ସଙ୍କୋଚନ ପାଇଁ ଯେତିକି ସମୟ ନିଏ, ପ୍ରସାରଣ ପାଇଁ ତା'ଠାରୁ ଅଢ଼େଇ ଗୁଣ ସମୟ ନେଇଥାଏ। ଅର୍ଥାତ୍, ହୃଦ୍‌ଯନ୍ତ୍ର ଯେତିକି ସମୟ ସଙ୍କୁଚିତ ହୁଏ ତା' ତୁଳନାରେ ଅଢ଼େଇରୁ ୩ ଗୁଣ (ପ୍ରସାରିତ) ବିଶ୍ରାମ ନେଇଥାଏ। ତେଣୁ ଏହା ଉପରେ କାର୍ଯ୍ୟଭାର କିଛି ମାତ୍ରାରେ କମ୍ ହୋଇଥାଏ। ସାଧାରଣତଃ ହୃଦ୍‌ଯନ୍ତ୍ରର ତିନିଗୋଟି ଆବରଣ ମଧ୍ୟରୁ ମାଂସପେଶୀୟ ଆବରଣ ବା ମାୟୋକାର୍ଡିୟମ୍ ଏହି କାର୍ଯ୍ୟ କରିଥାଏ।



ହୃଦ୍‌ଯନ୍ତ୍ରର ସଙ୍କୋଚନ ସମୟରେ ହେଉଥିବା ବଳ ଦ୍ୱାରା ରକ୍ତ ସଞ୍ଚାରଣ ହୋଇଥାଏ ଏବଂ ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ। ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ। ଏହି ସମୟରେ ପଲସ୍ ପ୍ରେସର (ନାଡି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ। ରକ୍ତଚାପ ବୃଦ୍ଧି ହେଲେ ଏହା ମଧ୍ୟ ଅସୁବିଧା ହୋଇଥାଏ। ମାତ୍ର ଉଚ୍ଚ ରକ୍ତଚାପ ଏକ ବହୁଳ ପରିଲକ୍ଷିତ। ଅସନ୍ତୁଳିତ ରକ୍ତଚାପ, ଶରୀରରେ ଚର୍ବି ପରିମାଣ ବଢ଼ିଯିବା, ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଧୂମପାନ, ମାନସିକ ଚାପ ଏବଂ ବିଷାଦ ଆଦି ହୃଦ୍‌ଘାତର ପ୍ରମୁଖ କାରଣ। ଉଚ୍ଚ ରକ୍ତଚାପ ଥରେ ଜଣାପଡ଼ିଲେ ଏହା ପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକତା ପଡ଼ିଥାଏ। ଏତଦ୍‌ବ୍ୟତୀତ ହୃଦ୍‌ଘାତ ବା ହାର୍ଟ ଆଟାକ୍ ଯାହାକୁ 'Acuto myocardial Ischemia (AME) କୁହାଯାଏ, ତାହା ହୃଦ୍‌ଯନ୍ତ୍ରର ମାଂସପେଶୀକୁ ରକ୍ତ ସଞ୍ଚାଳନ ବନ୍ଦ ହେବା ଦ୍ୱାରା ହୋଇଥାଏ। ହୃଦ୍‌ଯନ୍ତ୍ରରୁ ମାଂସପେଶୀକୁ ରକ୍ତ ଯୋଗାଉଥିବା ଦୁଇଟି ମୁଖ୍ୟ ଧମନୀ ଓ ଏହାର ଶାଖା ଏହିପରି ପାଞ୍ଚଗୋଟି ଧମନୀରୁ ଏକ ବା ଏକାଧିକ ଅବରୋଧ ସୃଷ୍ଟି ହେଲେ ହୃଦ୍‌ଘାତ ହୋଇଥାଏ। ଏହା ବାମ ମୁଖ୍ୟ କରୋନାରୀ ଧମନୀରେ ଅଧିକ ପରିଲକ୍ଷିତ ହୋଇଥାଏ। ତେଣୁ ସୁଷମ ଖାଦ୍ୟ ଖାଇବା ସହ ନିୟମିତ ବ୍ୟାୟାମ କଲେ ଆମେ ହୃତପିଣ୍ଡକୁ ଅନେକାଂଶର ସୁସ୍ଥ ରଖିପାରିବା।''

**ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି**

# ଶୁଟ୍‌ଆଉଟ୍‌ରେ ଉରୁଗୁଏକୁ ହରାଇଲା ଭାରତ

**ନୂଆଦିଲ୍ଲୀ, ୧।୬(ପି.ଟି.)**

ଭାରତ ଏଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି ଟୁର୍ନାମେଣ୍ଟରେ ୩-୧ ଶୁଟ୍‌ଆଉଟରେ ଉରୁଗୁଏକୁ ପରାସ୍ତ କରିଛି। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଖେଳ ୨-୨ରେ ଡ୍ର ରହିବା ପରେ ପେନାଲ୍ଟି ପଦ୍ଧତିର ଅନୁସରଣ କରାଯାଇଥିଲା। ଆର୍ଜେଣ୍ଟିନାର ରୋସାରିଓଠାରେ ଚାଲିଥିବା ଏହି ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଖେଳରେ ଭାରତ ତରଫରୁ ଉପଅଧିନାୟିକା ହୀନା ଓ ଲାଲରିନ୍‌ପୁଇ ଗୋଲ୍ ସ୍କୋର କରିଥିଲେ। ଶୁଟ୍‌ଆଉଟ୍‌ରେ ଗୀତା, କନିକା ଓ ଲାଲ୍‌ଥାଣ୍ଟଲୁଆଙ୍ଗି ଗୋଲ୍ ସ୍କୋର କରିଥିଲେ। ମ୍ୟାଚ୍‌ରେ ଖେଳର ୧୦ମ ମିନିଟ୍‌ରେ ହୀନା ପ୍ରଥମ ଗୋଲ୍ ଏବଂ ଲାଲ୍‌ରିନ୍‌ପୁଇ ୨୪ତମ ମିନିଟ୍‌ରେ ଗୋଲ ସ୍କୋର କରି ଭାରତକୁ ୨-୦ ଗୋଲ୍‌ରେ ଅଗ୍ରଣୀ କରାଇଥିଲେ। ତେବେ ମ୍ୟାଚ୍‌ରେ ଉରୁଗୁଏ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲା। ୫୪ତମ ମିନିଟ୍‌ରେ ଇନେସ ପୋସାଦାସ ଏବଂ ଏହାର ୩ ମିନିଟ୍ ପରେ ମିଲାଗ୍ରସ୍ ସିଗାଲଙ୍କ ଗୋଲ୍ ସହାୟତାରେ ଉରୁଗୁଏ ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇଆସିଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଆର୍ଜେଣ୍ଟିନା ବିପକ୍ଷରେ ଖେଳିବ।

# ଚର୍ଚ୍ଚିଲ ବ୍ରଦର୍ସ ଆଇ-ଲିଗ୍ ଚାମ୍ପିୟନ



ଚର୍ଚ୍ଚିଲ ବ୍ରଦର୍ସ ଦଳ।

**ପଣ୍ଜୀ,୧।୬**

ଆଇ-ଲିଗ୍ ଟାଇଟଲକୁ ନେଇ ଲାଗିରହିଥିବା ବିବାଦ ଏକ ନୂଆ ମୋଡ଼ ନେଇଛି। ପ୍ରତିଯୋଗିତାର ଦ୍ୱିତୀୟ ଲେଗ୍‌ର ଅନେକ ମ୍ୟାଚ୍‌ରେ ଇଣ୍ଟର କାଶୀ ଅଯୋଗ୍ୟ ଖେଳାଳିଙ୍କୁ ଖେଳାଇଥିବା ନେଇ ଏଆଇଏଫ୍‌ଏଫ୍‌ର ଅପିଲ୍ସ କମିଟି ଘୋଷଣା କରିବା ପରେ ଚର୍ଚ୍ଚିଲ ବ୍ରଦର୍ସ ଚାମ୍ପିୟନଶିପ ବଜାୟ ରଖିଛି।

ଅପିଲ୍ସ କମିଟି ନିକଟରେ ଚର୍ଚ୍ଚିଲ ବ୍ରଦର୍ସ, ନାମଧାରୀ ଏଫ୍‌ସି ଓ ରିଅଲ କଶ୍ମୀର ପକ୍ଷରୁ ଆବେଦନ କରାଯାଇଥିଲା। ଏହାର ଶୁଣାଣି ପରେ ଅପିଲ୍ସ କମିଟି ମୁଖ୍ୟ ରାଜେଶ ଟଣ୍ଡନ ଶନିବାର ଜାରି କରିଥିବା ନିର୍ଦ୍ଦେଶରେ କହିଛନ୍ତି, ଇଣ୍ଟର କାଶୀ ଦ୍ୱାରା ମାରିଓ ବାର୍କୋଙ୍କୁ ପୁନଃ ପଞ୍ଜୀକୃତ କରାଯାଇଥିଲା, ଯାହାକି ପ୍ରତିଯୋଗିତାର ନିୟମକୁ ଉଲ୍ଲଂଘନ କରିଥିଲା। ନିୟମ ଅନୁସାରେ, ସିଜନ ଶେଷଆଡ଼କୁ ଇଞ୍ଜୁରି କିମ୍ବା ଅସୁସ୍ଥତା ଯୋଗୁ ବାଦ୍ ପଡ଼ିଥିବା ଖେଳାଳିଙ୍କୁ ପୁନଃ ପଞ୍ଜୀକୃତ କରାଯାଇପାରିବ ନାହିଁ।

ପୂର୍ବରୁ ନାମଧାରୀ ଏଫ୍‌ସି ଅଯୋଗ୍ୟ ଖେଳାଳିଙ୍କୁ ଖେଳାଇଥିବା ନେଇ ଇଣ୍ଟର କାଶୀ ପକ୍ଷରୁ ଆବେଦନ କରାଯାଇଥିଲା, ଯାହାକୁ ଅପିଲ୍ସ କମିଟି ଖାରଜ କରିଦେଇଥିଲା। ଏହି ନିଷ୍ପତ୍ତିକୁ କାଶୀ ପକ୍ଷରୁ କୋର୍ଟ ଅଫ୍ ଆର୍ବିଟ୍ରେଶନର ଫର୍ ସ୍ପୋର୍ଟ(କାସ୍)ରେ ଚ୍ୟାଲେଞ୍ଜ କରାଯାଇଥିଲା। ଏ ସଂକ୍ରାନ୍ତରେ ଚଳିତ ମାସରେ ଚୂଡ଼ାନ୍ତ ନିଷ୍ପତ୍ତି ଆସିବ ବୋଲି ଆଶା କରାଯାଉଛି। ଟୁର୍ନାମେଣ୍ଟ ଶେଷସୁଦ୍ଧା ପଏଣ୍ଟ ତାଲିକାରେ ଚର୍ଚ୍ଚିଲ ବ୍ରଦର୍ସ ଓ ଇଣ୍ଟରକାଶୀ ଯଥାକ୍ରମେ ୪୦ ଓ ୩୭ ପଏଣ୍ଟ ସହ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅପିଲ୍ସ କମିଟିର ନୂଆ ନିର୍ଦ୍ଦେଶର ଅର୍ଥ ମାରିଓ ଖେଳିଥିବା ମ୍ୟାଚ୍‌ର ଫଳାଫଳକୁ ପରଫିଟ୍ କରାଯିବ। ଚର୍ଚ୍ଚିଲ ବ୍ରଦର୍ସକୁ ବର୍ତ୍ତମାନ ଅତିରିକ୍ତ ଦୁଇ ପଏଣ୍ଟ ମିଳିବ, ଯାହାଫଳରେ ଦଳର ପଏଣ୍ଟ ସଂଖ୍ୟା ୪୨କୁ ବୃଦ୍ଧି ପାଇବ। ଏଥିଯୋଗୁ କାସ୍‌ରେ ପେଣ୍ଡିଂ ଥିବା ଆବେଦନର ବିଶେଷ ଗୁରୁତ୍ୱ ନାହିଁ। ଅପିଲ୍ସ କମିଟିର ଏଭଳି ନିଷ୍ପତ୍ତି ଉପରେ କାଶୀ ପକ୍ଷରୁ କୁହାଯାଇଛି ଯେ, ଆମକୁ ପୁଣି ଥରେ ମୁକ୍ତ ଓ ନିରପେକ୍ଷ ଶୁଣାଣି ଲାଗି କାସ୍‌ର ଦ୍ୱାରସ୍ଥ ହେବାକୁ ପଡ଼ିବ। ଏହା ଭାରତୀୟ ଫୁଟ୍‌ବଲର ନୂଆ ଅସଲ ସତ୍ୟତା ଦେଖାଉଛି। ସରଳ ନିୟମ ଓ ରେଗୁଲେଶନକୁ ଭୁଲ୍ ଭାବେ ବ୍ୟାଖ୍ୟା କରାଯାଇଛି, ଯାହାଫଳରେ ଆମ କ୍ଲବ ବିନା କୌଣସି ତ୍ରୁଟିରେ ସମସ୍ୟାର ସମ୍ମୁଖୀନ ହେଉଛି। ଅନ୍ୟପକ୍ଷରେ ଚର୍ଚ୍ଚିଲ ବ୍ରଦର୍ସ ପକ୍ଷରୁ କୁହାଯାଇଛି, ଅପିଲ୍ସ କମିଟିର ନିର୍ଦ୍ଦେଶ ସହ ଆମ ଚାମ୍ପିୟନଶିପ୍ ସ୍ପଷ୍ଟ ହୋଇଛି। ଆମ ଆଇନଗତ ଦାବିକୁ ଯଥାର୍ଥ ସମର୍ଥନ କରିବା ପାଇଁ ନ୍ୟାୟିକ ସଂସ୍ଥା ନିକଟରେ ଚର୍ଚ୍ଚିଲ ବ୍ରଦର୍ସ କୃତଜ୍ଞ। ରେକର୍ଡ ମୁତାବକ, ମାରିଓ ସିଜନ ଆରମ୍ଭରୁ କାଶୀ ଦଳର ସଦସ୍ୟ ଥିଲେ। କିନ୍ତୁ ପରେ ସିଜନ ଏଣ୍ଡିଂ ଇଞ୍ଜୁରି ଲାଗି ତାଙ୍କ ବଦଳରେ ମାତିଜା ବାବୋଭିକ୍‌ଙ୍କୁ ଦଳର ସାମିଲ କରାଯାଇଥିଲା। ଏହାସତ୍ତ୍ୱେ ସ୍ପାନିଶ ଷ୍ଟ୍ରାଇକର ମାରିଓ କ୍ଲବ ସହ ଯୋଡ଼ିହୋଇ ରହିଥିଲେ। ଜାନୁଆରୀରେ ଜୁଲେନ ପେରେଜଙ୍କ ଚୁକ୍ତି ଶେଷହେବା ପରେ ତାଙ୍କ ବଦଳ ଖେଳାଳି ଭାବେ ଫେବୃଆରୀ ୨୬ରେ ମାରିଓ ଦଳକୁ ଫେରିଥିଲେ। ନିର୍ଦ୍ଦେଶ ଅନୁଯାୟୀ, ଫେଡେରେଶନର ପ୍ରତିଯୋଗିତା ବିଭାଗ ଫେବୃଆରୀ ୨ରେ ମାରିଓଙ୍କ ପୁନଃ ପଞ୍ଜୀକରଣକୁ ଅନୁମତି ଦେବାକୁ ମନା କରିଦେଇଥିଲା।

# ଲଭ୍‌ଲିନା ବୋର୍ଗୋହେନ୍‌ଙ୍କ ବକ୍ସିଂ ଏକାଡେମୀ

**ନୂଆଦିଲ୍ଲୀ, ୧।୬(ପି.ଟି.):** ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ବକ୍ସର ଲଭ୍‌ଲିନା ବୋର୍ଗୋହେନ୍ ତାଙ୍କର ଏକ ନିଜସ୍ୱ ଏକାଡେମୀ ଆରମ୍ଭ କରିବାକୁ ଯାଉଛନ୍ତି। ଆସନ୍ତା ମଙ୍ଗଳବାର ଗୁଆହାଟୀଠାରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏହାକୁ ଉଦ୍‌ଘାଟନ କରିବେ। ଏଥିରେ ଆସାମର ବହୁସଂଖ୍ୟାରେ ବାଳିକା ଓ ବାଳକ ଟ୍ରେନିଂ ସୁବିଧା ପାଇପାରିବେ। ଏହି ଏକାଡେମୀରେ ବିଶ୍ୱସ୍ତରର ଟ୍ରେନିଂ ଓ ଭିତ୍ତିଭୂମିର ସୁବିଧା ରହିଛି।







Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. #As per cumulative dispatch data till March 2025. *Financial schemes are at the sole discretion of the financier, subject to its respective T&Cs. Available at select dealerships. $Flipkart and Amazon offers are subject to the sole discretion & T&Cs of respective organisations.

Authorised Dealers: Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Jagatsinghpur: SUNNY AUTOBIKES , Ph: 9289233592, Bhubaneswar: Rohan Hero, Ph: 9289922474, Bharat Hero, Ph: 9289922180, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Vishal Hero, Ph: 9289922984, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph:9289923107,Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611 Authorised HeroSure Dealers: Bhubaneswar: Arundhati Motobikes ,Ph- 7682841658, Associate Dealers: Telkoi:Panchamukhi Motors-9717004926, Barbil:Wheels Motors-9776931870 Rairangpur:Maa Sakambari Motors-7008581719, Mayurbhanj:Jk Motors-9040909925, Mayurbhanj:Mahaveer Motors-7326872255/9853290346, BasudevPur:Bidyalalita Automobile-9827487072, Kamrda:Siddhivinayak Motors-7208675074, Rahama:Sarala Automobiles-9937018532, Kendrapara:Baishnabi Motors-9437089454/9853471301, Pattamundai:Mishra Auto-9853843713, Narsinghpur:Ambika Motocorp-9861811411, Nimapara:Basudev Automobiles-9861020724, Pipili:Shri Ram Motors-9437110789, Balugaon: Mahamayee Motors-9437004624, Khurdha:Dinesh Trading Co.-9778097876, Sakhigopal:Sai Motors-9439765820, Begunia:Rashmi Automobiles-9178316145, Balipatna:M/S Jagannath Motors-7064309702, Chandpur:Apsara-9861418161, Khuakia:Binayak Automobiles-9090444379 Jajpur Town:Ayush Automobiles-9556189870. FCB INTERFACE/4589/JUNE25/ORISSA

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ